# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୨/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, September 22/2022 Page 16 | ₹ 7.00 | ★★★★

୪୮ଶ ଭାଗ ୨୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 298 | ମୂଲ୍ୟ ₹୭/-




**ପୁଟିନ୍‌ଙ୍କ ଧମକକୁ ଗମ୍ଭୀରତାର ସହ ନିଆଯାଉ: ବ୍ରିଟେନ**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ଆଣବିକ ଅସ୍ତ୍ର ବ୍ୟବହାର ଧମକକୁ ଗମ୍ଭୀରତା ସହ ନିଆଯିବା ଜରୁରୀ ବୋଲି ବ୍ରିଟେନ ବହିର୍ବ୍ୟାପାର ମନ୍ତ୍ରୀ ଜିଲିଆନ୍ କିଗନ୍ କହିଛନ୍ତି। କିଗନ୍‌ଙ୍କ ମତରେ ବର୍ତ୍ତମାନ ରୁଷିଆ ହେଉ କି ପାଶ୍ଚାତ୍ୟ ନିୟନ୍ତ୍ରଣରେ କେହି ନାହାନ୍ତି। ଏଥିରୁ ଉତ୍ତେଜନା ବୃଦ୍ଧି ହେବା ସ୍ପଷ୍ଟ ଜଣାପଡ଼ୁଛି।

## ସଂକ୍ଷେପରେ

### ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା

## ଶ୍ରେଣୀଗୃହରେ ୧୮ ଘଣ୍ଟା ବନ୍ଦ ରହିଲେ ଛାତ୍ରୀ

**ଲକ୍ଷ୍ନୌ,୨୧।୯:** ଉତ୍ତର ପ୍ରଦେଶ ସମ୍ଭାଲର ଧନରିପତ୍ତି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀର ଜଣେ ଛାତ୍ରୀ ୧୮ ଘଣ୍ଟା କାଳ ଶ୍ରେଣୀଗୃହରେ ବନ୍ଦ ରହିଥିବା ଘଟଣା ସାମ୍ନାକୁ ଆସିଛି। ମଙ୍ଗଳବାର ସ୍କୁଲ ଛୁଟି ହେବା ପରେ ଛାତ୍ରୀ ଜଣକ ଘରକୁ ଫେରି ନ ଥିଲେ। ଛାତ୍ରୀଙ୍କୁ ଖୋଜିବାପାଇଁ ତାଙ୍କ ଆଈ ସ୍କୁଲରେ ଯାଇ ପହଞ୍ଚି ଥିଲେ ହେଁ ନାତୁଣୀଙ୍କୁ ପାଇ ନ ଥିଲେ। ଘରନିକଟରେ ଥିବା ଜଙ୍ଗଲ ଓ ପଡ଼ୋଶୀଙ୍କ ଘର ବୁଲି ଖୋଜାଖୋଜି କରିଥିଲେ ପରିବାର ଲୋକେ। କିନ୍ତୁ ୭ ବର୍ଷୀୟା ନାବାଳିକାଙ୍କ ବିଷୟରେ କୌଣସି ସୂଚନା ମିଳି ନ ଥିଲା। ବୁଧବାର ସକାଳ ୮ଟାବେଳେ ସ୍କୁଲ ଖୋଲିବା ପରେ ଜଣାପଡ଼ିଥିଲା ଯେ, ଛାତ୍ରୀ ଜଣକ ସାରା ରାତି ଶ୍ରେଣୀଗୃହରେ ବନ୍ଦ ଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଏପରି ହୋଇଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ଲକ୍ ଏଜୁକେଶନ୍ ଅଫିସର କହିଛନ୍ତି।



ଇରାନରେ ବୁର୍ଖା ପରିଧାନ ନ କରିବାରୁ ଧର୍ମୀୟ ବ୍ୟାପାର ପୋଲିସ ବର୍ବରତାର ଶିକାର ହୋଇ ପ୍ରାଣ ହରାଇଥିବା ମାହସା ଆମିନି ପ୍ରତିବାଦର ପ୍ରତୀକ ପାଲଟିଛନ୍ତି। ତାଙ୍କ ମୃତ୍ୟୁ ପରେ ମୁଣ୍ଡ ଟେକିଥିବା ଆନ୍ଦୋଳନ ଅନେକ ମୁସ୍‌ଲିମ ଦେଶକୁ ବ୍ୟାପିଲାଣି। ତୁର୍କୀର ଇସ୍ତାନବୁଲସ୍ଥିତ ଇରାନ୍ କନ୍‌ସୁଲେଟ୍ ବାହାରେ ଇରାନୀୟ ମହିଳା ନସିବେ ସମ୍‌ସାଇଏ ବୁଧବାର ନିଜ ଚୁଟି କାଟି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଘୃଣା ମନ୍ତବ୍ୟ ହତ୍ୟା ସଦୃଶ

### କେନ୍ଦ୍ର ନୀରବଦ୍ରଷ୍ଟା କାହିଁକି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୧।୯**

ଘୃଣା ମନ୍ତବ୍ୟ ପ୍ରସଙ୍ଗରେ ସୁପ୍ରିମକୋର୍ଟ ବୁଧବାର ଟିଭି ଉପସ୍ଥାପକଙ୍କ ଭୂମିକାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇବା ସହ ଚ୍ୟାନେଲଗୁଡ଼ିକ ଉପରେ ବର୍ଷିଛନ୍ତି। ଏଥିସହ ସରକାର କାହିଁକି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ମୁଖ୍ୟସ୍ରୋତର ଗଣମାଧ୍ୟମ କିମ୍ବା ସୋସିଆଲ ମିଡିଆରେ ଘୃଣା ମନ୍ତବ୍ୟ ଉପରେ ଲଗାମ ଲଗାଯାଇପାରୁ ନାହିଁ। ଟିଭି ଚ୍ୟାନେଲ ଉପସ୍ଥାପକଙ୍କ କର୍ତ୍ତବ୍ୟ ହେଉଛି ଖବର ଉପସ୍ଥାପନ ଓ ବିତର୍କ ବେଳେ ଯେପରି ଏପରି ମନ୍ତବ୍ୟ ନ ଆସେ ତାହା ସୁନିଶ୍ଚିତ କରିବା। ପ୍ରେସ୍ ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ। ଆମେରିକା ଭଳି ଭାରତରେ ଗଣମାଧ୍ୟମର ସ୍ୱାଧୀନତା ନାହିଁ। କିନ୍ତୁ ସୀମା କେଉଁଠି ଅଙ୍କାଯିବ ତାହା ଆମେ ଜାଣିରଖିବା ଉଚିତ ବୋଲି ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଗତବର୍ଷ ଦାଖଲ ହୋଇଥିବା କେତେକ ଆବେଦନର ଶୁଣାଣି କରି କହିଛନ୍ତି। ଘୃଣା ମନ୍ତବ୍ୟ ଦେବା ହେଉଛି ଜଣକୁ ହତ୍ୟା କରିବା ସଦୃଶ। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ବିପରୀତ ଆଭିମୁଖ୍ୟ ଗ୍ରହଣ ନ କରି କୋର୍ଟଙ୍କୁ ସହଯୋଗ କରିବା ଉଚିତ ବୋଲି ଜଷ୍ଟିସ୍ ଜୋସେଫ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ଏହି ପ୍ରସଙ୍ଗରେ ଆସନ୍ତା ନଭେମ୍ବର ୨୩ରେ ପରବର୍ତ୍ତୀ ଶୁଣାଣି କରାଯିବ। ଏହା ଭିତରେ ଘୃଣା ମନ୍ତବ୍ୟ ଉପରେ ରୋକ୍ ଲଗାଇବା ପାଇଁ ଲ' କମିଶନଙ୍କ ସୁପାରିସକୁ କେନ୍ଦ୍ର ସରକାର କିପରି କାର୍ଯ୍ୟକାରୀ କରୁଛନ୍ତି ସେନେଇ ନିଜ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରକାଶ ଯେ, ଦେଶରେ ହେଟ୍ ସ୍ପିଚ୍ ମାମଲା ବଢ଼ିଚାଲିଥିବାବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ୨୦୧୭ରେ ଲ' କମିଶନ କେତେକ ନିର୍ଦ୍ଦିଷ୍ଟ ଆଇନ ଆଣିବା ପାଇଁ ରିପୋର୍ଟ ଦାଖଲ କରିଥିଲେ। ଘୃଣା ମନ୍ତବ୍ୟକୁ ବର୍ତ୍ତମାନ ସୁଦ୍ଧା ଭାରତର କୌଣସି ଆଇନରେ ପରିଭାଷିତ କରାଯାଇ ନାହିଁ। ତେବେ କେତେକ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରାଗଲେ ଏହା ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ଲ' କମିଶନ ନିଜ ରିପୋର୍ଟରେ ପ୍ରସ୍ତାବ ଦେଇଥିଲେ।

## ଏବିଜି ଶିପ୍‌ୟାର୍ଡ ମୁଖ୍ୟ ରିଶି ଅଗ୍ରୱାଲ ଗିରଫ



**ନୂଆଦିଲ୍ଲୀ,୨୧।୯:** ବ୍ୟାଙ୍କରୁ ୨୨,୮୦୦ କୋଟି ଟଙ୍କା ଠକେଇ ମାମଲାରେ ଏବିଜି ଶିପ୍‌ୟାର୍ଡ କମ୍ପାନୀର ଅଧ୍ୟକ୍ଷ ରିଶି କମଲେଶ ଅଗ୍ରୱାଲଙ୍କୁ ସିବିଆଇ ଗିରଫ କରିଛି। ଏହି କମ୍ପାନୀ ଆଇସିଆଇସିଆଇ ବ୍ୟାଙ୍କ ସମେତ ୨୮ଟି ବ୍ୟାଙ୍କରୁ ଋଣ ଆଣିଥିବାବେଳେ କେବଳ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୨,୪୬୮.୫୧ କୋଟି ଟଙ୍କା ଋଣ ସ୍ୱରୂପ କମ୍ପାନୀ ପକ୍ଷରୁ ଅଣାଯାଇଥିବା ତଦନ୍ତକାରୀ ସଂସ୍ଥା କହିଛି। ରିଶି ଏବଂ କମ୍ପାନୀର ପୂର୍ବତନ ଅଧ୍ୟକ୍ଷ ମିଳିତ ଭାବେ ବେଆଇନ୍ କାରବାର କରୁଥିବା ଇରନଷ୍ଟ ଏବଂ ୟଙ୍ଗ ପକ୍ଷରୁ କରାଯାଇଥିବା ଫୋରେନ୍ସିକ୍ ଅଡିଟ୍‌ରେ ଜଣାପଡ଼ିଥିଲା। ଭାରତୀୟ ଦଣ୍ଡସଂହିତାର ଦୁର୍ନୀତି ଆଇନ ଅନ୍ତର୍ଗତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## କୁମ୍ଭୀରକୁ ତାଲା ପକାଇଲେ

**ଲକ୍ଷ୍ନୌ, ୨୧।୯:** ଉତ୍ତର ପ୍ରଦେଶ କାଶିମପୁର ସରକାରୀ ସ୍କୁଲର ଶ୍ରେଣୀଗୃହରେ ଏକ କୁମ୍ଭୀରକୁ ତାଲା ପକାଇଥିଲେ ଗ୍ରାମବାସୀ। ବନ ବିଭାଗ ଏ ନେଇ ସୂଚନା ପାଇବା ପରେ ବୁଧବାର କୁମ୍ଭୀରଟିକୁ ଉଦ୍ଧାର କରି ଗଙ୍ଗା ନଦୀରେ ଛାଡ଼ି ଦେଇଥିବା ଡିଏଫ୍‌ଓ ଦିବାକର ବଶିଷ୍ଟ କହିଛନ୍ତି। ମଙ୍ଗଳବାର ସ୍କୁଲ ପରିସରରେ କୁମ୍ଭୀର ଦେଖିବା ପରେ ଗ୍ରାମବାସୀ ସେଠାରେ ପହଞ୍ଚି ଜୀବଟିକୁ ଏକ କଠୋରିରେ ବନ୍ଦ କରି ବନ ବିଭାଗକୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ବନ୍ୟା ଯୋଗୁ ନଦୀ ଜଳ ଗ୍ରାମରେ ପ୍ରବେଶ କରିବା ଯୋଗୁ ଏହି ଜଳରେ କୁମ୍ଭୀର ଗାଁ ମଧ୍ୟକୁ ଭାସି ଆସୁଥିବା କୁହାଯାଉଛି।

# ଭୟ ଦେଖାଇଲେ ପୁଟିନ୍

### ପାଶ୍ଚାତ୍ୟକୁ ଆଣବିକ ଅସ୍ତ୍ର ପ୍ରୟୋଗ ଧମକ ଦେଲେ

**ମସ୍କୋ/କିଭ୍/ଲଣ୍ଡନ,୨୧।୯**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବୁଧବାର ୩ ଲକ୍ଷ ରିଜର୍ଭ ସୈନ୍ୟଙ୍କୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ପଠାଇବାକୁ ଘୋଷଣା କରିଛନ୍ତି। ଏଥିସହ ୟୁକ୍ରେନ୍‌ର କେତେକ ଅଞ୍ଚଳକୁ ରୁଷିଆ ସହ ମିଶ୍ରଣ ଯୋଜନା ଉପରେ ମୋହର ମାରିଛନ୍ତି। ରୁଷିଆକୁ ସୁରକ୍ଷା ଦେବା ପାଇଁ ଆଣବିକ ଅସ୍ତ୍ର ପ୍ରୟୋଗ କରିବାକୁ ପ୍ରସ୍ତୁତ ବୋଲି ପାଶ୍ଚାତ୍ୟକୁ ଧମକ ଦେଇଛନ୍ତି। ଏହା ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ରୁଷିଆ ପକ୍ଷରୁ ଏହି ଧରଣର ପ୍ରଥମ ସୈନ୍ୟଠୁଳ। ରୁଷିଆ ଷ୍ଟ୍ରଙ୍ଗମ୍ୟାନ୍‌ଙ୍କ ଏହି ଘୋଷଣା ପରେ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ମସ୍କୋର ଆକ୍ରମଣ ପରଠୁ ଦୁଇ ପଡ଼ୋଶୀ ଶତ୍ରୁ ରାଷ୍ଟ୍ର ମଧ୍ୟରେ ସର୍ବାଧିକ ଉତ୍ତେଜନା ସୃଷ୍ଟି ହୋଇଛି।

ନିକଟରେ ୟୁକ୍ରେନୀୟ ସୈନ୍ୟ ଦେଶର ଉତ୍ତର-ପୂର୍ବାଞ୍ଚଳ ଯୁଦ୍ଧଭୂମିରୁ ରୁଷୀୟ ସଶସ୍ତ୍ର ବଳକୁ ଘଉଡ଼ାଇ ସମ୍ପୃକ୍ତ ଅଞ୍ଚଳକୁ ପୁନଃ ଦଖଲ କରିଥିଲେ। ଏହାକୁ ନେଇ କ୍ଷୁବ୍ଧ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମସ୍କୋରେ ବୁଧବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ସାମରିକ ରିଜର୍ଭ ବଳ ୟୁକ୍ରେନ୍‌ରେ 'ସ୍ୱତନ୍ତ୍ର ମିଲିଟାରି ଅପରେଶନ' ପାଇଁ ପୁନଃ ସଙ୍ଗଠିତ ହେବେ। ଜବାବ ଦେବା ପାଇଁ ଆମ ପାଖରେ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ରହିଛି। ଏହା ଅତିରଞ୍ଜିତ ନୁହେଁ ବୋଲି ପୁଟିନ୍ ସ୍ପଷ୍ଟ କରିଥିବାବେଳେ ତାଙ୍କ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ କହିଛନ୍ତି, ଯୁଦ୍ଧ ଅଭିଜ୍ଞତାସମ୍ପନ୍ନ ୩ ଲକ୍ଷ ଅସ୍ଥାୟୀ ସୈନ୍ୟଙ୍କୁ ଲଢ଼େଇ କରିବା ପାଇଁ ଡକାଯାଇଛି। ରାଷ୍ଟ୍ରପତି ପୁଟିନ୍ ଓ ପ୍ରତିରକ୍ଷା ମନ୍ତ୍ରୀ ଶୋଇଗୁ ବୁଧବାର ସକାଳେ ରୁଷୀୟ ଟିଭି ଚ୍ୟାନେଲରେ ଭାଷଣ ଦେଉଥିବାବେଳେ ଏହି ସୈନ୍ୟଠୁଳକୁ ଆଂଶିକ ବୋଲି ଦର୍ଶାଇଥିଲେ। ରୁଷୀୟ ରାଷ୍ଟ୍ରପତୀୟ ପ୍ରେସ୍ ସର୍ଭିସ୍ ପକ୍ଷରୁ ଏହାର ଭିଡିଓ ଜାରି କରାଯାଇଛି। କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମ ପୁଟିନ୍‌ଙ୍କ ଅଭିଭାଷଣକୁ 'ଉଦ୍ଧତ ଓ ଯୁଦ୍ଧଖୋର' ବୋଲି ଅଭିହିତ କରିଛନ୍ତି।

ଗାର୍ଡିଆନ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ ପୁଟିନ୍ ଆହୁରି କହିଥିଲେ, ଲୁହାନ୍‌ସ୍କ, ଡୋନେସ୍କ, ଖେରସୋନ ଓ ଜାପୋରିଝିଆକୁ ରୁଷୀୟ ମହାସଂଘରେ ସାମିଲ କରିବା ପାଇଁ ଏହି ସପ୍ତାହାନ୍ତରେ ହେବାକୁ ଥିବା ଗଣଭୋଟକୁ ମସ୍କୋ ସମ୍ପୂର୍ଣ୍ଣ ସମର୍ଥନ କରିବ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍‌ରେ ରୁଷିଆ ବିରୋଧରେ ୨୦୧୪ରୁ ଯୁଦ୍ଧ ଆରମ୍ଭ କରିଥିବା ପୁଟିନ୍ ଅଭିଯୋଗ ଆଣିଛନ୍ତି। ରୁଷୀୟ ନୀତି ବିରୋଧୀ ଆକ୍ରମଣାତ୍ମକ ଆଭିମୁଖ୍ୟରେ ପାଶ୍ଚାତ୍ୟ ନିଜ ସବୁ ସୀମା ଲଂଘିସାରିଛି। କେବଳ ଏତିକି ନୁହେଁ, ରୁଷିଆକୁ ଧ୍ୱଂସ କରିବା ଓ ଆଣବିକ ଅସ୍ତ୍ର ଭୟ ଜରିଆରେ ବ୍ଲାକ୍‌ମେଲ୍ ଲାଗି ମଧ୍ୟ ପାଶ୍ଚାତ୍ୟ ଯୋଜନା କରୁଛି। କିନ୍ତୁ ଆମେ ରୁଷୀୟ ଭୂଖଣ୍ଡକୁ ସୁରକ୍ଷା ଦେବା ପାଇଁ ଉପଲବ୍ଧ ଥିବା ସବୁ ଉପାୟ ଆପଣାଇବୁ। ପ୍ରକାଶ ଯେ, ରୁଷିଆ ଦଖଲରେ ଥିବା ୪ ଅଞ୍ଚଳ ଡୋନେସ୍କ, ଲୁହାନ୍‌ସ୍କ, ଖେରସୋନ ଓ ଜାପୋରିଝିଆରେ ଆସନ୍ତା ଶୁକ୍ରବାରଠାରୁ ୫ ଦିନ ଧରି ଗଣଭୋଟ କରାଯିବ।



- ୟୁକ୍ରେନ୍‌କୁ ପଠାଇବେ ୩ ଲକ୍ଷ ରିଜର୍ଭ ସୈନ୍ୟ
- ଲୁହାନ୍‌ସ୍କ, ଡୋନେସ୍କ, ଖେରସୋନ ଓ ଜାପୋରିଝିଆରେ ଗଣଭୋଟକୁ ସମର୍ଥନ

> ଆମ ଭୂଖଣ୍ଡର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟିହେଲେ ଆମେ ରୁଷିଆ ଓ ନିଜ ଲୋକଙ୍କ ସୁରକ୍ଷା ପାଇଁ ଉପଲବ୍ଧ ସବୁ ଉପାୟ ନିଃସନ୍ଦେହରେ ଆପଣାଇବୁ। ଏହା ଅତିଶୟୋକ୍ତି ନୁହେଁ।
>
> **-ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି**

## ଆଣବିକ ଅସ୍ତ୍ର ବ୍ୟବହାର କରିବାକୁ ଦେବ ନାହିଁ ବିଶ୍ୱ: ଜେଲେନ୍‌ସ୍କି



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ବିଶ୍ୱ ଆଣବିକ ଅସ୍ତ୍ର ପ୍ରୟୋଗ କରିବାକୁ ଦେବା ବିଶ୍ୱାସ ହେଉନାହିଁ ବୋଲି ବୁଧବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏଥିସହ ରୁଷୀୟ ସୈନ୍ୟଙ୍କ କବଳରୁ ୟୁକ୍ରେନୀୟ ଭୂଖଣ୍ଡକୁ ମୁକ୍ତ କରିବା ପ୍ରକ୍ରିୟା ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଜର୍ମାନୀର ବର୍ଲିନରେ ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍କାର ଦେଇ ଜେଲେନ୍‌ସ୍କି କହିଛନ୍ତି, ପୁଟିନ୍ ଏଭଳି ଅସ୍ତ୍ର ବ୍ୟବହାର କରିବେ ବୋଲି ବିଶ୍ୱାସ ହେଉନାହିଁ। ବିଶ୍ୱ ସମୁଦାୟ ମଧ୍ୟ ତାଙ୍କୁ ଏପରି କରିବାକୁ ଦେବ ନାହିଁ। ଆସନ୍ତା ୨୩ରୁ ୨୭ ପର୍ଯ୍ୟନ୍ତ ୟୁକ୍ରେନୀୟ ଅଞ୍ଚଳଗୁଡ଼ିକୁ ରୁଷିଆରେ ମିଶ୍ରଣ ପାଇଁ କରାଯିବାକୁ ଥିବା ଗଣଭୋଟକୁ ଜେଲେନ୍‌ସ୍କି ପ୍ରହସନ ବୋଲି କହିଛନ୍ତି।

### ଆଲୋଚନା ଜରିଆରେ ସମାଧାନ ହେଉ: ଚାଇନା

ସମସ୍ତ ପକ୍ଷ ଆଲୋଚନା ଜରିଆରେ ସମାଧାନର ବାଟ ବାହାର କରିବା ଆବଶ୍ୟକ ବୋଲି ପୁଟିନ୍‌ଙ୍କ ଧମକ ପରେ ଚାଇନା କହିଛି। ୟୁକ୍ରେନ୍ ପ୍ରସଙ୍ଗରେ ଚାଇନାର ଆଭିମୁଖ୍ୟ ସ୍ପଷ୍ଟ ଓ ଅପରିବର୍ତ୍ତିତ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ ଏକ ବିବୃତିରେ କହିଛନ୍ତି।

> ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହଯୋଗ, ସୁରକ୍ଷା ଓ ସମୃଦ୍ଧିକୁ ଗୁରୁତ୍ୱ ଦେଉଥିବାବେଳେ କ୍ରେମଲିନ୍ ମୋବିଲାଇଜେଶନ୍ ଘୋଷଣା କରିଛି। ଏହି ଯୁଦ୍ଧରେ କେବଳ ଗୋଟିଏ ଆକ୍ରମଣକାରୀ ରହିଛି। ତାହା ହେଲା ରୁଷିଆ। ଆକ୍ରମଣର ଶିକାର ହୋଇଥିବା ଦେଶ ୟୁକ୍ରେନ୍ ପ୍ରତି ୟୁରୋପୀୟ ସଂଘ (ଇୟୁ)ର ସମର୍ଥନ ଜାରି ରହିବ।
>
> **-ଚାର୍ଲ୍ସ ମାଇକେଲ, ୟୁରୋପିଆନ୍ କାଉନ୍‌ସିଲ୍ ଅଧ୍ୟକ୍ଷ**

## କର୍ଣ୍ଣାଟକ ବିଧାନସଭାରେ ଧର୍ମାନ୍ତରୀକରଣ ନିରୋଧୀ ବିଲ୍ ଗୃହୀତ

**ବେଙ୍ଗାଲୁରୁ, ୨୧।୯**

କର୍ଣ୍ଣାଟକ ବିଧାନସଭାରେ ବୁଧବାର ବିରୋଧୀ କଂଗ୍ରେସ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଧର୍ମାନ୍ତରୀକରଣ ନିରୋଧୀ ବିଲ୍ ଗୃହୀତ ହୋଇଛି। ଗତ ସପ୍ତାହରେ ସାମାନ୍ୟ ସଂଶୋଧନ ପରେ ବିଧାନ ପରିଷଦରେ ଗୃହୀତ ହୋଇଥିବା ଏହି ବିଲ୍‌କୁ ବିଧାନସଭାର ମଞ୍ଜୁରୀ ମିଳିବା ପରେ ଆଇନରେ ପରିଣତ କରିବା ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଯିବ।

କର୍ଣ୍ଣାଟକ ଧର୍ମ ସ୍ୱାଧୀନତା ଅଧିକାର ସୁରକ୍ଷା ବିଲ୍ ୨୦୨୧ ଡିସେମ୍ବରରେ ରାଜ୍ୟ ବିଧାନସଭାରେ ଗୃହୀତ ହୋଇଥିଲା। ତେବେ ଏହା ବିଧାନ ପରିଷଦରେ ବିଚାରାଧୀନ ଥିବାବେଳେ ଶାସକ ଭାଜପା ଏ ସଂକ୍ରାନ୍ତରେ ଏକ ଅଧ୍ୟାଦେଶ ଆଣିଥିଲା। ଚଳିତ ବର୍ଷ ଉଚ୍ଚ ସଦନରେ ଭାଜପା ସଂଖ୍ୟା ଗରିଷ୍ଠତା ଲାଭ କରିବା ପରେ ଗତ ସପ୍ତାହରେ ଏହାକୁ ବିଧାନ ପରିଷଦରେ ଆଗତ କରାଯାଇଥିଲା। ବୁଧବାର ଗୃହମନ୍ତ୍ରୀ ଅରଗା ଜ୍ଞାନେନ୍ଦ୍ର କର୍ଣ୍ଣାଟକ ପ୍ରୋଟେକ୍ସନ ଅଫ୍ ରାଇଟ୍ ଟୁ ଫ୍ରିଡମ୍ ଅଫ୍ ରିଲିଜିଅନ ବିଲ୍, ୨୦୨୨ ଆଗତ କରିଥିଲେ। ରାଜ୍ୟପାଳ ମୋହର ଦେବା ପରେ ୨୦୨୨ ମେ ୧୭ରୁ ଏହା ପିଛିଲା ଭାବେ କାର୍ଯ୍ୟକାରୀ ହେବ। କାରଣ ଏହି ଦିନ ରାଜ୍ୟ ସରକାର ଅଧ୍ୟାଦେଶ ଆଣିଥିଲେ। ଅନ୍ୟପକ୍ଷେ କଂଗ୍ରେସ ଉକ୍ତ ବିଲ୍‌କୁ କୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ ଚେତାବନୀ ଦେଇଛି। ବିଲ୍‌ର ଉଦ୍ଦେଶ୍ୟ ମନ୍ଦ ଏବଂ ରାଜନୈତିକ ଅଭିସନ୍ଧି ରଖି ଏହାକୁ ଅଣାଯାଇଛି। ଏହି ବେଆଇନ ତଥା ଅସାମ୍ବିଧାନିକ ବିଧେୟକ ଉପରେ ସ୍ଥଗିତାଦେଶ କିମ୍ବା ଏହାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ପାଇଁ କୋର୍ଟର ଆଶ୍ରୟ ନେବୁ ବୋଲି ଗୃହରେ କଂଗ୍ରେସ ଉପନେତା ୟୁ.ଟି. ଖଦେର କହିଛନ୍ତି।



## ତିସ୍ତାଙ୍କ ବିରୋଧରେ ଚାର୍ଜଶିଟ୍



**ଅହମଦାବାଦ, ୨୧।୯:** ୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ବୁଧବାର ଆକ୍ଟିଭିଷ୍ଟ ତିସ୍ତା ସିତଲଭାଡ୍‌ଙ୍କ ସମେତ ୩ ଅଭିଯୁକ୍ତଙ୍କ ବିରୋଧର ଚାର୍ଜଶିଟ୍ ଦାଖଲ କରିଛି। ଅନ୍ୟ ଦୁଇଜଣ ହେଲେ ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ଆର୍.ବି. ଶ୍ରୀକୁମାର ଓ ପୂର୍ବତନ ଆଇପିଏସ୍ ଅଫିସର ସଞ୍ଜୀବ ଭଟ୍ଟ। ଏହି ୩ ଜଣ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମାମଲାରେ ଫସାଇବା ପାଇଁ ଜାଲ୍ ତଥ୍ୟ ଯୋଗାଡ଼ କରିଥିବା ଚାର୍ଜଶିଟ୍‌ରେ ଦର୍ଶାଯାଇଛି। ଏସ୍‌ଆଇଟି ଚାର୍ଜଶିଟ୍ ଅନୁଯାୟୀ, ୩ ଅଭିଯୁକ୍ତ ଗୁଜରାଟ ଦଙ୍ଗାବେଳେ ମୋଦିଙ୍କ ବିରୋଧରେ ସାଂଘାତିକ ଷଡ଼ଯନ୍ତ୍ର ରଚିଥିଲେ। ଏପରିକି ମୋଦିଙ୍କୁ ମୃତ୍ୟୁଦଣ୍ଡ ଦେବାପାଇଁ ଆବଶ୍ୟକ ଦସ୍ତାବିଜ୍ ପ୍ରସ୍ତୁତ କରି କୋର୍ଟରେ ଦାଖଲ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଜଙ୍ଗଲରେ ଶିକ୍ଷକ, ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

### ପ୍ରେମ ସମ୍ପର୍କରୁ ଆତ୍ମହତ୍ୟା

**ଲକ୍ଷ୍ନୌ,୨୧।୯:** ଉତ୍ତରପ୍ରଦେଶର ସାହାରନ୍‌ପୁର ନିକଟ ଜଙ୍ଗଲରୁ ବୁଧବାର ଜଣେ ଶିକ୍ଷକ ଓ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଉଭୟେ ଗତ ୩ ତାରିଖରୁ ନିଖୋଜ ଥିଲେ। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ବୋଲି ଚର୍ଚ୍ଚା ହେଉଛି। ପୋଲିସ ସୂଚନା ଅନୁସାରେ, ଶିକ୍ଷକ ବୀରେନ୍ଦ୍ର (୪୦) ଏବଂ ନବମ ଶ୍ରେଣୀ ଛାତ୍ରୀ ଗୋଟିଏ ସ୍କୁଲର। ଝିଅ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପ୍ରାୟ ୧୦ ଦିନ ତଳେ ଉଭୟଙ୍କ ମୃତ୍ୟୁ ଘଟିଛି। ଏହା ଆତ୍ମହତ୍ୟା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତଦେହ ନିକଟରୁ ଏକ ବାଇକ୍ ମିଳିଛି।

## ନିରା ରାଡିଆଙ୍କୁ ସିବିଆଇ କ୍ଲିନ୍‌ଚିଟ୍

**ନୂଆଦିଲ୍ଲୀ,୨୧।୯**



ଉପା ସରକାର-୨ ଅମଳରେ ବହୁଚର୍ଚ୍ଚିତ ରାଡିଆ ଟେପ୍ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କର୍ପୋରେଟ ଲବିଷ୍ଟ ନିରା ରାଡିଆଙ୍କୁ କ୍ଲିନ୍ ଚିଟ୍ ଦେଇଛି। ନିରା ରାଡିଆ ପ୍ରମୁଖ ରାଜନେତା, ବ୍ୟବସାୟୀ, ଗଣମାଧ୍ୟମ କର୍ମଚାରୀଙ୍କ ସହ କଥା ହୋଇଥିବା ୫,୮୦୦ ଟେପ୍‌ର ଯାଞ୍ଚ ପରେ ସେଥିରେ କୌଣସି ଆପତ୍ତିଜନକ ଆଲୋଚନା ହୋଇ ନ ଥିବା ସିବିଆଇ ବୁଧବାର ସୁପ୍ରିମକୋର୍ଟରେ ଜଣାଇଛନ୍ତି। ୮,୦୦୦ ପୃଥକ୍ ଟେପ୍ ବାର୍ତ୍ତାଳାପ ସହ ସମ୍ପୃକ୍ତ ୧୪ଟି ମାମଲାରେ ପ୍ରାଥମିକ ତଦନ୍ତ ହୋଇଥିଲା। କିନ୍ତୁ କୌଣସି ଠୋସ୍ ପ୍ରମାଣ ନ ମିଳିବାରୁ ପଚରାଉଚରା ବନ୍ଦ କରାଯାଇଥିବା ନେଇ ସିବିଆଇ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠଙ୍କୁ ଜଣାଇଛି। ଏହା ଉପରେ ସୁପ୍ରିମକୋର୍ଟ ସିବିଆଇକୁ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସପ୍ତାହରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ସରକାରୀ ସ୍ତରରେ ପଡ଼ିରହିଥିବା ବଡ଼ ବ୍ୟବସାୟୀ ଏବଂ ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ଫାଇଲ କାମ କରାଇବା ପାଇଁ ନିରା ରାଡିଆ ଲବି କରୁଥିଲେ। ୨୦୧୦ ନଭେମ୍ବରରେ 'ଓପନ୍ ମାଗାଜିନ୍'ରେ କଭର ଷ୍ଟୋରୀରେ 'ଦ ଏକ୍ସ ଟେପ୍' ଶୀର୍ଷକ ରିପୋର୍ଟ ସେତେବେଳେ ପୂରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ଏଥିରେ ନିରା ରାଡିଆଙ୍କ କଥାବାର୍ତ୍ତାର କେତେକ ଅଡିଓ ଟେପ୍‌ର ଅଂଶ ପ୍ରକାଶ ପାଇଥିଲା। ନିରା ଏବଂ ସେତେବେଳେ ଟେଲିକମ୍ ମନ୍ତ୍ରୀ ଥିବା ଏ. ରାଜା, ବରିଷ୍ଠ ଖବରଦାତା, ରାଜନେତା, କର୍ପୋରେଟ୍ ହାଉସ୍ ଅଧିକାରୀଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଏଥିରେ ରେକର୍ଡ ଥିଲା। ଏଥିରେ ୨ଜି ସ୍କାମ୍ ସହ ଜଡ଼ିତ ତଥ୍ୟ ମଧ୍ୟ ସାମ୍ନାକୁ ଆସିଥିଲା। ମାତ୍ର ୯ ବର୍ଷ ମଧ୍ୟରେ ନିରା ୩୦୦ କୋଟି ଟଙ୍କା ମୂଲ୍ୟର ବିଜନେସ୍ ଏମ୍ପାୟାର କରିପାରିଥିଲେ ବୋଲି ଅଭିଯୋଗ ଆସିଥିଲା। ତେବେ ଏପରି କର୍ପୋରେଟ୍ ବାର୍ତ୍ତାଳପର ଅଡିଓ ଲିକ୍‌କୁ ନେଇ ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ରତନ ଟାଟା ପ୍ରିଭେସି ସୁରକ୍ଷା ଦାବିରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

- ଅଡିଓ ଟେପ୍‌ରୁ ମିଳିନି ଅପରାଧ ପ୍ରମାଣ
- ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ

# ଧରିତ୍ରୀ
DHARITRI

ଗୁରୁବାର, ସେପ୍ଟେମ୍ବର ୨୨/୨୦୨୨ | Thursday, September 22/2022 | ପୃଷ୍ଠା-୧




**କଳାକାର ହେବା ସହଜ**

ଆଜିର ସମୟରେ ସୋସିଆଲ ମିଡିଆର ବହୁଳ ପ୍ରସାର ଫଳରେ କଳାକାରଟିଏ ହେବା ଅତି ସହଜ ବୋଲି ଦକ୍ଷିଣ ଭାରତୀୟ ଫିଲ୍ମ ଅଭିନେତ୍ରୀ ଆଭିକା ଗୋର କହିଛନ୍ତି।

୧୦

୧୪

**ହରମନପ୍ରୀତଙ୍କ ଶତକ**

କାଣ୍ଟରବରିଠାରେ ବୁଧବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର।







# ଗାଜଲବାଡ଼ି ଘାଟିରେ ଭୂସ୍ଖଳନ

## ଦାରିଙ୍ଗବାଡ଼ି-ସୋରଡ଼ା ଯାତାୟାତ ଠପ୍

ଦାରିଙ୍ଗବାଡ଼ି,୨୧ା୯(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିକୁ ସଂଯୋଗ କରୁଥିବା ଗାଜଲବାଡ଼ି ଘାଟିର ୩ଟି ବୁଲାଣି ରାସ୍ତାରେ ବୁଧବାର ଅପରାହ୍ନରେ ଭୂସ୍ଖଳନ ହୋଇଛି। ଘାଟି ନଂ.୩, ୪ ଓ ୫ର ବୁଲାଣି ରାସ୍ତାରେ ପଥର, ମାଟି ଧସିଥିବାରୁ ୫୯ନଂ. ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। କନ୍ଧମାଳ ଜିଲା ବାଲିଗୁଡାଠାରୁ ଦାରିଙ୍ଗବାଡି ଦେଇ ଗଞ୍ଜାମ ଜିଲା ସୋରଡ଼ା, ବ୍ରହ୍ମପୁରକୁ କୌଣସି ଗାଡିକୁ ଛଡାଯାଉନାହିଁ। ସୁରକ୍ଷାକୁ ଦୃଷ୍ଟିରେ ରଖି ଦାରିଙ୍ଗବାଡି ଏବଂ ସୋରଡ଼ା ପୋଲିସ ପକ୍ଷରୁ ଉକ୍ତ ରାସ୍ତାକୁ ଦୁଇପଟୁ ☞ପୃଷ୍ଠା-୨

# ଚାଇନାକୁ ହିମାଳୟ ଭୂମି ଛାଡ଼ି ଦେଇଛି ଭାରତ

## ପୂର୍ବରୁ ନୂଆଦିଲ୍ଲୀ ଅଧୀନରେ ଥିଲା

ନୂଆଦିଲ୍ଲୀ,୨୧ା୯

ସୀମାରେ ଚାଇନା ସହ ବିବାଦ ପରେ ଭାରତ ସରକାର ହିମାଳୟ ନିକଟ ଭୂମିକୁ ବେଜିଂକୁ ଛାଡ଼ି ଦେଇଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷ ସେନା ମଧ୍ୟରେ ବିବାଦୀୟ ସୀମାରୁ ସୈନ୍ୟ ପ୍ରତ୍ୟାହାର ଏବଂ ସେଠାରେ ବଫର ଜୋନ୍ କରିବା ପାଇଁ ବୁଝାମଣା ସମୟରେ ଭାରତ ସରକାର ପୂର୍ବରୁ ନୂଆଦିଲ୍ଲୀ ନିୟନ୍ତ୍ରଣରେ ଥିବା ଜାଗାକୁ ଚାଇନାକୁ ଟେକି ଦେଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।

୨୦୨୦ ଜୁନ୍‌ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରଠାରୁ ସୀମାରେ ଉତ୍ତେଜନାମୂଳକ ସ୍ଥିତି ଲାଗି ରହିଥିଲା। ଚଳିତ ମାସରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ଗୋଗ୍ରା-ହଟ୍ ସ୍ପ୍ରିଙ୍ଗରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଦୁଇ ଦେଶ ରାଜି ହୋଇଥିଲେ। ବିବାଦୀୟ ସ୍ଥାନରୁ ସୈନ୍ୟ ଫେରିବା ପରେ ବଫର ଜୋନ୍ ସୃଷ୍ଟି ହୋଇଥିବା ଏବଂ ସୀମାରେ ଭାରତର ପୂର୍ବ ସ୍ଥିତି ବଜାୟ ରହିଥିବା ଭାରତ ସରକାର କହିଥିଲେ। ହେଲେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଏବଂ ବାସିନ୍ଦାଙ୍କ କହିବା ଅନୁସାରେ, ସୈନ୍ୟ ପ୍ରତ୍ୟାହାର ପରେ ଭାରତ ସୀମା ଭିତରେ ଥିବା ଅଞ୍ଚଳରେ ବଫର ଜୋନ୍ କରାଯାଇଛି। ତାହା ପୂର୍ବରୁ ନୂଆଦିଲ୍ଲୀ ନିୟନ୍ତ୍ରଣରେ ଥିଲା। ଚାଇନା ଚାଲାକି କରି ଭାରତ ଦଖଲରେ ଥିବା ଭୂମିକୁ ପଶିଆସିଛି। ଯେଉଁ ସ୍ଥାନ ଭାରତର ଥିଲା ସେଠାରୁ ଭାରତୀୟ ସୈନ୍ୟ ପଛକୁ ଫେରିଆସିଛନ୍ତି ବୋଲି ସ୍ଥାନୀୟ କାଉନସିଲର ଓନ୍‌ଚୋକ୍ ଷ୍ଟାଞ୍ଜିନ୍ କହିଛନ୍ତି। ଷ୍ଟାଞ୍ଜିନ୍ ଆହୁରି କହିଛନ୍ତି, ୨୦୨୧ରେ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦ ନିକଟରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଭାରତ ଓ ଚାଇନା ରାଜି ହୋଇଥିଲା। ସେତେବେଳେ ମଧ୍ୟ ଭାରତ ନିଜ ଅଞ୍ଚଳର ବଡ଼ ଭାଗ ଚାଇନାକୁ ଦେଇଥିଲା। ଚାଇନା ହାତକୁ କେତେକ ଅଞ୍ଚଳ ଚାଲିଯିବା ଦ୍ୱାରା ସେଠାକାର ବାସିନ୍ଦାଙ୍କ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଜନ୍ମ, ଜୀବନ ଓ ମୃତ୍ୟୁ









# ସ୍ୱାମୀଙ୍କୁ ମାଡ଼, ସ୍ତ୍ରୀଙ୍କୁ ଗଣବଳାତ୍କାର

## ବାଲେଶ୍ୱରରେ ଲଜ୍ଜା

## ୪ ଗିରଫ, ୨ ନାବାଳକ ଅଟକ

ବାଲେଶ୍ୱର ଅଫିସ, ୨୧ା୯

ବାଲେଶ୍ୱର ସହରର ସହଦେବଖୁଣ୍ଟା ମଡେଲ ଥାନା ଅଞ୍ଚଳରେ ୧୮ ତାରିଖ ବିଳମ୍ବିତ ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ୬ଜଣ ବ୍ୟକ୍ତି ଜଣେ ଯୁବକଙ୍କୁ ମାଡ଼ ମାରି କଟୁରିରେ ହାଣି କ୍ଷତାକ୍ତ କରିବା ପରେ ତାଙ୍କ ସ୍ତ୍ରୀଙ୍କୁ ଜବରଦସ୍ତ ଏକ ପଡ଼ିଆକୁ ନେଇ ଗଣବଳାତ୍କାର କରିଛନ୍ତି। ଏନେଇ ପୀଡ଼ିତା ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ଆଇପିଏସ୍ ଦଫା ୩୯୪, ୩୦୭, ୩୭୬(ଡି), ୩୪ ଏବଂ ଆର୍/ଡବ୍ଲ୍ୟୁ ସେକ୍ସନ ୩(୨)(ଭି) ଏସ୍‌ସି/ଏସ୍‌ଟି (ପିଓଏ) ଆକ୍ଟ ଅନୁଯାୟୀ ମାମଲା (ନଂ. ୩୦୦/୨୨) ରୁଜୁ କରି ୬ ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ସେମାନଙ୍କ ମଧ୍ୟରୁ ୨ଜଣ ନାବାଳକ ଥିବାରୁ ଅନ୍ୟ ୪ଜଣଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି ବୋଲି ସହଦେବଖୁଣ୍ଟା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ମାନସ ଦେଓ ସୂଚନା ଦେଇଛନ୍ତି।

ଅରଡ଼ବଜାର ଅଞ୍ଚଳରେ ଭଡ଼ାରେ ରହୁଥିବା ଉକ୍ତ ଦମ୍ପତି ରେଲୱେ ମାଲଗୋଦାମରେ କାମ କରନ୍ତି। ଗତ ରବିବାର ରାତିରେ କେତେଜଣ ଶ୍ରମିକଙ୍କୁ ସେମାନେ ଟ୍ରେନ୍‌ରେ ଚଢ଼ାଇ ରାତି ପ୍ରାୟ ୨ଟା ବେଳେ ଘରକୁ ଫେରୁଥିବା ବେଳେ ଆନନ୍ଦବଜାର ଛକ ନିକଟରେ ୬ଜଣ ବ୍ୟକ୍ତି ସେମାନଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ମାରପିଟ୍ କରିବା ସହ ତାଙ୍କ ପାଖରେ ଥିବା ଜିନିଷପତ୍ର ଛଡ଼ାଇବା ପାଇଁ ଚେଷ୍ଟା କରିଥିଲେ। ଏହାଦେଖି ଉଭୟେ ଅରଡ଼ବଜାରସ୍ଥିତ ଭଡ଼ା ଘର ଆଡ଼କୁ ଦୌଡ଼ି ପଳାଉଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇ ସ୍ୱାମୀଙ୍କୁ ମାଡ଼ ମାରିବା ସହ କଟୁରିରେ ତାଙ୍କ ହାତକୁ ହାଣି କ୍ଷତାକ୍ତ କରିଥିଲେ। ଏଥିରେ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଥିବା ବେଳେ ତାଙ୍କ ନିକଟରେ ଥିବା ୧୦ହଜାର ଟଙ୍କା ନେଇଯାଇଥିଲେ। ପରେ ତାଙ୍କ ସ୍ତ୍ରୀଙ୍କୁ ଏକ ସ୍କୁଟିରେ ବସାଇ ଦୁର୍ବୃତ୍ତମାନେ ନିକଟରେ ଥିବା ଗୋଧିବସା ପଡ଼ିଆକୁ ନେଇଯାଇଥିଲେ। ସେଠାରେ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। କୌଶଳକ୍ରମେ ମହିଳା ଜଣକ ସେଠାରୁ ପଳାଇ ଆସି ସ୍ୱାମୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ସହ ନିଜେ ଚିକିତ୍ସିତ ହୋଇଥିଲେ। ଏହାପରେ ପୀଡ଼ିତା ଗତ ସୋମବାର ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ମାମଲା ରୁଜୁ କରି ସ୍ୱାମୀଙ୍କୁ ପଚରାଉଚରା କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସହଦେବଖୁଣ୍ଟା ଥାନା ଅଧୀନ ଗୋଧିବସା ଅଞ୍ଚଳର ଦେବେନ୍ଦ୍ର ସିଂ (୨୮) ବୋଲି ସ୍ୱାମୀ ଚିହ୍ନଟ କରିଥିଲେ। ପରେ ପୋଲିସ ଦେବେନ୍ଦ୍ରଙ୍କୁ ଗିରଫ କରିଥିଲା। ତାଙ୍କ ବୟାନକୁ ଭିତ୍ତି କରି ପୋଲିସ ଦେବେନ୍ଦ୍ରଙ୍କ ସହଯୋଗୀ କଙ୍କ ସିଂ (୨୫), ବୁଲା ସାହୁ (୨୬) ଓ ସାଲଖା ମୁର୍ମୁ (୨୭)ଙ୍କୁ ଗିରଫ କରିବା ସହ ୨ ନାବାଳକଙ୍କୁ ଅଟକ ରଖିଛି। ସେମାନଙ୍କ ନିକଟରୁ ୨୫ଶହ ଟଙ୍କା, ବ୍ୟବହୃତ ସ୍କୁଟି, କଟୁରି, ଦେଶୀ ବନ୍ଧୁକ, ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସାଲ୍‌ଖା ମୁର୍ମୁଙ୍କ ନାମରେ ପୂର୍ବରୁ ସହଦେବଖୁଣ୍ଟା ଥାନାରେ ୫ଟି ବିଭିନ୍ନ ପ୍ରକାର ମାମଲା ଥିବା ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ମନେରହିବେ ଗଜୋଧର ଭୈୟା

## ପରଲୋକରେ ରାଜୁ ଶ୍ରୀବାସ୍ତବ

ନୂଆଦିଲ୍ଲୀ,୨୧ା୯

ଅଶୀ ଦଶକରୁ କୋଟି କୋଟି ଲୋକଙ୍କ ହୃଦୟରେ ଘର କରିଥିବା କମେଡି କିଙ୍ଗ୍ ରାଜୁ ଶ୍ରୀବାସ୍ତବ ଆଉ ଆମ ଗହଣରେ ନାହାନ୍ତି। ଦୀର୍ଘ ୪୨ ଦିନ ଧରି ଚେତା ଫେରିପାଇବା ପାଇଁ ସଂଘର୍ଷ କରି ବୁଧବାର ସେ ଦିଲ୍ଲୀ ଏମ୍‌ସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୫୮ ବର୍ଷ ହୋଇଥିଲା। ଗଜୋଧର ଭାୟା ନାଁରେ ବେଶ୍ ପରିଚିତ ଏହି ହାସ୍ୟ ଅଭିନେତାଙ୍କ ପରଲୋକରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଗୁରୁବାର ସକାଳେ ଦିଲ୍ଲୀରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ଅଗଷ୍ଟ ୧୦ରେ ଜିମ୍ ଟ୍ରେଡ୍‌ମିଲ୍‌ରେ ଦୌଡୁଥିବାବେଳେ ରାଜୁ ଶ୍ରୀବାସ୍ତବଙ୍କୁ ହୃଦ୍‌ଘାତ ହୋଇଥିଲା। ସେବେଠାରୁ ସେ ଦିଲ୍ଲୀ ଏମ୍‌ସରେ ଭର୍ତ୍ତି ହୋଇଥିଲେ। ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ତାଙ୍କ ଚେତା ☞ପୃଷ୍ଠା-୨



# ରତନ ଟାଟା ପିଏମ୍ କେୟାର୍ସ ଟ୍ରଷ୍ଟି



ନୂଆଦିଲ୍ଲୀ,୨୧ା୯

କୋଭିଡ୍ ମହାମାରୀ ସମୟରେ ଲୋକଙ୍କୁ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗଠିତ ପ୍ରାଇମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚୁଏସନ୍ସ(ପିଏମ୍‌କେୟାର୍ସ) ପାଣ୍ଠିର ଟ୍ରଷ୍ଟି ଭାବେ ପ୍ରତିଷ୍ଠିତ ଶିଳ୍ପପତି ରତନ ଟାଟାଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି କେ.ଟି. ଥୋମାସ୍ ଓ ଲୋକ ସଭାର ପୂର୍ବତନ ଉପବାଚସ୍ପତି କରିୟା ମୁଣ୍ଡାଙ୍କୁ ମଧ୍ୟ ଟ୍ରଷ୍ଟି ରୂପେ ମନୋନୀତ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ପିଏମ୍‌କେୟାର୍ସ ଫଣ୍ଡର ବୋର୍ଡ ଅଫ୍ ଟ୍ରଷ୍ଟିଜ୍ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଯୋଗଦେଇଥିଲେ। ଏହି ଦୁଇ କେନ୍ଦ୍ରମନ୍ତ୍ରୀ ଉକ୍ତ ପାଣ୍ଠିର ଟ୍ରଷ୍ଟିଜ୍ ଅଛନ୍ତି। ବୈଠକବେଳେ ନୂଆ ସଦସ୍ୟଙ୍କ ନିଯୁକ୍ତିକୁ ଅନୁମୋଦନ କରାଯାଇଥିବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ସୂଚନା ଦିଆଯାଇଛି। ପିଏମ୍‌କେୟାର୍ସ ଫଣ୍ଡର ଆଡ୍‌ଭାଇଜରି ବୋର୍ଡରେ ୩ ବିଶିଷ୍ଟ ବ୍ୟକ୍ତିଙ୍କୁ ଉପଦେଷ୍ଟା ସଦସ୍ୟ ରୂପେ ରଖାଯାଇଛି। ସେମାନେ ହେଲେ ଭାରତର ପୂର୍ବତନ ସିଏଜି ରାଜୀବ ମେହର୍ଷି, ଇନ୍‌ଫୋସିସ୍ ପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ☞ପୃଷ୍ଠା-୨

# ଅକ୍ଟୋବର ୧୬ରେ ଓସିଏସ୍ ପ୍ରିଲିମ୍

କଟକ ଅଫିସ, ୨୧ା୯

ଆସନ୍ତା ଅକ୍ଟୋବର ୧୬ ତାରିଖରେ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)-୨୦୨୧ ପ୍ରିଲିମନାରି ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ବୁଧବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ତାରିଖ ଘୋଷଣା କରାଯାଇଛି। ରାଜ୍ୟର ୫ଟି ଜୋନ୍ ଅର୍ଥାତ୍ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ସମ୍ବଲପୁରରେ ଏହି ପରୀକ୍ଷା ହେବ । ଏଥିପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଉକ୍ତ ଦିନ ଦୁଇଟି ସିଟିଂରେ ପରୀକ୍ଷା କରାଯିବ। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଜେନେରାଲ ଷ୍ଟଡିଜ୍ ପେପର୍-୧ ଓ ଅପରାହ୍ନ ସାଢେ ୧ଟାରୁ ସାଢେ ୩ଟା ପର୍ଯ୍ୟନ୍ତ ଜେନେରାଲ୍ ଷ୍ଟଡିଜ୍ ପେପର୍-୨ ରହିଛି। ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କୁ ୪୦ ମିନିଟ ଅତିରିକ୍ତ ସମୟ ଦିଆଯିବ। ଏ ସମ୍ପର୍କରେ ସବିଶେଷ ସୂଚନା ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିବ। ଏଥିସହ ୱେବ୍‌ସାଇଟ୍‌ରେ ଆଡମିଶନ ସାର୍ଟିଫିକେଟ ଓ ନିୟାମବଳୀ ଡାଉନ୍‌ଲୋଡ୍ କରିବାକୁ ଓପିଏସ୍‌ସି ପକ୍ଷରୁ କୁହାଯାଇଛି। ପ୍ରାର୍ଥୀମାନେ ଓପିଏସ୍‌ସି ୱେବ୍‌ସାଇଟ୍ https://opsc.govt.inକୁ ଯାଇ ସବିଶେଷ ତଥ୍ୟ ପାଇପାରିବେ।

# ବିହାର ଗଲା ପୋଲିସ ଟିମ୍

## ନକଲି ମେଡିସିନ କାରବାର ମାମଲା

କଟକ ଅଫିସ,୨୧ା୯

ରାଜ୍ୟରେ ନକଲି ମେଡିସିନ କାରବାର ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଛି। ବିଶେଷକରି ପୋଲିସ ନକଲି ମେଡିସିନର ମୂଳଉତ୍ସ ନିକଟରେ ପହଞ୍ଚିବାକୁ ଚେଷ୍ଟା କରୁଛି। ଏହିକ୍ରମରେ ପୁରୀଘାଟ ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ବିହାର ଯାଇଥିବା କଟକ ଡିସିପି ପିନାକ ମିଶ୍ର ବୁଧବାର ସୂଚନା ଦେଇଛନ୍ତି।

ନକଲି ମେଡିସିନ କାରବାର କରୁଥିବା ଦୁଇ ଅଭିଯୁକ୍ତ ଯାଉଁଳିଆପଟି ପୂଜା ଏଣ୍ଟରପ୍ରାଇଜର୍ସ ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାର ଭି.ଆର୍. ଡ୍ରଗ ଏଜେନ୍ସିର ରାହୁଲ କୁମାର କ୍ୟାଲଙ୍କୁ ରିମାଣ୍ଡରେ ଆଣି ଜେରାବେଳେ ନକଲି ମେଡିସିନ ଗୟା ଓ ☞ପୃଷ୍ଠା-୨

## ତଦନ୍ତ ଭାର ସିବିଆଇକୁ ଦେବାକୁ ହାଇକୋର୍ଟରେ ମାମଲା

ନକଲି ମେଡିସିନ କାରବାର ମାମଲାରେ ଓଡ଼ିଶାର ଦୁଇ ଷ୍ଟକିଷ୍ଟଙ୍କ ସହ ବାଙ୍ଗାଲୋର, ଗୟା ଓ କୋଲକାତାର ଷ୍ଟକିଷ୍ଟମାନେ ସାମିଲ ଅଛନ୍ତି। ଏହା ଆନ୍ତଃରାଜ୍ୟ ମାମଲା ହୋଇଥିବାରୁ ରାଜ୍ୟ ପୋଲିସ ପକ୍ଷରେ ତଦନ୍ତ କରିବା ସହଜ ନୁହେଁ। ଏଥିପାଇଁ ସିବିଆଇ ତଦନ୍ତର ଆବଶ୍ୟକତା ଥିବା ଦର୍ଶାଇ ସାମାଜିକ କର୍ମୀ ଅଭିଷେକ ଦାସ ହାଇକୋର୍ଟରେ ବୁଧବାର ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ନକଲି ମେଡିସିନର ପ୍ରସ୍ତୁତକାରୀ ଧରାଯିବାର ଆବଶ୍ୟକତା ରହିଛି। ନଚେତ ନକଲି ମେଡିସିନ ଅନ୍ୟତ୍ର ବିକ୍ରି ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ତୁରନ୍ତ ନିର୍ମାତାଙ୍କ ନିକଟରେ ପହଞ୍ଚିବା ଜରୁରୀ ବୋଲି ଦାସ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ଏଥିରେ ସେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ, ସିବିଆଇ, ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ଗୃହ ସଚିବ ଓ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଥିବା ଜଣାପଡ଼ିଛି।

# ମଣିଷଠୁ ୨.୫ ନିୟୁତ ଗୁଣ ଅଧିକ ପିମ୍ପୁଡ଼ି ସଂଖ୍ୟା

ହଂକଂ,୨୧ା୯

ଜୀବଜଗତର ପରିଶ୍ରମୀ କୀଟ କହିଲେ ପିମ୍ପୁଡିକୁ ବୁଝାଏ। ଘର, ଗଛ, ମାଟିତଳ ହେଉ ଅବା ଗାତ ପ୍ରତ୍ୟେକ ସ୍ଥାନରେ ଏମାନେ ଦେଖାଯାଆନ୍ତି। ବିଶେଷ କରି ସ୍ଥଳ ଭାଗ ଏମାନଙ୍କ ପାଇଁ ବାସୋପଯୋଗୀ। ପିମ୍ପୁଡ଼ିଙ୍କ ପରିମାଣ ଅନ୍ୟ କୀଟପତଙ୍ଗ ତୁଳନାରେ କାହିଁ କେତେଗୁଣରେ ଅଧିକ। ବିଶ୍ୱରେ ପାଖାପାଖି ୧୨ ନିୟୁତ ଟନ୍ ଓଜନର ପିମ୍ପୁଡ଼ି ରହିଥିବା ବିଶେଷଜ୍ଞମାନେ କହିଛନ୍ତି। ସେହିପରି ପିମ୍ପୁଡ଼ିଙ୍କ ସଂଖ୍ୟା ମଣିଷ ସଂଖ୍ୟାର ୨.୫ ନିୟୁତ ଗୁଣ ଅଧିକ। ଅଷ୍ଟ୍ରେଲିଆ, ଜର୍ମାନୀ ଏବଂ ହଂକଂର ଗବେଷକମାନେ ପିମ୍ପୁଡ଼ିଙ୍କ ଉପରେ ଅଧ୍ୟୟନ କରୁଥିବାବେଳେ ପୃଥିବୀରେ ୨୦,୦୦୦,୦୦୦,୦୦୦,୦୦୦,୦୦୦ ତଥା ୨୦ କ୍ୱାଡ୍ରିଲିୟନ୍ ପିମ୍ପୁଡ଼ି ଥିବା କହିଛନ୍ତି। ପିମ୍ପୁଡ଼ିଙ୍କ ଗଣନା ପାଇଁ ଗବେଷକଙ୍କ ଦ୍ୱାରା ମୋଟ ୪୮୯ଟି ଷ୍ଟଡି କରାଯାଇଥିବା କୁହାଯାଇଛି। ପିମ୍ପୁଡ଼ିଙ୍କ ଅବସ୍ଥିତିକୁ ନେଇ ଏକ ରିପୋର୍ଟ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସରେ ପ୍ରକାଶ ପାଇଛି। ପୃଥିବୀର ପ୍ରତ୍ୟେକ ସ୍ଥାନରେ ପିମ୍ପୁଡ଼ିମାନେ ବାଣ୍ଟି ହୋଇ ରହିଛନ୍ତି। ପକ୍ଷୀ, ପଶୁ ଓ ମନୁଷ୍ୟଙ୍କୁ ଏକତ୍ର ଓଜନ କରାଗଲେ ସେମାନଙ୍କ ଓଜନ ୨ ମିଲିୟନ ଅର୍ଥାତ୍ ୨୦ ଲକ୍ଷ ଟନ୍ ହେବ। ମାଟି ଖୋଳୁଥିବା ପିମ୍ପୁଡ଼ିର ପରିମାଣ ଅନ୍ୟ ପିମ୍ପୁଡ଼ି ପ୍ରଜାତି ତୁଳନାରେ ବହୁଗୁଣ । ଜୈବ ବିବିଧତାରେ ପିମ୍ପୁଡ଼ିମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ହଂକଂର ବାୟୋଲୋଜିକାଲ ସାଇନ୍ସ ୟୁନିଭର୍ସିଟି ବିଶେଷଜ୍ଞ ମାର୍କ ୱଙ୍ଗ୍ କହିଛନ୍ତି।



୧୦୦ ମିଲିୟନ୍ ବର୍ଷ ପୂର୍ବରୁ ପିମ୍ପୁଡ଼ିମାନେ ପୃଥିବୀରେ ରହିଆସୁଛନ୍ତି। ବିଶ୍ୱରେ ମୋଟ ୧୨ ହଜାର ପ୍ରଜାତିର ପିମ୍ପୁଡ଼ି ରହିଥିବା ବିଶେଷଜ୍ଞ କହିଛନ୍ତି। ହାରଭାର୍ଡ ଫରେଷ୍ଟ ମୁତାବକ ମାଟିରେ ଜଳବାୟୁ ପରିମାଣରେ ସାମଞ୍ଜସ୍ୟ ରକ୍ଷା କରିବା ପାଇଁ ପିମ୍ପୁଡ଼ିମାନେ ବଡ଼ ମାଧ୍ୟମ। ଏହାଦ୍ୱାରା ମାଟିରେ ଥିବା ପାଣି ଓ ଅମ୍ଳଜାନ ଚେର ଦେଇ ଗଛକୁ ଯାଇଥାଏ। ମାଟିତଳେ ରହୁଥିବା ପିମ୍ପୁଡ଼ିମାନେ ବିଭିନ୍ନ ପ୍ରକାର ଫଳ ବା ମଞ୍ଜିକୁ ନେଇ ମାଟି ତଳେ ରଖିବା ଦ୍ୱାରା ମଞ୍ଜିରୁ ଗଜା ବାହାରିବା ପ୍ରକ୍ରିୟା ସହଜ ହୋଇଥାଏ। ପିମ୍ପୁଡ଼ିମାନେ ବହୁ ପ୍ରକାରର ଖାଦ୍ୟ ଖାଇବା ଫଳରେ ଏହା ଅନ୍ୟ ଜୀବଙ୍କୁ ମଧ୍ୟ ଖାଦ୍ୟ ଯୋଗାଇବାରେ ସହାୟକ ହୋଇଥାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶ୍ରଦ୍ଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୮ରେ ମୁଖ୍ୟମନ୍ତ୍ରୀଙ୍କ ୨ ଦିନିଆ ବେଙ୍ଗାଲୁରୁ ଗସ୍ତ

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୮ ତାରିଖରୁ ୨ ଦିନିଆ ବେଙ୍ଗାଲୁରୁ ଗସ୍ତରେ ଯିବେ। ସେଠାରେ ଆୟୋଜିତ 'ଓଡିଶା ଇନଭେଷ୍ଟର୍ସ ମିଟ୍'ରେ ସେ ଯୋଗଦେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ନିବେଶକମାନଙ୍କୁ ୱାନ ଟୁ ୱାନ୍ ଭେଟି ଓଡିଶାରେ ସେମାନଙ୍କୁ ପୁଞ୍ଜି ନିବେଶ ପାଇଁ ନିମନ୍ତ୍ରଣ ଦେବେ। ଏଥିସହ ଓଡିଶା ଇନଭେଷ୍ଟର୍ସ ମିଟ୍‌ରେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ କ'ଣ ସବୁ ସୁଯୋଗ ରହିଛି ତାହା ମଧ୍ୟ ଜଣାଇବେ। ବିଶେଷ କରି ଇନଭେଷ୍ଟର୍ସ ମିଟ୍‌ରେ ଆଇଟି ସିଳ୍ପ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। କାହିଁକି ନା ବାଙ୍ଗାଲୁରୁ ଆଇଟି ହବ୍ ଭାବେ ପରିଚିତ। ସେଠାରେ ଥିବା ଆଇଟି କମ୍ପାନୀକୁ କିପରି ଓଡ଼ିଶା ଆଣିହେବ ସେଥିପ୍ରତି ରାଜ୍ୟ ସରକାର ବିଶେଷ ଧ୍ୟାନ ଦେବେ। ଏହାଦ୍ୱାରା ରାଜ୍ୟରେ ଅଧିକ ପୁଞ୍ଜିନିବେଶ ହେବା ସହିତ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ ପାଣ୍ଡିଆନ, ଶିଳ୍ପ ସଚିବ, ମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗସ୍ତ କରିବାର କାର୍ଯ୍ୟକ୍ରମ ଥିବା ଜଣାପଡିଛି।

# ବିବାହିତ ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

- **ପରକୀୟାପ୍ରୀତିକୁ ବିରୋଧ କରିବାରୁ ବିଷ ପିଇଲେ**
- **୫ ଦିନ ହେବ ଏକାଠି ରହୁଥିଲେ**

ଭୁବନେଶ୍ୱର ୨୧।୯(ବ୍ୟୁରୋ)

ଭୁବନେଶ୍ୱରର ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ବିବାହିତ ପ୍ରେମୀଯୁଗଳ ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ସୋମନାଥ ସାହୁ (୩୬) ଓ ସୁଲୋଚନା ନାୟକ (୩୨)। ବୁଧବାର ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୯୭/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ପରକୀୟାପ୍ରୀତିକୁ ନେଇ ସୃଷ୍ଟି ହୋଇଥିବା ପାରିବାରିକ ବିବାଦ ଆତ୍ମହତ୍ୟାର କାରଣ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଥାନାଧିକାରୀ ବିଭୂଦତ୍ତ ରାଉତରାୟ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସୋମନାଥଙ୍କ ଘର ନୟାଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ମାଛିପଡ଼ା ଗ୍ରାମରେ ହୋଇଥିବାବେଳେ ସେ ୮ବର୍ଷ ହେଲା ଫୁଲେଶ୍ୱରୀ ବସ୍ତିରେ ରହି ଅଟୋ ଚଳାଉଥିଲେ। କିଛି ବର୍ଷ ହେଲା ୨ପୁଅ ଓ ସ୍ତ୍ରୀ ତାଙ୍କ ପାଖ ରହୁଥିଲେ। ଅନ୍ୟପଟେ



ସୁଲୋଚନା ନାୟକ ଓ ସୋମନାଥ ସାହୁ

ଢେଙ୍କାନାଳ ଜିଲା ରାଶୋଳ ଥାନା ଅନ୍ତର୍ଗତ କରୋଣ୍ଡା ଗ୍ରାମର ସୁଲୋଚନା ଖଣ୍ଡଗିରି ଥାନା ଅନ୍ତର୍ଗତ ତପବୋନ ବସ୍ତିରେ ରହି କାମ କରୁଥିଲେ। ତେବେ ସୋମନାଥ ଅଟୋ ଚଳାଉଥିବାବେଳେ ବର୍ଷେ ତଳେ ସୁଲୋଚନାଙ୍କ ସହ ଦେଖା ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏନେଇ ସୋମନାଥଙ୍କ ସ୍ତ୍ରୀ ଜାଣିବା ପରେ ବିରୋଧ କରି ଆସୁଥିଲେ। ଏହାକୁ ନେଇ ତାଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ତେଣୁ ସୋମନାଥ କିଛି ମାସତଳେ ନିଜ ସ୍ତ୍ରୀ ଓ ପିଲାଙ୍କୁ ନେଇ ଗାଁରେ ଛାଡ଼ି ଆସିଥିଲେ। ଗତ ୫ ଦିନ ହେଲା ସୁଲଚନାଙ୍କୁ ଆଣି ପାଖରେ ରଖିଥିଲେ। ସ୍ଥାନୀୟ ଅଞ୍ଚଳରେ ରହୁଥିବା ସୋମନାଥଙ୍କ ଭଉଣୀ ଓ ଭାଇ ଏନେଇ ପରିବାର ଲୋକଙ୍କୁ ଜଣାଇବାରୁ ଘଟଣା ଭିନ୍ନ ମୋଡ଼ ନେଇଥିଲା। ସୋମନାଥଙ୍କ ସ୍ତ୍ରୀ ଓ ପରିବାର ଲୋକ ଏହାକୁ ପ୍ରବଳ ବିରୋଧ କରିଥିଲେ। ପାରିବାରିକ କଳହ ଉଗ୍ର ରୂପ ନେବାରୁ ସୋମନାଥ ଓ ସୁଲୋଚନା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ସେମାନେ ବିଷ ପିଇଦେଇଥିଲେ। ସ୍ଥାନୀୟ ଲୋକ ଓ ସମ୍ପର୍କୀୟ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଏମ୍‌ସରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱଗୃହୀ ଶନି ଓ ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ। ଅବୁଝା ବନ୍ଧୁମାନଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ , ଆନୁଷ୍ଠାନିକ କାମ ତଥା ପିତୃକାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ ।

**ବୃଷ** ମଙ୍ଗଳଙ୍କ ରାଶ୍ୟାବସ୍ଥାନରୁ ପାରିବାରିକ ଜୀବନ ବୁଝାମଣା ମଧ୍ୟରେ ଗତିଶୀଳ ହେବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିପାରନ୍ତି। ସାମଜିକ କିମ୍ବା ପ୍ରଶାସନିକ ସ୍ତରରେ ଆଲୋଚନା ପୂର୍ବକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସାଙ୍ଗକୁ ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ ।

**ମିଥୁନ** ଚନ୍ଦ୍ରଙ୍କ ନବମସ୍ଥ ଗୁରୁହେତୁ କର୍ମକ୍ଷେତ୍ରରେ ସମସ୍ତ ସୁବିଧା ଲାଭକରି କାମ ହାସଲ କରିବେ। କିନ୍ତୁ ଆରଦ୍ରା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡ଼ିବ। ଆଜି ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଚେଷ୍ଟା କରୁଥିବା କାମରେ ସାମାନ୍ୟ ସଫଳତା ବିଳମ୍ବରେ ପାଇବେ।

**କର୍କଟ** ସ୍ୱଗୃହୀ ଚନ୍ଦ୍ର ହେତୁ ଆପଣଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। କେତୁ ନକ୍ଷତ୍ରସ୍ଥ ଯୋଗୁ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାଦ୍ୱାରା କିଛି ବି କରିପାରିବେ ନାହିଁ। ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ।

**ସିଂହ** ଶୁକ୍ର ନିଜ ରାଶିରେ ଅବସ୍ଥାନ କରୁଥିବାର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ଆଜି ହଠାତ୍ ପାଇଯିବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ ।

**କନ୍ୟା** ପାପଗ୍ରହଙ୍କ କୁପ୍ରଭାବରୁ ଦୀର୍ଘଦିନର ଅପୂରଣୀୟ ଆଶା ମନରେ ବିଭିନ୍ନ ଆଶଙ୍କା ସୃଷ୍ଟି କରିପାରେ । ଅବଶ୍ୟ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା** ଶନି ଚତୁର୍ଥକେନ୍ଦ୍ରରେ ଥିବାରୁ ସାମାଜିକ କ୍ଷେତ୍ରରେ ବନ୍ଧୁ ସମ୍ମୁଖରେ ମନକଥା କହିବାକୁ ପଛେଇଯିବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଚିତ୍ରାର ପାରିବାରିକ ଅଶାନ୍ତି ହେତୁ କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ଯାହା ହାସଲ କରିବାକୁ ଚିନ୍ତା କରୁଛନ୍ତି ନିଶ୍ଚିତ ପାଇପାରିବେ। କିନ୍ତୁ ଦ୍ୱାଦଶସ୍ଥ କେତୁଙ୍କ ଯୋଗୁ କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାପଗ୍ରହ ମଧ୍ୟସ୍ଥ ବୃହସ୍ପତିଙ୍କ ଯୋଗୁ ପାରିବାରିକ କ୍ଷେତ୍ରରେ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ସାଙ୍ଗସାଥୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେବ। ଅଫିସରେ ସବୁକଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡ଼ିବେ।

**ମକର** ଭାଗ୍ୟସ୍ଥାନରେ ବୁଧାଦିତ୍ୟ ଯୋଗ ହେତୁ ଯେଉଁ କାମ ଆରମ୍ଭ କରିବେ ସଫଳ ହେବ। କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। ଧନିଷ୍ଠା ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ।

**କୁମ୍ଭ** ଶନିଙ୍କ କ୍ରୁର ଦୃଷ୍ଟିରେ ଧନାଧିପ ରହିଥିବାରୁ ଆର୍ଥିକ ସ୍ଥିତି ଦୁର୍ବଳ କାରଣରୁ ଚିନ୍ତା କରିବାକୁ ପଡ଼ିବ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ସହଜ ଓ ସୁବିଧାରେ ହାତକୁ ନେଇଥିବା କାମ ସମ୍ପନ୍ନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। କଠୋର ପଦକ୍ଷେପ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ରାହୁଙ୍କ ପ୍ରଭାବରେ ପାରସ୍ପରିକ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜ ପରିସରରେ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।


# classifieds Everyday
0674-2580101, 2549302



**SALE**

**Clean ପ୍ଲଟ୍ immediate registration price double ଦୁଇ ବର୍ଷ ଭିତରେ, high potential roads, ଗଙ୍ଗପଡ଼ା, ପଟିଆ ପରି ବଢ଼ିଚାଲିଛି। sqft. 1050/-. Contact- 9040045759.**
D-74121

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.**
D-74112

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.**
D-73296

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.**
D-74105



Ashirvaad Saloon and SPA getgood massage for your health tha best therapy. 7077181074.
D-73973

**One hour any therapy by expert therapist @999 only. 9078484455.**
D-73645

Hearbal full body relax massage by trend ledy therapist. 6371676208.
D-73644

Newly open Spa positively health benefit with expert. Contact: 7749976301.
D-73873

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473.
D-73972

**Relax, Refresh your body, Mind at Saikrupa Spa with best therapies. 8984068077.**
D-1543



Medical Exam. Registration- BAMS/ BHMS/ BUMS/BDS/ BPT/ ANM/ GNM/ D.Pharma/Dental Hygiene/ DHMS/ DAMS/ DUMS. W.A- 9064681304.
D-1591

**LOST**

ମୁଁ ଶାଶ୍ୱତ କୁମାର ଜେନା, ଶାଖା ପରିଚାଳକ, ଆକ୍ସିସ ବ୍ୟାଙ୍କ, ଆଠମଲ୍ଲିକ ଜଣାଉଛି କି, ଆକ୍ସିସ୍ ବ୍ୟାଙ୍କ ଦ୍ୱାରା ଦିଆଯାଇଥିବା Power of Attorneyଟି ହଜିଯାଇଛି। ଜନସାଧାରଣଙ୍କୁ ଅବଗତ କରାଯାଉଛି ଯେ, ତା।୨୦।୦୯।୨୦୨୨ରିଖଠାରୁ ଉପରୋକ୍ତ Power of Attorneyକୁ କୌଣସି ଅନୁଚିତ ବ୍ୟବହାର ବ୍ୟାଙ୍କ ଉପରେ ବାଧ୍ୟତାମୂଳକ ହେବ ନାହିଁ। କୌଣସି ବ୍ୟକ୍ତି ସନ୍ଧାନ ପାଇଲେ Power of Attorneyଟି ବ୍ୟାଙ୍କକୁ ଫେରସ୍ତ କରିବେ।
ଧ-୭୪୦୧୪

**୬ଷ୍ଠ ଜନ୍ମବାର୍ଷିକୀ ଶୁଭେଚ୍ଛା**




**ସ୍ୱୟଂଶ୍ରୀ ରାଉତରାୟ (ଶ୍ରଦ୍ଧା)**
ଏଫ୍‌ଆର- ୯୩/୧୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଓ ତୋ' ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ରାଉତରାୟ ପରିବାର ଓ ବନ୍ଧୁବର୍ଗ ।
ଧ-୧୫୮୫

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LEGAL NOTICE**

ଭଦ୍ରକ ମୁକାମ ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ଭଦ୍ରକ
ସି.ଏସ୍.ନଂ-୪୭୪/୨୦୧୩
(ଦେୱାନୀ କାର୍ଯ୍ୟବିଧି ଆଇନର ଆଦେଶ-୫, ରୁଲ୍-୨୦)
କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ
...ବାଦୀ
ଆଦିକନ୍ଦ ବିଶ୍ୱାଳ- ଓଗେର-
...ବିବାଦୀମାନେ

ପ୍ରାପ୍ତେଷୁ:-(୯) ପ୍ରମିଳା ବିଶ୍ୱାଳ @ ରାଉତ, ବ୫୯ର୍ଷ, ପି- ୰ବୈଦ୍ୟନାଥ ବିଶ୍ୱାଳ, ସ୍ୱା- ବ୍ରଜନାଥ ରାଉତ, ସା- ଫାଜିଲପୁର, ପୋ- ବଡ଼ ଦାମୋଦରପୁର, ଥା- ସିଂପୁର, ଜି- କେନ୍ଦ୍ରାପଡ଼ା, (୧୦) ଉର୍ମିଳା ସାହୁ @ ବିଶ୍ୱାଳ, ବ୫୧ର୍ଷ, ପି- ବିଦ୍ୟାଧର ବିଶ୍ୱାଳ, ସ୍ୱା- ବିଜୟ କୁମାର ସାହୁ, ସା- ମାଳିସାହି, ପୋ- ବଉଳଜୋଡ଼ା, ଥା- ଚାନ୍ଦବାଲି, ଜି-ଭଦ୍ରକ, (୧୧) ସର୍ମିଳା ବାଳା ବିଶ୍ୱାଳ, ବ୪୨ର୍ଷ, ପି- ବିଦ୍ୟାଧର ବିଶ୍ୱାଳ, ସା- କୋଇଲେଖା, ପୋ- ଭୂଇଁପୁର, ଥା- ଧୁଷୁରୀ, ଜି- ଭଦ୍ରକ, (୧୨) ସାବିତ୍ରୀ ନାୟକ, ବ୭୧ର୍ଷ, ପି- ୰ହାଡ଼ିବନ୍ଧୁ ବିଶ୍ୱାଳ, ସ୍ୱା- ଶରତ ନାୟକ, ସା- ମୂଳକଇମା, ପୋ- ବଉଳଜୋଡ଼ା, ଥା- ଚାନ୍ଦବାଲି, ଜି- ଭଦ୍ରକ
...ବିବାଦୀମାନେ

ଏତଦ୍ୱାରା ଆପଣ ବିବାଦୀମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ଉପରୋକ୍ତ ବାଦୀ ତଫସିଲ ବୃତ୍ତି ପକ୍ଷେ ଚରସ୍ଥାୟୀ ନିଷେଧାଜ୍ଞା ଓ ଖେସରାତ ଦାବିରେ ଅତ୍ର ମୋକଦ୍ଦମା ଆଗତ କରିଅଛନ୍ତି। ମାତ୍ର ଅଦାଲତଙ୍କ ଠାରୁ ଆପଣଙ୍କ ଉପରେ ବାରମ୍ବାର ନୋଟିସ୍ ହେବା ସତ୍ତ୍ୱେ ଆପଣ ଜାଣିଶୁଣି ଉକ୍ତ ନୋଟିସ୍‌ମାନ ନେବାକୁ ଅସ୍ୱୀକାର କରୁଅଛନ୍ତି। ଉପରୋକ୍ତ ମୋକଦ୍ଦମାର ତାରିଖ ୧୦।୧୦।୨୦୨୨ରିଖକୁ ଧାର୍ଯ୍ୟ ଅଛି। ଉପରୋକ୍ତ ତାରିଖରେ ଦିବା ୧୦ ଘଟିକା ୩୦ ମିନିଟ୍ ସମୟରେ ଆପଣ କିମ୍ବା ଆପଣଙ୍କର ପ୍ରତିନିଧି କୋର୍ଟରେ ଉପସ୍ଥିତ ହୋଇ ନିଜର ଅଭିଯୋଗମାନ ଜଣାଇବେ। ଉପରୋକ୍ତ ତାରିଖରେ ଅନୁପସ୍ଥିତ ରହିଲେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ତଫସିଲ ବୃତ୍ତି
ଜି- ଭଦ୍ରକ, ଥାନା, ତହସିଲ- ଚାନ୍ଦବାଲି, ହା:ଥା- ଧୁଷୁରୀ, ମୌଜା-କୋଇଲେଖା, ସାବକ ଖା୧୦୮ତା, ଖ୫୪୪ସଡ଼ା, ଏ୧.୯୮ଡି, ସ୍ୱା: ଏ୦.୨୪ଡି, ଯାହାକି ନାମଜାରୀ ଖା ୩୩୬/୨୧୦ତା, ଖ ୬୮୫/୨୪୩୩ସଡ଼ା, ଏ୦.୨୪ଡି ଅଟେ।

ଅଦ୍ୟ ତା ୧୪।୦୯।୨୨ରିଖରେ କୋର୍ଟଙ୍କର ସହିମୋହରୀ ଏବଂ ଦସ୍ତଖତ ଦିଆଗଲା।

ସ୍ୱା- ସିଭିଲ ଜଜ୍ (ସିନିୟର ଡିଭିଜନ୍), ଭଦ୍ରକ, ୧୯।୦୯।୨୨
ଧ-୧୫୮୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଏ ଦେଉଣୀଙ୍କ କୋଳଥ ମଣ୍ଡା**
**ତହିଁ ମାରିଥିବ ଗେବ**
**ଯିଏ ଯେମିତି ମାଗି ଆସିବେ**
**ଗେବ ଚିହ୍ନି କରି ଦେବ ।**

କେତେଜଣ ବ୍ୟକ୍ତି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ନ ଥାନ୍ତି। ତାଙ୍କ ଆଖିରେ କିଏ ପର ତ କିଏ ଅଧିକ ଆପଣାର ହୋଇଥାନ୍ତି। ଚିହ୍ନା ପରିଚୟ ଭିତରେ ବାଛ ବିଚାର କରିବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦିନେ ନାହିଁ, କାଳେ ନାହିଁ**
**ଗହ୍ଣା ପୁନେଇ ଦିନ ମାଇଁ ମାଇଁ**

ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଫଳପ୍ରାପ୍ତି ଆଶାରେ ଅଚିହ୍ନା ଅଜଣା ବ୍ୟକ୍ତିଙ୍କ ସହ ସମ୍ପର୍କ ଯୋଡିବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। କିଛି ଲାଭ ଆଶାରେ ଅପରିଚିତ ବ୍ୟକ୍ତିଙ୍କ ସହିତ ସମ୍ବନ୍ଧ ସ୍ଥାପନ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ:

## ଆଜି କ୍ୟାବିନେଟ

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ଗୁରୁବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବ। ଅପରାହ୍ନ ୫ଟା ୩୦ ମିନିଟରେ ଏହି ବୈଠକ ଅନୁଷ୍ଠିତ ହେବ । ମିଳିଥିବା ସୂଚନା ଅନୁସାରେ କ୍ୟାବିନେଟ ବୈଠକରେ ୧୨ଟି ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ବିଶେଷକରି ପଞ୍ଚାୟତିରାଜ ଓ ପାନୀୟଜଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ, ସମବାୟ, ନଗର ଉନ୍ନୟନ ଆଦି ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି।

## ପ୍ରଥମ ପୃଷ୍ଠାରୁ...

### ଚାଇନାକୁ ହିମାଳୟ ...

ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଲୋକଙ୍କ ଜୀବିକା ପ୍ରଭାବିତ ହୋଇଛି। ଚାରଣ ଭୂମି ଉପରେ ବେଜିଂ କବଜା କରିଛି। ଏହାକୁ ନେଇ ଅନେକ ଥର ସ୍ୱର ଉଠାଇଥିଲେ ବି କିଛି ସୁଫଳ ମିଳିନି। ସରକାର ଖୁସି ଖୁସିରେ ଜମି ଦାନ କରିଚାଲିଛନ୍ତି। ଏହା ଜାରି ରହିଲେ ଆମେ ଆଗକୁ ଆହୁରି ଅଧିକ ଜମି ହରାଇବା ବୋଲି ଷ୍ଟାଞ୍ଜିନ୍ କହିଛନ୍ତି।

### ରତନ ଟାଟା ପିଏମ୍ ...

ସ୍ତ୍ରୀ ତଥା ଇନ୍‌ଫୋସିସ୍ ଫାଉଣ୍ଡେଶନର ପୂର୍ବତନ ଅଧକ୍ଷା ସୁଧା ମୂର୍ତ୍ତି ଏବଂ ଟେକ୍ ଫର୍ ଇଣ୍ଡିଆର ସହପ୍ରତିଷ୍ଠାତା ଆନନ୍ଦ ଶାହା। ନୂଆ ଟ୍ରଷ୍ଟି ଓ ପରାମର୍ଶଦାତାଙ୍କ ଯୋଗଦାନ ଫଳରେ ପିଏମକେୟାର୍ସ ଫଣ୍ଡର କାର୍ଯ୍ୟକାରିତା ଆହୁରି ବିସ୍ତୃତି ଲାଭ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

### ମନେରହିବେ ଗଜୋଧର...

ଫେରି ନ ଥିଲା। ତାଙ୍କର ଆଞ୍ଜିଓପ୍ଲାଷ୍ଟି ସର୍ଜରି ମଧ୍ୟ ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସ୍ଥିର ନ ହେବାରୁ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ବୁଧବାର ସକାଳ ପ୍ରାୟ ସାଢ଼େ ୧୦ଟାରେ ଡାକ୍ତର ଶ୍ରୀବାସ୍ତବଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ରାଜୁ ତାଙ୍କ ହାସ୍ୟରୋଳ ଓ ସକାରାତ୍ମକ ଭାବନାରେ ଆମ ଜୀବନକୁ ଆଲୋକିତ କରିଥିଲେ। ସେ ଆମକୁ ଶୀଘ୍ର ଛାଡ଼ି ଚାଲିଯାଇଛନ୍ତି। ହେଲେ ହୃଦୟରେ ସେ ସର୍ବଦା ଜୀବିତ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ, ହରିୟାଣାର ମନୋହର ଲାଲ ଖଟ୍ଟର ପ୍ରମୁଖ ଶୋକପ୍ରକାଶ କରିଛନ୍ତି। ସେହିପରି ଫିଲ୍ମ ନିର୍ଦ୍ଦେଶକ ମଧୁର ଭଣ୍ଡାରକର, ବିବେକ ଅଗ୍ନିହୋତ୍ରୀ, ଶେଖର ସୁମନ, ଅନୁପମ ଖେର, ଅଭିନେତା ଅଜୟ ଦେବଗନ, ହ୍ରିତିକ ରୋଶନଙ୍କ ସମେତ ବହୁ ପ୍ରମୁଖ କଳାକାର ରାଜୁ ଶ୍ରୀବାସ୍ତବଙ୍କ ପରଲୋକରେ ଶୋକ ବ୍ୟକ୍ତ କରିଛନ୍ତି।

୧୯୬୩ ମସିହା ଡିସେମ୍ବର ୨୫ରେ ରାଜୁ ଶ୍ରୀବାସ୍ତବ ଉତ୍ତରପ୍ରଦେଶର କାନପୁରରେ ଜନ୍ମଗ୍ରହଣ କରିଥିଲେ। ସତ୍ୟ ପ୍ରକାଶ ଶ୍ରୀବାସ୍ତବ ଓରଫ୍ ରାଜୁ ପିଲାବେଳୁ ହିଁ କମେଡି ପ୍ରିୟ ଥିଲେ। ଛୋଟ ବେଳୁ ସେ ଅନ୍ୟମାନଙ୍କ ମିମିକ୍ରି କରୁଥିଲେ। ତାଙ୍କ ବାପା ରମେଶ ଚନ୍ଦ୍ର ଶ୍ରୀବାସ୍ତବ ଜଣେ ହାସ୍ୟ କବି ଥିଲେ। ୧୯୯୦ ଦଶକ ପ୍ରାରମ୍ଭରୁ ତାଙ୍କୁ ବ୍ରେକ୍ ମିଳିଥିଲା। ୧୯୯୪ରେ ଦୂରଦର୍ଶନରେ ପ୍ରସାରିତ 'ଟି ଟାଇମ୍ ମନୋରଞ୍ଜନ'ରେ ସେ ତାଙ୍କ ପ୍ରତିଭା ଦେଖାଇଥିଲେ। ଏହାସହ ସେ ଅନେକ ଶୋ' କରିବା ଆରମ୍ଭ କରିଦେଇଥିଲେ। ୨୦୦୫ରେ 'ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚ୍ୟାଲେଞ୍ଜ' ଶୋ' ତାଙ୍କୁ ବହୁଳ ପ୍ରସିଦ୍ଧି ଆଣିଦେଇଥିଲା। ଏହା ତାଙ୍କ ଜୀବନର ବଡ଼ ଟର୍ଣ୍ଣିଂ ପଏଣ୍ଟ ଥିଲା। ସେ ବିଶେଷକରି ବଲିଉଡ୍ ବିଗ୍ ବି ଅମିତାଭ୍ ବଚ୍ଚନଙ୍କ ମିମିକ୍ରି କରୁଥିଲେ। ତାଙ୍କ ପ୍ରଦର୍ଶନରେ ବହୁବାର ସେ 'ଗଜୋଧର' ସମ୍ବୋଧନ କରୁଥିବାରୁ ପ୍ରଶଂସକ ତାଙ୍କୁ ଗଜୋଧର ଭୈୟା ନାଁ ଦେଇଥିଲେ। ୧୯୯୩ରେ ଶିଖା ଶ୍ରୀବାସ୍ତବଙ୍କୁ ବିବାହ କରିଥିଲେ। ତାଙ୍କ ଝିଅ ଅନ୍ତରା ଓ ପୁଅ ହେଉଛନ୍ତି ଆୟୁଷ୍ମାନ। ଉଭୟ ରାଜୁ ଏବଂ ଶିଖା ୨୦୧୩ରେ ଡ୍ୟାନ୍ସ ରିଅଲିଟି ଶୋ 'ନଚ୍ ବଲିଏ' ସିଜନ ୬ରେ ଭାଗ ନେଇଥିଲେ। ବିଗ୍‌ବସ୍ ସିଜନ୍-୩ରେ ମଧ୍ୟ ଶ୍ରୀବାସ୍ତବଙ୍କୁ ଦେଖିବାକୁ ମିଳିଥିଲା। ଏହାବାଦ ରାଜୁ ଶ୍ରୀବାସ୍ତବ ମୈନେ ପ୍ୟାର କିୟା, ବାଜିଗର, ମେ ପ୍ୟାର କି ଦିୱାନୀ ହୁଁ, ଟଏଲେଟ୍: ଏକ୍ ପ୍ରେମ୍ କଥା ଆଦି ଫିଲ୍ମରେ ଅଭିନୟ କରିଛନ୍ତି। ୨୦୧୪ରେ ସେ ଭାଜପାରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱଚ୍ଛ ଭାରତ ଅଭିଯାନର ସେ ଜଣେ ସକ୍ରିୟ ସଦସ୍ୟ ଥିଲେ। ୨୦୧୯ରେ ତାଙ୍କୁ ଉତ୍ତରପ୍ରଦେଶ ଫିଲ୍ମ ବିକାଶ ପରିଷଦର ଅଧକ୍ଷ କରାଯାଇଥିଲା।

### ବିହାର ଗଲା ...

ବାଙ୍ଗାଲୋରରୁ ଅଣାଯାଉଥିବା ସ୍ପଷ୍ଟ ହୋଇଥିଲା। ଏପରି କି ଗତ ୧୭ ତାରିଖରେ ପୋଲିସର ହସ୍ତଗତ ହୋଇଥିବା ମେଡିସିନ ନମୁନା ପରୀକ୍ଷଣରୁ ଏହା ନକଲି ବୋଲି ଜଣାପଡ଼ିବା ପରେ ପୋଲିସ ରାଜ୍ୟ ବାହାରକୁ ଯାଇ ମେଡିସିନ ଯୋଗାଣକାରୀଙ୍କୁ ଧରିବାକୁ ଚେଷ୍ଟା କରୁଛି। ବିହାରର ଗୟାସ୍ଥିତ ବାଲାଜୀ ଡ୍ରଗ୍ସ ଠାରୁ ନକଲି ମେଡିସିନ ଆସୁଥିବାରୁ ପ୍ରଥମେ ତାହାକୁ ଟାର୍ଗେଟ କରାଯାଇଛି। ପୋଲିସ ଟିମ୍ ସେଠାରେ ତଦନ୍ତ କରିବା ପରେ ନକଲି ମେଡିସିନ ଯୋଗାଣର ମୁଖ୍ୟ ସୂତ୍ରଧରଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ଚେଷ୍ଟା କରିବ ବୋଲି ଡିସିପି ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ରକ୍ତଚାପର ଚିକିତ୍ସା ପାଇଁ ନକଲି ମେଡିସିନ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ବିକ୍ରି କରୁଥିବା ନେଇ ଯାଉଁଳିଆପଟିର ପୂଜା ଏଣ୍ଟରପ୍ରାଇଜର୍ସ ଓ ମାଣିକଘୋଷ ବଜାରର ଭି. ଆର. ଡ୍ରଗ ଏଜେନ୍ସି ନାମରେ ପୁରୀ ଘାଟ ଥାନାରେ ଅଭିଯୋଗ ହୋଇଥିଲା। ୨ ଷ୍ଟକିଷ୍ଟଙ୍କ ନାମରେ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆକ୍ଟରେ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨ ଏବଂ ପୁରୀଘାଟ ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ଏପରି କି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ମେଡିସିନ ବିକ୍ରି ନିଷେଧ କରାଯିବା ସହ ଦୁଇ ଅଭିଯୁକ୍ତ ଷ୍ଟକିଷ୍ଟଙ୍କ ଡ୍ରଗ୍ସ ଲାଇସେନ୍ସକୁ ବାତିଲ କରାଯାଇଥିଲା। ଏହା ସତ୍ତ୍ୱେ ଏହି ଔଷଧର କାରବାର ଚାଲିଥିବା ବିଶେଷସୂତ୍ରରୁ ଖବର ପାଇ ପୋଲିସ ଗତ ୧୯ତାରିଖରେ କଟକ ମହତାବରୋଡସ୍ଥିତ ଏକ ଟ୍ରାନ୍ସପୋର୍ଟ ଏଜେନ୍ସି ଉପରେ ଚଢ଼ାଉ କରି ସେଠାରୁ ୧୩୫୦ ଷ୍ଟ୍ରିପ୍ ନକଲି ଟେଲ୍‌ମା-୪୦ ମେଡିସିନ୍ ଜବତ କରିଥିଲା। ଉକ୍ତ ମେଡିସିନ୍ ମାଣିକଘୋଷ ବଜାରସ୍ଥିତ ଭି.ଆର୍. ଡ୍ରଗ୍ସ ଏଜେନ୍ସି କୋଲକାତାରୁ କିଣିଥିବା ତଦନ୍ତରୁ ଜଣାପଡ଼ିଥିଲା।

### ଗାଜଲବାଡ଼ି ଘାଟିରେ...

ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକିଂ କରାଯାଇଛି। ସୋରଡ଼ାକୁ ସଂଯୋଗ କରୁଥିବା ଏକମାତ୍ର ଏହି ରାସ୍ତା ବନ୍ଦ ଯୋଗୁ ଲୋକେ ହଇରାଣ ହେଉଛନ୍ତି। ଦାରିଙ୍ଗବାଡ଼ିକୁ ମୁଖ୍ୟତଃ ଆସିକା, ସୋରଡ଼ା ଏବଂ ହିଞ୍ଜିଳିକାଟୁରୁ ପନିପରିବା ଆସିଥାଏ। ଏପରିକି ରାଶନ ସାମଗ୍ରୀ ପାଇଁ ବ୍ରହ୍ମପୁର ଉପରେ ନିର୍ଭର କରାଯାଇଥାଏ। ରାସ୍ତା ବନ୍ଦ ଯୋଗୁ ଏବେ ସମସ୍ୟା ଦେଖାଦେଇଛି। ସେହିପରି ଦାରିଙ୍ଗବାଡିରୁ ଗୁରୁତର ରୋଗୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। କୌଣସି ଗାଡି ମୋଟର କିମ୍ବା ଲୋକଙ୍କୁ ଉକ୍ତ ରାସ୍ତାରେ ଛଡା ଯାଉ ନ ଥିବା ଦାରିଙ୍ଗବାଡି ଆଇଆଇସି କୌଶିକ ମାଝି କହିଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ସୋରଡ଼ା ଆଇଆଇସି ରମେଶ ଚନ୍ଦ୍ର ପ୍ରଧାନଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଉଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ତିତ୍‌ଲି ବାତ୍ୟା ସମୟରେ ଉକ୍ତ ଘାଟି ରାସ୍ତାରେ ଭୂସ୍ଖଳନ ହୋଇଥିଲା। ପରେ ରାସ୍ତା ସଫା କରିବାକୁ ପ୍ରାୟ ୬ ମାସ ଲାଗିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୮୨,୬୮,୨୩୬ | ୬୫,୩୩,୮୬୪ | ୫୯,୮୨,୧୩,୬୧୫ |
| ଭାରତ | ୪,୪୫,୪୭,୫୯୯ | ୫,୨୮,୪୦୩ | ୪,୩୯,୭୨,୯୮୦ |
| ଓଡ଼ିଶା | ୧୩,୩୨,୨୮୧ | ୯୧୮୬(+୫୩) | ୧୩,୨୧,୫୯୪ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଜଙ୍ଗଲ ମନ୍ତ୍ରୀଙ୍କୁ ଚିଠି ଲେଖିଲା ଏଡବ୍ଲ୍ୟୁଟିଇ

**ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଗଠିତ ଜେଟିଏଫ୍‌କୁ ନେଇ ଉଠିଲା ଅଭିଯୋଗ**

- ନିଜକୁ ସୁହାଇଲା ଭଳି ବ୍ୟକ୍ତିଙ୍କୁ ସାମିଲ କରିଛି ବନ ବିଭାଗ
- ଅଭିଜ୍ଞ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିବାକୁ ନିବେଦନ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ହାତୀ ମୃତ୍ୟୁ ମାମଲାରେ ହାଇକୋର୍ଟରେ ରାଜ୍ୟ ସରକାର ଦାଖଲ କରିଥିବା ସତ୍ୟପାଠ ଅନୁସାରେ ବନ ବିଭାଗ ପକ୍ଷରୁ ହାତୀ ତଥା ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଏକ ଜଏଣ୍ଟ ଟାସ୍କ ଫୋର୍ସ(ଜେଟିଏଫ୍) ଗଠନ କରାଯାଇଛି। ଏଥିପାଇଁ ଗତ ଅଗଷ୍ଟ ୧୭ରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବନ୍ୟପ୍ରାଣୀ ପିସିସିଏଫ୍ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନେଇ ଏକ ବୈଠକ ବସିଥିଲା। ଗଠିତ ହୋଇଥିବା ଜେଟିଏଫ୍ ସଂକ୍ରାନ୍ତ ତଥ୍ୟ ଆସନ୍ତା ୨୬ ତାରିଖରେ ହାଇକୋର୍ଟରେ ଉପସ୍ଥାପନ କରାଯିବ। ହେଲେ ଏହାପୂର୍ବରୁ ଜେଟିଏଫ୍ ଗଠନକୁ ନେଇ ବିବାଦ ଉପୁଜିଛି। ଏଥିରେ ବନ ବିଭାଗ ଚଞ୍ଚକତା ପୂର୍ବକ ନିଜକୁ ସୁହାଇଲା ଭଳି କେତେଜଣ ଅଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିଥିବା ଆନିମଲ ୱେଲ୍‌ଫେୟାର ଟ୍ରଷ୍ଟ ଏକାମ୍ର(ଏଡବ୍ଲ୍ୟୁଟିଇ) ଗୁରୁତର ଅଭିଯୋଗ ଉଠାଇଛି। ଏଥିସହ ଏନେଇ ସଙ୍ଗଠନ ପକ୍ଷରୁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ହାତୀ, ବାଘ, ବଜ୍ରକାପ୍ତା ଭଳି ବନ୍ୟପ୍ରାଣୀଙ୍କ ଶିକାର ଓ ଅଙ୍ଗପ୍ରତ୍ୟଙ୍ଗ ଚୋରା ଚାଲାଣ ବୃଦ୍ଧି ପାଉଥିବାରୁ ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ହାଇକୋର୍ଟ ଗୁରୁତ୍ୱ ଦେଇଥିଲେ। କିନ୍ତୁ ଜେଟିଏଫ୍‌ରେ ବନ କର୍ମଚାରୀ ଓ ପୋଲିସକୁ ଛାଡ଼ି ଯେଉଁ କେତେଜଣଙ୍କୁ ନିଯୁକ୍ତି ଦିଆଯାଇଛି, ସେମାନଙ୍କର ବନ୍ୟପ୍ରାଣୀ ଅପରାଧ ରୋକିବାରେ କୌଣସି ଅବଦାନ ନାହିଁ। ଏହାଦ୍ୱାରା ଜେଟିଏଫ୍ ଗଠନର ମୂଳ ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ ବୋଲି କୁହାଯାଇଛି।

ସଙ୍ଗଠନର ମୁଖ୍ୟ ପୂରବୀ ପାତ୍ର ଦେଇଥିବା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସେଭ୍ ଏଲିଫ୍ୟାଣ୍ଟ ଟ୍ରଷ୍ଟର ଟ୍ରଷ୍ଟିଙ୍କୁ ଜେଟିଏଫ୍‌ରେ ସ୍ଥାନ ଦେବା ବେଆଇନ। କାରଣ ତାଙ୍କ ସଂସ୍ଥା ସରକାରଙ୍କଠାରୁ ହାତୀ ସଂରକ୍ଷଣ ପାଇଁ ଆର୍ଥିକ ଅନୁଦାନ ପାଉଛି। ତେଣୁ ଜେଟିଏଫ୍ କାର୍ଯ୍ୟ ଓ ତଦନ୍ତ ପ୍ରଭାବିତ ହେବା ଅଧିକ ସମ୍ଭାବନା ରହିଛି। ଏଥିସହ ସଂସ୍ଥାର ୱେବସାଇଟ୍‌ରେ ବନ୍ୟପ୍ରାଣୀ ଅପରାଧ ଦମନ କ୍ଷେତ୍ରରେ କାର୍ଯ୍ୟ କରିଥିବାର କୌଣସି ତଥ୍ୟ ନାହିଁ। ସେହିପରି ଅନ୍ୟ ଯେଉଁମାନଙ୍କୁ ନିଯୁକ୍ତ କରାଯାଇଛି, ସେମାନଙ୍କର ବନ୍ୟପ୍ରାଣୀ ଅପରାଧ ରୋକିବାରେ କୌଣସି ଅବଦାନ ନାହିଁ। ସବୁଠାରୁ ବଡ଼ କଥା ହେଉଛି, ରାଜ୍ୟରେ ବନ୍ୟପ୍ରାଣୀ ଅପରାଧ ରୋକିବାରେ ସବୁଠାରୁ ଅଭିଜ୍ଞ ଏବଂ କୁଶଳୀ ଦୁଇଜଣ ବ୍ୟକ୍ତିଙ୍କୁ ଜାଣିଶୁଣି ବନ ବିଭାଗ ଏଥିରୁ ଦୂରେଇ ରଖିଛି। ଏହି ଦୁଇଜଣଙ୍କ ମଧ୍ୟରେ ଜଣେ ବନ୍ୟପ୍ରାଣୀ ଅପରାଧରେ ପିଏଚ୍‌ଡି କରିଥିବାବେଳେ ତାଙ୍କ ସହାୟତାରେ ରାଜ୍ୟରେ ସର୍ବାଧିକ ୨୧ଟି କଲରାପତରିଆ ବାଘ ଚମଡ଼ା ଜବତ ହୋଇଛି। ସେହିପରି ଆଉଜଣେ ଗତ ୧୦ବର୍ଷରେ ବହୁ ହାତୀ ଦାନ୍ତ ଜବତ, ଜୀବନ୍ତ ବଜ୍ରକାପ୍ତା, ବଜ୍ରକାପ୍ତା କାତି, କଲରାପତରିଆ ବାଘ ଚମଡ଼ା ସହ ମାଟିତଳୁ ହାତୀର ଗଳିତ ମୃତଦେହ ଜବତ ଘଟଣାରେ ସାମିଲ ହୋଇ ବନ୍ୟପ୍ରାଣୀ ଅପରାଧକୁ ଏକ ପ୍ରକାର ରୋକିବାକୁ ଚେଷ୍ଟା କରିଛନ୍ତି। ପୂରବୀ ସେହି ଦୁଇଜଣଙ୍କ ନାମ ଓ କାର୍ଯ୍ୟକଳାପ ବିଷୟରେ ମଧ୍ୟ ଚିଠିରେ ଉଲ୍ଲେଖ କରିଛନ୍ତି। ତେଣୁ ଜେଟିଏଫ୍‌କୁ କର୍ମଚଞ୍ଚଳ କରିବା ପାଇଁ ବନ୍ୟପ୍ରାଣୀ ଅପରାଧ ଦମନ କ୍ଷେତ୍ରରେ ରାଜ୍ୟର ସବୁଠାରୁ ଅଭିଜ୍ଞ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ପୂରବୀ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଯୁକ୍ତ ୩ ସ୍ପଟ ନାମଲେଖା ଆବେଦନ ଆରମ୍ଭ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ):** ରାଜ୍ୟରେ ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ ୩ରେ ସ୍ପଟ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ୨୩ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଯେଉଁମାନେ ପ୍ରଥମ ପର୍ଯ୍ୟାୟରେ ନିଜ ନାମ ପଞ୍ଜୀକରଣ କରିବା ସହିତ କମନ୍ ଆପ୍ଲିକେଶନ ଫର୍ମ (ସିଏଏଫ୍) ଦାଖଲ କରିଥିଲେ ସେମାନେ ହିଁ କେବଳ ଏଥିରେ ଆବେଦନ କରିପାରିବେ। ୨୮ ତାରିଖ ଅପରାହ୍ନ ୨ଟାରେ ସ୍ପଟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବା ସହିତ ସେହି ସମୟରୁ ଅକ୍ଟୋବର ୧ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍ପଟ ନାମଲେଖା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ରାଜ୍ୟର ୧,୦୨୩ ଡିଗ୍ରୀ କଲେଜରେ ମୋଟ ୨, ୫୨,୦୧୩ ସିଟ୍ ଥିବା ବେଳେ ୧,୫୪,୨୫୪ଜଣ ନାମ ଲେଖାଇ ସାରିଛନ୍ତି। ବର୍ତ୍ତମାନ ୯୭, ୭୫୯ ସିଟ୍ ବଳକା ପଡ଼ିଛି। ସେଥିମଧ୍ୟରୁ କଳାରେ ୪୪,୩୩୯ ସିଟ୍, ଫିଜିକାଲ ସାଇନ୍ସରେ ୨୧,୯୭୧, ବାୟୋଲୋଜି ସାଇନ୍ସରେ ୧୧,୫୪୯, ବାଣିଜ୍ୟରେ ୧୪,୧୯୪, ସେଲ୍‌ଫ ଫାଇନାନ୍ସିଂରେ ୭୬୭ ଏବଂ ସଂସ୍କୃତରେ ୪,୯୩୯ ସିଟ୍ ଖାଲି ପଡ଼ିଛି।

## ଜ୍ୱାଇଁ ଠେଙ୍ଗା ମାଡ଼ରେ ଶ୍ୱଶୁର ମୃତ

**ପାତ୍ରପୁର, ୨୧।୯(ଡି.ଏନ.ଏ.):** ସାମାନ୍ୟ ବଚସାକୁ ନେଇ ଜ୍ୱାଇଁଙ୍କ ଠେଙ୍ଗା ମାଡ଼ରେ ବୁଧବାର ଶ୍ୱଶୁରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲା ଜରଡ଼ା ଥାନା ମୁଣ୍ଡକେରୀ ଗ୍ରାମର ଆପନା ବେହେରା। ଜରଡ଼ା ପୋଲିସ ନଂ. ୨୮୭/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ଜ୍ୱାଇଁ ଗଣପତି ବେହେରାଙ୍କୁ ଗିରଫ କରିଛି। ଆକ୍ରମଣରେ ବ୍ୟବହୃତ ଠେଙ୍ଗା ଜବତ କରି ପୋଲିସ ତଦନ୍ତ ଚଳାଇଛି। ଜରଡ଼ା ଥାନା ଏସ୍‌ଆଇ ମେଦିନିଶ୍ୱର୍ କହଁରଙ୍କ ସୂଚନା ପ୍ରକାରେ, ଶ୍ୱଶୁର ଆପନା ଓ ଜ୍ୱାଇଁ ଗଣପତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ପରେ ଜ୍ୱାଇଁ ଏକ ଠେଙ୍ଗାରେ ଆପନାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଆପନାଙ୍କୁ ଗୁରୁତର ଅବସ୍ଥାରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କକରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଅତିରିକ୍ତ ତହସିଲଦାରଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ାଉ



ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଅତିରିକ୍ତ ତହସିଲଦାରଙ୍କ ଡୁମାବାହାଲସ୍ଥିତ ବାସଭବନରେ ଖାନତଲାସ କରୁଛନ୍ତି।

**୨୧ ପ୍ଲଟ, ଅନେକ କୋଠା, ଗାଡ଼ି ଠାବ**

ସୁନ୍ଦରଗଡ଼/ଲେଫ୍ରିପଡ଼ା,୨୧।୯(ଡି.ଏନ୍.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ଅତିରିକ୍ତ ତହସିଲଦାର କୁଳମଣି ପଟେଲଙ୍କ ବାସଭବନରେ ବୁଧବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ପଟେଲଙ୍କ ଲେଫ୍ରିପଡା ବ୍ଲକ ଡୁମାବାହାଲସ୍ଥିତ ପୈତୃକ ବାସଭବନ, ଲେଫ୍ରିପଡା, ସୁନ୍ଦରଗଡ଼ ସହର ମିଶନରୋଡସ୍ଥିତ ବାସଭବନ, ଟାଙ୍ଗରପାଲି କାର୍ଯ୍ୟାଳୟ ସମେତ ୮ଟି ସ୍ଥାନରେ ଏକକାଳୀନ ଏହି ଚଢ଼ାଉ ହୋଇଛି। ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀଙ୍କ ନେତୃତ୍ୱରେ ଭିଜିଲାନ୍ସ ବିଭାଗର ୪୫ ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି। ଏହି ଚଢ଼ାଉବେଳେ ପଟେଲଙ୍କ ବିପୁଳ ପରିମାଣର ଆୟବହିର୍ଭୂତ ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଲେଫ୍ରିପଡ଼ାରେ ୪୮୦୦ ବର୍ଗଫୁଟ୍‌ରେ ଥିବା ତିନି ମହଲା କୋଠା, ସୁନ୍ଦରଗଡ଼ ସହରରେ ୩୦୦୦ବର୍ଗ ଫୁଟରେ ଥିବା ଦୁଇ ମହଲା କୋଠା, ପୈତୃକ ଗ୍ରାମ ଡୁମାବାହାଲରେ ୪୫୦, ୧୨୫୦ ଓ ୧୨୫୦ ବର୍ଗ ଫୁଟ୍ ସ୍ଥାନରେ ଥିବା ତିନୋଟି ଘର, ରାଜବାହାଲରେ ତିନୋଟି ପ୍ଲଟ, ୨ଟି ୪ଚକିଆ ଯାନ, ୨ଟି ଟ୍ରାକ୍ଟର, ୨ଟି ଟ୍ରେଲର, ୩ଟି ଦୁଇ ଚକିଆ ଯାନ, ବିଭିନ୍ନ ବ୍ୟାଙ୍କରେ ଥିବା ଜମାଖାତା ଓ ବୀମାକାଗଜପତ୍ର ଜବତ କରି ଯାଞ୍ଚ ଚାଲିଛି। ୨୧ଟି ପ୍ଲଟ ଓ ନଗଦ ଅର୍ଥ ଥିବା ଜଣାପଡ଼ିଛି। ଆୟବହିର୍ଭୂତ ସମ୍ପତ୍ତିର ଆକଳନ ପାଇଁ ଟେକ୍ନିକାଲ ଟିମ୍ ମଧ୍ୟ ନିୟୋଜିତ ଅଛି। ଚଢ଼ାଉ ଜାରି ରହିଥିବାରୁ ସମ୍ପତ୍ତିର ସବିଶେଷ ତଥ୍ୟ ମିଳିପାରି ନାହିଁ।

## ପ୍ରଥମ ତିନିଦିନ ଇଣ୍ଡକ୍ସନ କ୍ଲାସ୍

**ଆଜିଠୁ ଯୁକ୍ତ୨ ପାଠପଢ଼ା**

**ଭୁବନେଶ୍ୱର, ୨୧।୯(ବ୍ୟୁରୋ):** ରାଜ୍ୟରେ ଗୁରୁବାରଠାରୁ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ପ୍ରଥମ ବର୍ଷ ପିଲାଙ୍କ କ୍ଲାସ ଆରମ୍ଭ ହେବ। ପ୍ରଥମ ତିନିଦିନ ଅର୍ଥାତ୍ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଇଣ୍ଡକ୍ସନ କ୍ଲାସ୍ ହେବ। ଏ ନେଇ ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଇଣ୍ଡକ୍ସନ କ୍ଲାସ୍‌ରେ କ'ଣ କରାଯିବ ସେ ନେଇ ମଧ୍ୟ ପରାମର୍ଶ ଦିଆଯାଇଛି। କଳା, ବାଣିଜ୍ୟ, ବିଜ୍ଞାନ ଆଦି ବିଭାଗ ଅନୁଯାୟୀ ଅଲଗା ଅଲଗା ଇଣ୍ଡକ୍ସନ କ୍ଲାସ୍ କରିବାକୁ କୁହାଯାଇଛି। ନୂଆ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଅଧ୍ୟକ୍ଷ ବା ସିନିୟର ଫାକଲ୍‌ଟି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ନିଜ ଶିକ୍ଷାନୁଷ୍ଠାନ ବିଷୟରେ ସୂଚନା ଦେବେ। ପ୍ରତ୍ୟେକ ବିଷୟର ଶିକ୍ଷକମାନେ ନିଜ ପରିଚୟ ଦେବେ। ପାଠ୍ୟକ୍ରମ, ପରୀକ୍ଷା, ପ୍ରଶ୍ନ ନମୁନା ଓ ସମୟସୂଚୀ ସମ୍ପର୍କରେ ପିଲାଙ୍କୁ ସୂଚନା ଦିଆଯିବ। ଏଥିସହିତ ର୍‍ୟାଗିଂ କ'ଣ ବିପଦ ଆଣିପାରେ ଓ ଶିକ୍ଷାନୁଷ୍ଠାନର କ'ଣ ନିୟମ ରହିଛି ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯିବ।

ସୂଚନାଯୋଗ୍ୟ, ରାଜ୍ୟର ୨,୦୬୫ ଉଚ୍ଚ ମାଧ୍ୟମିକ ସ୍କୁଲରେ ବର୍ତ୍ତମାନ ସୁଦ୍ଧା ୩,୭୪,୭୫୦ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏଥିସହ ବଳକା ସିଟ୍‌ରେ ନାମଲେଖା ଲାଗି ଚଳିତବର୍ଷ ପ୍ରଥମଥର ପାଇଁ ଆଉଥରେ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ ନାମ ଲେଖାଇଥିବା ପାଠପଢ଼ା ଯେପରି ବ୍ୟାହତ ନ ହୁଏ, ସେଥିପାଇଁ ୨୨ରୁ କ୍ଲାସ୍ ଆରମ୍ଭ କରାଯିବ ବୋଲି ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ।

## ୨ଦିନିଆ ସୁନ୍ଦରଗଡ଼ ଜିଲା ଗସ୍ତରେ ପିସିସି ସଭାପତି

ସୁନ୍ଦରଗଡ,୨୧।୯(ଡି.ଏନ.ଏ.)

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଗୁରୁବାରଠାରୁ ଦୁଇ ଦିନିଆ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସୁଛନ୍ତି। ଏହି ନେଇ ବୁଧବାର ଜିଲା କଂଗ୍ରେସ କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ସେ ରାଉରକେଲା ଓ ରାଜଗାଙ୍ଗପୁର ଗସ୍ତ କରିବେ। ଦ୍ୱିତୀୟ ଦିବସ ଶୁକ୍ରବାର ସେ ସୁନ୍ଦରଗଡ ଆସିବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ଠାରେ ଜିଲା କଂଗ୍ରେସ କମିଟି ବୈଠକରେ ସେ ଯୋଗଦେଇ କଂଗ୍ରେସ କର୍ମୀ ମାନଙ୍କୁ ଦିଗଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି।






ଧର୍ମର ଯୁଗ ସରିଗଲାଣି । ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି । ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ । (ଧାର୍ମିକ ମତାନ୍ଧତାକୁ ନୁହଁ ।) -ଶ୍ରୀମା

# ଜନ୍ମ, ଜୀବନ ଓ ମୃତ୍ୟୁ



ଦେବଦତ୍ତ ପଟ୍ଟନାୟକ

ସାମ୍ପ୍ରତିକ ଆଧୁନିକ ସମୟରେ ଧର୍ମକୁ ବହୁ ସମୟରେ ନ୍ୟାୟ ବୋଲି ବୁଝାଯାଏ । ହେଲେ ଏଭଳି ଧାରଣାରେ ଏକ ମୌଳିକ ତ୍ରୁଟି ରହିଛି । ଧର୍ମ କହିଲେ କର୍ମ ଓ ଏଥିପାଇଁ ପୁନର୍ଜନ୍ମ ରହିଛି ବୋଲି ଆମେ ବିଶ୍ୱାସ କରିଛୁ । କର୍ମ ଅନୁଯାୟୀ ପୁନର୍ଜନ୍ମ ହୋଇଥାଏ ବୋଲି ଧର୍ମ ସ୍ୱୀକାର କରେ । କିନ୍ତୁ ନ୍ୟାୟ କଦାପି ଏହା ମାନିନିଏ ନାହିଁ । ଧର୍ମଶାସ୍ତ୍ର କହେ, ଆମେ ପୂର୍ବଜନ୍ମରେ କରିଥିବା କର୍ମର ଋଣ ନେଇ ଜନ୍ମ ନେଇଥାଉ ଓ ତାହାକୁ ଏହି ଜନ୍ମରେ ଶୁଝୁ କିମ୍ବା ବାକି ଥିବା କର୍ମର ଫଳ ଭୋଗିବାକୁ ପଡ଼େ । ସେଥିପାଇଁ ବିଶ୍ୱରେ ଜୀବର କର୍ମ ଓ କର୍ମଫଳକୁ ନେଇ ବିବିଧତା ଏବଂ ଅସମାନତା ରହିଛି । ଏହି ବାସ୍ତବତାକୁ ନେଇ ଆମେ ବି କର୍ମ କରିଥାଉ । କିନ୍ତୁ ନ୍ୟାୟ ଶାସ୍ତ୍ରରେ, ଆମେ ଅନ୍ୟ ପ୍ରାଣୀଙ୍କ ପରି ଏକ ସ୍ୱଚ୍ଛ ସ୍ଲେଟ୍ ସହ ଜନ୍ମ ନେଇଥାଉ, ଅର୍ଥାତ୍ ଆମେ ଜନ୍ମ ନେବା ସମୟରେ କୌଣସି କର୍ମର ଋଣ ବା ପ୍ରାରବ୍ଧ ନେଇ ଜନ୍ମ ନେଇ ନ ଥାଉ ; ବରଂ ଏହି ଜନ୍ମରେ ଯାହା କରୁ ତାହାର ଫଳ ଲାଭ କରିଥାଉ । କେତେ ଜଣ ବ୍ୟକ୍ତି ଭୁଲ୍ ବାଟରେ ସମ୍ପତ୍ତି ଓ କ୍ଷମତା ଠୁଳ କରିଥିବାରୁ ଆମ ଚାରିପାଖରେ ଅସମାନତା ଦେଖିବାକୁ ପାଉ । ଅନ୍ୟ ପକ୍ଷରେ ଧର୍ମ ଏଇ ଜନ୍ମରେ କର୍ମକୁ ନେଇ ଅସମାନତା କିମ୍ବା ଅନ୍ୟାୟ ସୃଷ୍ଟି ହୋଇଥିବା ବିଚାର କରି ନ ଥାଏ, ବରଂ ଏସବୁ ଆମମାନଙ୍କର ଅତୀତ କର୍ମର ଫଳ ବୋଲି ବିଚାର କରେ । ନ୍ୟାୟ ଶାସ୍ତ୍ର ଅସମାନତା ଓ ଅନ୍ୟାୟକୁ ସୁଧାରିବା ସହ ଏହି ସବୁ ସମସ୍ୟାକୁ ସମାଧାନ କରିବାକୁ ଚାହିଁଥାଏ । ଧର୍ମଶାସ୍ତ୍ର ଏଭଳି ଦୃଷ୍ଟିକୋଣକୁ ନିରର୍ଥକ ଏବଂ ପଥଭ୍ରଷ୍ଟ ବୋଲି ବର୍ଣ୍ଣନା କରେ । କିନ୍ତୁ ନ୍ୟାୟିକ ବର୍ଣ୍ଣନାରେ, କ୍ଷମତା ସମାନତା ଆଣେ । ଧର୍ମଶାସ୍ତ୍ର ଅନୁଯାୟୀ, ଆମେ କିଭଳି ସାଧୁ, ନିଷ୍ପକ୍ଷ ତଥା ସମାନ ହେବୁ ତାହା ଜ୍ଞାନ ଆମକୁ ଅନୁଭବ କରାଇଦିଏ । ଆମେ ଯାହା ସେଭଳି ହେବା ଲାଗି ଅନ୍ୟ କାହା ଉପରେ ବଳ ପ୍ରୟୋଗ କରିପାରିବୁ ନାହିଁ । ନ୍ୟାୟ ଶାସ୍ତ୍ର ଆଧାରରେ ଥିବା ଭୌତିକ ଶକ୍ତି ଏବଂ ଧର୍ମଶାସ୍ତ୍ରକୁ ଭିତ୍ତି କରି ରହିଥିବା ଆଧ୍ୟାତ୍ମିକ ଶକ୍ତି ମଧ୍ୟରେ ଥିବା ସଂଶୟ ହିନ୍ଦୁ ପୁରାଣକଥାର ଗରୁଡ଼ଙ୍କ କାହାଣୀରେ ଦେଖିବାକୁ ମିଳେ । ଗରୁଡ଼ ତିନି ବିଶ୍ୱକୁ ଭ୍ରମଣ କରିଛନ୍ତି । ଏହି ତିନି ବିଶ୍ୱ ମଧ୍ୟରୁ ଗୋଟିଏ ଆକାଶ ଉପରେ( ସ୍ୱର୍ଗ), ଅନ୍ୟଟି ପୃଥିବୀ ତଳେ (ପାତାଳ) ଓ ଆଉ ଗୋଟିଏ ରହିଛ ଏହି ଦୁଇଟି ମଧ୍ୟରେ(ମର୍ତ୍ତ୍ୟ) । ତିନୋଟି ବିଶ୍ୱ ଭ୍ରମଣ କରିବା ସମୟରେ ଗରୁଡ଼ ଦୁଇଟି ଜିନିଷ ଦେଖିଲେ, ଯାହା ତାଙ୍କୁ ଖୁବ୍ ଆକର୍ଷିତ କରିଥିଲା ଓ ତାହାର ରହସ୍ୟ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପ୍ରଥମରେ, ଏକ ବୃହତ୍‌କାୟ କଇଁଛ ଏକ ହାତୀ ସହ ଲଢ଼େଇ କରୁଥିଲା ଯାହାକୁ ତାଙ୍କ ପିତା କଶ୍ୟପ ଖାଇବାକୁ କହିଥିଲେ । ଦ୍ୱିତୀୟରେ, ଦଳେ ଋଷି ଏକ ଗଛରେ ତଳକୁ ମୁଣ୍ଡ କରି ଝୁଲି ରହିଥିଲେ, ଯାହାକୁ ତାଙ୍କ ପିତା ରକ୍ଷା କରିବାକୁ କହିଥିଲେ ।



ହିନ୍ଦୁ ପୁରାଣ କଥାରେ କଇଁଛ ଓ ହାତୀ ପୃଥିବୀକୁ ମୁଣ୍ଡେଇ ଧରିବା ଦୃଶ୍ୟ ସ୍ଥିରତାର ପ୍ରତୀକ ବୋଲି ମନେକରାଯାଏ । କିନ୍ତୁ ଏହି କାହାଣୀରେ ଭାଇ ରୂପେ ସେମାନଙ୍କ ସମ୍ପତ୍ତି ଲଢ଼େଇକୁ ସୂଚିତ କରେ । ସମ୍ପତ୍ତି ଲାଗି ଭାଇ –ଭାଇ ମଧ୍ୟରେ କଳି ଭାରତ ଏବଂ ମଧ୍ୟପ୍ରାଚ୍ୟ ପୁରାଣଗୁଡ଼ିକରେ ଏକ ସାଧାରଣ କଥା । ରାମାୟଣ ବର୍ଣ୍ଣନା କରେ, ସମ୍ପତ୍ତି ପାଇଁ ବାଳି ଓ ସୁଗ୍ରୀବଙ୍କ କଳି ଏବଂ ରାବଣ ଓ କୁବେରଙ୍କ ଲଢ଼େଇର କାହାଣୀ । ମହାଭାରତ କହେ, ପାଣ୍ଡବ ଓ କୌରବଙ୍କ ମଧ୍ୟରେ ସମ୍ପତ୍ତି ଲାଗି ହୋଇଥିବା ଭୀଷଣ ଯୁଦ୍ଧର କାହାଣୀ । ଏମାନଙ୍କ ପୂର୍ବରୁ ଉତ୍ତରାଧିକାର ଲାଗି ପୁରୁ ଓ ଯଦୁଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ କଥା ମହାଭାରତରେ ଉଲ୍ଲେଖ ରହିଛି । ଗରୁଡ଼ ଏବଂ ନାଗମାନେ ମଧ୍ୟ ଭାଇ ଥିଲେ । ଏମାନେ ଥିଲେ କଶ୍ୟପଙ୍କ ଦୁଇ ସ୍ତ୍ରୀଙ୍କର ସନ୍ତାନ । ଏଣୁ ଆମେ ସମସ୍ତେ କଶ୍ୟପଙ୍କ ବଂଶଜ ହୋଇଥିବାରୁ ଏହି ପୃଥିବୀରେ ସବୁ ଜୀବ ପରସ୍ପର ଭାଇ ଭାଇ । ବ୍ରହ୍ମାଙ୍କ ପୁତ୍ର କଶ୍ୟପ ହିଁ ସମସ୍ତଙ୍କର ପୂର୍ବଜ । ପୃଥିବୀରେ ଆମେ ସମସ୍ତେ ଗୋଟିଏ ବଂଶର ଦାୟାଦ ଓ ପୃଥିବୀ ଉପରେ ବଢୁଛୁ, ପୃଥିବୀରୁ ଖାଉଛୁ । ଆମେ ପରସ୍ପର ଉପରେ ନିର୍ଭର କରୁଛୁ ଓ ପରସ୍ପରକୁ ଖାଉଛୁ । ଏଠି କିଛି ପାଇବା ଲାଗି କ୍ଷୁଧା ବଢ଼ିଯାଇଛି ଓ ଆମକୁ ଅତି ଲୋଭ ଘାରିଛି । ଆମେ ଭାଇମାନଙ୍କ ସହ ଲଢ଼େଇରେ ସମୟ ବିତାଉଛୁ । ଆମେ ସେମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରି ସେମାନଙ୍କୁ ଲୋପ କରିଦେବାକୁ ଚହୁଁଛୁ । ପରିବାର ବିରୋଧୀ ହିଂସାକୁ ନ୍ୟାୟୋଚିତ ମନେକରି ଏହାକୁ ଠିକ୍ କହୁଛୁ । ଠିକ୍ କି ଭୁଲ୍ ହେଉ, ହିଂସା ହିଁ ହିଂସା । ଏହା ଆମକୁ ପୁନର୍ଜନ୍ମ ଚକ୍ରରେ, ବନ୍ଧନ ଏବଂ ଯନ୍ତ୍ରଣାର ବିଶ୍ୱରେ ବାନ୍ଧି ଦେବା ସହ ଏକ ବୃହତ୍ ବିଚାର କିମ୍ବା ଦୃଶ୍ୟରୁ ଲକ୍ଷ୍ୟଚ୍ୟୁତ କରିଦେଉଛି ।

ବୃକ୍ଷର ଶାଖାପ୍ରଶାଖାରୁ ଋଷିମାନେ ମୁଣ୍ଡ ତଳକୁ କରି ଝୁଲି ରହିବା ଦୃଶ୍ୟ ଜନ୍ମ ପୂର୍ବରୁ ଜୀବନ ଏବଂ ମୃତ୍ୟୁ ପର ଜୀବନକୁ ସ୍ପଷ୍ଟ ସୂଚିତ କରୁଛି । କାହାଣୀରେ, ସେହି ଋଷିମାନଙ୍କୁ କ୍ଷୁଦ୍ର କୀଟ ସଦୃଶ ଋଷି ବାଳଖିଲ୍ୟ ଭାବେ ନାମିତ କରାଯାଇଛି । ମୁଣ୍ଡ ତଳକୁ କରି ଝୁଲି ରହିଥିବା ବାଳଖିଲ୍ୟ ଏକ ପ୍ୟୁପା କିମ୍ବା କୋଷସ୍ଥ କୀଟର ଏକ ଉଦାହରଣ ହୋଇପାରେ ; ଯେଉଁଥିରୁ କୀଟଟି ପୁନର୍ଜନ୍ମ ଲାଭ କରିଥାଏ । ଅନେକ ପୁରାଣ କଥାରେ ରୁଷିମାନେ ପୂର୍ବଜ ଦୃଷ୍ଟିକୋଣକୁ ଭିନ୍ନ ରୂପେ ଦେଖିଥାନ୍ତି । ସେମାନଙ୍କ ମତରେ ଘନ ଅନ୍ଧକାରମୟ ତଥା ଅତଳକୁ ଲମ୍ବିଥିବା ଗର୍ତ୍ତ ଉପରେ ଏକ କାଠଗଣ୍ଡିରୁ ମୁଣ୍ଡ ତଳକୁ କରି ପିତୃଗଣ ଝୁଲନ୍ତାବସ୍ଥାରେ ରହିଥାନ୍ତି । ଏହି ଭୟଙ୍କର ସ୍ଥାନ ନିଃସନ୍ତାନମାନଙ୍କ ପାଇଁ ଏକ ନର୍କ । ଯେଉଁମାନେ ପୃଥିବୀରେ ଜନ୍ମ ନେଇଥାନ୍ତି ଓ ସନ୍ତାନର ପିତାମାତା ହୋଇ ନ ଥାନ୍ତି ସେମାନେ ଯମଲୋକରେ ପୁନର୍ଜନ୍ମ ଲାଭ କରିଥାନ୍ତି । ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କୁ ବଢ଼ାଇବା ଦ୍ୱାରା ପିତୃଋଣ ପରିଶୋଧ କରାଯାଇଥାଏ ।

ଏବେ ପୃଥିବୀରେ ଭ୍ରାତୃକଳହ ଉପରେ ଗୁରୁତ୍ୱ ଦେବା ଭୌତିକବାଦକୁ ପ୍ରତିପାଦିତ କରୁଛି । ପୁନର୍ଜନ୍ମ ଅପେକ୍ଷାରେ ରହିଥିବା ପୂର୍ବଜଙ୍କ ଯନ୍ତ୍ରଣା ଉପରେ ଦୃଷ୍ଟି ଦେବା ଆଧ୍ୟାତ୍ମିକତା ଏବଂ ମୃତ୍ୟୁ ଓ ଏହା ପରଜୀବନାବସ୍ଥାକୁ ପ୍ରକାଶ କରୁଛି । ମାନବ ଜୀବନର ଗୂଢ଼ ରହସ୍ୟ ସ୍ପଷ୍ଟ କରିବା ଲାଗି ଗରୁଡ଼ ଉଚିତ୍ ସ୍ଥାନରେ ସ୍ଥାନିତ ହୋଇଛନ୍ତି । ମଣିଷ କ'ଣ ଭାଇମାନଙ୍କ ଉପରେ ଅଧିକ ଶକ୍ତି ଦେଖାଇ ସେମାନଙ୍କ ପରାଭୂତ କରିବା ଭଳି ବ୍ୟର୍ଥ ପ୍ରତିଦ୍ୱନ୍ଦ୍ୱିତାରେ ଜୀବନ ବିତାଇଦେବା ଉଚିତ କି ? ଏହି ଜୀବନ କ୍ଷଣଭଙ୍ଗୁର ବୋଲି ଅନୁଭବ କରିବା ସହ ପୂର୍ବ ଏବଂ ପର ଜୀବନର ଅସୀମତା ଉପରେ ଧ୍ୟାନ ଦେବା ଉଚିତ କି ? ମୃତ୍ୟୁପରେ ମୃତକଙ୍କର କ'ଣ ହୁଏ ? ଜୀବନରେ ଯେଉଁମାନେ ନ୍ୟାୟ ଓ ଅନ୍ୟାୟ ପ୍ରତି ଅତ୍ୟଧିକ ଆସକ୍ତ ସେମାନଙ୍କର କ'ଣ ଘଟିଥାଏ । ସମ୍ଭବତଃ ବିଷ୍ଣୁଙ୍କ ପାଖରେ ଏହାର ଉତ୍ତର ରହିଥିଲା । ତିନି ବିଶ୍ୱର ବିଭିନ୍ନ ବ୍ୟାପାରରେ ଜଡ଼ିତ ରହି ମଧ୍ୟ ବିଷ୍ଣୁଙ୍କ ଓଠରେ ଏକ ଦିବ୍ୟ ହସ ଉକୁଟି ଉଠୁଥିବା ଦେଖି ସେ ସଦାସର୍ବଦା ଶାନ୍ତିରେ ରହିଥିବା ଗରୁଡ଼ ଜାଣି ପାରିଥିଲେ । ସେଥିପାଇଁ ଗରୁଡ଼ ବିଷ୍ଣୁଙ୍କୁ ଜୀବନ ଓ ମୃତ୍ୟୁ ସମ୍ପର୍କରେ ପଚାରିଥିଲେ ଏବଂ ବିଷ୍ଣୁଙ୍କ ଉତ୍ତରରୁ ଜନ୍ମ ନେଇଥିଲା ବିଷ୍ଣୁ ପୁରାଣ ।

devduttofficial@gmail.com

## ଭାଷାର ମର୍ଯ୍ୟାଦା: ସଂସଦରୁ ସଡ଼କଯାଏ



ନଗେନ୍ଦ୍ର ନାଥ ପଟ୍ଟନାୟକ

ବର୍ଣ୍ଣମାଳାକୁ ଶବ୍ଦ, ଶବ୍ଦ ସମୂହକୁ ବାକ୍ୟ ଓ ବାକ୍ୟ ସମୁଦାୟକୁ ଭାଷା କହନ୍ତି । ସୁତରାଂ ଭାଷା ବ୍ୟକ୍ତିର ପରିଚୟ । ଭାଷା କ୍ଷେତ୍ରରେ ବେଶ୍ ମହତ୍ତ୍ୱ ରଖେ ଶବ୍ଦ । ଶବ୍ଦମାଳାର ଠିକ୍ ତଥା ଯଥାର୍ଥ ପ୍ରୟୋଗ ତଥା ଚୟନରେ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ ଜାଣିହୁଏ । ଗୀତାରେ କୁହାଯାଇଛି– ଅକ୍ଷରବ୍ରହ୍ମ ଅର୍ଥାତ୍ ଅକ୍ଷର ହିଁ ବ୍ରହ୍ମ । ସୁତରାଂ ଶବ୍ଦର ସାର୍ଥକତା ଓ ତା'ର ଆତ୍ମା ହିଁ ଏହାର ମର୍ମ । ଯେଉଁ ବ୍ୟକ୍ତି ଶବ୍ଦଗୁଡ଼ିକର ପ୍ରକୃତ ଅର୍ଥକୁ ଜାଣେ ଆଉ ବୁଝେ, ସିଏ ଜୀବନରେ ସଫଳତା ସାଉଁଟିଥାଏ । ନଚେତ୍ ଶବ୍ଦଗୁଡ଼ିକର ବୁଢ଼ିଆଣୀ ଜାଲରେ ଫସିଯାଏ ସେ ।

ଯେକୌଣସି ଭାଷାରେ ସ୍ୱଦେଶୀ–ବିଦେଶୀ ଶବ୍ଦଗୁଡ଼ିକର ଆତଯାତ ଲାଗି ରହିଥାଏ, ଯାହାକି ଭାଷାର ପ୍ରୟୋଗ ଦୃଷ୍ଟିରୁ କେବେ ପୂରା ନିର୍ଭୁଲ ହୋଇଥାଏ ତ ପୁଣି କେବେ ଭାଷାକୁ କଦର୍ଥ ଓ ବିକୃତ କରିଦିଏ । ଭାଷା ଆମକୁ ଯୋଡ଼ିଥାଏ ଏବଂ ଏହି ଭାଷା ହିଁ ଅନେକ ବିଭେଦ ତଥା ବିଚ୍ଛିନ୍ନତାବାଦ ଚିନ୍ତାଧାରା ସୃଷ୍ଟିକରେ । ବାସ୍ତବ ମର୍ମରେ ବିଚାରିଲେ ଭାଷା ଆମକୁ ଏକତା ରଜ୍ଜୁକୁ ତୁଟେଇବା ନୁହେଁ ବରଂ ବାନ୍ଧି ରଖିବାରେ ବିଶେଷ ଭାବେ ସହାୟକ ହୋଇଥାଏ ।

ଏକଥା ଅନସ୍ୱୀକାର୍ଯ୍ୟ ଯେ, ଶବ୍ଦ ଶୂନ୍ୟ ହୋଇଗଲେ ଅବା ଭାଷାର ବିଚାର ମନକୁ ଆଚ୍ଛନ୍ନ ନ କଲେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବା ନିଶ୍ଚିତ । ସୁତରାଂ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା । ତେଣୁ ବ୍ୟକ୍ତିକୁ କେବଳ ଭାଷାମାର୍ଗକୁ ହିଁ ଉନ୍ମୁକ୍ତ ରଖିବାକୁ ପଡିବ । ଅତଏବ ପରସ୍ପର ଭିତରେ ଭାବ ବିନିମୟ, ତଥ୍ୟ ଆଦାନପ୍ରଦାନକୁ ସଦାସର୍ବଦା ଜୀବନ୍ତ ରଖିବାକୁ ହେବ । ଶବ୍ଦ ଆଉ ଭାଷା ହିଁ ଆମର ଜୀବନଦାତା, ମାତ୍ର ବୈଦ୍ୟୁତିକ ଗଣମାଧ୍ୟମ ହେତୁ ଏ ଇ–ଯୁଗରେ ଶବ୍ଦର ଗରିମା ତଥା ମର୍ଯ୍ୟାଦା ପ୍ରତି ପ୍ରଶ୍ନଚିହ୍ନ ସୃଷ୍ଟି ହୋଇଥାଏ । ତେବେ ଅଧିକାଂଶ ସମୟରେ ସାମାଜିକ ଗଣମାଧ୍ୟମ ଅପଶବ୍ଦର ଆଖଡ଼ାସ୍ଥଳ ବନିଯାଆନ୍ତି । ପଦ–ପ୍ରତିଷ୍ଠା ଓ ଗରିମାକୁ ଦୃଷ୍ଟିରେ ନ ରଖି ବ୍ୟକ୍ତି ଅଜାଣତରେ ଏବଂ ଅଲକ୍ଷ୍ୟରେ କାହିଁ କେତେ କଥା କହିପକାଏ । ଭାଷାରେ ଶବ୍ଦର ମର୍ଯ୍ୟାଦା ତଥା ଗରିମା ଯୋଗୁ ବ୍ୟକ୍ତିତ୍ୱ ଆକର୍ଷଣୀୟ ହୋଇଯାଏ । ଭାରତୀୟ ସଂସଦ ଏକ ଗଣତାନ୍ତ୍ରିକ ମନ୍ଦିର । ଯେମିତି ଆମେ ଈଶ୍ୱରଙ୍କ ଦେବାଳୟ, କୌଣସି ତୀର୍ଥସ୍ଥଳ ଅଥବା ଧର୍ମସ୍ଥଳକୁ ନେଇ କିଛି ଅପଶବ୍ଦ ପ୍ରୟୋଗ କରୁନା ଠିକ୍ ସେମିତି ସଂସଦରେ ଅପଶବ୍ଦ ବ୍ୟବହାର କରିବା ଅନୁଚିତ ।

ଏଇ କଥାକୁ ନେଇ ମୋଦି ସରକାର ବିଗତ କିଛିଦିନ ଧରି କିଛିଟା ହିନ୍ଦୀଶବ୍ଦ ଆଉ କିଛି ପ୍ରାନ୍ତୀୟ ଭାଷା ତଥା ବିଦେଶୀ ଶବ୍ଦଗୁଡିକୁ ସଂସଦରେ ପ୍ରୟୋଗ ନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ସେଗୁଡ଼ିକୁ ଅଭଦ୍ର ଅଶାଳୀନ ଶବ୍ଦସୂଚୀରେ ଅନ୍ତର୍ଭୁକ୍ତ କରିଥିଲେ । ଯେମିତିରେ ତ ଏହାଦ୍ୱାରା ଯେକୌଣସି ରାଜନୈତିକ ଦଳକୁ ମତଭେଦ ସୃଷ୍ଟି କରିବାର ଆବଶ୍ୟକତା ପଡ଼ିବ ନାହିଁ । ବରଂ ଏସବୁ ଭାଷା ପ୍ରୟୋଗ ତଥା ଶବ୍ଦ ସଂରଚନା ସମସ୍ତଙ୍କ ପାଇଁ ସମଭାବରେ ଲାଗୁ କରାଯିବାର ଆବଶ୍ୟକତା ରହିଛି । ଏକଥା ବିଚାରକୁ ନେବାକୁ ପଡ଼ିବ ଯେ ଭାଷା ଏକ ନିୟମାବଦ୍ଧ ବ୍ୟବସ୍ଥା । ବାସ୍ତବରେ ଖାଲି ଭାଷା କାହିଁକି, ଜନସାଧାରଣ ଓ ଜୀବନ ସବୁକିଛି ନିୟମକାନୁନରେ ବନ୍ଧା । ଯେଉଁଠି ପ୍ରଚଳିତ ନିୟମ ଓ ବ୍ୟବସ୍ଥାର ବ୍ୟତିକ୍ରମ ଘଟେ, ସେଇଠି ଜଙ୍ଗଲରାଜ କାୟା ବିସ୍ତାର କରିଚାଲେ ।

ଭାଷାରେ ଶବ୍ଦପୁଞ୍ଜ ଯାଦୁର ସ୍ପର୍ଶ ଥାଏ । ସେଥିପାଇଁ ଉତ୍ତମ ଶବ୍ଦଗୁଡିକ ବ୍ୟବହାର କରୁଥିବା ବ୍ୟକ୍ତିକୁ ଅଳଂକର୍ତ୍ତା କୁହାଯାଏ । ଶବ୍ଦପୁଞ୍ଜର ମହିମା ଓ ଗରିମାକୁ ଆମେସବୁ ଜାଣିବା ତଥା ବୁଝିବା ଦରକାର । ମର୍ଯ୍ୟାଦାବିହୀନ ଭାଷା ସାଧାରଣ ଜନତାଙ୍କ ପାଇଁ ଗ୍ରହଣଯୋଗ୍ୟ ହୁଏନା କି ରାଜନୈତିକ ତଥା ସାମାଜିକ ଜୀବନରେ ସମାଦୃତ ମଧ୍ୟ ହୁଏନାହିଁ । ଏଥିପାଇଁ ଆମକୁ ପାଦକୁ ପାଦ ମିଶାଇ ଆଗକୁ ବଢ଼ିବାର ଆବଶ୍ୟକତା ରହିଛି । ସଂସଦରୁ ଆରମ୍ଭ କରି ରାଜରାସ୍ତା ପର୍ଯ୍ୟନ୍ତ ମର୍ଯ୍ୟାଦାହୀନ, ଅଭଦ୍ର ଓ ଅଶ୍ରାବ୍ୟ ଶବ୍ଦଗୁଡ଼ିକୁ ନେଇ ବୟାନବାଜିରୁ କେବଳ ରାଜନେତା ନୁହେଁ, ଆମେ ସମସ୍ତେ ମଧ୍ୟ ସେଥିରୁ ବର୍ତ୍ତିବା ଜରୁରୀ ମନେହୁଏ । ଭାଷାର ସୁଖଦ ତଥା ସହଜ ପ୍ରୟୋଗର ସଚେତନତା ସାଧାରଣ ଲୋକଙ୍କ ମନରେ ସୃଷ୍ଟି କରିବାକୁ ପଡିବ । ଭାଷା କେବଳ ବ୍ୟକ୍ତି ନୁହେଁ, ଜନନୀ ଜନ୍ମଭୂମି ତଥା ରାଷ୍ଟ୍ରର ପରିଚୟ । ଭାଷା ଦ୍ୱାରା ଆମର ଗୌରବ ଗରିମା ବୃଦ୍ଧିପାଏ ଏବଂ ଏଥିରେ ବିବାଦ ମୁଣ୍ଡ ଟେକି ନଥାଏ । ତେବେ ସେ ଯାହାହେଉ, ବ୍ୟକ୍ତିକୁ ଉନ୍ମୁକ୍ତ, ଖୋଲା ମନରେ ସ୍ୱଚ୍ଛ, ସାର୍ଥକ, ଉପଯୁକ୍ତ, ସୁସ୍ପଷ୍ଟ ତଥା ମର୍ଯ୍ୟାଦାସମ୍ପନ୍ନ ଶବ୍ଦଗୁଡ଼ିକ ପ୍ରୟୋଗ କରିବା ଉଚିତ ମନେହୁଏ । ଏହା ହିଁ ଆମ ରାଷ୍ଟ୍ର ତଥା ରାଷ୍ଟ୍ରଭାଷାର ବାସ୍ତବ ପରିଚୟ ।

ମୋ: ୯୪୩୮୩୩୨୧୩୮

## ଏଇ ଭାରତରେ

ମୁମ୍ବାଇର କଲ୍ୟାଣ ରେଳ ଷ୍ଟେସନକୁ ଗଲେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ପାଇବେ । ସେଠାରେ ଟ୍ରାନ୍ସଜେଣ୍ଡରମାନେ ଗରିବମାନଙ୍କୁ ଜଳଖିଆ ଓ ମଧ୍ୟାହ୍ନ ଭୋଜନ (ଲଞ୍ଚ) ଦେଉଛନ୍ତି । ଜଳଖିଆ ଲାଗି ୧ ଟଙ୍କା ଓ ଲଞ୍ଚ ପାଇଁ ସେମାନଙ୍କୁ ମାତ୍ର ୧୦ ଟଙ୍କା ଦେବାକୁ ପଡୁଛି । ଲଞ୍ଚରେ ଭାତ, ଡାଲି, ରୁଟି ଓ ପରିବା ତରକାରି ଦେଉଛନ୍ତି । ଆଜିକା ଯୁଗରେ ବାସ୍ତବରେ ଏତେ ଶସ୍ତାରେ କିନ୍ନରମାନେ ଗରିବଙ୍କୁ ଖାଇବାକୁ ଦେବା ଏକ ମହତ ସେବା । ପାଖାପାଖି ୫,୦୦୦ କିନ୍ନର 'ଖୱିଶ' ସଂସ୍ଥାରେ ରହି ଏହାକୁ ସଞ୍ଚାଳନ କରୁଛନ୍ତି । ଏହି ସଂସ୍ଥାକୁ ପୁନମ ଆମ୍ବା ପ୍ରତିଷ୍ଠା କରିଥିଲେ । ଖାଦ୍ୟ ପାଇଁ ସେମାନେ ଅନୁଦାନ ସଂଗ୍ରହ କରୁଛନ୍ତି ସତ କିନ୍ତୁ ତାହା ପର୍ଯ୍ୟାପ୍ତ ନ ହେବାରୁ ନିଜ ହାତରୁ ବ୍ୟୟ କରୁଛନ୍ତି । ପ୍ରତିଦିନ ଭିନ୍ନ ଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ସେମାନେ ରୋଷେଇ କରିବାଠାରୁ ଆରମ୍ଭ କରି ଖାଦ୍ୟ ବଣ୍ଟନ ଆଦି କାର୍ଯ୍ୟ କରୁଛନ୍ତି । ପ୍ରଥମ ଦିନ ସେମାନେ ୧୫୦ ଲୋକଙ୍କୁ ଖାଇବାକୁ ଦେଇଥିଲେ । ଏବେ ତାହା ବୃଦ୍ଧି ପାଇ ୫୫୦ରେ ପହଞ୍ଚିଲାଣି । କେବଳ ଏତିକି ନୁହେଁ ଗରିବଙ୍କ ଶିକ୍ଷା ଓ କୌଶଳ ବିକାଶ ପାଇଁ କିନ୍ନରମାନେ କାମ କରୁଛନ୍ତି । ସମୀର ଶେଖ୍ ଖୱିଶ ସଂସ୍ଥାର ସମ୍ପାଦକ ରହିଛନ୍ତି । ପ୍ରଥମେ ଏହି ସଂସ୍ଥା ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳର ୪,୦୦୦ ପିଲାଙ୍କୁ ୨୦୨୧ରେ ପ୍ରଥମେ ସ୍କୁଲ ଉପକରଣ ଦେଇ ସେବା କାର୍ଯ୍ୟ ଆରମ୍ଭ କରିଥିଲା ।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୨୨ ସେପ୍ଟେମ୍ବର ୧୯୯୭

- ପାଟନା ସହରର କାଇଦରଘା ନିକଟସ୍ଥ ପୋଣ୍ଟୁନ ବନ୍ଧଠାରେ ଗଙ୍ଗାନଦୀରେ ଏକ ଦେଶୀ ନୌକା ବୁଡ଼ିଯିବା ଫଳରେ ୯୦ ଯାତ୍ରୀ ନିଖୋଜ ।
- ଜାମ୍ମୁ ଅଞ୍ଚଳର କିସ୍ତୱର ସହର ନିକଟରେ ଏକ ବସ୍ ରାସ୍ତା ପାର୍ଶ୍ୱରେ ଥିବା ଖାଲକୁ ଖସିପଡ଼ିବା ଫଳରେ ୧୯ ମୃତ ।
- କେନ୍ଦୁଝର ସଦର ମହକୁମାଠାରୁ ୧୦୫ କିଲୋମିଟର ଦୂରରେ ଥିବା ଶାଳଦେଇ ଘାଟରେ ଏକ ନୌକା ବୁଡ଼ିଯିବା ଫଳରେ ୧୫ ଜଣ ଯାତ୍ରୀଙ୍କ ମୃତ୍ୟୁ ଆଶଙ୍କା ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | 1 | 3 | |
| 1 | 8 | | | | | | 9 | |
| | 5 | 6 | 8 | | | | | |
| | 9 | | | 1 | 7 | | | |
| | | | 2 | | | | | 5 |
| | | 4 | | | 6 | | | |
| | | | 1 | | | 2 | | |
| 8 | | | | 6 | | | | |
| 2 | | 3 | | 4 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 6 | 8 | 9 | 3 | 5 | 1 | 7 |
| 7 | 3 | 8 | 5 | 1 | 4 | 2 | 9 | 6 |
| 5 | 1 | 9 | 6 | 7 | 2 | 3 | 4 | 8 |
| 1 | 7 | 4 | 9 | 6 | 5 | 8 | 3 | 2 |
| 3 | 8 | 5 | 4 | 2 | 7 | 9 | 6 | 1 |
| 9 | 6 | 2 | 3 | 8 | 1 | 7 | 5 | 4 |
| 6 | 9 | 1 | 2 | 3 | 8 | 4 | 7 | 5 |
| 8 | 4 | 7 | 1 | 5 | 9 | 6 | 2 | 3 |
| 2 | 5 | 3 | 7 | 4 | 6 | 1 | 8 | 9 |

ଗତକାଲିର ଉତ୍ତର

# ମନ୍ଦିରରେ ମହାତ୍ମା



ଡ. ପ୍ରଫୁଲ୍ଲ କୁମାର ସାହୁ

ସତ୍ୟ ଓ ଅହିଂସାର ଉପାସକ ମହାତ୍ମା ଗାନ୍ଧୀ । ତାଙ୍କ ବାଣୀରେ କେବଳ ପ୍ରାଚୀନ ଭାରତୀୟ ଋଷି ପ୍ରାଣର ଦର୍ଶନ ନୁହେଁ, ସେଥିରେ ଝଙ୍କାର ତୋଳେ ପ୍ରାଚୀନ ଗ୍ରୀକ୍ ଓ ରୋମୀୟ ପ୍ରଜ୍ଞାର ବୃତ୍ତାନ୍ତ ଦ୍ୟୁତି । ଏଡ୍‌ୱାର୍ଡ ଥମସନଙ୍କ ଭାଷାରେ ସକ୍ରେଟିସଙ୍କ ପରେ ଗାନ୍ଧୀ ହିଁ ସଂସ୍କାର, ଆତ୍ମ ସଂଯମ ଓ ଆତ୍ମ ବିଶ୍ୱାସର ଦ୍ୱିତୀୟ ମଣିଷ । ଆଇନଷ୍ଟାଇନଙ୍କ ଭାଷାରେ ସେ ମାନବାତ୍ମାର ବୃତ୍ତାନ୍ତ ପ୍ରକାଶ । ରୋମାରୋଲାଁ କହନ୍ତି– ପ୍ରଭୁ ଯିଶୁ ମହାତ୍ମା ଗାନ୍ଧୀ ରୂପରେ ପୁନର୍ବାର ଜନ୍ମ ନେଇଛନ୍ତି ଆଧ୍ୟାତ୍ମିକ ସଂସ୍କୃତିର ଦେଶ ଭାରତରେ । ବର୍ଣ୍ଣାଡ ଶ'ଙ୍କ ଭାଷାରେ ହିମାଳୟ ଓ ଗାନ୍ଧିଜୀ ମଧ୍ୟରେ ଥିବା ବିଶାଳ ଧାରଣା ମଧ୍ୟରେ ସାମାନ୍ୟତମ ପ୍ରଭେଦ ନାହିଁ । ଯୁକ୍ତରାଷ୍ଟ୍ର ଆମେରିକାର ମାର୍ଟିନ ଲୁଥର, ଜାମ୍ବିଆର କେନିଥ କାଉଣ୍ଡା, ଦକ୍ଷିଣ ଆଫ୍ରିକାର ନେଲସନ ମାଣ୍ଡେଲା ପ୍ରମୁଖ ବିଶ୍ୱର ବହୁ ବରେଣ୍ୟ ବ୍ୟକ୍ତି ଥିଲେ ଗାନ୍ଧିଜୀଙ୍କ ଅନୁରକ୍ତ ଗୁଣଗ୍ରାହୀ । ସେମାନଙ୍କ ମତରେ, ଉଚ୍ଚାରଣ ଓ ଆଚରଣରେ ଏମିତି ସମନ୍ୱୟ ବିଶ୍ୱ ଇତିହାସରେ ବିରଳ ।

କୁହାଯାଏ ବୁଦ୍ଧ ଓ ଗାନ୍ଧୀ କରୁଣା ବିଗଳିତ ସତ୍ତାର ଦୁଇ ଦୁଇଟି ଶୁଭ୍ର କିରଣ । ବୁଦ୍ଧଙ୍କ ପ୍ରତି ତାଙ୍କ ଶିଷ୍ୟମାନଙ୍କର ଯେମିତି ଅଲୌକିକ ଆକର୍ଷଣ ଥିଲା, ସେହି ଅଲୌକିକ ଆକର୍ଷଣ ନେଇ ଗାନ୍ଧୀ ହୋଇଗଲେ କୋଟି ଭାରତୀୟଙ୍କ ମଉଡମଣି ଗାନ୍ଧିଜୀ । ସମସ୍ତଙ୍କର ପ୍ରିୟ ବାପୁ । ନିଜ ବ୍ୟକ୍ତିତ୍ୱ, ନେତୃତ୍ୱ, ଆଦର୍ଶ ଓ ତ୍ୟାଗ ବଳରେ ମଣିଷରୁ ମହାମାନବ ଓ ଶେଷରେ ମହାତ୍ମା ପାଲଟିଯାଇ ବ୍ୟକ୍ତିରୁ ହୋଇଗଲେ ଏକ ବିଚାର । ସେ ବିଚାର ହେଉଛି ସବୁ ସମସ୍ୟାର ସର୍ବକାଳୀନ ଉପଚାର । ସେଥିପାଇଁ କୁହାଯାଏ ଗାନ୍ଧୀ ବିଚାର ହେଉଛି ସମୟର ଏକ ପ୍ରବହମାନ ଧାରା ।

ଗାନ୍ଧୀ ବିଚାର ବା ଗାନ୍ଧୀବାଦର ମୂଳକଥା ହେଉଛି ସତ୍ୟ ପ୍ରତି ପ୍ରଗାଢ଼ ନିଷ୍ଠା ଓ ବୈଚାରିକ ନିରପେକ୍ଷତା । ତାଙ୍କ ପାଇଁ ସତ୍ୟ ଓ ଭଗବାନ ଏକ ଓ ଅଭିନ୍ନ । ସେ କହୁଥିଲେ ହିଂସାରେ ଭୟ ଥାଏ, ମାତ୍ର ଅହିଂସାରେ ବଡ଼େ ନିର୍ଭୀକତା । ତେଣୁ ଯେଉଁମାନେ ଆମକୁ ଘୃଣା କରନ୍ତି ତାଙ୍କୁ ଶ୍ରଦ୍ଧା କରିବା ଉଚିତ । ତାହା ହିଁ ପ୍ରକୃତ ଅହିଂସା । ସେହି ଅହିଂସାକୁ ଅସ୍ତ୍ର କରି ଦକ୍ଷିଣ ଆଫ୍ରିକାରୁ ଭାରତ ପର୍ଯ୍ୟନ୍ତ ଇଂରେଜ ଶାସନ ବିରୋଧରେ ସେ ପ୍ରାଣମୂର୍ଚ୍ଛା ଲଢ଼ିଲେ । ତାଙ୍କର ଜୀବନ ଥିଲା ସତ୍ୟ ଓ ଅହିଂସାର ଏକ ପ୍ରୟୋଗଶାଳା । ମାନବତାର ସଂକଳ୍ପ ତାଙ୍କୁ ନେଇ ପହଞ୍ଚେଇ ଦେଲା ଦେବତାର ସୋପାନରେ । ତେଣୁ ଅସହଯୋଗ ଆନ୍ଦୋଳନ ପରେ ସାରା ଦେଶ ତାଙ୍କୁ ଅବତାର ଭାବି ପୂଜା କଲା ଏବଂ ଏ କ୍ଷେତ୍ରରେ ଓଡ଼ିଶା ଥିଲା ସବା ଆଗରେ ।

ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ (୨୩।୩।୧୯୨୧) ପରେ ସାରା ରାଜ୍ୟରେ ପ୍ରସରିଗଲା ଗାନ୍ଧୀ ଦେବତାଙ୍କ ଆଦର୍ଶ ଓ ମହିମା । ଗାଁ ଗଣ୍ଡାରେ ପାଳନ ହେଲା ଗାନ୍ଧୀ ଉତ୍ସବ । ଅସହଯୋଗ ଆନ୍ଦୋଳନକୁ ଧର୍ମଯୁଦ୍ଧ ଓ ଅରଟକୁ ସୁଦର୍ଶନ ଚକ୍ର ଆଖ୍ୟା ଦେଲେ ଉତ୍କଳମଣି ଗୋପବନ୍ଧୁ ଦାସ । କଂଗ୍ରେସର ସଭାକୁ ଗାନ୍ଧିସଭା ଏବଂ ସତ୍ୟାଗ୍ରହୀଙ୍କୁ କୁହାଗଲା ଗାନ୍ଧିମଣିଷ । ଗାନ୍ଧୀଙ୍କ ପ୍ରତି ଲୋକଙ୍କ ଏହି ଶ୍ରଦ୍ଧା ଓ ଭକ୍ତି କାରଣରୁ ସୃଷ୍ଟି ହେଲା ଗାନ୍ଧିଠାକୁର,ଗାନ୍ଧିସିଦ୍ଧ, ଗାନ୍ଧିହୁକୁମ,ଗାନ୍ଧିଶିଷ୍ୟ, ଗାନ୍ଧିରାଜା, ଗାନ୍ଧିକଥା, ଗାନ୍ଧିଗୀତ, ଗାନ୍ଧିଟୋପି, ଗାନ୍ଧି ଉପବାସ, ଗାନ୍ଧିଖଦି, ଗାନ୍ଧିପତାକା, ଗାନ୍ଧିଘାଟ, ଗାନ୍ଧିପୋଥି ଏବଂ ଆହୁରି କେତେ କ'ଣ । ଚାରିଆଡ଼େ ବୋଲାଗଲା ଗାନ୍ଧିଗୀତ । ଗାନ୍ଧୀଙ୍କୁ ଯୁଗାବତାର ଭାବେ ଅଭିହିତ କରି ଜାତୀୟ କବି ବୀର କିଶୋର ଦାସ ଲେଖିଲେ–



''ଯୁଗ ଅବତାର ଆସିଛି ସେ ଗାନ୍ଧୀ, ପ୍ରେମ ଡୋରେ ଦେବ ଜଗତକୁ ବାନ୍ଧି ।'' କବି ରାଧାମୋହନ ଗଡ଼ନାୟକ ବି ଲେଖିଛନ୍ତି–''କୃଷ୍ଣ ଆମର, ବୁଦ୍ଧ ଆମର, ଖ୍ରୀଷ୍ଟ ଆମର ବାପୁଜୀ ତମେ ମୃତ୍ୟୁ ବିଜୟୀ ଜୀବନ ତୁମର ଅଜର ଅମର ମର୍ତ୍ତ୍ୟ ଭୂମେ ।''

ବିଶ୍ୱର ବହୁ ବିଦ୍ୱାନଙ୍କ ମତରେ ଗାନ୍ଧୀ ଥିଲେ ଉତ୍ତରିତ ଚେତନାର ଏକ ଶକ୍ତି ପ୍ରବାହ । ସେଥିପାଇଁ ଆତତାୟୀର ଗୁଳିଚୋଟ ଖାଇଲା ପରେ ବି ତାଙ୍କ ମୁହଁରେ ନ ଥିଲା ଭୟ, ଦ୍ୱେଷ, ଘୃଣା କି ଯନ୍ତ୍ରଣାର ଚିହ୍ନ । ଶେଷ ନିଃଶ୍ୱାସ ତ୍ୟାଗ କଲା ବେଳକୁ ବି ଓଠରୁ ଝରୁଥିଲା ରାମ ନାମ । ଗାନ୍ଧିଜୀଙ୍କ ବଳିଦାନ ଥିଲା ସମଗ୍ର ମାନବ ଜାତି ପାଇଁ ଅପୂରଣୀୟ କ୍ଷତି । ସେବେଠାରୁ ତାଙ୍କ କୃତି, କୀର୍ତ୍ତି ଓ ବାଣୀକୁ ନେଇ ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶର କବି,ଲେଖକ,ଗବେଷକ ଓ ଦାର୍ଶନିକଙ୍କ ଦ୍ୱାରା ଲେଖା ହୋଇ ଚାଲିଛି ଲକ୍ଷ ଲକ୍ଷ ଗ୍ରନ୍ଥ । ତାଙ୍କ ଆଦର୍ଶକୁ ଉଜ୍ଜୀବିତ କରି ରଖିବା ପାଇଁ ଦେଶ ଓ ଦେଶ ବାହାରେ ପ୍ରତିଷ୍ଠା ହୋଇଛି ହଜାର ହଜାର ଅନୁଷ୍ଠାନ । ବିଶେଷ କରି ଆମ ଦେଶର ଓଡ଼ିଶା, ତାମିଲନାଡୁ ଓ ତେଲଙ୍ଗାନା ଭଳି ରାଜ୍ୟରେ ଗାନ୍ଧୀ ମନ୍ଦିର ମାନ ନିର୍ମାଣ ହୋଇଛି ଏବଂ ସେଠାରେ ଗାନ୍ଧୀ ଦେବତାଙ୍କ ପୂଜାର୍ଚ୍ଚନା ହେଉଛି ନିୟମିତ ଭାବରେ । ଏଭଳି ଅଭୂତପୂର୍ବ ପରମ୍ପରା ଅନ୍ୟ କେଉଁଠି ନୁହେଁ, ପ୍ରଥମେ ଆରମ୍ଭ ହୋଇଥିଲା ଓଡ଼ିଶାର ସମ୍ବଲପୁର ଜିଲାରେ ।

ଗାନ୍ଧିଜୀଙ୍କର ଆଠଥର ଓଡ଼ିଶା ଗସ୍ତ ଅବସରରେ ସେ ସମ୍ବଲପୁର ଯାଇଥିଲେ ଦୁଇଥର । ପ୍ରଥମେ ୧୯୨୮ରେ ଓ ଦ୍ୱିତୀୟବାର ୧୯୩୪ ମଇ ୫ରେ ପହଞ୍ଚିଥିଲେ ଝାରସୁଗୁଡ଼ାରେ, ସେଠାରୁ ସମ୍ବଲପୁର ଆସି ସନ୍ଧ୍ୟା ୬ଟାରେ ଭାଷଣ ଦେଇଥିଲେ ମହାନଦୀ ପଠାରେ ଆୟୋଜିତ ଏକ ବିରାଟ ସାଧାରଣ ସଭାରେ । ତାଙ୍କ ବକ୍ତବ୍ୟର ପ୍ରମୁଖ ବିଷୟ ଥିଲା ଅସ୍ପୃଶ୍ୟତା ନିବାରଣ ଓ ହରିଜନ କଲ୍ୟାଣ । ସେଦିନ ଗାନ୍ଧିଜୀଙ୍କ ଭାଷଣ ଏତେ ମର୍ମସ୍ପର୍ଶୀ ଥିଲା ଯେ ଲୋକଙ୍କୁ ଲାଗିଲା ତାହା ଯେମିତି ଜଣେ ଐଶ୍ୱରୀୟ ମନ୍ତ୍ରଦାତାର ଅକାଟ୍ୟବାଣୀ । ତା'ର ଯଥାର୍ଥ ରୂପାୟନ ପାଇଁ ତାଙ୍କ ଗସ୍ତର ଚାଳିଶ ବର୍ଷ ପରେ ସମ୍ବଲପୁରରେ ନିର୍ମାଣ ହେଲା ଗାନ୍ଧିମନ୍ଦିର ।

ସମ୍ବଲପୁର ଧନୁପାଲି ନିକଟସ୍ଥ ଭତରାରେ ସୁଦୃଶ୍ୟ ଗାନ୍ଧିମନ୍ଦିର ରହିଛି, ଯାହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ୧୯୭୨ ମାର୍ଚ୍ଚ ୨୩ ରାମନବମୀ ତିଥିରେ । ଏହାର ମୁଖ୍ୟ ପୁରୋଧା ତତ୍କାଳୀନ ରେଢାଖୋଲ ବିଧାୟକ ତଥା ଭତରା ନିବାସୀ ଅଭିମନ୍ୟୁ କୁମାର । ୩୯ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ୧୯୭୪ ଏପ୍ରିଲରେ ସଂପୂର୍ଣ୍ଣ ହୋଇଥିଲା ଏବଂ ସେହିମାସ ୧୧ରେ ମନ୍ଦିର ଉଦ୍‌ଘାଟନ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ।

ମନ୍ଦିରର ଗର୍ଭ ଗୃହରେ ରହିଛି ମହାତ୍ମା ଗାନ୍ଧୀଙ୍କ ତିନି ଫୁଟ ପାଞ୍ଚ ଇଞ୍ଚର ବ୍ରୋଞ୍ଜ ପ୍ରତିମୂର୍ତ୍ତି । ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି ଅନେକ ସ୍ୱାଧୀନତା ସଂଗ୍ରାମୀ । ମନ୍ଦିର ଆଗରେ ଅଶୋକସ୍ତମ୍ଭ ଏବଂ ମନ୍ଦିର ଭିତରେ ରହିଛି ସବୁ ଧର୍ମର ସାଙ୍କେତିକ ଚିହ୍ନ । ଅନ୍ୟ ମନ୍ଦିର ପରି ସବୁଦିନ ଏଠାରେ ଘଣ୍ଟ ଘଣ୍ଟା ବାଜେ, ପୂଜାର୍ଚ୍ଚନା ହୁଏ, ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରାଯାଏ, ମାତ୍ର ମନ୍ତ୍ର ପାଠ ବଦଳରେ ବୋଲାଯାଏ ଗାନ୍ଧିଜୀଙ୍କ ପ୍ରିୟ ଭଜନ ରଘୁପତି ରାଘବ ରାଜାରାମ... । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏଠାରେ ପୂଜା ପାଠ କରନ୍ତି ଜଣେ ହରିଜନ । ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଓ ଗାନ୍ଧି ଜୟନ୍ତୀ ତଥା ତାଙ୍କ ତିରୋଧାନ ଦିବସରେ ସର୍ବଧର୍ମ ସଭାର ଆୟୋଜନ ହୁଏ ଏବଂ ଏଥିରେ ଯୋଗ ଦିଅନ୍ତି ବହୁ ଗାନ୍ଧିବାଦୀ ଓ ବିଶିଷ୍ଟ ଅତିଥିମାନେ । ଶାନ୍ତି, ମୈତ୍ରୀ ଓ ସଦ୍ଭାବନାର ବାର୍ତ୍ତା ବହନ କରୁଥିବା ଏହି ମନ୍ଦିରକୁ ପ୍ରବେଶ କଲେ ମନକୁ ଛୁଏଁ ଗାନ୍ଧୀ ବିଚାର ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

## ପାଠକ ଶ୍ରେଷ୍ଠ ବିଚାରକ

### ଯାତ୍ରୀବାହୀ ଟ୍ରେନ୍ ଚାଲିବ କେବେ

ମହାଶୟ,

ରାଜନେତାମାନେ ବିଫଳ ହେବା ପରେ ଶେଷରେ ରାଜ୍ୟପାଳ ତୁଳସୀ କ୍ଷେତ୍ରକୁ ଯାତ୍ରୀବାହୀ ଟ୍ରେନ୍ ଚାଲୁ ପାଇଁ ଚିଠି ଲେଖିବା ଘଟଣାଟି ନିଶ୍ଚିତ ରୂପେ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ରାପଡ଼ା ଦିନେ ବିଜୁବାବୁଙ୍କର କର୍ମଭୂମି ଥିଲା । ଏହାକୁ ମଧ୍ୟ ଏକଦା ମନ୍ତ୍ରୀପଡ଼ା ବୋଲି କୁହାଯାଉଥିଲା । କିନ୍ତୁ କେନ୍ଦ୍ରାପଡ଼ା ଯେ ଆଜି କେତେ ଅବହେଳିତ, ତାହା ସେଠାକାର ବାସିନ୍ଦା ଅନୁଭବ କରିପାରୁଥିବେ । ଦୀର୍ଘ ଦିନ ପରେ କେନ୍ଦ୍ରାପଡ଼ାକୁ ରେଳ ଲାଇନ୍ ସଂଯୋଗ ହେବା ପରେ ଲୋକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା ଯେ, ରେଳଯାତ୍ରା କରିବାର ସୁଯୋଗ ପାଇବେ । କିନ୍ତୁ ଦୀର୍ଘ ଦିନ ହେଲା ଲାଇନ ସଂଯୋଗ ହୋଇଥିଲେ ହେଁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ନ କରିବାର କାରଣ କେବଳ କର୍ତ୍ତୃପକ୍ଷଙ୍କୁ ଜଣାଥିବ । ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଚିଠି ନିଶ୍ଚିତ ଭାବରେ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି କେନ୍ଦ୍ରାପଡ଼ାବାସୀଙ୍କର ଆଶା ଓ ବିଶ୍ୱାସ ।

– ଶ୍ରୀବାସ ଚନ୍ଦ୍ର ମହାନ୍ତି, ଆଇନଜୀବୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସଖିରେ ଏହି ବେଳେ
ଗୋପନ କଥା ହେଲେ
କହିବା ପାଇଁ ପୀଡ଼େ ପରାଣ
କୁମୁଦ ଦଳେ ଜଳ
ହୁଅଇ ଟଳମଳ
ଶୁଣସି ପଦେ କଥା, ମୋ ରାଣ ।

–(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୯୭ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ



ବରଗଡ଼ ଅଫିସ୍: ବରଗଡ଼ ଜିଲାରେ ନିଶା କାରବାର ବଢ଼ିବାରେ ଲାଗିଛି। ବରଗଡ଼ ଦେଇ ପଡ଼ୋଶୀ ଛତିଶଗଡ଼ ପଟକୁ ଗଞ୍ଜେଇ ଚାଲାଣ ନିତିଦିନଆ ଘଟଣା ହୋଇଗଲାଣି। ତେବେ ଜିଲାରେ ବ୍ରାଉନ ସୁଗର ଭଳି ନିଶାଦ୍ରବ୍ୟ କାରବାର ବ୍ୟାପିବାକୁ ଆରମ୍ଭ କଲାଣି। ବୁଧବାର ଜିଲା ଅବକାରୀ ବିଭାଗ ବରଗଡ଼ ସହରରେ ବ୍ରାଉନ ସୁଗର କାରବାର ଠାବ କରିଛି। ସ୍ଥାନୀୟ ମହାନ୍ତିପଡ଼ାର ରାଜୁ ତାଣ୍ଡିଙ୍କ ଘରେ ଅତର୍କିତ ଚଢ଼ାଉ କରି ୨୯୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ରାଜୁଙ୍କ ପାଖରୁ ନଗଦ ୧ଲକ୍ଷ ୨ହଜାର ଟଙ୍କା ଜବତ ହୋଇଥିବା ଅବକାରୀ ସୂଚନା ଦେଇଛି।

# କର୍ତ୍ତବ୍ୟନିଷ୍ଠ ସାମ୍ବାଦିକ ଖବରକୁ ଅତିରଞ୍ଜିତ କରନ୍ତି ନାହିଁ: ଅନୁରାଗ ଠାକୁର

## ମୟଙ୍କ ଅଗ୍ରୱାଲଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର- ୨୦୨୨




ନୂଆଦିଲ୍ଲୀ,୨୧।୯

ଏସିଆ – ପ୍ରଶାନ୍ତ ମହାସାଗରୀୟ ପ୍ରସାରଣ ଉନ୍ନୟନ ପ୍ରତିଷ୍ଠାନ (ଏଆଇବିଡି)ର ୪୭ତମ ବାର୍ଷିକ ସମ୍ମିଳନୀ ଏବଂ ୨୦ତମ ସାଧାରଣ ସମ୍ମିଳନୀକୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ନୂଆଦିଲ୍ଲୀଠାରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଠାକୁର କହିଛନ୍ତି, ମୁଖ୍ୟ ସ୍ରୋତରେ ଥିବା ଗଣମାଧ୍ୟମ ପାଇଁ ନୂତନ ଡିଜିଟାଲ ପ୍ଲାଟଫର୍ମ କୌଣସି ଆହ୍ୱାନ ସୃଷ୍ଟି କରୁନାହିଁ ବରଂ ଗଣମାଧ୍ୟମ ନିଜ ପାଇଁ ନିଜେ ଏକ ବଡ଼ ବିପଦ। ବାସ୍ତବ ସାମ୍ବାଦିକତା ସତ୍ୟର ଉନ୍ମୋଚନ କରେ ଏବଂ ଗଣମାଧ୍ୟମଗୁଡ଼ିକ ସେହି ସତ୍ୟକୁ ପ୍ରକାଶ କରିବା ଉଚିତ୍। ବିଶେଷକରି କର୍ତ୍ତବ୍ୟନିଷ୍ଠ ସାମ୍ବାଦିକମାନେ କେବେ ଖବରକୁ ଅତିରଞ୍ଜିତ କରି ପ୍ରସାରଣ କରନ୍ତି ନାହିଁ। ହେଲେ ଅନେକ ସମୟରେ ଗଣମାଧ୍ୟମରେ ହେଉଥିବା ଆଲୋଚନାରେ ସବୁକଥାକୁ ଏକପାଖିଆ ବିଶ୍ଲେଷଣ କରୁଥିବା ଏବଂ ମିଛ କଥା କହୁଥିବା ସାମ୍ବାଦିକମାନେ ଏହାର ବିଶ୍ୱସନୀୟତାକୁ ନଷ୍ଟ କରୁଛନ୍ତି। ଦର୍ଶକମାନଙ୍କ ଚକ୍ଷୁରେ ଆଲୋଚନାର ଅତିଥି ଓ ସେମାନଙ୍କ ଗର୍ଜନର ଦୃଶ୍ୟ ଗଣମାଧ୍ୟମର ବିଶ୍ୱସନୀୟତାର ମୂଲ୍ୟାୟନ ହୋଇଯାଉଛି। କିଛି ସମୟ ପାଇଁ ଏହି ଦୃଶ୍ୟ ଦେଖିବାକୁ ଦର୍ଶକ ଅଟକି ରହୁଛନ୍ତି, କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଚ୍ୟାନେଲର ଉପସ୍ଥାପକ, ଚ୍ୟାନେଲ ଲୋକଙ୍କ ବିଶ୍ୱାସ ହରାଉଛନ୍ତି ବୋଲି ଠାକୁର କହିଛନ୍ତି।

ଉପସ୍ଥିତ ଗଣମାଧ୍ୟମ ମାଲିକମାନଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ କହିଛନ୍ତି, କୌଣସି ଖବରକୁ ଉପସ୍ଥାପନା ସମୟରେ ଅତିଥି, ଆଲୋଚକ ଏବଂ ଚ୍ୟାନେଲର ବିଶ୍ୱସନୀୟତାକୁ ଦୃଷ୍ଟିରେ ରଖିବା ଉଚିତ। ଅନେକ ସମୟରେ କେତେକ ଚ୍ୟାନେଲରେ ଉଚ୍ଚ ସ୍ୱର ଏବଂ ଅତିରଞ୍ଜିତ କରି ଖବର ଉପସ୍ଥାପନ କରାଯାଉଥିବାରୁ ତାକୁ ଯୁବଗୋଷ୍ଠୀ ବନ୍ଦ କରି ଅନ୍ୟ ଚ୍ୟାନେଲ ଦେଖିବାକୁ ଚାହୁଁଛନ୍ତି। ତେଣୁ ଖବର ଠିକ୍ ଭାବେ ଉପସ୍ଥାପନା ହେବା ଜରୁରୀ। କରୋନା ମହାମାରୀ ସମୟରେ ଗଣମାଧ୍ୟମଗୁଡ଼ିକ ଲୋକଙ୍କୁ ଧରି ରଖିବା ସହ ପରସ୍ପର ସହ ସଂଯୋଗ ରକ୍ଷା କରି ମହାମାରୀର ପ୍ରକୋପରୁ ଲୋକଙ୍କୁ ସୁରକ୍ଷା ଦେଇଥିବାରୁ ଏଆଇବିଡିର ପ୍ରଶଂସା କରିଛନ୍ତି। ଏହି ସଂଗଠନର ସଦସ୍ୟ ରାଷ୍ଟ୍ରମାନେ କୋଭିଡ୍ ସମ୍ପର୍କିତ ତଥ୍ୟର ଆଦାନ ପ୍ରଦାନ ଦ୍ୱାରା ବହୁଳ ଭାବେ ଲାଭବାନ ହୋଇଛନ୍ତି। ଏହି ଅବସରରେ ଏଆଇବିଡିର ନିର୍ଦ୍ଦେଶକ ଫିଲୋମେନା, ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସାଧାରଣ ସମ୍ମିଳନୀର ଅଧ୍ୟକ୍ଷ ମୟଙ୍କ ଅଗ୍ରୱାଲ ଏବଂ ଏସିଆ – ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ କୋଭିଡ ମହାମାରୀ ବିରୋଧରେ ଲଢୁଥିବା ସଦସ୍ୟ ଦେଶଗୁଡ଼ିକୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ସମ୍ମିଳନୀରେ 'ମହାମାରୀ ପରବର୍ତ୍ତୀ ସମୟରେ ପ୍ରସାରଣର ସୁଦୃଢ଼ ଭବିଷ୍ୟତ ନିର୍ମାଣ' ଉପରେ ଆଲୋଚନା ହୋଇଥିଲା। ସାମ୍ବାଦିକତାର ମୁଖ୍ୟ ସ୍ରୋତରେ ପ୍ରସାରଣ ଗଣମାଧ୍ୟମଗୁଡ଼ିକ ରହିଥିଲେ ମଧ୍ୟ କୋଭିଡ୍-୧୯ ଏହାର ନୀତି ନିର୍ଦ୍ଧାରଣ ପରିସରକୁ ନୂତନ ରୂପ ଦେଇଛି ବୋଲି ମନ୍ତ୍ରୀ ଠାକୁର କହିଥିଲେ। ସମୟଭିତ୍ତିକ ନିର୍ଭୁଲ୍ ସୂଚନା ଦ୍ୱାରା କୋଟି କୋଟି ଜୀବନ ରକ୍ଷା କରାଯାଇପାରିବା ଶିଖାଇଛି। ବିପଦ ସମୟରେ ସମଗ୍ର ବିଶ୍ୱକୁ ଗୋଟିଏ ମଞ୍ଚରେ ଏକତ୍ର କରି ବିଶ୍ୱ ପରିବାର ଅବଧାରଣା କୋଭିଡ୍-୧୯ ଶିଖାଇଛି। ସହଯୋଗ ମାଧ୍ୟମରେ ବିଶ୍ୱର ସଂସ୍କୃତି ସବୁ ଦେଶର ନିକଟତର ହୋଇପାରିବ ଏବଂ ଲୋକଙ୍କ ମଧ୍ୟରେ ଦୃଢ଼ ଆସ୍ଥାସ୍ଥାପନ ହୋଇପାରିବ। ଏସବୁ ଦ୍ୱାରା ଗଣମାଧ୍ୟମଗୁଡ଼ିକ ବିଶ୍ୱସନୀୟ ହେବା ସହ ସୁଦୃଢ଼ ସଂଗଠନରେ ପରିଣତ ହୋଇପାରିବେ ବୋଲି ଠାକୁର କହିଛନ୍ତି। ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ମୟଙ୍କ କହିଛନ୍ତି, ଲକ୍‌ଡାଉନ ସତ୍ତ୍ୱେ ଏଆଇବିଡି ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇପାରିଛି। ଜଳବାୟୁ ପରିବର୍ତ୍ତନ, ସବୁଜ ଟେକ୍ନୋଲୋଜି, ଦୀର୍ଘସ୍ଥାୟୀ ପ୍ରଗତି ଭଳି ପ୍ରସଙ୍ଗକୁ ନେଇ ୩୪ଟି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିଛି ବୋଲି କହିଛନ୍ତି। ମନ୍ତ୍ରୀ ଅନୁରାଗ ଠାକୁର ଏହି ଉତ୍ସବରେ ୨୦୨୧ ଏବଂ ୨୦୨୨ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ରେଡିଓ, ଟେଲିଭିଜନ ବ୍ରୁନେଇକୁ ସମ୍ମାନ ପ୍ରଦାନ କରିଥିଲେ। ୨୦୨୧ ମସିହା ନିମନ୍ତେ ଜୀବନବ୍ୟାପୀ ସାଧନା ପାଇଁ କାମ୍ବୋଡିଆର ଖାଇୟୁ ଖାହ୍ନାରିଥ ଏବଂ ୨୦୨୨ ମସିହା ନିମନ୍ତେ ପ୍ରସାର ଭାରତୀର ସିଇଓ ମୟଙ୍କ ଅଗ୍ରୱାଲଙ୍କୁ ସମ୍ମାନିତ କରିଥିଲେ।



ଭୁବନେଶ୍ୱରରେ ଗୁରୁବାର ମଧ୍ୟାହ୍ନରେ ହୋଇଥିବା ପ୍ରବଳ ବର୍ଷା।

# ଭଲ ବର୍ଷିଲା ଦକ୍ଷିଣ ପଶ୍ଚିମ ମୌସୁମୀ

- ୫ ଜିଲାରେ ଅତ୍ୟଧିକ, ୨୫ ଜିଲାରେ ସ୍ୱାଭାବିକ
- କନ୍ଧମାଳରେ ସର୍ବାଧିକ ୫୧%

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ଚଳିତ ମୌସୁମୀ ଋତୁରେ ରାଜ୍ୟକୁ ଭଲ ବର୍ଷା ମିଳିଛି। ଦକ୍ଷିଣ ପଶ୍ଚିମ ମୌସୁମୀର ଓଡ଼ିଶା ଉପରେ ଶୁଭଦୃଷ୍ଟି ରହିଛି। ରାଜ୍ୟରେ ବର୍ଷା ସ୍ୱାଭାବିକଠାରୁ ୫% ଅଧିକ ହୋଇଛି। କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟ ହୋଇଛି। ଆଉ କେତେକ ଜିଲାରେ ସ୍ୱାଭାବିକଠାରୁ ଅଧିକ ହୋଇଛି। କୌଣସି ଜିଲାରେ ନିଅଣ୍ଟିଆ ବର୍ଷା ହୋଇନାହିଁ।

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ସେପ୍ଟେମ୍ବର ୨୧ ମଧ୍ୟରେ ରାଜ୍ୟର ୨୫ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୫ ଜିଲାରେ ଅତ୍ୟଧିକ ବର୍ଷା ହୋଇଛି। ଏହି ସମୟରେ କନ୍ଧମାଳରେ ରାଜ୍ୟର ସର୍ବାଧିକ ବୃଷ୍ଟିପାତ ହୋଇଛି। ଏହି ଜିଲାରେ ୧୧୦୦.୬ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୬୬୪.୯ ମିଲିମିଟର। ସ୍ୱାଭାବିକଠାରୁ ୫୧ ପ୍ରତିଶତ ଅଧିକ ହୋଇଛି। ସେହିପରି କୋରାପୁଟରେ ସ୍ୱାଭାବିକ ବର୍ଷା ୧୧୯୭.୧ ମିଲିମିଟର ହେବାକୁ ଥିବାବେଳେ ହୋଇଛି ୧୫୨୩.୮ ମିଲିମିଟର। ଏହି ଜିଲାରେ ୨୭ ପ୍ରତିଶତ ଅଧିକ ହୋଇଛି। ବୌଦ୍ଧରେ ସ୍ୱାଭାବିକ (୯୯୧.୬ ମି.ମି)ଠାରୁ ୩୩ ପ୍ରତିଶତ, ଗଜପତିରେ ୨୪ ପ୍ରତିଶତ ଓ ଢେଙ୍କାନାଳରେ ୨୨ ପ୍ରତିଶତ ଅଧିକ ବର୍ଷା ହୋଇଛି। ସେହିପରି ନୟାଗଡ଼ରେ ସ୍ୱାଭାବିକଠାରୁ ୧୭, ରାୟଗଡ଼ା ୧୭, ସୁନ୍ଦରଗଡ଼ ୧୪, ଦେବଗଡ଼ ୧୨, ଜଗତ୍‌ସିଂହପୁର ୧୧, ଗଞ୍ଜାମରେ ୧୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ଚଳିତ ବର୍ଷ ଓଡ଼ିଶାରେ ସ୍ୱାଭାବିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟକୁ ଆହୁରି ବର୍ଷା ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଅଞ୍ଚଳରେ କାଁ ଭାଁ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ମୋ ବସ୍‌ରେ କ୍ୟାନ୍‌ସର ପୀଡ଼ିତଙ୍କ ୧୫ହଜାର ଟଙ୍କା ଚୋରି

## ଚିକିତ୍ସା ପାଇଁ ଚିନ୍ତାରେ ଆନନ୍ଦ

ଭୁବନେଶ୍ୱର,୨୧।୯ (ବ୍ୟୁରୋ)

ମୋ ବସ୍‌ରେ ବଢ଼ୁଛି ଚୋରି, ଲୁଟ୍। ଅସୁରକ୍ଷିତ ହେଉଛି ଯାତ୍ରା। କ୍ଷମତାଠାରୁ ଅଧିକ ଯାତ୍ରୀ ପରବହନ ହେଉଥିବାରୁ ଭିଡ଼ର ସୁଯୋଗ ନେଇ ଏପରି ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ବିଗତ ଦିନରେ ଏକାଧିକ ଘଟଣା ଘଟିଥିବାବେଳେ ଏବେ ଚୋରିର ଶିକାର ହୋଇଛନ୍ତି ଜଣେ କ୍ୟାନ୍‌ସର ପୀଡ଼ିତ। ସେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁରର ଆନନ୍ଦ ଗୌଡ଼। କେହି ଦୁର୍ବୃତ୍ତ ତାଙ୍କ ପକେଟରୁ ୧୫ହଜାର ଟଙ୍କା ଚୋରାଇ ନେଇଛନ୍ତି। ଫଳରେ ସେ ଚିକିତ୍ସାରୁ ବଞ୍ଚିତ ହୋଇ ଭୁବନେଶ୍ୱରଠାରେ ଅଟକି ରହିଛନ୍ତି।

ଆନନ୍ଦ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ବୁଧବାର ଘରୁ ଏକ ଘରୋଇ ବସ୍‌ରେ ଭୁବନେଶ୍ୱର ବରମୁଣ୍ଡାରେ ପହଞ୍ଚିଥିଲେ। ସେଠାରୁ ୧୯ ନମ୍ବର ମୋ ବସ୍‌ରେ ଚଢ଼ି କଟକର ଉକ୍ତ ହସ୍ପିଟାଲକୁ ଯାଉଥିଲେ। ଚିକିତ୍ସା ପାଇଁ ଆଣିଥିବା ୧୫ହଜାର ଟଙ୍କା ପକେଟରେ ରଖିଥିଲେ। କିନ୍ତୁ ଆଚାର୍ଯ୍ୟ ବିହାର ଓ ବାଣୀବିହାର ମଧ୍ୟରେ ତାଙ୍କ ପକେଟରୁ ଟଙ୍କା ଚୋରି ହୋଇଯାଇଥିବା ନେଇ ବସ୍ କଣ୍ଡକ୍ଟରଙ୍କୁ ଜଣାଇଥିଲେ। ବସ୍ କର୍ମଚାରୀଙ୍କ ପକ୍ଷରୁ ପୋଲିସକୁ ଜଣାଇ ଦିଆଗଲା। ବସ୍‌ଟିକୁ ତୁରନ୍ତ ସେଠାରେ ଅଟକାଇ ଯାଞ୍ଚ କରାଯାଇ ନ ଥିଲା। ତେବେ ରସୁଲଗଡ ଛକରେ ବସ୍‌ଟି ପହଞ୍ଚିବା ପରେ ପିସିଆର୍ ପୋଲିସ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ପଚରାଉଚରା କରିଥିଲା। ସେତେବେଳକୁ ବାଟରେ ବାଟରେ ବହୁ ଯାତ୍ରୀ ଓହ୍ଲାଇ ସାରିଥିଲେ। ପୁଣି ପୋଲିସ ଠିକ୍ ଭାବେ ଯାତ୍ରୀଙ୍କୁ ଯାଞ୍ଚ କରି ନ ଥିଲା। ଫଳରେ ଟଙ୍କା ନ ପାଇବାରୁ ପୋଲିସ ବସ୍‌ଟିକୁ ଛାଡିଦେଇଥିଲା। ଏପଟେ ପାଖରେ ଟଙ୍କା ନ ଥିବାରୁ ଆନନ୍ଦ ମଧ୍ୟ ଆଉ ଚିକିତ୍ସା ପାଇଁ କଟକ ଯାଇପାରି ନ ଥିଲେ। ରସୁଲଗଡ଼ ଛକରେ ବସ୍‌ରୁ ଓହ୍ଲାଇ ଏବେ ଟଙ୍କା ଫେରି ପାଇବା ଆଶାରେ ଭୁବନେଶ୍ୱରରେ ରହିଛନ୍ତି।

# ଓଡ଼ିଶା–ଛତିଶଗଡ଼ ସୀମାନ୍ତରୁ ନଦୀ ସୁରକ୍ଷା ଅଭିଯାନ

ଝାରସୁଗୁଡ଼ା ଅଫିସ,୨୧।୯: ବିଶ୍ୱ ନଦୀ ଦିବସ ଉପଲକ୍ଷେ ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ ଓଡ଼ିଶା–ଛତିଶଗଡ଼ ତରଫରୁ ଗତ ଅଗଷ୍ଟ ୭ରେ କଲିକତାଠାରେ ଜାତୀୟ ସ୍ତରୀୟ ନଦୀ ବଞ୍ଚାଅ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତ ୧୦ରୁ ୨୫ତାରିଖ ବିଶ୍ୱ ନଦୀ ଦିବସ ପର୍ଯ୍ୟନ୍ତ ନଦୀ ବଞ୍ଚାଅ ସଚେତନତା ଅଭିଯାନ ପାଇଁ ନିଷ୍ପତ୍ତି ହୋଇଛି। ଏହି ଅନୁଯାୟୀ ଅଭିଯାନ ଆବାହକ ସୁଦର୍ଶନ ଛୋଟରାୟଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଦଳ ଗତ ମଙ୍ଗଳବାର ଭୁବନେଶ୍ୱରରୁ ଆସି ଝାରସୁଗୁଡ଼ାରେ ପହଞ୍ଚିଛନ୍ତି। କର୍ମକର୍ତ୍ତା ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟ ଗୋଲେଇ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ନଦୀ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି।

ଏହି ଅଭିଯାନ ଯାତ୍ରା ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଛତିଶଗଡ ସୀମାନ୍ତବର୍ତ୍ତୀ ଓଡ଼ିଶାର ମହାନଦୀ ପ୍ରବେଶପଥ ସୁଖାଶୋଡା ଗ୍ରାମରେ ପହଞ୍ଚିଥିଲା। ସେଠାରେ ନଦୀ ପ୍ରଭାବିତ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାନଦୀ ପ୍ରଭାବିତ ମତ୍ସ୍ୟଜୀବୀ ଓ ଚାଷୀ ଯୋଗଦେଇ ନିଜ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସଂଗଠନର କର୍ମକର୍ତ୍ତା ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ନଦୀ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ସେଠାରୁ ଏହି ଯାତ୍ରା ଛତିଶଗଡ ଅଭିମୁଖେ ବାହାରି ରାୟଗଡ ଜିଲାର ନେତନଗରସ୍ଥିତ କେଲୋଡ୍ୟାମ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲା। ରାୟଗଡରେ ଜିଲା ବଞ୍ଚାଅ ସଂଘର୍ଷ ମୋର୍ଚ୍ଚା ନେତୃମଣ୍ଡଳୀଙ୍କ ସହିତ ମହାନଦୀର ସୁରକ୍ଷାକୁ ନେଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ଅଭିଯାନକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଅଭିଯାନରେ ଆବାହକ ସୁଦର୍ଶନ ଛୋଟରାୟ, ଅନ୍ୟତମ ଆବାହକ ଅନନ୍ତ ପଣ୍ଡା, ରଘୁବୀର ପ୍ରଧାନ, କୃଷ୍ଣଚନ୍ଦ୍ର ମାଝି, ଯୋଗେନ୍ଦ୍ର ମାଝି, ସାରଦା ପ୍ରସନ୍ନ ସ୍ୱାଇଁ, ବିଜୟ ପ୍ରଧାନ, ରତ୍ନାକର ପ୍ରଧାନ, ମହମ୍ମଦ ଅକ୍ତର, କୈଳାସ ପିଙ୍ଗ୍, ସଞ୍ଜୟ ସା, କ୍ଷୀରେଦ କିଷାନ ପ୍ରମୁଖ ସାମିଲ ହୋଇଥିଲେ। ପରେ ଅଭିଯାନ ତରଫରୁ ଆବାହକ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡା ସହରର ଏକ ହୋଟେଲରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛୋଟରାୟ କହିଛନ୍ତି, ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ ମଧ୍ୟରେ ବିବାଦ ଦେଖାଦେଇଥିଲା। ୨୦୧୮ ମେ' ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଖାଶୋଡା ଗ୍ରାମ ଗସ୍ତକରି ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହା ପାଣିର ଗାର ସଦୃଶ ହୋଇଛି। ଏହାଛଡା କେନ୍ଦ୍ର ସରକାର ୨୦୧୮ ଅଗଷ୍ଟ ୧୨ରେ ଏକ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଇତିମଧ୍ୟରେ ସାଢେ ୪ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ସମସ୍ୟା ସମାଧାନ ହୋଇପାରିନାହିଁ। ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ ଅଭିଯାନ ତରଫରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଡିସେମ୍ବର ୧୦ ତାରିଖ ବିଶ୍ୱ ମାନବ ଅଧିକାର ଦିବସ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଆବାହକ ଛୋଟରାୟ କହିଛନ୍ତି।

**ପୂର୍ବ ତଟ ରେଳପଥ**

ସମ୍ବଲପୁର ମଣ୍ଡଳରେ 09(ନଅ) ଗୋଟି ଷ୍ଟେସନଠାରେ ଭିଡିଓ ୱାଲଗୁଡ଼ିକର ସ୍ଥାପନ ଏବଂ ପରିଚାଳନା

ସଂ.Comml/SBP/E-auction/Publicity/22 ତା.16.09.2022ରିଖ

ଆସେଟ୍ ବିବରଣୀ: ବ୍ୟବସାୟିକ ବିଜ୍ଞାପନ ଉଦ୍ଦେଶ୍ୟରେ ଭିଡିଓ ୱାଲଗୁଡ଼ିକର ସ୍ଥାପନ ଏବଂ ପରିଚାଳନ( ପ୍ରତ୍ୟେକ ଷ୍ଟେସନ ଠାରେ 100 ବର୍ଗଫୁଟ ଏରିଆ ପ୍ରଦାନ କରାଯିବ) ।

ସ୍ଥାନ: (1) ସମ୍ବଲପୁର (SBP), (2) ଟିଟିଲାଗଡ (TIG), (3) ବରଗଡ଼ ରୋଡ୍ (BRGA), (4) ବଲାଙ୍ଗୀର (BLGR), (5) କେସିଙ୍ଗା (KSNG), (6) ସମ୍ବଲପୁର ସିଟି (SBPY), (7) କଣ୍ଟାବାଞ୍ଜି (KBJ), (8) ମୁନିଗୁଡ଼ା (MNGD), (9) ମହାସମୁନ୍ଦ (MSMD)

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.29.09.2022 ରିଖ 1200 ଘଟିକା (ସମସ୍ତ ସ୍ଥାନ ପାଇଁ), ନିଲାମ ଶେଷ ହେବା ତାରିଖ ଓ ସମୟ: ତା.29.09.2022 ରିଖ 1230 ଘଟିକା (କ୍ରମ ସଂ.1), ତା.29.09.2022 ରିଖ 1240 ଘଟିକା (କ୍ରମ ସଂ.2), ତା.29.09.2022 ରିଖ 1250 ଘଟିକା (କ୍ରମ ସଂ.3), ତା.29.09.2022 ରିଖ 1300 ଘଟିକା (କ୍ରମ ସଂ.4), ତା.29.09.2022 ରିଖ 1310 ଘଟିକା (କ୍ରମ ସଂ.5), ତା.29.09.2022 ରିଖ 1320 ଘଟିକା (କ୍ରମ ସଂ.6), ତା.29.09.2022 ରିଖ 1330 ଘଟିକା (କ୍ରମ ସଂ.7), ତା.29.09.2022 ରିଖ 1340 ଘଟିକା (କ୍ରମ ସଂ.8), ତା.29.09.2022 ରିଖ 1350 ଘଟିକା (କ୍ରମ ସଂ.9)

ବିବରଣୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ http://www.ireps.gov.in ପରିଦର୍ଶନ କରନ୍ତୁ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର

PR-516/N/22-23

**ODISHA STATE CO-OPERATIVE HANDICRAFTS CORPORATION LTD.**

Utkalika

D-2/3, Industrial Estate, Rasulgarh, Bhubaneswar-751010 (Odisha)
Email Id- oschcutkalika@gmail.com / Website- www.utkalikaodisha.in

**TENDER CALL NOTICE FOR PURCHASE OF BRASS/COPPER / ZINC SCRAB & SHEET**

Sealed quotations are invited from the registered manufactures/ Govt. Offices/ Corporation/ Agencies/ authorized dealers having for supply of Brass/Copper/Zinc scrap & sheet for Brass & Bell metal Raw material branch. The tender call notice is available in the website of OSCHC Ltd., Bhubaneswar **www.utkalikaodisha.in**. The interested parties may apply to the undersigned by **10.10.2022** at **5.00** PM by Speed Post/Regd.Post/Courier only with sample, specification, price and other terms & conditions along with detail information about the organizations. The undersigned reserves the right to reject any or all quotations without assigning any reason thereof.

**Sd/-Managing Director**

**TPWODL**

**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**

**NOTICE INVITING TENDER**

**Tender Notice No. TPWODL/MK/O/SITC/ 094 Date: 22.09.2022**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

**Purchase order for SITC of 11KV Indoor Switchgear Panel.**

Interested bidders to submit Tender Participation Fee and Authorization Letter through email on or before **18th October 2022, 15:00Hrs,** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/22-23/E-Tender/86,ତା.19.09.2022ରିଖ

(1) ଟେଣ୍ଡର ସଂ.etender-South-KUR-240-2022, ତା.08.09.2022ରିଖ

ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରୁଭା-ପଲାସା ସେକ୍ସନ ମଧ୍ୟରେ ପ୍ୟାଚଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ କି.ମି.654.00 ଠାରୁ କି.ମି.664.00 ପର୍ଯ୍ୟନ୍ତ 15.00 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 260.65 ଲକ୍ଷ

EMD (ଟଙ୍କାରେ) : 2,80,300/-

(2) ଟେଣ୍ଡର ସଂ.etender-South-KUR-243-2022,ତା.09.09.2022ରିଖ

ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ଗଞ୍ଜାମ-ଛତ୍ରପୁର ସେକ୍ସନ ମଧ୍ୟରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ କି.ମି. 574.25 ଠାରୁ କି.ମି.575.75 ପର୍ଯ୍ୟନ୍ତ 3.00 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 348.64 ଲକ୍ଷ

EMD (ଟଙ୍କାରେ) : 3,24,300/-

ଶେଷ ହେବା ଅବଧି : 08(ଆଠ) ମାସ (କ୍ରମ ସଂ.1 ପାଇଁ) ଏବଂ 06(ଛଅ) ମାସ (କ୍ରମ ସଂ.2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.09.2022 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-529/N/22-23

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/22-23/E-Tender/81,ତା.15.09.2022ରିଖ

(1) ଟେଣ୍ଡର ସଂ.etender-CENT-KUR-231-2022,ତା.06.09.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଢେଙ୍କାନାଳ ପରିସୀମା ଅଧୀନସ୍ଥ ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ପ୍ରବେଶ ପଥ ପୃଷ୍ଠଭାଗର ପ୍ରସ୍ତାବିତ ମରାମତି ଏବଂ ଅନ୍ୟ ବିବିଧ କାର୍ଯ୍ୟ ସମୂହ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 167.69 ଲକ୍ଷ

EMD (ଟଙ୍କାରେ): 2,33,900/-

(2) ଟେଣ୍ଡର ସଂ.etender-CENT-KUR-235-2022,ତା.06.09.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଢେଙ୍କାନାଳ ଅଧୀନସ୍ଥ ତାଳଚେର ରୋଡ୍-ଅନୁଗୁଳ ସେକ୍ସନ ମଧ୍ୟରେ କି.ମି.156.70 ଠାରୁ କି.ମି.170.00 (SL) ପର୍ଯ୍ୟନ୍ତ 13.30 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟଗୁଡ଼ିକର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 367.62 ଲକ୍ଷ

EMD (ଟଙ୍କାରେ): 3,33,800/-

(3) ଟେଣ୍ଡର ସଂ.etender-South-KUR-234-2022,ତା.06.09.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭୁଷଣପୁର-କୁହୁରୀ ଷ୍ଟେସନ (ଅର୍ଥାତ୍ କାଳୁପଡ଼ାଘାଟ ଉତ୍ତର ଏବଂ ଦକ୍ଷିଣ ଲେଭେଲ କ୍ରସିଙ୍ଗ ଫାଟକ) ମଧ୍ୟରେ ଏଲ୍‌ସି ନଂ.-232 ଠାରୁ ଏଲ୍‌ସି ନଂ.-233 ପର୍ଯ୍ୟନ୍ତ ଡାଇଭର୍ସନ ରୋଡ୍‌ର ନିର୍ମାଣ ଦ୍ୱାରା କି.ମି.498/4-6 ଠାରେ ପ୍ରସ୍ତାବିତ ଏଲ୍‌ସି ନଂ.-232 କୁ ବନ୍ଦ କରିବା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 191.49 ଲକ୍ଷ

EMD (ଟଙ୍କାରେ): 2,45,800/-

(4) ଟେଣ୍ଡର ସଂ.etender-EAST-KUR-233-2022,ତା.05.09.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ହରିଦାସପୁର ଏବଂ ଧାମନଗର ୟାର୍ଡ୍‌ରେ 17 ସେଟ୍ PSC ଫ୍ୟାନ୍‌ସେଫ୍ଟ ଲେଆଉଟ୍‌ର ନବୀକରଣ ଏବଂ ନିର୍ଗୁଣ୍ଡି-ବାରଙ୍ଗ ସେକ୍ସନ ମଧ୍ୟରେ ପ୍ୟାଚଗୁଡ଼ିକରେ 21.10 କି.ମି. ପାଇଁ ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 646.71 ଲକ୍ଷ

EMD (ଟଙ୍କାରେ) : 4,73,400/-

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ଏବଂ 3 ପାଇଁ), 12(ବାର) ମାସ (କ୍ରମ ସଂ.2 ପାଇଁ) ଏବଂ 18(ଅଠର) ମାସ (କ୍ରମ ସଂ.4 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.28.09.2022 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-509/N/22-23

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 17064/IND-II-PH-1088 ତାରିଖ 19.9.2022
No. CAD-1902

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଜୟନ୍ତ ଜେନା ଓଡ଼ିଶାର ଯାଜପୁର ଜିଲ୍ଲା, ଧର୍ମଶାଳା ତହସିଲ ଅନ୍ତର୍ଗତ ମର୍ଜିତପୁର ଗ୍ରାମରେ ୫.୦୫୮ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ମର୍ଜିତପୁର ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୬।୧୦।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା, ଧର୍ମଶାଳା ତହସିଲ ଅନ୍ତର୍ଗତ ମର୍ଜିତପୁର ସ୍ଥିତ କଲ୍ୟାଣ ମଣ୍ଡପ**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଯାଜପୁର**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଯାଜପୁର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଯାଜପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କଳିଙ୍ଗ ନଗର, ଯାଜପୁର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କଳିଙ୍ଗ ନଗର, ଯାଜପୁର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OIPR-08012/11/0266/2223

**ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ୱାନ୍ ଷ୍ଟେଶନ ୱାନ୍ ପ୍ରଡକ୍ଟ (ଓଏସ୍‌ଓପି) ନିମନ୍ତେ ଦରଖାସ୍ତ ଆହ୍ୱାନକାରୀ ବିଜ୍ଞପ୍ତି**

ନଂ. ଏସ୍‌ଇଆର୍-ସିକେପିଂସିଓଏମ୍‌ଏମ୍(ଏମ୍‌ଆଇଏସ୍‌ସି)/୧୦୧/୨୦୨୨-ଓ/ଓ ଏସ୍‌ଆର୍. ଡିସିଏମ୍/ ସିକେପି/ଏସ୍‌ଇଆର୍ କମ୍ପ୍ୟୁଟର ନଂ. ୧୧୫୩୬୩ ତାରିଖ: ୨୦।୦୯।୨୦୨୨ । ''ୱାନ୍ ଷ୍ଟେଶନ ୱାନ୍ ପ୍ରଡକ୍ଟ (ଓଏସ୍‌ଓପି) ଯୋଜନା'' ଅଧୀନରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ/ରେଳ ଷ୍ଟେଶନର ସ୍ଥାନୀୟ/ଦେଶୀ ଉତ୍ପାଦକୁ ପ୍ରଦର୍ଶିତ/ବିକ୍ରୟ କରିବା ନିମନ୍ତେ ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ୮ ଗୋଟି ରେଳ ଷ୍ଟେଶନଠାରେ ସ୍ଥାୟୀ ଷ୍ଟଲ/କିଓସ୍କ ମୋବାଇଲ/ପୋର୍ଟେବଲ୍ ଷ୍ଟଲ୍ କିମ୍ବା ଟ୍ରଲି ସ୍ଥାପନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । **ଆବଣ୍ଟନ ଅବଧି: ୧୫ ଦିନ । ପଞ୍ଜୀକରଣ ଦେୟ: ୧୫ ଦିନ ପାଇଁ** ଟ.୧,୦୦୦/– (ଜିଏସ୍‌ଟି ସମେତ) ଆଦାୟ କରାଯିବ । ବିଜୁଳି ଶୁଳ୍କ ବାସ୍ତବ ଉପଯୋଗ ଆଧାରରେ ପୈଠ କରିବାକୁ ହେବ । **ଅବସ୍ଥାନ:** ଟାଟାନଗର, ଆଦିତ୍ୟପୁର, ଚାଇଁବାସା, ଚକ୍ରଧରପୁର, ରାଉରକେଲା, ବାମ୍ରା, ରାଜଗାଙ୍ଗପୁର ଓ ଝାରସୁଗୁଡ଼ା ରେଳ ଷ୍ଟେଶନ । **ମାନକୀକୃତ ଓଏସ୍‌ଓପି ଆଉଟ୍‌ଲେଟ୍ ଆକାର:** ଆଭ୍ୟନ୍ତରୀଣ ୭' ଉଚ୍ଚତା ଏବଂ ମୋଟାମୋଟି ୯' ଉଚ୍ଚତା ସହିତ ଷ୍ଟେଶନରେ ଉପଲବ୍ଧ ଜାଗା ଉପରେ ନିର୍ଭର କରି ରେଳପଥ ଦ୍ୱାରା ୬' x ୫' କିମ୍ବା ୬' x ୧୦' ଜାଗା ଦିଆଯିବ । **ଯୋଗ୍ୟତା ମାନଦଣ୍ଡ:** (କ) ବିକାଶ ଆୟୁକ୍ତ, ହସ୍ତଶିଳ୍ପ, ବିକାଶ ଆୟୁକ୍ତ, ହସ୍ତତନ୍ତ କିମ୍ବା ରାଜ୍ୟ/କେନ୍ଦ୍ର ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ଶିଳ୍ପୀ/ବୁଣାକାର ପରିଚୟ ପତ୍ର ଧାରକ । (ଖ) ଭାରତୀୟ ଆଦିବାସୀ ସମବାୟ ବିପଣନ ବିକାଶ ସଂଘ ଲିମିଟେଡ୍ (ଟ୍ରାଇଫେଡ୍)/ଜାତୀୟ ହସ୍ତତନ୍ତ ବିକାଶ ନିଗମ (ଏନ୍‌ଏଚ୍‌ଡିସି)/ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ଆଦି ସହିତ ପଞ୍ଜୀକୃତ ବ୍ୟକ୍ତିବିଶେଷ ଶିଳ୍ପୀ/ବୁଣାକାର/କାରିଗର । (ଗ) ପିଏମ୍‌ଇଜିପି (ପ୍ରଧାନମନ୍ତ୍ରୀ କର୍ମନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ) ସହିତ ପଞ୍ଜୀକୃତ ସ୍ୱୟଂ ସହାୟକ ଗୋଷ୍ଠୀ । (ଘ) ସମାଜର ଉପେକ୍ଷିତ କିମ୍ବା ଦୁର୍ବଳ ବର୍ଗ । ଦରଖାସ୍ତଗୁଡ଼ିକୁ ସମ୍ପୃକ୍ତ ଷ୍ଟେଶନର ଷ୍ଟେଶନ ମ୍ୟାନେଜର/କମର୍ସିଆଲ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟରେ **ତା୩୦।୦୯।୨୦୨୨ରିଖ ୧୮.୦୦ ଘଟିକା** ପର୍ଯ୍ୟନ୍ତ ଦାଖଲ କରାଯିବା ଆବଶ୍ୟକ । ଦରଖାସ୍ତ ସମ୍ବଳିତ ଲଫାପାର ଉପରିଭାଗରେ **''................ (ଷ୍ଟେଶନର ନାମ)ଠାରେ ଓଏସ୍‌ଓପି ନିମନ୍ତେ ଦରଖାସ୍ତ''** ଲେଖାଯିବା ଆବଶ୍ୟକ । ଖୋଲା ଲଟେରି/ସର୍ବସାଧାରଣ ଉଠାଣ ମାଧ୍ୟମରେ ଆବଣ୍ଟନ କରାଯିବ ।

(PR-618) ଡିଭିଜନାଲ କମର୍ସିଆଲ ମ୍ୟାନେଜର (ଟିସି ଆଣ୍ଡ ପିଏ)/ଚକ୍ରଧରପୁର

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

See Career Appointment on every Wednesday & Saturday



ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ତୋସ୍ଥିତ ମା’ ସଦ୍ଧିଦାତ୍ରୀଙ୍କ ଷୋଳ ପୂଜା ଅବସରରେ ୪ର୍ଥ ଦିବସରେ ବୁଧବାର ବୈଷ୍ଣବ ମାତା ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି।

# ଚାନ୍ଦି ଅଳଙ୍କାର ସାଙ୍ଗକୁ ମୂର୍ତ୍ତି, ଆଲୋକ ସଜ୍ଜାକୁ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୨୧।୯**






କରୋନା ପାଇଁ ୨ ବର୍ଷ ଜାକଜମକର ଦୁର୍ଗାପୂଜା ବନ୍ଦ ଥିଲା। ସର୍ବସାଧାରଣଙ୍କ ପାଇଁ ଦର୍ଶନ ବନ୍ଦ ରହିଥିବା ବେଳେ ଚଳିତବର୍ଷ ମଣ୍ଡପରେ ଠାକୁର, ମେଢ ଓ ପୂଜା ଦେଖିବାକୁ ମିଳିବ। ଚଳିତବର୍ଷ ଜଗତ୍‌ସିଂହପୁର ଜିଲାରେ ପାର୍ବଣର ମାହୋଲ ଦେଖିବାକୁ ମିଳୁଛି। ପ୍ରତ୍ୟେକ କମିଟି ବିଗତବର୍ଷଗୁଡିକଠାରୁ ଅଧିକ ଆକର୍ଷଣୀୟ ମୂର୍ତ୍ତି ଓ ମେଢ ଆଦି କରିବାକୁ ଯୋଜନା ରଖିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ୨୩ଟି ମଣ୍ଡପ ପକ୍ଷରୁ ଅଳକା ନଦୀର ବିଭିନ୍ନ ସ୍ଥାନରୁ ମାଟି ଉଠିଲା ପରେ ମୂର୍ତ୍ତି ତିଆରି କାମ ଚାଲିଛି। ସେଥିମଧ୍ୟରୁ ସାନବଜାରସ୍ଥିତ ଥାନପତି ମହାଦେବ କ୍ଲବ ଅନ୍ୟତମ। ଏହି କ୍ଲବ ପକ୍ଷରୁ ଦୀର୍ଘ ୫୯ ବର୍ଷ ଧରି ଜଳନ୍ଧର ବଧ ପ୍ରସଙ୍ଗକୁ ନେଇ ମୂର୍ତ୍ତି ନିର୍ମାଣ ହେଉଛି। ସମାନ ପ୍ରକାର ହର-ପାର୍ବତୀ, ଜଳନ୍ଧର, ଜଳନ୍ଧର ବାହାନ ଓ ବାସୁଆ ବଳଦ ମୂର୍ତ୍ତି ତିଆରି ହୋଇ ଆସୁଛନ୍ତି। ଚଳିତବର୍ଷ ଅନୁରୂପ ଭାବେ ମୂର୍ତ୍ତି କାମ ଚାଲିଛି। ଏହାର ବିଶେଷତ୍ୱ ହେଉଛି ନିଖୁଣ ମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ କିଛି ସମୟ ଅଟକିଯିବାକୁ ବାଧ କରେ। କେବଳ ଏତିକି ନୁହେଁ ରୀତିନୀତି ଅନୁଯାୟୀ ନିଷ୍ଠାର ସହ ପୂଜା ସାଙ୍ଗକୁ ଚାନ୍ଦିରେ ତିଆରି ଅଳଙ୍କାର, ମେଢ, ଆଲୋକ ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

ଏ ସମ୍ପର୍କରେ ଥାନପତି କ୍ଲବ ପକ୍ଷରୁ କୁହାଯାଇଛି, ବିଗତ ବର୍ଷଗୁଡିକ ପରି ଚଳିତବର୍ଷ ମଧ୍ୟ ୫ ଦିନ ଧରି ପୂଜା ହେବ। ଚାନ୍ଦିରେ ତିଆରି ଅଳଙ୍କାରଗୁଡିକ ପଲିସ୍ ହୋଇ ଆସିଛି। ନୂଆ ମେଢ ହେଉଛି। ରାସ୍ତା ଚଉଡା ହୋଇଛି। ଯେଉଁ କାରଣରୁ ଦ୍ୱରଣ ହେବନି। କାରଣ ଏହା ଶ୍ରଦ୍ଧାଳୁଙ୍କ ପାଇଁ ଅସୁବିଧା କରିବାର ସମ୍ଭାବନା ରହିଛି। ଏହାବ୍ୟତୀତ ପ୍ରତିବର୍ଷ ପରି ଏବର୍ଷ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ମେଳଣ ହେବ। ଏହି ମେଳଣ ଦେଖିବାକୁ ଜଗତ୍‌ସିଂହପୁର ସହର ସମେତ ଅନ୍ୟ ଅଞ୍ଚଳରୁ ଲୋକଙ୍କ ଭିଡ ଜମିବ। ଥାନପତି ପ୍ରଥମେ ମେଳଣ ପଡିଆରେ ପ୍ରବେଶ କରିବା ସହ ଆସନ ଅଳଙ୍କୃତ କରିଥାନ୍ତି। ପରେ ଅନ୍ୟ ମେଢଗୁଡିକ ଶୋଭାଯାତ୍ରାରେ ଆସି ଗୋଟିଏ ପରେ ଗୋଟିଏ ପହଞ୍ଚିଥାନ୍ତି। ମେଳଣ ପରେ ଅର୍ଥାତ୍ ବିସର୍ଜନ ଲାଗି ମେଢଗୁଡିକ ଗଲା ବେଳେ ଶୋଭାଯାତ୍ରାରେ ଯାଇଥାନ୍ତି। ଥାନପତି ଠାକୁର ପ୍ରଥମରେ ଆସି ଶେଷରେ ମେଳଣ ପଡିଆରୁ ବାହାରିଥାନ୍ତି। ଦୀର୍ଘବର୍ଷ ଧରି ଏହି ପୂଜା ଅନୁଷ୍ଠାନର ଉନ୍ନତି ପାଇଁ ସ୍ଥାନୀୟ ବ୍ୟବସାୟୀମାନେ ସହଯୋଗର ହାତ ବଢାଇ ଚାଲିଛନ୍ତି।



“ ୧୯୬୩ରୁ ଥାନପତି ମହାଦେବ କ୍ଲବ ଦୁର୍ଗାପୂଜା କରିଆସୁଛି। ଏହି କ୍ଲବ ପକ୍ଷରୁ ପବିତ୍ର ଦୁର୍ଗାପୂଜାରେ ହର-ପାର୍ବତୀ ପୂଜା ହୋଇଆସୁଛନ୍ତି। ଏହା ସହରର ସର୍ବପଥମ ଦୁର୍ଗାପୂଜା ଅନୁଷ୍ଠାନ। ପରବର୍ତ୍ତୀ ସମୟରେ ବସଷ୍ଟାଣ୍ଡ ପାର୍ଶ୍ୱରେ ମାକ୍ଷ ପୂର୍ଣ୍ଣମାସୀ ପୂଜା କମିଟି ପକ୍ଷରୁ ଦୁର୍ଗା ମୂର୍ତ୍ତି କରାଯାଉଛି। ଦୁଇଟି ସ୍ଥାନରେ ପୃଥକ୍ ଭାବେ ହର-ପାର୍ବତୀ ଏବଂ ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିଲେ ସୁଦ୍ଧା କମିଟି କିନ୍ତୁ ଗୋଟିଏ। ମା’ଙ୍କ ଆଶୀର୍ବାଦରୁ ବିଗତ ବର୍ଷଗୁଡିକରେ ସେଭଳି କିଛି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ସହରର ପାଖାପାଖି ୪୫୦ଜଣ ବ୍ୟବସାୟୀଙ୍କ ସହଯୋଗରେ ନିରବଚ୍ଛିନ୍ନ ଭାବେ ପୂଜା କରାଯାଇପାରୁଛି। ଏ ନେଇ କମିଟିର କର୍ମକର୍ତ୍ତା, ବ୍ୟବସାୟୀ ଭାଇମାନେ ଏବଂ ସାଧାରଣଜନତାଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ।

**- ସତ୍ୟବ୍ରତ ମହାପାତ୍ର, ସଭାପତି, ଥାନପତି ମହାଦେବ କ୍ଲବ**



“ ଚଳିତବର୍ଷ କିପରି ପୂଜା ଅଧିକ ଲୋକାଭିମୁଖୀ ଓ ଆକର୍ଷଣୀୟ ହୋଇପାରିବ ସେନେଇ ଚେଷ୍ଟା ଚାଲିଛି। ଏଥର ଶୃଙ୍ଖଳା ରକ୍ଷା ଓ କୌଣସି ଲୋକ ଯେପରି ଦର୍ଶନରୁ ବଞ୍ଚିତ ନ ହେବେ ସେଥିପ୍ରତି ଧାନ ଦିଆଯିବ। ଭସାଣି ଉତ୍ସବରେ କ୍ଲବର ସଦସ୍ୟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ପ୍ରତ୍ୟେକ ମିଳିମିଶି ଏହି କାମ ସମ୍ପନ୍ନ କରିବୁ। ମୋଟାମୋଟି ଭାବେ ଚଳିତବର୍ଷ ଦଶହରା ଭକ୍ତିମୟ ପରିବେଶ ସୃଷ୍ଟି କରିବ।

**-ଗୌରପ୍ରସାଦ ମହାନ୍ତି, ସମ୍ପାଦକ, ଥାନପତି ମହାଦେବ କ୍ଲବ**



“ ପୂଜା ଉପରେ ଆମେ ଗୁରୁତ୍ୱ ଦେଇଥାଉ। ପୂଜାପାଠରେ ଯେପରି କୌଣସି ପ୍ରକାର ବ୍ୟତିକ୍ରମ ନ ହେବ ସେନେଇ କ୍ଲବର ସମସ୍ତ ସଦସ୍ୟ ନିଷ୍ଠାର ସହ ଲାଗିଥାନ୍ତି। ଭୋଗ ମଧ ବହୁତ ଭଲ ହୁଏ। ଏହି ଭୋଗ କ୍ଲବର ସମସ୍ତ ସଦସ୍ୟଙ୍କୁ ଦିଆଯାଇଥାଏ। ଦଶମୀ ଦିନ ପ୍ରସାଦ ସେବନ ଓ ଦଶହରା ପରେ ହଳଦିଅ ଅନ୍ନର ଆୟୋଜନ ହେବ।

**-ଶ୍ରୀକାନ୍ତ ଚୌଧୁରୀ, ଉପସଭାପତି, ଥାନପତି ମହାଦେବ କ୍ଲବ**

## ସଂକ୍ଷେପରେ

### ୧୨ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

**ରଘୁନାଥପୁର,୨୧।୯(ଡି.ଏନ.ଏ.):** ରଘୁନାଥପୁର ଥାନା ସାଦେଇପୁର ରଜନୀ ଛକ ନିକଟରୁ ପୋଲିସ ୨ ନିଶାବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୨ ଗ୍ରାମ ବ୍ରାଉନସୁଗାର, ଏକ ହିରୋ ବାଇକ୍ ଓ ୩୨୦ ଟଙ୍କା ଜବତ କରିଛି। କୌଣସି ସୂତ୍ରରୁ ଏସ୍‌ଆଇ ସୌଦାମିନୀ ପଣ୍ଡା ବ୍ରାଉନସୁଗାର କାରବାର ସମ୍ପର୍କରେ ଖବର ପାଇବା ପରେ ପୋଲିସ ସେଠାରେ ଚଢ଼ାଉ କରି ଜଗତ୍‌ସିଂହପୁର ଥାନା ତରତଙ୍ଗ ଗ୍ରାମର କାହ୍ନୁ ଚରଣ ବେହେରା (୨୭) ଓ ସ୍ମୃତି ଜେନା (୩୨)ଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପୋଲିସ ପକ୍ଷରୁ ନଂ. ୧୭୫/୨୨ରେ ମାମଲା ରୁଜୁ ହୋଇଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଆଇ ଅନିଲ କୁମାର ସାହୁ ପ୍ରକାଶ କରିଛନ୍ତି।

### ଘର ତାଲା ଭାଙ୍ଗି ସବୁ ଲୁଟ୍

**ବାଲିକୁଦା,୨୧।୯(ସ୍ୱ.ପ୍ର.):** ଘରେ କେହି ନ ଥିବାର ସୁଯୋଗ ନେଇ ତାଲା ଭାଙ୍ଗି ମୂଲ୍ୟବାନ ଜିନିଷ ପତ୍ର ସମେତ ବାଡ଼ିରେ ଥିବା ନଳକୂପକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଜଣାପଡ଼ିଛି। ମଙ୍ଗଳବାର ରାତିରେ ଘର ମାଲିକ ଘରେ ପହଞ୍ଚିବା ପରେ ଉକ୍ତ ଘଟଣା ଜାଣି ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେବେ ଚୋରି ହୋଇଛି ଠିକ ଭାବେ ଜଣାପଡ଼ି ନ ଥିବା ବେଳେ ବୁଧବାର ସନ୍ଧାନୀ କୁକୁର ଓ ସାଇଣ୍ଟଫିକ୍ ଟିମ ସାହାରାରେ ତଦନ୍ତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ସଂଗ୍ରାମପୁର ପଞ୍ଚାୟତ ଖମ୍ଭାକୁଳ ଗାଁର ଜ୍ଞାନେନ୍ଦ୍ର ପରିଜା ନିଜ ପରିବାର ସହ ଭୁବନେଶ୍ୱରରେ ରହି ଆସୁଛନ୍ତି। ଘରେ ତାଙ୍କର ମା’ ଏକା ରହୁଥିବା ବେଳେ କିଛିଦିନ ତଳେ ଭୁବନେଶ୍ୱରରେ ରହୁଥିବା ପୁଅବୋହୂ ପାଖକୁ ଘରେ ତାଲା ପକାଇ ଚାଲି ଯାଇଥିଲେ। ଏହାରି ଭିତରେ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଜିନିଷ ପତ୍ର ସବୁ ଲୁଟି ନେଇଥିଲେ। ରାତିରେ ଜ୍ଞାନେନ୍ଦ୍ର ଭୁବନେଶ୍ୱରରୁ ଆସି ଘରେ ପହଞ୍ଚିବା ପରେ ଘରର ତାଲା ଭଙ୍ଗା ଯାଇଥିବା ଓ ଚୋରି ହୋଇଥିବା ଜାଣି ଥାନାକୁ ଜଣାଇଥିଲେ।

# ରାହାମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଦାବି

**ରାହାମା,୨୧।୯ (ଡି.ଏନ.ଏ.)**

## ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ଦାବିପତ୍ର ଦେଲା ରାହାମା ପ୍ରତିନିଧି ମଣ୍ଡଳୀ



ପ୍ରତିନିଧି ମଣ୍ଡଳୀ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ରଙ୍କୁ ଦାବିପତ୍ର ଦେଉଛନ୍ତି।

କୁଜଙ୍ଗ ବ୍ଲକ ରାହାମାଠାରେ ଥିବା ପ୍ରତାପ ଚନ୍ଦ୍ର ସ୍ମାରକୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରାହାମାକୁ ୧୦୦ ଶଯ୍ୟାବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଟ୍ରମା କେୟାର ସେଣ୍ଟର ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଏହି ଦାବି ନେଇ ସ୍ୱାସ୍ଥ୍ୟ କ୍ରିୟାନୁଷ୍ଠାନ କମିଟି ରାହାମା ପକ୍ଷରୁ ବୁଧବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ସାକ୍ଷାତ୍ କରି ଦାବି ଉପସ୍ଥାପନ କରାଯାଇଛି।

ସୂଚନା ଅନୁଯାୟୀ କୁଜଙ୍ଗ, ଏରସମା, ପାଟକୁରା ଓ ତିର୍ତ୍ତୋଲ ବ୍ଲକର ୫୦ଟି ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ପ୍ରତାପ ଚନ୍ଦ୍ର ସ୍ମାରକୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରାହାମାକୁ ୧୦୦ ଶଯ୍ୟାବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ଦାବି ହୋଇଆସୁଛି। ୧୯୯୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱର୍ଗତ ରାଜସ୍ୱ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ନାମରେ ନାମିତ କରାଯାଇଥିଲା। ଜଗତ୍‌ସିଂହପୁର ଜିଲାର ରାହାମା ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ହୋଇଥିବାରୁ ପ୍ରତେକ ଦିନ ବଜାରରେ ଭିଡ଼ ହୁଏ। ରାହାମାରେ ଶିକ୍ଷାନୁଷ୍ଠାନ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାରଳା ମହାବିଦ୍ୟାଳୟ, ସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ, ୩ଟି ଇଂରାଜୀ ବିଦ୍ୟାଳୟ, ରାହାମା ରେଲୱେ ଷ୍ଟେଶନ, ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଜାତୀୟକରଣ ବ୍ୟାଙ୍କ, ବେସରକାରୀ ଫାଇନାନ୍ସ କମ୍ପାନୀ ସହ ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରହିଛି। ଏଥିସହ କଟକ-ପାରାଦୀପ ମୁଖ୍ୟ ରାସ୍ତାରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ପହଞ୍ଚି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ଦାବି ସତ୍ତ୍ୱେ ଏହା କାର୍ଯ୍ୟକାରୀ ହେଉନାହିଁ। ଏ ନେଇ ଫେବୃୟାରୀରେ ସ୍ୱାସ୍ଥ୍ୟ କ୍ରିୟାନୁଷ୍ଠାନ କମିଟି ରାହାମା ପକ୍ଷରୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆନ୍ଦୋଳନ କରାଯାଇ ବିଜୁବାବୁଙ୍କ ଷ୍ଟାଚୁ ନିକଟରେ ଧାରଣା ଦିଆଯାଇଥିଲା। ଜିଲାପାଳ ପାରୁଲ ପଟାୱାରୀଙ୍କ ଅନୁରୋଧ ରକ୍ଷା କରି ଧାରଣା ପ୍ରତ୍ୟାହାର ସହ ଜିଲାପାଳ ଅଞ୍ଚଳବାସୀଙ୍କ ଦାବିରେ ଯଥାର୍ଥତା ଉପଲବ୍ଧିକରୀ ରାହାମାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଟ୍ରାମା କେୟାର ସେଣ୍ଟର ପ୍ରତିଷ୍ଠା ନିମନ୍ତେ ଏକ ଚିଠି ସ୍ୱାସ୍ଥ୍ୟ ସଚିବଙ୍କୁ ପ୍ରଦାନ କରିଛନ୍ତି। ବୁଧବାର ଭୁବନେଶ୍ୱର ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ସ୍କିନିଂ କମିଟିର ବୈଠକ ହେଉଥିବା ଜାଣି ସ୍ୱାସ୍ଥ୍ୟ କ୍ରିୟାନୁଷ୍ଠାନ କମିଟି ରାହାମା ପକ୍ଷରୁ ପ୍ରତାପ ଚନ୍ଦ୍ର ମହାନ୍ତି ସ୍ୱାସ୍ଥ୍ୟ କମିଟିର ସଭାପତି ସାମାଜିକ କର୍ମୀ ଡ. ସୁନାକର ବେହେରା, ଦେବାଶିଷ ଅକ୍ଷୟ କୁମାର ମହାନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ଆବଶ୍ୟକ କାଗଜପତ୍ର ପ୍ରଦାନ କରିଥିଲେ। ଏଥିସହ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଭେଟି ଉକ୍ତ ପ୍ରସ୍ତାବକୁ ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ଉଚ୍ଚ କ୍ଷମତା ସମ୍ପର୍ଣ୍ଣ କମିଟିରେ ଗୃହୀତ କରାଇବାକୁ ନିବେଦନ କରିଥିଲେ।

# ଆତ୍ମା ପକ୍ଷରୁ ସମୀକ୍ଷା ବୈଠକ

**ଏରସମା,୨୧।୯(ସ୍ୱ. ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ କୃଷି କାର୍ଯ୍ୟାଳୟ ପରିସରରେ ବୁଧବାର ଆତ୍ମା ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆତ୍ମାର ନବ ନିର୍ବାଚିତ ଅଧକ୍ଷ ଶିଶିର କୁମାର ବିଶ୍ୱାଳ ସଭାପତିତ୍ୱ କରି କହିଲେ, ଗ୍ରାମାଞ୍ଚଳରେ କୃଷିର ବିକାଶ ପାଇଁ ୨୦୦୫ରେ ଆତ୍ମା କମିଟି ଗଠନ କରାଯାଇଥିଲା। ଏହି କମିଟି ମାଧ୍ୟମରେ ପ୍ରାଣୀ, ମାଛ, ବିଭିନ୍ନ ଶସ୍ୟ ଜାତୀୟ ଓ ଉଦ୍ୟାନ ବିଭାଗର କୃଷିର ଉତ୍ପାଦନ ବୃଦ୍ଧି କରିବାକୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି। ଗ୍ରାମାଞ୍ଚଳର କୃଷକମାନେ ଏହାର ସୁଯୋଗ ନେବା ଆବଶ୍ୟକ। ଏଥିରେ ଜିଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ ଅତିଥି ଭାବେ ଯୋଗଦେଇ ଏରସମାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ଚାଷୀମାନେ କିପରି ଉପକୃତ ହେବେ ତା’ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ବେଉରା, ବ୍ଲକ କୃଷି ଅଧିକାରୀ ସୌଭାଗ୍ୟ ମହାନ୍ତି, ଆତ୍ମାର ପୂର୍ବତନ ଅଧକ୍ଷ ପ୍ରଦୀପ୍ତ ପରିଡା, ଏରସମା ପ୍ରାଣୀ ଚିକିତ୍ସକ ସିଞ୍ଚୋନୀ ମହାନ୍ତି, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତି ଶର୍ମା, ଅତିରିକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ନଳିନୀକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଆତ୍ମା କମିଟିର ୨୫ ଜଣ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

# ୩ ଜଣଙ୍କୁ ଆକ୍ରମଣ ଭିଡିଓ ଭାଇରାଲ ପରେ ଉତ୍ତେଜନା

**ପାରାଦୀପ, ୨୧।୯(ସ୍ୱ.ପ୍ର.):** ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବାଉରିଆପାଳନ୍ଦା ବସ୍ତି ଲୋକଙ୍କୁ ଉଠେଇ ନେଇ ମରଣାନ୍ତକ ଆକ୍ରମଣ କରିବା ଘଟଣା ଭିଡିଓ ବୁଧବାର ଭାଇରାଲ ହେବା ପରେ ଉତ୍ତେଜନା ପ୍ରକାଶ ପାଇଛି। ୨୦ରୁ ଉର୍ଦ୍ଧ୍ୱ ଟ୍ୟାଙ୍କର ଚାଳକ ହେଲପର ବସ୍ତିର ୩ ଜଣଙ୍କୁ ଉଠେଇ ନେଇ ଏକ ରେଷ୍ଟସେଡ୍ ଭିତରେ ଅର୍ଦ୍ଧ ଉଲଗ୍ନ କରି ନିର୍ଘାତ ପ୍ରହାର କରୁଛନ୍ତି। ଏହି ଘଟଣାରେ ପୋଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୨୯୯/୨୨ରେ ମାମଲା ରୁଜୁ ହୋଇଛି। ଘଟଣା ହେଉଛି ଗତ ୧୮ ତାରିଖ ସକାଳ ସମୟରେ। ବସ୍ତିର ଲୋକ ତେଲ ଚୋରି କରୁଛନ୍ତି ବୋଲି ଅଭିଯୋଗ କରି ଚାଳକ ହେଲପରମାନେ ଏକାଠି ହୋଇ ୩ ଜଣଙ୍କୁ ଉଠେଇ ନେଇ ଲୁହା ଛଡ଼, ପ୍ଲାଷ୍ଟିକ ପାଇପ ଆଦିରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଆକ୍ରମଣ ଶିକାର ଘନଶ୍ୟାମ ମଲ୍ଲିକ ସେହିଦିନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆକ୍ରମଣକାରୀ ୨୦ରୁ ଅଧିକ ଲୋକଙ୍କ ମଧ୍ୟରୁ ମାତ୍ର ୩ ଜଣଙ୍କୁ ୪ଦିନ ପରେ ଗିରଫ କରିଛି। ସେମାନେ ହେଲେ ଶ୍ରୀଧର ପ୍ରଧାନ, ବିନୋଦ ପ୍ରଧାନ ଓ ସୁଶାନ୍ତ ପ୍ରଧାନ। ବୁଧବାର ଭିଡିଓ ଭାଇରାଲ ହେବା ପରେ ବସ୍ତିର ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଯେକୌଣସି ସମୟରେ ଅଘଟଣ ହେବାର ସମ୍ଭାବନା ରହିଛି।

# ୧୨ଗ୍ରାମ ବ୍ରାଉନସୁଗାର ଜବତ, ଜଣେ କୋର୍ଟ ଚାଲାଣ

**ନାଉଗାଁ, ୨୧।୯(ସ୍ୱ.ପ୍ର.):** ନାଉଗାଁ ଥାନା ଅନ୍ତର୍ଗତ ବାଂଶ ନିକଟରୁ ପୋଲିସ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଧରି ବୁଧବାର କୋର୍ଟ ଚାଲାଣ କରିଛି। ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ କରିବାବେଳେ ଆଇଆଇସି ଅନିରୁଦ୍ଧ ନାୟକ ଖବରପାଇ ବାଲିସାହି ଗାଁର ଲଲାଟେନ୍ଦୁ ମିଶ୍ର (୩୯)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଏ ନେଇ ଥାନାରେ ନଂ.୨୦୮/୨୨ରେ ମାମଲା ରୁଜୁ ହୋଇଥିଲା।

# ବ୍ଲକସ୍ତରୀୟ ନିଯୁକ୍ତିମେଳା




ମେଳାରେ ଉପସ୍ଥିତ ଅତିଥିମାନେ।

**କୁଜଙ୍ଗ,୨୧।୯(ଡି.ଏନ.ଏ.)**

ଦିନ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମାଧ୍ୟମରେ ବୁଧବାର କୁଜଙ୍ଗ ବ୍ଲକ ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ୧୮ରୁ ୩୫ବର୍ଷ ମଧ୍ୟରେ ହୋଇଥିବା ୧୭୬ ଜଣ ନାମ ପଞ୍ଜିକରଣ କରିଥିବାବେଳେ ୧୩୪ ଜଣଙ୍କୁ ମନୋନୀତ କରାଯାଇଥିଲେ। ଟେଲରିଂରେ ୭ ଜଣ, ରିଟେଲ୍‌ସରେ ୨୧ ଜଣ, ଫେସନ୍ ଏବଂ ଟେଲରିଂରେ ୩୪, ଆବେୱେଷ୍ଟ ସର୍ଭିସ୍‌ରେ ୬ ଜଣ, ପର୍ଯ୍ୟଟନ ଓ ଅଭ୍ୟର୍ଥନାରେ ୧୧ ଜଣ, କଲ୍ ସେଣ୍ଟରରେ ୨୭ ଜଣ, ଏଚ୍‌ଏମ୍‌ରେ ୬ ଜଣ, ମଧମ ଫାଉଣ୍ଡେଶନ୍‌ରେ ୧୩ ଜଣ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ନିଯୁକ୍ତି ମେଳାରେ ପଞ୍ଚାୟତ ସମିତି ଅଧକ୍ଷା ନୀନାରାଣୀ ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାଶ, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ସତ୍ୟସୁନ୍ଦର ପାଇଟାଳ, ପ୍ରଭାତ ଦାଶ, ଦକ୍ଷତା ବିକାଶ ଜିଲା ସଂଯୋଜକ ପବିତ୍ର ସ୍ୱାଇଁ, ବ୍ଲକ ପ୍ରକଳ୍ପ ପରିଚାଳିକା ପଙ୍କଜିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସୁପର ସ୍ପେଶାଲିଟ୍ ହସ୍ପିଟାଲ ନିର୍ମାଣ ଦାବି

## ଜିଲା ସଚେତକ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ

**ତିର୍ତ୍ତୋଲ, ୨୧।୯ (ଡି.ଏନ.ଏ.)**




ଖବରଦାତା ସମ୍ମିଳନୀରେ ଜିଲା ସଚେତକ ମଞ୍ଚର କର୍ମକର୍ତ୍ତା।

ଜଗତ୍‌ସିଂହପୁର ଜିଲାରେ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ସହ ଜିଲାର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ତିର୍ତ୍ତୋଲଠାରେ ଏକ ୨୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟ୍ ହସ୍ପିଟାଲ ନିର୍ମାଣ ଲାଗି ଜିଲା ସଚେତକ ମଞ୍ଚ ଦାବି କରିଛି। ଏହି ଦାବି ପୂରଣ ଦିଗରେ ସରକାର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ରାଜଧାନୀରେ ଧାରଣା ସହ ରାସ୍ତାରୋକୋ ଇତ୍ୟାଦି ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି। ଜିଲାର କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନାହାନ୍ତି। ଟେକ୍ନିସିଆନ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ରହିଛି। ଭିତ୍ତିଭୂମିର ଅଭାବରୁ ଲୋକମାନେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଛନ୍ତି। ଏହାର ସମାଧାନ ସହ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ଲାଗି ମଞ୍ଚ ଦାବି କରିବା ସହ ଆନ୍ଦୋଳନ ଧମକ ଦେଇଛି। ସ୍ଥାନୀୟ ଆନନ୍ଦ ମଣ୍ଡପ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚର ନେତାମାନେ ଏହି ସୂଚନା ଦେଇଛନ୍ତି। ମଞ୍ଚର କାର୍ଯ୍ୟକର୍ତ୍ତା ନୃସିଂହ ଚରଣ ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ, ସଭାପତି ରବୀନ୍ଦ୍ର ନାଥ ସେଠୀ, ମୁଖ୍ୟ ସଚେତକ ଅକ୍ଷୟ କୁମାର ମହାନ୍ତି, ଆବାହକ ଭାଗବତ ପ୍ରସାଦ, ରଞ୍ଜନ ମଲ୍ଲିକ ପ୍ରମୁଖ ଏଥିରେ ଉପସ୍ଥିତ ରହି ଖବରଦାତାମାନଙ୍କୁ ସୂଚନା ଦେଇଥିଲେ।

# ଚଢ଼ାଦରରେ ବିକ୍ରି ହେଉଛି ସାର, ଚାଷୀ ହତାଶ

**ପଟ୍ଟାମୁଣ୍ଡାଇ,୨୧।୯(ସ୍ୱ.ପ୍ର.)**

ଚଢା ଦରରେ ରାସାୟନିକ ସାର ବିକ୍ରି ହେଉଛି। ବିଭିନ୍ନ କମ୍ପାନୀ ନାଁରେ ଚାଷୀଙ୍କୁ ସାର ଦୋକାନୀ ଠକୁଛନ୍ତି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟ ଆରମ୍ଭରୁ ବର୍ଷାର ଲୁଚକାଳି ଖେଳ ସହ ବିହନ ପାଇଁ ସମସ୍ୟା ଦେଖା ଦେଇଥିବାବେଳେ ବର୍ତ୍ତମାନ ସାର ସମସ୍ୟା ଚାଷୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି। ସାରର କଳାବଜାର ପୁଣି ଚାଷୀଙ୍କ ମୁଣ୍ଡରେ ଚଡକ ପକାଇ ଦେଇଛି ।

ସମବାୟବିତ ବନମାଳୀ ମହାପାତ୍ର କୁହନ୍ତି, କେନାଲ୍ ପାଣି ବିଲକୁ ମାଡୁନାହିଁ, ମୋଟର ଯୋଗେ ପାଣି ମଡାଇ ଧାନ ଫସଲକୁ ବହୁ କଷ୍ଟରେ ବଞ୍ଚାଇ ରଖାଯାଇଛି। ମାତ୍ର ଏହି ସମୟରେ ଆବଶ୍ୟକ କରୁଥିବା ୟୁରିଆ ସାରର ଉତ୍କଟ ଅଭାବ ଯୋଗୁ ଅଞ୍ଚଳର ଚାଷୀ ହତାଶ ହୋଇପଡିଛନ୍ତି। ଚାଷୀମାନେ ସାର ପାଇବା ପାଇଁ ସମବାୟ ସମିତି ସମ୍ପାଦକଙ୍କୁ ଯୋଗାଯୋଗ କରୁଥିଲେ ମଧ କୌଣସି ସମିତିରେ ବସ୍ତାଏ ହେଲେ ସାର ନ ଥିବା ସମ୍ପାଦକମାନେ ଚାଷୀଙ୍କୁ କହିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ରାସାୟନିକ ସାର ବିକ୍ରିରେ ଲଗାମ ନାହିଁ। ଫଳରେ ରିଟେଲର ଦୋକାନୀ ମନଇଚ୍ଛା ଚଢ଼ା ଦରରେ ସାର ବିକ୍ରି କରୁଛନ୍ତି। ଚାଷୀଙ୍କୁ ସରକାରୀ ମୂଲ୍ୟରେ ସାର ଯୋଗାଣ ପାଇଁ ପଞ୍ଜୀକୃତ ହୋଇଥିବା ୧୬ ସମବାୟ ସମିତିରେ ସାର ମିଳୁ ନ ଥିବାରୁ ଏହାର ଫାଇଦା ନେଇ ପଟ୍ଟାମୁଣ୍ଡାଇ ସହର ସମେତ ଗ୍ରାମାଞ୍ଚଳରେ ଅସାଧୁ ବ୍ୟବସାୟୀ ୟୁରିଆ ସାର ବସ୍ତା ୫ ଶହ ଟଙ୍କା, ଡିଏପି ବସ୍ତା ୧୫ ଶହ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ସେହିପରି କୃଷକ ନେତା ବିଜୟ ଦାସ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ୧୬ ପ୍ରାଥମିକ କୃଷି ସମବାୟ ସମିତି ଉପରେ ୩୧ ପଞ୍ଚାୟତର ଚାଷୀମାନେ ନିର୍ଭରଶୀଳ। ମାତ୍ର ପଟ୍ଟାମଣ୍ଡାଇ ମାର୍କଫେଡ ପରିଚାଳକଙ୍କ ମନମାନି ଓ ସମବାୟ ସମିତିର ସମ୍ପାଦକଙ୍କ ବେପରୁଆ ମନୋଭାବ ପାଇଁ ଚାଷ ଆରମ୍ଭରୁ ସାର ମିଳୁନାହିଁ। ଅଞ୍ଚଳରେ ଥିବା ୧୬ଟି ସମବାୟ ସମିତି ମଧ୍ୟରୁ ଔପଦା, ବଡମୂଳବସନ୍ତ ଓ ତେରୋହି ସମବାୟ ସମିତିକୁ ଛାଡି ଦେଲେ ଅନ୍ୟ ୧୩ଟି ସମବାୟ ସମିତି ସମ୍ପାଦକ ସାର ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି ବୋଲି ମାର୍କଫେଡ ପରିଚାଳକ କହିଛନ୍ତି। କୃଷି ସମବାୟ ସମିତି ସାର ଆବଣ୍ଟନ କରୁ ନ ଥିବାରୁ ଚାଷୀମାନେ ବଜାର ଉପରେ ନିର୍ଭର କରି ଅଧିକ ଟଙ୍କାରେ କିଣି ଶୋଷଣର ଶିକାର ହେଉଛନ୍ତି। ପ୍ରଶାସନର ନିଷ୍କ୍ରିୟତା ପାଇଁ ସାର କଳାବଜାର ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଖୋଲା ବଜାରରୁ ଚାଷୀ ନାଗାର୍ଜୁନ ୟୁରିଆ, ଗ୍ରୋମୋର ଓ ପଟାସ୍ ବସ୍ତା ପିଛା ୧୦୦ରୁ ୪୦୦ ଟଙ୍କା ଯାଏ ଅଧିକ ଦରରେ କିଣି ଚାଷ କାମରେ ଲଗାଉଛନ୍ତି। ଚାଷୀଙ୍କ ପାଇଁ ଆବଶ୍ୟକ ସାର ସମବାୟ ସମିତିକୁ ଯୋଗାଇ ଦିଆଯାଉଛି ବୋଲି ସରକାର ଘୋଷଣା କରିଥିଲେ ହେଁ ତାହା ଫଳପ୍ରଦ ହୋଇନାହିଁ। ଫଳରେ ଚଳିତ ବର୍ଷ ଖରିଫ ଫସଲ ଅମଳ ବାଧାପ୍ରାପ୍ତ ହେବ। ଅନ୍ୟପକ୍ଷରେ ଶ୍ୟାମସୁନ୍ଦରପୁର ସମବାୟ ସମିତି ସମ୍ପାଦକ ତପନ ସ୍ୱାଇଁଙ୍କୁ ପଚାରିବାରେ ବଳିଆ ଯୋଜନା, କୃଷି ଋଣ ଦେବା ପାଇଁ ସମୟ ନାହିଁ। ସମିତି ଚାଷୀଙ୍କୁ ସାର ଦେବା ପାଇଁ ସମୟ କାଇଁ ବୋଲି କହିଥିଲେ। ଏ ବିଷୟରେ ସମବାୟ ବିଭାଗ ଏଆର୍‌ସିଏସ୍ ସନ୍ତୋଷ କୁମାର ଦାଶଙ୍କୁ ପଚାରିବାରେ ଯଦି ସମବାୟ ସମିତି ସାର୍ ଷ୍ଟକ୍ କରିନାହାନ୍ତି ତାଙ୍କ ସହ ଯୋଗାଯୋଗ କରି ଚାଷୀଙ୍କ ସମସ୍ୟା ଦୂର କରିବାକୁ ଉଦ୍ୟମ କରିବି ବୋଲି ସେ କହିଛନ୍ତି।

## ଗିରଫ ବ୍ରାଉନସୁଗାର ବ୍ୟବସାୟୀ ଜେଲ ଗଲେ

ବାଲିକୁଦା,(ସ୍ୱ.ପ୍ର.): ବାଲିକୁଦା ଥାନା ପୋଲିସ ମଙ୍ଗଳବାର ଗରାମ ପଞ୍ଚାୟତ ଚଅଁରପୁର ସ୍ଥିତ ଦଧିବାବନ ଜୀଉ ଉଚ୍ଚବିଦ୍ୟାଳୟ ପଛ ପଟୁ ଗିରଫ ହୋଇଥିବା ବ୍ରାଉନସୁଗାର ବ୍ୟବସାୟୀ ରାଜା ଭୋଳଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ କୋର୍ଟ କରାଯାଇଛି। ଗିରଫ ସମୟରେ ପୋଲିସ ରାଜାଙ୍କଠାରୁ ୧୧.୫ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ୧୦ହାଜରୁ ବେଶୀ ହେବ ବୋଲି କୁହାଯାଉଛି। ପୋଲିସ ଉକ୍ତ ଘଟଣାରେ ନଂ. ୪୧୧/୨୨ରେ ଏକ ମାମଲା ରୁଜୁ କରିଛି।

# ୨୨ବର୍ଷ ହେଲା ରାସ୍ତା, ଡ୍ରେନ୍ କାମ ଅଧୁରା

- ପିଡିଏର ନିମିଢି ଟାଉନଶିପ
- ପ୍ରଶାସନିକ ସ୍ତରରେ ଚିଠି ବୁଲୁଛି
- ସମସ୍ୟା ଯେଉଁଠି ସେଇଠି



ନିମିଢି ଟାଉନଶିପ୍‌ରେ ପାଣି ଜମି ରହିବା ସହ ଆବର୍ଜନା ପଡିଛି।



OFFICE OF THE PARADIP DEVELOPMENT AUTHORITY,PARADIP
2ND FLOOR OF THE PARADIP MUNICIPALITY OFFICE, PARADIP

No. 369 /PDAP.,dt. 05.9.22

To

The Block Development Officer,
Kujanga.

Sub:- Repairing of road and drain in the Plotted Development Scheme area of Paradip Development Authority in mouza ,Nimidhi.

Sir,

With reference to the subject cited above, I am to intimate you that the Paradip Development Authority, Paradip has developed a scheme in the name and style of Plotted Development Scheme, Nimidhi, in Mouza- Nimidhi, Paradipgarh under Kujanga Tahasil. The said scheme was executed during the year 2000 with provisions of road, drain and water supply through dip tube wells etc. Now the allottees of that area have requested to repair the main road, approach roads and the drains of that area. As the said area comes under your jurisdiction I am to request you to take necessary steps for undertaking the above repair works by the Block.

Yours faithfully,

Secretary
Paradip Development Authority
Paradip

Block Development Office
Kujang

ପିଡିଏ ପକ୍ଷରୁ କୁଜଙ୍ଗ ବିଡିଓଙ୍କ ପାଖକୁ ପଠାଯାଇଥିବା ଚିଠି।

ପାରାଦୀପ,୨୧।୯(ସ୍ୱ.ପ୍ର.)

ପାରାଦୀପ ଡେଭଲେପମେଣ୍ଟ ଅଥରିଟି (ପିଡିଏ)ପକ୍ଷରୁ ନିମିଢି ମୌଜାଠାରେ ୨୦୦୦ମସିହାରୁ ଏକ ଟାଉନସିପ ପାଇଁ ଜାଗା ବଣ୍ଟନ କରାଯାଇଛି। ସମୁଦାୟ ୯୨ ପ୍ଲଟ ବିଭିନ୍ନ ଲୋକ ନେଇଛନ୍ତି। ସେଥିରୁ ୩୫ ଜଣ ଘର କରି ଦୀର୍ଘବର୍ଷ ହେଲା ରହୁଛନ୍ତି। ଏହା ମଧ୍ୟରେ ୨୨ବର୍ଷ ଅତିକ୍ରାନ୍ତ କରିଥିଲେ ହେଁ ଏ ପର୍ଯ୍ୟନ୍ତ ସେମାନଙ୍କ ପାଇଁ ରାସ୍ତା, ଡ୍ରେନ, ପାର୍କ, ଆବର୍ଜନା ପକାଇବାକୁ ଜାଗା ନାହିଁ। ଏ ସମ୍ପର୍କରେ ସେହି ଲୋକମାନେ ଏକାଧିକ ବାର ପିଡିଏକୁ ଲିଖିତ ଅଭିଯୋଗ କରୁଛନ୍ତି। କିନ୍ତୁ ସମାଧାନର ବାଟ ବାହାରୁନାହିଁ। ଅପରପକ୍ଷେ ଜଣାଯାଇଛି, ଯେତେବେଳେ ଲୋକ ଅଭିଯୋଗ କରୁଛନ୍ତି ସେତେବେଳେ ପିଡିଏ କର୍ତ୍ତୃପକ୍ଷ ବିଡିଓଙ୍କୁ ଲେଖୁଛନ୍ତି। ବିଡିଓ ସରପଞ୍ଚଙ୍କୁ ଲେଖୁଛନ୍ତି। ସରପଞ୍ଚ ଅର୍ଥ ନାହିଁ ବୋଲି ଚୁପଚାପ ରହୁଛନ୍ତି। ଏଭଳି ସେମିତି ଏକ ଚିଠି ଏବେ ହସ୍ତଗତ ହୋଇଛି। ଗତ ଏପ୍ରିଲ ୪ରେ ପିଡିଏ ଟାଉନସିପ ବାସିନ୍ଦା ଏକ ଚିଠି ପିଡିଏ ସଚିବଙ୍କୁ ଲେଖିଥିଲେ। ସଚିବ କାହ୍ନୁଚରଣ ଧିର ଉକ୍ତ ପ୍ରସଙ୍ଗ ଉପରେ କୁଜଙ୍ଗ ବିଡିଓ ସୌମଶ୍ରୀ ପାଣିଗ୍ରାହୀଙ୍କୁ ସେପ୍ଟେମ୍ବର ୫ ନଂ. ୩୬୯ରେ ଚିଠି କରିଛନ୍ତି। ସେଥିରେ ଦର୍ଶାଯାଇଛି, ପିଡିଏ ପ୍ଲଟ ଅଧୀନରେ ଥିବା ଜାଗାରେ ରାସ୍ତା ଡ୍ରେନ ଆଦି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ବିଡ଼ିଓ ପାଣିଗ୍ରାହୀ ଗତ ୯ ତାରିଖରେ ଗଡ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରାଙ୍କୁ ଚିଠି ଲେଖିଛନ୍ତି। ସେଥିରେ ପିଡିଏ ଦେଇଥିବା ଚିଠି ସହିତ ଦର୍ଶାଇଛନ୍ତି, ଏହା ଯଦି ପଞ୍ଚାୟତ ଅର୍ଥରେ କରାଯାଇପାରିବ ତାହା ହେଲେ ଆଲୋଚନା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସରପଞ୍ଚ ବେହେରାଙ୍କ ମତ ହେଲା ପଞ୍ଚାୟତ ପାଇଁ ଯେତିକି ଫଣ୍ଡ ଆସିଛି ତାହା ଆମର ଡିମାଣ୍ଡ କାମକୁ ନିଅଣ୍ଟ। ପିଡିଏ ଅଞ୍ଚଳ ପାଇଁ ଅର୍ଥ କୁଆଡୁ ଆସିବ। ସେ ତାଙ୍କର ବଜେଟରେ କାମ କରନ୍ତୁ। ପିଡିଏ ଅଫିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦୦୦ ମସିହାରେ ପ୍ଲଟ ଆବଣ୍ଟନ କରାଯାଇଥିଲା। ସେତେବେଳେ ୪ଟି ବର୍ଗରେ ଏହା ବଣ୍ଟନ ହୋଇଥିଲା। ସେସବୁ ହେଲା ଏଚଆଇଜି, ଏମ୍ଆଇଜି, ଏଲ୍ଆଇଜି, ଓ ଇଡବ୍ଲ୍ୟୁଏସ୍(ହାଆର ଇନ୍‌ଫର୍ମ ଗ୍ରୁପ, ମିଡିଲ ଇନଫର୍ମ ଗ୍ରୁପ, ଲୋୟର ଇନଫର୍ମ ଗ୍ରୁପ ଓ ଇକୋନୋମିକ୍ ୱିକର ସେକ୍ସନ) ଆଧାରରେ ଦିଆଯାଇଛି। ସେତେବେଳେ ରାସ୍ତା ଡ୍ରେନ ପାର୍କ ଆବର୍ଜନାସ୍ଥଳ ଆଦି କରାଯାଇଥିଲା। ପରବର୍ତ୍ତୀ ସମୟରେ କେତେକ ମୁଷ୍ଟିମେୟ ଲୋକ ପାର୍କ ପାଇଁ ଉଦ୍ଦିଷ୍ଟ ଜାଗାକୁ ଜବରଦଖଲ କରିବାରେ ଲାଗିଛନ୍ତି। ଏହା ବ୍ୟତିରେକ ୨୦୦୪ରେ ସେଠାରେ ବାଲି ଉତ୍ତୋଳନକୁ ନେଇ ବିବାଦ ଉପୁଜିଥିଲା। ଯାହା ଏ ପର୍ଯ୍ୟନ୍ତ ଅସମାହିତ ରହିଛି। ଲୋକଙ୍କ ସମସ୍ୟା ସମ୍ପର୍କରେ ପିଡିଏ ସଚିବ ଧିରଙ୍କୁ ପଚାରିବାରେ ସେ କୌଣସି ଉତ୍ତର ଦେଇ ନ ଥିଲେ।

# ସୂଚନା ଆଇନ ଉଲ୍ଲଂଘନ, ପୁଣି ଦଣ୍ଡିତ ହେଲେ ପୂର୍ବତନ ଯୋଗାଣ ନିରୀକ୍ଷକ

ତିର୍ତ୍ତୋଲ,୨୧।୯ (ଡି.ଏନ.ଏ.)

ସୂଚନା ଅଧିକାର ଆଇନ ହେଉଛି, ସରକାର ଜନସାଧାରଣଙ୍କ ସ୍ୱାର୍ଥ ସହିତ ଜଡିତ ତଥ୍ୟକୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରିବା। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନକାରୀଙ୍କୁ ଯୋଗାଇ ଦିଆ ନ ଯାଏ, ତେବେ ସୂଚନା ଅଧିକାର ଆଇନ ଅବମାନନା ଅଭିଯୋଗରେ ସୂଚନା ଦେବାକୁ ଥିବା ଅଧିକାରୀ ଦଣ୍ଡନୀୟ ହେବେ। ପୂର୍ବରୁ ଏହି ଆଇନ ଉଲ୍ଲଂଘନ କରି ଦଣ୍ଡିତ ହୋଇଥିବା ତିର୍ତ୍ତୋଲ ବ୍ଲକର ପୂର୍ବତନ ଯୋଗାଣ ନୀରିକ୍ଷକ ପୁଣି ଆଉ ଏକ ମାମଲାରେ ଦଣ୍ଡିତ ହୋଇଛନ୍ତି।

ପ୍ରକାଶ ଯେ, ତିର୍ତ୍ତୋଲର ତତ୍କାଳୀନ ଯୋଗାଣ ନିରୀକ୍ଷକ ଯଶୋବନ୍ତ ମଲ୍ଲିକ ୨୦୧୭ରେ ମଣିଜଙ୍ଗାସ୍ଥିତ ମା' କନକ ସୁନ୍ଦରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରକୁ ବନ୍ଦ କରି ଦେଇଥିଲେ। ପରେ ଉକୁଟୋଲା ଗ୍ରାମସ୍ଥିତ ସରକାରୀ ଖୁଚୁରା ବିକ୍ରେତା ତରୁଣ କୁମାର ସାହୁଙ୍କୁ ଉକ୍ତ ବିକ୍ରୟ କେନ୍ଦ୍ରର ସାମଗ୍ରୀ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମଣିଜଙ୍ଗାର ୬ଟି ୱାର୍ଡର ଖାଉଟି ତତ୍କାଳୀନ ବ୍ଲକ ପ୍ରଶାସନ ନିକଟରେ ଦାବି କରି ଆମେ ମା' କନକ ସୁନ୍ଦରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଖୁଚୁରା ବିକ୍ରୟ କେନ୍ଦ୍ରରୁ ଠିକ୍ ଭାବେ ଖାଉଟି ସାମଗ୍ରୀ ପାଉଥିବା ବେଳେ ଅନ୍ୟାୟ ଭାବେ ବନ୍ଦ କରାଯାଇଛି। ଏହାକୁ ପୁନଃ ନିଯୁକ୍ତି କରିବାକୁ ଦାବି ରଖିଥିଲେ। ପ୍ରଶାସନ ଏହାକୁ ଭ୍ରୁକ୍ଷେପ ନ କରିବାରୁ ଜନସାଧାରଣ ଆଇନଜୀବୀ ପ୍ରିୟବ୍ରତ ଗୋସ୍ୱାମୀ ଓ ବିନୟ କୁମାର ସ୍ୱାଇଁଙ୍କ ସହାୟତାରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଯାହାକୁ ଯୋଗାଣ ଅଧିକାରୀ ଭ୍ରୂକ୍ଷେପ କରି ନ ଥିଲେ। ପରେ ରାଜ୍ୟ ସୂଚନା କମିଶନଙ୍କର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ମଣିଜଙ୍ଗା ଗ୍ରାମର ନରେନ୍ଦ୍ର କୁମାର ସାହୁ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ଅପିଲ କରିଥିଲେ। ସୂଚନା ଆୟୋଗ ଏହି ମାମଲାର ବିଚାର କରି ସୂଚନା ପ୍ରଦାନରେ ଖିଲାପ କରୁଥିବା ପୂର୍ବତନ ଯୋଗାଣ ନୀରିକ୍ଷକ ମଲ୍ଲିକଙ୍କ ଉପରେ ୧୫ହଜାର ଟଙ୍କା ଜରିମାନା କରିଛନ୍ତ। ଏହି ଅର୍ଥ ଅଭିଯୋଗକାରୀଙ୍କୁ ଶୀଘ୍ର ପ୍ରଦାନ ନିମନ୍ତେ ନିର୍ଦ୍ଦେଶର ନକଲ ଜିଲାପାଳ ଜଗତ୍‌ସିଂହପୁରଙ୍କୁ ପଠାଯାଇଛି। ଏହାସହ ତିର୍ତ୍ତୋଲ ବିଡିଓଙ୍କୁ ମଧ୍ୟ ଚିଠି ହୋଇଥିବା ଜଣାଯାଇଛି।

# ମଙ୍ଗୁଲି ପ୍ରାଥମିକ କୃଷି ସମବାୟ ସମିତିରେ କ୍ୟାଶ୍ କାଉଣ୍ଟର ଉଦ୍‌ଘାଟିତ

ବିରିଡି,୨୧।୯ (ଡି.ଏନ.ଏ.)



କ୍ୟାଶ୍ କାଉଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବିରିଡି ବ୍ଲକ ଅନ୍ତର୍ଗତ ମଙ୍ଗୁଲି ପ୍ରାଥମିକ କୃଷି ସମବାୟ ସମିତିରେ ବୁଧବାର କ୍ୟାସ କାଉଣ୍ଟର ଉଦ୍‌ଘାଟିତ ହୋଇଛି। ଏହାକୁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ବିରିଡି ଶାଖାର ପରିଚାଳକ ପିନାକି ସିଂ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ଉତ୍ସବରେ ମଙ୍ଗୁଲି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ରବୀନ୍ଦ୍ର କୁମାର ସାହୁ ପୌରୋହିତ୍ୟ କରିଥିଲେ। ସମ୍ପାଦକ ବିଜୟ ପ୍ରସନ୍ନ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରସାଦ ଜେନା, ସରୋଜ ଜେନା, ଭାବଗ୍ରାହୀ ବେହେରା, ରଶ୍ମିପ୍ରକାଶ ଦଳାଇ, ଶିବ ପ୍ରସାଦ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବୁଧବାର ନୂତନ ଭାବେ ଜମାକାରୀମାନେ ସେମାନଙ୍କ, ଆକାଉଣ୍ଟ ଖାତା ଖୋଲି ୬୨ ହଜାର ଟଙ୍କା କାଉଣ୍ଟରରେ ଜମା କରିଥିଲେ। ସମିତିର କର୍ମଚାରୀ ପୃଥ୍ୱୀରାଜ ଦଳାଇ, ପୂର୍ଣ୍ଣଚନ୍ଦ୍ର ପାତ୍ର ସହଯୋଗ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ସମ୍ପାଦକ ଦାସ, ସମିତିର ସମସ୍ତ ଡାଇରେକ୍ଟରମାନେ ଉପସ୍ଥିତ ଥିଲେ।

# ଏଚ୍‌ପିସିଏଲ୍ ଟର୍ମିନାଲ, ୱାଗନ୍‌ରୁ ଖସି ଶ୍ରମିକ ଗୁରୁତର

ପାରାଦୀପ,୨୧।୯(ସ୍ୱ.ପ୍ର.)

ପାରାଦୀପ ଥାନା ଅନ୍ତର୍ଗତ ଏଚ୍‌ପିସିଏଲ୍ (ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ) ଟର୍ମିନାଲ ଭିତରେ ବୁଧବାର ଦୁର୍ଘଟଣା ଘଟିଛି। ଜଣେ ଠିକା ଶ୍ରମିକ ୱାଗନରୁ ତେଲ ନିଷ୍କାସନ କରିବା ବେଳେ ଖସି ପଡିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ଆହତ ଶ୍ରମିକ ହେଲେ କାଳନ୍ଦୀ ସ୍ୱାଇଁ (୩୫)। ତାଙ୍କ ଘର ମାର୍ଶାଘାଇ ଥାନା ଅନ୍ତର୍ଗତ ମହାନଙ୍ଗଳ ଗ୍ରାମରେ। ସେ ମା' ମଙ୍ଗଳା କନଷ୍ଟ୍ରକ୍‌ଶନ ନାମକ ଠିକା ସଂସ୍ଥା ଅଧୀନରେ କାମ କରୁଥିଲେ। ବୁଧବାର ସକାଳ ୭ଟାରେ ୱାଗନରୁ ଟର୍ମିନାଲ ଟାଙ୍କିକୁ ତେଲ ଅପସାରଣ କରାଯାଉଥିବା ସମୟରେ ସେ ଉପରୁ ତଳକୁ ଖସି ପଡିଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କେନ୍ଦ୍ରାପଡା ଜିଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ଦୁଇଟି ଯାକ ଗୋଡ ଭାଙ୍ଗି ଯାଇଛି। କାମ ସମୟରେ ଠିକାସଂସ୍ଥା ସୁରକ୍ଷା ଉପକରଣ ଦେଉ ନ ଥିବା ଅଭିଯୋଗ କରିଛନ୍ତି ଅନ୍ୟ ଶ୍ରମିକମାନେ। ଏ ସମ୍ପର୍କରେ କାରଖାନା ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇଙ୍କୁ ପଚାରିବାରେ ଆମକୁ ତତ୍କାଳ ସୂଚନା ମିଳି ନ ଥିଲା। ବାହାରୁ ଖବର ପାଇ ଯାଇ ଯାଞ୍ଚ କରିବାରୁ ଦୁର୍ଘଟଣା ଘଟିଥିବା ସ୍ପଷ୍ଟ ହୋଇଛି। ଏହା ଉପରେ ସବିଶେଷ ତଦନ୍ତ ଚାଲିଛି। କିପରି ଦୁର୍ଘଟଣା ଘଟିଲା ତା'ର କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ସୂଚନାଯୋଗ୍ୟ କିଛିଦିନ ତଳେ ଏଭଳି ଏକ ଦୁର୍ଘଟଣା ଘଟିଥିଲା। ସେତେବେଳେ ରଶ୍ମିରଞ୍ଜନ ସାହୁ ନାମକ ଶ୍ରମିକ ଆହତ ହୋଇଥିଲେ। ଅକର୍ମଣ୍ୟ ହୋଇ ଏବେ ସେ ଘରେ ବସିଛନ୍ତି ବୋଲି ଜଣାପଡିଛି।

# ବାଲିଆ ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗ

କୁଜଙ୍ଗ,୨୧।୯(ଡି.ଏନ.ଏ.)

କୁଜଙ୍ଗ ଥାନା ଅନ୍ତର୍ଗତ ବାଲିଆ ସରପଞ୍ଚ ସରୋଜିନୀ ନାୟକଙ୍କୁ କେତେଜଣ ବ୍ୟକ୍ତି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବୁଧବାର ସରପଞ୍ଚ ପଞ୍ଚାୟତ କାର୍ଯ୍ୟାଳୟରେ ମେକାନିକ୍ ଡାକି ସିସିଟିଭି ଲଗାଉଥିବାବେଳେ ୨୦ଜଣ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଥିବା ନାଏବ ସରପଞ୍ଚ ସମରେନ୍ଦ୍ର ପ୍ରଧାନ ୩ ନଂ. ଓ ୧୬ ନଂ. ୱାର୍ଡ଼ ସଭ୍ୟ ପଦ୍ମଲ ସ୍ୱାଇଁ, ଦୀପକ ମହାପାତ୍ର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ତୁରନ୍ତ ଏଠାରୁ ଚାଲିଯାଅ ନଚେତ୍ ଜୀବନରେ ମାରି ଦେବୁ ବୋଲି ଧମକ ଦେଇଥିବା ସରପଞ୍ଚ ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳକାରୀଙ୍କୁ ସରପଞ୍ଚ ନାୟକ ଧରାଧରି କରିବାରୁ ସେମାନେ ତାଙ୍କୁ ଧକ୍କା ମାରିଥିଲେ। ସେମାନେ କହିଥିଲେ, ଯଦି ପଞ୍ଚାୟତ ଅଫିସରେ ସରପଞ୍ଚ ଭାବେ କାମ କରିବାର ଅଛି, ତେବେ ଆମକୁ ମାସିକ ୫୦ ହଜାର ଟଙ୍କା ଦାଦାବଟି ଦେବ, ନଚୁବା ତମକୁ ଗୁଳି କରି ଜୀବନରେ ଶେଷ କରିଦେବୁ ବୋଲି ନାୟକ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ସମୟରେ ସରପଞ୍ଚ ଥାନାକୁ ଫୋନ କରିବାରେ ପୋଲିସ ପହଞ୍ଚି ୬ଜଣଙ୍କୁ ଧରି ଅଟକ ରଖିଛି। ଅନ୍ୟପକ୍ଷେ ଅଟକ ଥିବା ଜଣେ ୱାର୍ଡ ସଭ୍ୟ ସରପଞ୍ଚଙ୍କ ସ୍ୱାମୀ ଓ ସରପଞ୍ଚଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏକ ନିର୍ଦ୍ଦିଷ୍ଟ ଗ୍ରାମର ୩ ଜଣ ୱାର୍ଡ ସଭ୍ୟ ଓ କେତେଜଣ ବ୍ୟକ୍ତି ତାଙ୍କ ନିର୍ଦ୍ଦେଶରେ ସରପଞ୍ଚ କାମ କରିବାକୁ ବାଧ କରୁଛନ୍ତି। ସରପଞ୍ଚ ସମସ୍ତଙ୍କୁ ନେଇ କାମ କରିବାକୁ କହିବାରୁ ଏମାନେ ଏଭଳି ଆକ୍ରମଣ କରିଥିବା ନାୟକ କହିଛନ୍ତି।

# ପଟ୍ଟାମୁଣ୍ଡାଇରେ ବୃଦ୍ଧି ପାଉଛି ନକଲି ଔଷଧ କାରବାର

ପଟ୍ଟାମୁଣ୍ଡାଇ,୨୧।୯(ସ୍ୱ.ପ୍ର.)

**ଜିଲା ଭେଷଜ ନିରୀକ୍ଷକ ନୀରବଦ୍ରଷ୍ଟା**



କେନ୍ଦ୍ରାପଡ଼ା ଜିଲା ଭେଷଜ ନିୟନ୍ତ୍ରକଙ୍କ ବିଭାଗର ଅଧିକାରୀ ପଟ୍ଟାମୁଣ୍ଡାଇ ଅଞ୍ଚଳ ପାଇଁ ଏକ ପ୍ରକାର ନୀରବତା ଅବଲମ୍ବନ କରିଛନ୍ତି। ଏହି ବିଭାଗ ସମ୍ପ୍ରତି ଅସାଧୁ ଔଷଧ ବ୍ୟବସାୟୀଙ୍କ ପାଖରେ ବନ୍ଧାପଡିଥିବା ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ଜିଲା ଭେଷଜ ନିରୀକ୍ଷକ ନୀରବଦ୍ରଷ୍ଟା ସାଜିବାରୁ ବେଆଇନ ଔଷଧ କାରବାର ବ୍ୟାପକ ଭାବେ ବୃଦ୍ଧି ପାଉଛି। ଅସାଧୁ ବ୍ୟବସାୟୀ ଓ ବ୍ୟକ୍ତିବିଶେଷ ନିଜର ବ୍ୟବସାୟକୁ ଅନାୟାସରେ ଚଳାଉଛନ୍ତି। ବେଆଇନ ଔଷଧ କାରବାର ରୋକିବା ଦିଗରେ ଜିଲା ଭେଷଜ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ।

ନିୟମାନୁଯାୟୀ ଭେଷଜ ନିରୀକ୍ଷକଙ୍କ ପକ୍ଷରୁ ଯେପରି ଭାବେ ବିଭିନ୍ନ ଔଷଧ ଦୋକାନ ନିୟମିତ ଯାଞ୍ଚ ହେବା କଥା ତାହା ହେଉନାହିଁ। ଫଳରେ କେତେଜଣ ମୁନାଫାଖୋର ବ୍ୟବସାୟୀ ନିଜର ଫାଇଦା ପାଇଁ ନିମ୍ନମାନର ଔଷଧ କାରବାର ଚଳାଇଥିବା ଅଭିଯୋଗ ହେଉଛି। ତେବେ ନିକଟରେ ବଜାରରେ ରକ୍ତଚାପ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ନକଲି ଟେଲ୍‌ମା-୪୦ ଟାବ୍‌ଲେଟ ମିଳୁଥିବା ଜଣାପଡ଼ିବା ପରେ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଉଚ୍ଚ ରକ୍ତଚାପ ପାଇଁ ବ୍ୟବହୃତ ଟେଲ୍‌ମା-୪୦ ଟାବ୍‌ଲେଟ ନକଲି ନେଇ କଟକ- ଭୁବନେଶ୍ୱର ସହ ଏକାଧିକ ସ୍ଥାନରେ ଚଢାଉ ହୋଇଥିଲା। ଏହି ମାମଲାରେ କଟକ ପୋଲିସ ୨ ଜଣ ଡିଷ୍ଟ୍ରିବ୍ୟୁଟରଙ୍କୁ ଗିରଫ କରି ଜେଲ ପଠାଇଛି। ତେବେ ଉକ୍ତ ୨ ବ୍ୟବସାୟୀ କେଉଁମାନଙ୍କୁ ନକଲି ଔଷଧ ଦେଇଛନ୍ତି ତାହାର ଯାଞ୍ଚ ପାଇଁ ସମସ୍ତ ଜିଲାର ଭେଷଜ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସେପରି କିଛି ଯାଞ୍ଚ କରାଯାଉନାହିଁ ବୋଲି ସାଧାରଣରେ ଅଲୋଚନା ଜୋର ଧରିଛି। ଅନ୍ୟପକ୍ଷରେ ଟେଲ୍‌ମା-୪୦ ଟାବ୍‌ଲେଟ ପଟ୍ଟାମୁଣ୍ଡାଇ ସହରରେ ବିଭିନ୍ନ ଦୋକାନକୁ ସପ୍ଲାଇ ଦିଆଯାଏ। ମାତ୍ର ଏବେ ରିଟେଲରଙ୍କ ନିକଟରେ ଉକ୍ତ ଟାବଲେଟ ନାହିଁ। ସେମାନଙ୍କ ନିକଟରୁ ଡିଷ୍ଟ୍ରିବ୍ୟୁଟର ସମସ୍ତ ଟେଲ୍‌ମା-୪୦ ଟାବଲେଟ୍ ଉଠାଇ ନେଇଛନ୍ତି ବୋଲି ଜଣେ ଔଷଧ ଦୋକାନୀ ନିଜ ନାମ ଗୋପନ ରଖି କହିଛନ୍ତି। ତେଣୁ ଯେଉଁ ବ୍ୟବସାୟୀମାନେ ଲୋକଙ୍କ ଜୀବନ ସହ ଖେଳି ନିମ୍ନମାନର ଔଷଧ ବିକ୍ରି କରୁଛନ୍ତି ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ନେଇ କେନ୍ଦ୍ରାପଡ଼ା ଜିଲା ଭେଷଜ ନିରୀକ୍ଷକ ପ୍ରଦୋଷ ସାହୁଙ୍କୁ ପଚାରିବାରେ କଟକ, କେନ୍ଦ୍ରାପଡ଼ା ୨ଟି ଜିଲା ଦାୟିତ୍ୱରେ ଅଛି। ଏତେବଡ ଅଞ୍ଚଳକୁ ଗସ୍ତ କରି ହେଉନାହିଁ। ୩ ଦିନ ତଳେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଢାଉ କରି ୨ଟି ଔଷଧ ଦୋକାନ ସିଲ୍ କରାଯାଇଛି ବୋଲି ସେ କହିଛନ୍ତି।


## ନିର୍ବାଚନ ଅଧିକାରୀ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା

## ନିର୍ବାଚନ କାର୍ଯ୍ୟସୂଚୀର ବିଜ୍ଞାପନ

ନୋଟିସ ସଂଖ୍ୟା-୧୦, ତା.୨୦.୦୯.୨୦୨୨

ଓଡ଼ିଶା ସମବାୟ ସମିତି (କମିଟିର ନିର୍ବାଚନ) ନିୟମାବଳୀ, ୧୯୯୨ର ନିୟମ (୫) ଅନୁଯାୟୀ ଏବଂ ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ନଂ.୨୫୭୩ SCEC/Election-II-୪/୨୦୨୨ ତା.୧୨.୦୮.୨୦୨୨ ରିଖରେ ପ୍ରଦତ୍ତ କ୍ଷମତା ବଳରେ ଆମ୍ଭେ ଶ୍ରୀ ମନୋଜ କୁମାର ପାଢ଼ୀ, OAS (SAG), ଅତିରିକ୍ତ ଜିଲ୍ଲାପାଳ ଖୋର୍ଦ୍ଧା ତଥା ନିର୍ବାଚନ ଅଧିକାରୀ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା, ସମସ୍ତ ସଭ୍ୟ/ସଭ୍ୟାଙ୍କ ଅବଗତି ନିମନ୍ତେ ଅନୁସୂଚୀ (କ) ପ୍ରକାରେ ନିର୍ବାଚନ କାର୍ଯ୍ୟକ୍ରମ ପ୍ରକାଶ କରୁଅଛୁ । ଉକ୍ତ ବ୍ୟାଙ୍କର ପରିଚାଳନା ପରିଷଦ ଗଠନ ନିମନ୍ତେ ୧୫ଟି ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ସଭ୍ୟ/ସଭ୍ୟାଙ୍କ ନିର୍ବାଚନ ଅନୁସୂଚୀ (ଖ) ପ୍ରକାରେ ଅନୁଷ୍ଠିତ ହେବ ।

ଅନୁସୂଚୀ-(କ)

| କ୍ର. ନଂ. | କାର୍ଯ୍ୟସୂଚୀ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ଭାବେ) | ୨୯.୦୯.୨୦୨୨ | ପୂର୍ବାହ୍ନ ୧୧ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା ଏବଂ ସମସ୍ତ ଶାଖା କାର୍ଯ୍ୟାଳୟର ନୋଟିସ ବୋର୍ଡ |
| ୨ | ପ୍ରାଥମିକ ଭୋଟର ତାଲିକା ଉପରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରମାଣ ସହ ଲିଖିତ ଅଭିଯୋଗ ଦାଖଲ | ୩୦.୦୯.୨୦୨୨ ଠାରୁ ୦୩.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୩ | ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅଭିଯୋଗର ଶୁଣାଣି ଓ ନିଷ୍ପତ୍ତି | ୦୬.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୪ | ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ | ୦୮.୧୦.୨୦୨୨ | ଅପରାହ୍ନ ଘ.୧୨.୩୦ ମିନିଟ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୫ | ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ଫିସ୍ ଓ ଅମାନତ ସହ ମନୋନୟନ ପତ୍ର ଦାଖଲ | ୧୧.୧୦.୨୦୨୨ | ପୂର୍ବାହ୍ନ ଘ.୧୦.୩୦ମି ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୬ | ମନୋନୟନ ପତ୍ରର ତାଲିକା ପ୍ରକାଶନ | ୧୧.୧୦.୨୦୨୨ | ଅପରାହ୍ନ ଘ.୫.୩୦ ମିନିଟ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୭ | ମନୋନୟନ ପତ୍ର ଯାଞ୍ଚ ଓ ଏହା ଉପରେ ଉପଯୁକ୍ତ ପ୍ରମାଣ ସହ ଲିଖିତ ଅଭିଯୋଗ ଗ୍ରହଣ | ୧୩.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୮ | ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀଙ୍କ ଶୁଣାଣି | ୧୪.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୯ | ଅଭିଯୋଗ ଖଣ୍ଡନ ଉପରେ ଶୁଣାଣି ଓ ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି | ୧୫.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୧୦ | ସଠିକ ପ୍ରାର୍ଥୀ ତାଲିକା ପ୍ରକାଶନ (ଚିହ୍ନ ସହିତ) | ୧୬.୧୦.୨୦୨୨ | ଅପରାହ୍ନ ୩ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୧୧ | ମନୋନୟନ ପତ୍ର ପ୍ରତ୍ୟାହାର | ୧୭.୧୦.୨୦୨୨ | ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୧୨ | ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସଂକେତ ସହ ପ୍ରକାଶନ | ୧୮.୧୦.୨୦୨୨ | ଅପରାହ୍ନ ୩ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୧୩ | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୩୦.୧୦.୨୦୨୨ | ପୂର୍ବାହ୍ନ ୭ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବି.ଜେ.ବି.ଉଚ୍ଚ ବିଦ୍ୟାଳୟ, ଖୋରଧା |
| ୧୪ | ଭୋଟ ଗଣତି ଓ ଫଳାଫଳ ଘୋଷଣା | ୩୦.୧୦.୨୦୨୨ | ଭୋଟ ଗ୍ରହଣର ସମାପ୍ତି ପରେ | ବି.ଜେ.ବି.ଉଚ୍ଚ ବିଦ୍ୟାଳୟ, ଖୋରଧା |

ଅନୁସୂଚୀ-(ଖ)

ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ପ୍ରାର୍ଥୀ ପରିଚାଳନା ପରିଷଦକୁ ନିର୍ବାଚିତ ହେବେ ।

| ନିର୍ବାଚନ ମଣ୍ଡଳୀର ସଂଖ୍ୟା | କେଉଁ ବର୍ଗ ପାଇଁ ଉଦ୍ଦିଷ୍ଟ |
|---|---|
| ୧ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୨ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୩ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୪ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୫ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୬ | ଅନୁସୂଚିତ ଜାତି (Scheduled Caste) |
| ୭ | ମହିଳା (Women) |
| ୮ | ଅଣ ସଂରକ୍ଷିତ (Un Reserved) |
| ୯ | ଅଣ ସଂରକ୍ଷିତ (Un Reserved) |
| ୧୦ | ଅନ୍ୟାନ୍ୟ ପଛୁଆ ବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ ମହିଳା (OBC/SEBC)(Women) |
| ୧୧ | ଅଣ ସଂରକ୍ଷିତ (Un Reserved) |
| ୧୨ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୩ | ଅନ୍ୟାନ୍ୟ ପଛୁଆ ବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ ମହିଳା (OBC/SEBC)(Women) |
| ୧୪ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୫ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |

ବି.ଦ୍ର.(୧) ଚୂଡ଼ାନ୍ତ ଭୋଟର ତାଲିକାର କପି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାଧିକୃତ ଅଧିକାରୀଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟରେ ସଭ୍ୟ/ସଭ୍ୟାମାନେ କିଣିପାରିବେ ।

(୨) ଇଚ୍ଛୁକ ପ୍ରାର୍ଥୀମାନେ ଦରଖାସ୍ତ ସହ ଟ.୧୦/- ବ୍ୟାଙ୍କର ମୁଖ୍ୟ ଶାଖାରେ ଦାଖଲ କରି ବ୍ୟାଙ୍କର Establishment ବିଭାଗରୁ ମନୋନୟନ ପତ୍ର କ୍ରୟ କରିପାରିବେ ।

(୩) ସଂରକ୍ଷିତ ଆସନ (Reserved Seats) ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ନିର୍ବାଚନ ଫିସ୍ ବାବଦକୁ ଟ.୧୨୦/- ଓ ଅମାନତ ବାବଦକୁ ଟ.୨୪୦/- ଓ ଅନ୍ୟାନ୍ୟ ଆସନ (Others Seats) ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ ନିର୍ବାଚନ ଫିସ୍ ବାବଦକୁ ଟ. ୬୦୦/- ଓ ଅମାନତ ବାବଦକୁ ଟ.୧୨୦୦/- ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରି ଉକ୍ତ ରସିଦକୁ ମନୋନୟନ ପତ୍ର ସହ ଦାଖଲ କରିବେ (ମନୋନୟନ ପତ୍ର କ୍ରୟ ରସିଦ ଏଥିସହିତ ସଂଲଗ୍ନ କରାଯିବ) ।

(୪) ଭୋଟରମାନେ ଭୋଟଦାନ ସମୟରେ ଫଟୋ ଥିବା ପରିଚୟ ପତ୍ର ଯଥା : କିଷାନ କ୍ରେଡିଟ୍ କାର୍ଡ, ଫଟୋ ପରିଚୟ ପତ୍ର, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପେନସନ ବହି କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପ୍ରଦତ୍ତ ଯେକୌଣସି ଫଟୋ ଥିବା ପରିଚୟ ପତ୍ର ଇତ୍ୟାଦି ଆଣିବେ ।

(୫) କୌଣସି ବ୍ୟକ୍ତି ଏକାଧିକ ସମିତିର ପ୍ରତିନିଧିତ୍ୱ କରୁଥିଲେ, କେବଳ ଗୋଟିଏ ସମିତି ପାଇଁ ନିର୍ବାଚନରେ ପ୍ରତିନିଧିତ୍ୱ କରିପାରିବେ, ତେଣୁ ସେ ଉକ୍ତ ସମିତିର ନାମ ଘୋଷଣା ପତ୍ର ମାଧ୍ୟମରେ ପ୍ରାଥମିକ ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ସମୟରେ ଜଣାଇବେ, ନଚେତ ନିର୍ବାଚନ ଅଧିକାରୀ ଆଇନ ଅନୁସାରେ ନିଷ୍ପତ୍ତି ଗ୍ରହଣ କରିବେ ।

ସ୍ୱା/-ଶ୍ରୀ ମନୋଜ କୁମାର ପାଢ଼ୀ, OAS (SAG),
ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ତଥା ନିର୍ବାଚନ ଅଧିକାରୀ,
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା

## ସଂକ୍ଷେପରେ

### ସାପକାମୁଡ଼ାରେ ଯୁବକ ମୃତ

**ଡେରାବିଶ, ୨୧।୯(ସ୍ୱ.ପ୍ର.):** ଡେରାବିଶ ବ୍ଲକ୍ ବାଲିଆ ପଞ୍ଚାୟତ ଅନ୍ତର୍ଗତ ମୁଲଣାପାଟଣା ଗ୍ରାମର ସୁନାକର ସାମଲ(୨୭)ଙ୍କ ବୁଧବାର ସାପ କାମୁଡ଼ିବାରେ ମୃତ୍ୟୁ ହୋଇଛି । ସେ ବିଲରେ କାମ କରୁଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କ ବାମ ପାଦକୁ କାମୁଡ଼ି ଦେଇଥିଲା। ସୁନାକର ବିଲରେ ଚିତ୍କାର କରି ଅଚେତ ହୋଇ ପଡ଼ିଥିଲେ । ତାଙ୍କୁ ନିକଟସ୍ଥ ଛତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ପରେ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନାଯୋଗ୍ୟ ପରିବାରର ଏକମାତ୍ର ରୋଜଗାରକ୍ଷମ ସୁନାକରଙ୍କ ଗତ ୩ ବର୍ଷ ତଳେ ବିବାହ ହୋଇଥିଲା । ତାଙ୍କର ଝିଅ,ପୁଅ ଓ ବିଧବା ସ୍ତ୍ରୀ ଅଛନ୍ତି ।

### ଓଲଟା ଉଡୁଛି ତ୍ରିରଙ୍ଗା



ଡଙ୍ଗାରେ ଓଲଟା ଉଡୁଥିବା ତ୍ରିରଙ୍ଗା ।

**ମହାକାଳପଡ଼ା,୨୧।୯ (ଡି.ଏନ.ଏ.):** ସ୍ୱାଧୀନତାର ୭୫ ବର୍ଷ ପରେ ମଧ ସଚେତନତା ଅଭାବ ଯୋଗୁ ଜାତୀୟ ପତାକା ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି ଆଇନ ଅନୁସାରେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି । କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଏକ ମାଛ ଧରା ଡଙ୍ଗାରେ ତ୍ରିରଙ୍ଗା ଓଲଟା ଉଡୁଥିବା ନଜରକୁ ଆସିଛି । ବ୍ଲକ ଅଧୀନ ଜମ୍ବୁ ଅଞ୍ଚଳରେ କେତେଜଣ ମତ୍ସ୍ୟଜୀବୀ ଡଙ୍ଗାରେ ଓଲଟା ଜାତୀୟ ପତାକା ବାନ୍ଧି ସମୁଦ୍ରରୁ ମାଛ ମାରୁଛନ୍ତି । ସାମୁଦ୍ରିକ ତଟ ରକ୍ଷୀ ବାହିନୀ, ବନ ବିଭାଗ କର୍ମଚାରୀ ଓ ଜମ୍ବୁ ସାମୁଦ୍ରିକ ଥାନା ପୋଲିସ ଜାତୀୟ ପତାକା ଓଲଟା ଉଡୁଥିବା ଦେଖି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ପରେଶ କୁମାର ମହାନ୍ତିଙ୍କୁ ପଚାରିବାରୁ ଓଲଟା ଉଡୁଥିବା ତ୍ରିରଙ୍ଗା ନଜରକୁ ଆସିଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ବେକରେ ରଶି ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

**ବାଲିକୁଦା,୨୧।୯(ସ୍ୱ.ପ୍ର.):** ବାଲିକୁଦା ଥାନା ଅଞ୍ଚଳରେ ବେକରେ ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଓଷକଣା ପଞ୍ଚାୟତ ପାଣିତିରା ଗାଁର ନରେଶ ପରିଡ଼ା (୪୫)। ନରେଶ ଗ୍ରୀଷ୍ମଋତୁରେ ଆଇସକ୍ରିମ୍ ଓ ବର୍ଷାର ଅନ୍ୟ ଋତୁରେ ବିସ୍କୁଟ ଓ ପାଉଁରୁଟି ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ କେଉଁ କାରଣରୁ ନରେଶ ଜୀବନ ହାରିବା ଭଳି ନିଷ୍ପତ୍ତି ନେଲେ ତାହା ଜଣାପଡ଼ିନାହିଁ। ତେବେ ପାରିବାରିକ କଳହ କିମ୍ବା ଦାରିଦ୍ରତାକୁ ଦାୟୀ କରାଯାଉଛି। ବୁଧବାର ଥିବାରୁ ନରେଶ ନିଜ ପରିବାର ପାଇଁ ସକାଳୁ ବଜାରକୁ ଯାଇ ମାଛ ଆଣି ଫେରିଥିଲେ। ହେଲେ ଏହାରି ପରେ ନିଜ ଘର ପଙ୍ଖା ହୁକରେ ରଶି ବାନ୍ଧି ବେକରେ ଲଗାଇ ଝୁଲି ପଡ଼ିଥିଲେ। ହେଲେ ଏକଥା ତାଙ୍କ ପରିବାର ଲୋକେ ଜାଣି ପାରି ନ ଥିଲେ। ପରେ ସେହି ଘରକୁ ଆସି ଦେଖିବା ପରେ ନରେଶଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲେ।

# ପ୍ରତିଶ୍ରୁତିରେ ଅଟକିଛି ବିଶୁଦ୍ଧ ଜଳ ଯୋଗାଣ ପ୍ରକଳ୍ପ

**କେନ୍ଦ୍ରାପଡ଼ା ଅଫିସ, ୨୧।୯**

- ନିର୍ମାଣାଧୀନ ୭ ପ୍ରକଳ୍ପ ଅଧୀନରେ ୧୦୦୪ ଗାଁ
- ବ୍ୟୟ ବରାଦ ୮୮୬ କୋଟି, କାମ ସରୁନାହିଁ



ମଣିଷ ପାଇଁ ବିଶୁଦ୍ଧ ଜଳ ଆବଶ୍ୟକ । ରାଜ୍ୟ ଓ କେନ୍ଦ୍ର ସରକାର ଏନେଇ ତତ୍ପର ଅଛନ୍ତି । ହର ଘର ପାନି, ବସୁଧା, ଜଳ ଜୀବନ ମିଶନ ଆଦି ଯୋଜନା ପ୍ରଣୟନ କରାଯାଇ ପାନୀୟ ଜଳ ସଙ୍କଟର ସମାଧାନ ହେଉଛି । ରାଜନେତା ଓ ପ୍ରଶାସକଙ୍କ ଏପରି ଭାଷଣ ଦେବା ସହିତ ବ୍ୟୟ ଅର୍ଥ ମଞ୍ଜୁରୀକୁ ନେଇ ପ୍ରଚାର ପ୍ରସାର ହେଉଛି । ତେବେ କେନ୍ଦ୍ର ସରକାରଙ୍କ ପ୍ରଥମ ପର୍ଯ୍ୟାୟ ଚିହ୍ନଟ ସମୟରେ ରାଜ୍ୟର ଏକମାତ୍ର ଜଳ ସଙ୍କଟ ଜିଲାର ପରିଚିତି ପାଇଥିବା କେନ୍ଦ୍ରାପଡ଼ା ଜିଲା ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ଲାଭ ଉଠାଇବାରେ ସମ୍ପୂର୍ଣ୍ଣ ସକ୍ଷମ ହୋଇନାହିଁ । ଜିଲାର ମୋଟ ୧୫୯୧ ରାଜସ୍ୱ ଗ୍ରାମ ମଧ୍ୟରୁ ନିର୍ମାଣାଧୀନ ଓ ପ୍ରସ୍ତାବିତ ୭ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ୧୦୦୪ ଗ୍ରାମ ଅଦ୍ୟାବଧି ଉପକୃତ ହୋଇନାହିଁ । ୮୮୬.୨୮ କୋଟି ଟଙ୍କା ଏଥିପାଇଁ ବ୍ୟୟବରାଦ ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିବାରୁ ଗ୍ରାମବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ଏପରି କି ଜଳଜୀବନ ମିଶନ ତଥ୍ୟ ଅନୁଯାୟୀ ଜିଲାର ୨୪୯ ପଞ୍ଚାୟତ ମଧ୍ୟରୁ ମାତ୍ର ଗୋଟିଏ ଅର୍ଥାତ୍ ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ପଞ୍ଚାୟତରେ ଶତ ପ୍ରତିଶତ ଘରକୁ ଟ୍ୟାପ ସଂଯୋଗ ହୋଇଛି । ଏହି ଜିଲାରେ ମୋଟ ୩୦୪୭୨୫ ଘର ଅଛି । ସେଥିମଧ୍ୟରୁ ୧୫୬୯୦୫ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ ହେଉଥିବା ଦର୍ଶାଯାଇଛି । ମୋଟ ୧୨୯ ଗ୍ରାମକୁ ଶତପ୍ରତିଶତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ଅଞ୍ଚଳରେ ଟ୍ୟାପ ସଂଯୋଗ ସମସ୍ୟା ରହିଛି । ଅପରପକ୍ଷେ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୮ ନଭେମ୍ବର ୮ରେ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକର ୨୦୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ମେଗା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ । ଏଥିପାଇଁ ମୋଟ ୨୪୧.୩୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା । ସେହିପରି ଖରସ୍ରୋତା ପାଣି ବିବାଦ ସୃଷ୍ଟି ହେବାରୁ ରାଜ୍ୟ ସରକାର ୨୦୨୧ରେ ଆଳିର ୧୨୬ ଗାଁ ପାଇଁ ୧୧୩.୭୨ କୋଟି ଟଙ୍କା ଓ ରାଜକନିକାରେ ୧୫୬ ଗ୍ରାମ ପାଇଁ ୧୧୪.୧୯ କୋଟି ଟଙ୍କା ବ୍ୟୟରେ ଦୁଇ ପ୍ରକଳ୍ପ ମଞ୍ଜୁର କରିଛନ୍ତି । ଗତ ଅଗଷ୍ଟରେ ପଟ୍ଟାମୁଣ୍ଡାଇର ୧୩୮ ଗ୍ରାମ, ରାଜନଗରର ୨୪୯ ଗ୍ରାମ, ଗରଦପୁରର ୧୩୫ ଗ୍ରାମ ଗ୍ରାମ ପାଇଁ ୩ ପ୍ରକଳ୍ପ ହେବ ବୋଲି ପ୍ରସ୍ତାବ ପାରିତ ହୋଇଛି । ଏଥିରେ ମୋଟ ୪୧୭ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜାଣିବା ପରେ ସ୍ଥାନୀୟ ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଗତ ଅଗଷ୍ଟ ୧୩ରେ କୃତଜ୍ଞତା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ, ଡ. ପି.ଏନ. ଗୌରାଙ୍ଗ, ପ୍ରକାଶ କୁମାର ଦାସ, ଆଶିଷ କୁମାର ଦାଶ ପ୍ରମୁଖ କହିଛନ୍ତି, ପାନୀୟ ଜଳ ଯୋଗାଣ ପରି ମୌଳିକ ସମସ୍ୟାର ସମାଧାନକୁ ସ୍ଥାନୀୟ ରାଜନେତା ଓ ପ୍ରଶାସକ ଗୁରୁତ୍ୱ ଦେଉନାହାନ୍ତି । ଏହି ଜିଲା ଉପାନ୍ତରେ ଥିବା ୭ ବ୍ଲକ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବା କଷ୍ଟକର ହୋଇଛି । ଲୁଣା ଜଳ ମିଳିବା ସହିତ ଫ୍ଲୋରାଇଡ ପରି ଉପାଦାନ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ଏହାବ୍ୟତୀତ ଏହି ୭ ବ୍ଲକ ଅଞ୍ଚଳର ଭୂତଳ ଜଳ ପରିମାଣ କ୍ରମାଗତ ଭାବେ ହ୍ରାସ ପାଉଥିବା ଜିଲା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି । ଜିଲାରେ ୭ ନଦୀ ପ୍ରବାହିତ ହେଉଥିଲେ ମଧ୍ୟ ଏହାର ମଧୁର ଜଳକୁ ଜିଲାବାସୀଙ୍କ ପାଇଁ ଉପଯୋଗୀ କରାଯାଉ ନାହିଁ । କୋଷ୍ଟାଲ କେନାଲ ଦ୍ୱାରା ନଦୀ ସଂଯୋଗୀକରଣ ମାଧ୍ୟମରେ ଏହାର ବ୍ୟବହାର କରିବା ଆବଶ୍ୟକ । ଜିଲାରେ ଜଳସଙ୍କଟ ଥିବା ବେଳେ ଏଠାରେ ପ୍ରବାହିତ ଖରସ୍ରୋତା ନଦୀର ପାଣିକୁ ଚାନ୍ଦବାଲି ଶିଳ୍ପାଞ୍ଚଳକୁ ପଠାଇବା ପାଇଁ ରାଜ୍ୟ ସରକାର ବ୍ୟସ୍ତ ହୋଇଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ଏନ୍‌ଜିଟି ମାମଲା ପାଇଁ ମଣିକୁଣ୍ଡା ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହୋଇଛି । ୭ଟି ମଧ୍ୟରୁ ନିର୍ମାଣାଧୀନ ୨ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ସେ ସୂଚନା ଦେଇଛନ୍ତି ।

# ଦିନ ୧୧ଟାରୁ ଭସାଣି ଶୋଭାଯାତ୍ରା



ଥାନାରେ ଅନୁଷ୍ଠିତ ବୈଠକରେ ପୋଲିସ ଅଧିକାରୀ ଓ ଅନ୍ୟମାନେ ।

## ପଟ୍ଟାମୁଣ୍ଡାଇ ଥାନାରେ ଶାନ୍ତି କମିଟି ବୈଠକ

**ପଟ୍ଟାମୁଣ୍ଡାଇ,୨୧।୯(ସ୍ୱ.ପ୍ର.)**

ବୁଧବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଥାନା ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୨ ପୂଜା ମଣ୍ଡପର କର୍ମକର୍ତ୍ତା ଓ ଶାନ୍ତି କମିଟି ସଦସ୍ୟମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପୂର୍ବ ବର୍ଷ ପୂଜାରେ ଯେଉଁ ଭଳି ଜନଗହଳି ନିୟନ୍ତ୍ରଣ ହେଉଥିଲା ସେହିଭଳି ଗାଡ଼ି ଚଳାଚଳ ଏବଂ ବଜାରକୁ ୪ ଚକିଆ ଓ ୨ ଚକିଆ ଯାନ ଚଳାଚଳ ନିଷିଦ୍ଧ କରାଯିବ । ଭସାଣି ଉତ୍ସବକୁ ଶୃଙ୍ଖଳାର ସହିତ ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା । ଦିନ ୧୧ଟାରୁ ରାତି ୧୦ଟା ମଧ୍ୟରେ ସମସ୍ତ ମେଢ ବିସର୍ଜନ ହେବ ବୋଲି ସ୍ଥିର ହୋଇଥିଲା । ଥାନା ଆଇଆଇସି ତପନ କୁମାର ରାଉତ ବୈଠକରେ ଅଧକ୍ଷତା କରିଥିବା ବେଳେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ସେଠୀ, ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ପୌରନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇ, ଅଗ୍ନିଶମ ଅଧିକାରୀ ଗୋପବନ୍ଧୁ ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ । ପୂଜା ଉତ୍ସବକୁ ମଦ ବିହୀନ କରିବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ଆଲୋଚନା ହୋଇଥିଲା । ସେହିପରି ଆଇନଶୃଙ୍ଖଳା ସହିତ ବିଭିନ୍ନ ଛକରେ ଅସ୍ଥାୟୀ ପୋଲିସ କ୍ୟାମ୍ପ କରାଯିବ ବୋଲି ମତ ପ୍ରକାଶ ପାଇଥିଲା ।

# ଶ୍ମଶାନ ସୀମା ଚିହ୍ନଟ ପାଇଁ ତହସିଲଦାରଙ୍କୁ ଦାବିପତ୍ର



ତହସିଲଦାରଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଆଳି,୨୧।୯ (ଡି.ଏନ୍.ଏ.)**

ଆଳି ତହସିଲ ଅନ୍ତର୍ଗତ ବାଲକାଟି ପଞ୍ଚାୟତରେ ଥିବା ଶ୍ମଶାନ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରୁଥିବାରୁ ସୀମା ନିର୍ଦ୍ଧାରଣ କରିବା ନିମନ୍ତେ ଆଳି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୁଧବାର ପୂର୍ବାହ୍ନରେ ପଞ୍ଚାୟତର ବାଲକାଟି, ରାଣିପୋଖରୀ, ନାଗପଡ଼ା ଆଦି ଗ୍ରାମର ଯୁବକ ମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପଞ୍ଚାୟତର ଜବରଦଖଲ ହେଉଥିବା ଶ୍ମଶାନ ଜମିର ସୀମା ନିର୍ଦ୍ଧାରଣ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତହସିଲଦାର ତପନ ସେନାପତି ଦାବିପତ୍ର ଗ୍ରହଣ କରିଛନ୍ତି । ବର୍ଷା କମିବା ପରେ ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ମୁକ୍ତିକାନ୍ତ ଦାସ, ସୁବ୍ରତ ତ୍ରିପାଠୀ, ନିର୍ମଳ ସେନାପତି, ସରୋଜ ମଲ୍ଲିକ,ପଙ୍କଜ ମଲ୍ଲିକ, ଧନେଶ୍ୱର ରାଉତ,ବିନୟ ମଲ୍ଲିକ, ମାନସ ମଲ୍ଲିକ, ବିଜୟ ମଲ୍ଲିକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମାଛ ମାରିବାକୁ ଯାଇ ୱାର୍ଡସଭ୍ୟ ମୃତ

**ରାଜକନିକା,୨୧।୯ (ଡି.ଏନ.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ପେଗରପଡ଼ା ପଞ୍ଚାୟତ ୫ନଂ. ୱାର୍ଡ ସଭ୍ୟ ଅକ୍ଷୟ କୁମାର ମଲିକ ମଙ୍ଗଳବାର ରାତିରେ ମାଛ ମାରିବାକୁ ଯାଇଥିଲେ । ବୁଧବାର ତାଙ୍କ ମୃତଦେହ ଜବତ କରାଯାଇଛି । ସେ ଚଢେଇଖିଆ ନାଳକୁ ସନ୍ଧ୍ୟାରେ ମାଛ ମାରିବାକୁ ଯାଇଥିବା ବେଳେ ଏହି ଘଟଣା ଘଟିଛି । ପାଖରେ ମାଛଧରା ଜାଲ ପଡ଼ିଛି । ଖବର ପାଇ ରାଜକନିକା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଅକ୍ଷୟ ମାଛମାରି ପରିବାର ପ୍ରତିପୋଷଣ କରନ୍ତି । ମାଛ ମାରିଲା ସମୟରେ ସର୍ପାଘାତରେ ତାଙ୍କର ମୃତ୍ୟୁ ଘଟିଥାଇ ପାରେ ବୋଲି ତାଙ୍କ ଭାଇ ଲୋକନାଥ ମଲିକ ଓ କେତେଜଣ ଗ୍ରାମବାସୀ ଅନୁମାନ କରୁଛନ୍ତି । ଅକ୍ଷୟ ନିଜ ମଜୁରୀ ଟଙ୍କାରେ ମଶାରୀ କିଣି ୱାର୍ଡରେ ବାଣ୍ଟିବା ହେଉ କି ସର୍ପାବାଦ ଦାଣ୍ଡିରେ ଜମିଥିବା ପଙ୍କାଦୁଅକୁ ନିଜେ ବୋହି ଚର୍ଚ୍ଚାରେ ରହିଥିଲେ । ପରିବାରର ସେ ଜଣେ ରୋଜଗାରକ୍ଷମ ବ୍ୟକ୍ତି ଥିଲେ ।

# ଡୁଣପୁର ରାସ୍ତା ନିର୍ମାଣରେ ଅନିୟମିତତା

**କେନ୍ଦ୍ରାପଡ଼ା ଅଫିସ,୨୧।୯**

କେନ୍ଦ୍ରାପଡ଼ା ବ୍ଲକ ଡୁଣପୁର ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହେଉଛି । ଏହି ନିର୍ମାଣରେ ବହୁ ଅନିୟମିତତା ହୋଇଥିବା ଗ୍ରାମବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ ପତ୍ର ବୁଧବାର ପ୍ରଦାନ କରିଛନ୍ତି । ଏସମ୍ପର୍କରେ ଗ୍ରାମର ବାବାଜୀ ଚରଣ ସାହୁ, ନିରଞ୍ଜନ ନାୟକ, ମୁରଲୀଧର ବେହେରା, ଭାରତୀ ପ୍ରଧାନ ପ୍ରମୁଖ କହିଛନ୍ତି, ଏହି ରାସ୍ତା ଯାତାୟତ ପାଇଁ ଅନୁପଯୁକ୍ତ ହୋଇ ପଡିଥିବାରୁ ଗ୍ରାମବାସୀ ଏହାର ଉନ୍ନତିକରଣ ପାଇଁ ବହୁଦିନ ଧରି ଦାବି କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏବେ ରାସ୍ତା ନିର୍ମାଣ ହେଉଛି । ନିର୍ମାଣ କାର୍ଯ୍ୟରେ ବାଲି ୬ ବସ୍ତା, ଗୋଡି ୨ ବସ୍ତାରେ ସିମେଣ୍ଟ ଗୋଟିଏ ବସ୍ତା ଅନୁପାତ ଲାଗିବ । ତେବେ ଏହି ରାସ୍ତାରେ ବାଲି ଗୋଡି ୧୬ ବସ୍ତାରେ ଗୋଟିଏ ବସ୍ତା ସିମେଣ୍ଟ ଦିଆଯାଉଛି । ସେହିପରି ୮ ଇଞ୍ଚ ବହଳରେ ଏହି ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ ମାତ୍ର ୩ ଇଞ୍ଚ ଉଚ୍ଚତା ରହୁଛି । ନିର୍ମାଣର ଗୋଟିଏ ଦିନ ପରେ କେବଳ ହାତ ମାରିଲେ ଏହା ଭାଙ୍ଗି ଯାଉଛି । ଯାହା ରାସ୍ତା ସ୍ଥାୟିତ୍ୱରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବହୁଦିନର ଦାବିରେ ରାସ୍ତା ନିର୍ମାଣ ହେଉଥିବା ବେଳେ କେବଳ ଠିକା ସଂସ୍ଥାକୁ ପୋଷା ଯାଉଥିବା ଅଭିଯୋଗ ହୋଇଛି । ଏହି କାର୍ଯ୍ୟକୁ ବିଭାଗୀୟ ଅଧିକାରୀ ଓ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ନ ହେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ମତ ରଖିଛନ୍ତି ।



ନିର୍ମାଣ ପରେ ରାସ୍ତାରୁ ଗୋଡ଼ି,ବାଲି ଉଠିଯାଉଛି ।

# ପୌରାଞ୍ଚଳ ଦୁର୍ନୀତି ପଦାରେ ପଡ଼ିଲା

**ପଟ୍ଟାମୁଣ୍ଡାଇ,୨୧।୯ (ସ୍ୱ.ପ୍ର.)**

## ମାସେ ନ ପୂରୁଣୁ ପାର୍କ ପାଚେରି ଫାଟି ଆଁ

ପାଚେରୀ ନିର୍ମାଣରେ ବ୍ୟାପକ ଦୁର୍ନୀତି। ମାସେ ନ ପୁରୁଣୁ ପାଚେରୀ ଫାଟି ଆଁ କରିଛି। ସେହି ଫଟା ସ୍ଥାନରେ ରଙ୍ଗ ଲଗାଇ ଲକ୍ଷାଧିକ ଟଙ୍କାର ହରିଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ନିମ୍ନମାନର କାମ ଯୋଗୁ ଏଭଳି ହୋଇଥିବା ଅଭିଯୋଗ ହୋଇଛି ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବାଇପାସ ଛକଠାରେ ନିର୍ମାଣ ହୋଇଥିଲା ବିଜୁ ପଟ୍ଟନାୟକ ପାର୍କ ପାଚେରି। ଏକ ତିନିକଣିଆ ପାର୍କ ନିମାଣ ପାଇଁ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ପ୍ରାୟ ୩୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଜଣେ ଠିକାଦାର ସେହି ପଚେରୀ ନିର୍ମାଣ କରିଥିଲେ। ହେଲେ ସେହି କାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ପାଚେରୀ ଭଙ୍ଗା ଏହାର ଉଦାହଦରଣ ବୋଲି ଦାବି କରାଯାଇଛି । ଏଥିସହିତ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ଲୋକମାନେ ଅଭିଯୋଗ କରିଛନ୍ତି । ଏବାବଦରେ ପୌରପରିଷଦ କନିଷ୍ଠ ଯନ୍ତ୍ରୀ ସୁଶିଲ କୁମାର ବେହେରା କହିଛନ୍ତି, ସେହି କାମ ତିନି ଭାଗରେ ହୋଇଛି। ପାର୍କରେ ଘାସ, ଟାଇଲ ପକାଯିବା ସହିତ ଅନ୍ୟାନ୍ୟ କାମ ସମସ୍ତ କାମର ବିଲ୍ କରାଯାଇ ନାହିଁ । ପାଚେରି କଲମ ପାଖରୁ ଫାଟିଛି ତାହା ଆଜି ମରାମତି କାରାଯିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ଗୋତରାଠାରୁ କୁଲୁରିଆ ପର୍ଯ୍ୟନ୍ତ ୬.୫ କିମି ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ନିର୍ମାଣ କାର୍ଯ୍ୟ ୬ ନଭେମ୍ବର ୨୦୧୮ରୁ ଆରମ୍ଭ ହୋଇଥିଲା। କଟକ ଜିଲା ନୂଆ ବଜାରର ଜଣେ ଠିକାଦାରଙ୍କୁ ଏହି ନିର୍ମାଣ କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲା । ଏଥ ସହ ୩ ବର୍ଷ ପର୍ଯ୍ୟନ୍ତ ସେହି ରସ୍ତାର ରକ୍ଷଣାବେକ୍ଷଣା ଦାୟିତ୍ୱ ଦିଆଯାଇଥିଲା । ତେବେ ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ କାମ ସରି ନାହିଁ । ନିମ୍ନମାନର କାମ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ୪୪ଗ୍ରାମ ବ୍ରାଉନସୁଗାର ଜବତ, ୨ଗିରଫ

**କେନ୍ଦ୍ରାପଡ଼ା ଅଫିସ,୨୧।୯**

କେନ୍ଦ୍ରାପଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ଛଘରିଆଠାରେ ବୁଧବାର ଚଢ଼ାଉ ହୋଇଥିଲା । ଏହି ଚଢ଼ାଉରେ ମାର୍ଶାଘାଇ ଥାନା ଅନ୍ତର୍ଗତ ଘୋଡାବନ୍ଧ ଗ୍ରାମର ଧର୍ମେନ୍ଦ୍ର ଖଟୁଆ(୩୩)ଙ୍କଠାରୁ ୨୭ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା । ସେହିପରି ସେହି ଗ୍ରାମର ସୁମନ ଓଝା (୩୬)ଙ୍କଠାରୁ ୧୭ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ଦୁହିଁଙ୍କୁ ଅପରାହ୍ନରେ ଜିଲା ଅବକାରୀ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଛି ।

# ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବିରେ ଧାରଣା

**ଡେରାବିଶ,୨୧।୯(ସ୍ୱ.ପ୍ର.)**

ଡେରାବିଶ ଶିକ୍ଷା ସର୍କଲ ରତାଦିଆ ଖଣ୍ଡସାହି ପଞ୍ଚାୟତ ବାୟାକଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବିରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ । ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀଙ୍କ ହସ୍ତକ୍ଷେପ ଫଳରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ସୂଚନା ଅନୁଯାୟୀ, ବାୟାକଣ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଯାଏ ସମୁଦାୟ ୧୩୦ ଛାତ୍ରୀଛାତ୍ର ରହିଥିବା ବେଳେ ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଥିଲେ । ଚଳିତ ଶିକ୍ଷାବର୍ଷର ଅଧାରୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀନା ସାହୁଙ୍କୁ ରତାଦିଆ ନୋଡ଼ାଲ୍ ହାଇସ୍କୁଲକୁ ଏବଂ ଚିନ୍ମୟୀ ବାରିକଙ୍କୁ ଦକ୍ଷବ୍ରହ୍ମପୁର ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି । ବୁଧବାର ବିଦ୍ୟାଳୟକୁ ସେମାନଙ୍କ ବଦଳି ଆଦେଶ ନେବାକୁ ଆସିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ଶିଶିର କୁମାର ସାମଲଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ବଦଳି ବାତିଲ ଦାବିରେ ଧାରଣାରେ ବସିଥିଲେ । ଫଳରେ ଶିକ୍ଷୟିତ୍ରୀଙ୍କୁ ରିଲିଭ ଆଦେଶ ଦିଆଯାଇ ପାରି ନ ଥିଲା । ଧାରଣାରେ ବସିଥିବା ସଦସ୍ୟଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ୨ ଶିକ୍ଷୟିତ୍ରୀଙ୍କ ବଦଳି ହେବା ପରେ ୮ ଶ୍ରେଣୀ ପାଇଁ ୫ ଶିକ୍ଷୟିତ୍ରୀ,ଶିକ୍ଷକ ରହୁଛନ୍ତି। ଆଉ କିଛିଦିନ ପରେ ପ୍ରଧାନ ଶିକ୍ଷୟିତ୍ରୀ ଅବସର ନେବେ । ଆଉ ମାତ୍ର ୪ ଶିକ୍ଷୟିତ୍ରୀ ଶିକ୍ଷକ ରହିବା ପରେ ଶିକ୍ଷାଦାନରେ ଘୋର ସଙ୍କଟ ଦେଖାଦେବ । ଖବର ପାଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନରହରି ସୂତାର ପହଞ୍ଚି ଅଭିଯୋଗ ଶୁଣିବା ପରେ ଲିଖିତ ଅଭିଯୋଗ ସହ ଅଭିଯୋଗକାରୀଙ୍କ ଏକ ପ୍ରତିନିଧି ଦଳ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ପହଞ୍ଚିବାକୁ କହିଥିଲେ । ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।



ଧାରଣରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକ ।

# ରାସ୍ତା ମରାମତି, ପୂଜା ସମୟରେ ମଦଦୋକାନ ବନ୍ଦ

**ଆଳି,୨୧।୯(ଡି.ଏନ୍.ଏ.)**



ପୂଜାକମିଟି ବୈଠକରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ ।

## ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ଆଳି ବ୍ଲକର ସାର୍ବଜନୀନ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ବୁଧବାର ଅପରାହ୍ନରେ ଆଳି ବ୍ଲକ ସଭାଗୃହରେ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ତପନ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ବିଡ଼ିଓ ଦ୍ୱିବେନ୍ଦୁ ଦାସ,୨ନଂ ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ଆଳି ଥାନା ଏସ୍‌ଆଇ ପ୍ରଦୋଷ ପଟ୍ଟନାୟକ ପ୍ରମୁଖଙ୍କ ସମେତ ସମସ୍ତ ପୂଜକମିଟିର ସଭାପତି, ସମ୍ପାଦକ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇଥିଲେ । କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ହେବ ନିରାଡ଼ମ୍ବର ଭାବେ ଦୁର୍ଗାପୂଜା ପାଳିତ ହୋଇଥିବାରୁ ଚଳିତବର୍ଷ ଦୁର୍ଗାପୂଜାରେ ବହୁ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି । ତେଣୁ ଚଳିତ ବର୍ଷ ପୂଜା କିପରି ଶାନ୍ତିଶୃଙ୍ଖଳାର ସହିତ ଶେଷ ହେବ ସେ ନେଇ ବିଭିନ୍ନ ଦିଗରେ ଆଲୋଚନା ହୋଇଥିଲା । ଆଳି ଅନ୍ନପୂର୍ଣ୍ଣା ପଡିଆ, ରାଜବାଟି ରାସ୍ତା, ଥାନା ରାସ୍ତା ଓ ଖରାଖାଇ ରାସ୍ତାକୁ ତୁରନ୍ତ ମରାମତି କରିବା, ଅଚଳ ଷ୍ଟ୍ରିଟ ଲାଇଟ୍ ସଚଳ କରିବା,ଆଳି ବଜାରର ଟ୍ରାନ୍ସଫର୍ମର ପରିସରକୁ ସଫା କରିବା, ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ବିଭିନ୍ନ ସ୍ଥାନରେ ବ୍ଲିଚିଂ ପାଉଡ଼ର ପକାଇବା ସହିତ ଅସ୍ଥାୟୀ ଶୌଚାଳୟ ନିର୍ମାଣ ,ବିଏସ୍‌ଏମ୍‌ଇ ସ୍କୁଲରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟବସ୍ଥା କରିବ ସହ ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ,ପୂଜା ସମୟରେ ମଦ ଦୋକାନ ବନ୍ଦ ରଖିବା, ବଜାରର ବିଭିନ୍ନ ସ୍ଥାନରେ ଚୋରାମଦ ବିକ୍ରି ନିଷେଧ କରିବା, ପାନୀୟ ଜଳ ବ୍ୟବସ୍ଥା ସହିତ ବଜାରର ବିଭିନ୍ନ ସ୍ଥାନରୁ ଜବରଦଖଲ ହଟାଇବା ଓ ଭସାଣି କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରିବା ପାଇଁ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ ଖବରଦାତା ବନମାଳୀ ସେନାପତି, ଭଗବାନ ନାୟକ, ଶ୍ରୁଶାନ୍ତ ଦାଶ, ସରୋଜ ଦୀକ୍ଷିତ,ନିଆଳ ସରପଞ୍ଚ ଅଶୋକ ମଲିକ, ସମିତିସଭ୍ୟ ସନ୍ତୋଷ ପଢିହାରୀ, ବାଲକାଟି ସରପଞ୍ଚ ସୁକାନ୍ତି ପରିଡା, ସମିତିସଭ୍ୟ ବିପିନ ସାହୁ,ଦେମାଳ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ପରିଡା,ସମିତିସଭ୍ୟ ପ୍ରତିନିଧି ପ୍ରଫୁଲ୍ଲ ସିଂ,ମେଣ୍ଢପୁର ସରପଞ୍ଚ ପ୍ରତିନିଧି ସେକ ସୋପାନ,ବିଜୟାନନ୍ଦ ସେନାପତି,ପ୍ରମୋଦ ସାହୁ,ବସନ୍ତ ନାୟକ, ସୁନାକର ପଲାଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ୨୬୩ ପଏଣ୍ଟ ଖସିଲା ବଜାର କାରବାର

**ନୂଆଦିଲ୍ଲୀ:** କ୍ରମାଗତ ୨ଦିନର ଭଲ ଫଳାଫଳ ପରେ ବୁଧବାର ଶେୟାର ବଜାରର କାରବାର ହ୍ରାସ ପାଇଥିଲା। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ପରିମାଣର ନିବେଶ ମଧ ହରାଇଛନ୍ତି। ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ର ବଜାର ଶେୟାର ହ୍ରାସ ଘଟିଛି। ବୁଧବାର ସେନ୍‌ସେକ୍ସ ୨୬୩ (୨୬୨.୯୬) ପଏଣ୍ଟ ଖସି ୫୯,୪୫୬.୭୮ ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ମଧ ୯୮ (୯୭.୯୦) ପଏଣ୍ଟ ହ୍ରାସ ଘଟି ୧୭,୭୧୮.୩୫ ଅଙ୍କରେ ବଜାର ବନ୍ଦ ହୋଇଛି।

## ସଂକ୍ଷେପରେ

### ୩୦୦ କର୍ମଚାରୀଙ୍କୁ ଛଟେଇ କଲା ୱିପ୍ରୋ

**ଭୁବନେଶ୍ୱର,୨୧।୯:** ଦେଶର ପ୍ରମୁଖ ଆଇଟି କମ୍ପାନୀ ୱିପ୍ରୋ ବୁଧବାର ପ୍ରାୟ ୩୦୦ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରିଛି। ବିଶେଷକରି ଉକ୍ତ କର୍ମଚାରୀମାନେ ମୁନଲାଇଟିଂ ବା ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ପାଇଁ କାମ କରୁଥିବା କାରଣରୁ ସେମାନଙ୍କୁ କମ୍ପାନୀରୁ ବାହାର କରିଦିଆଯାଇଛି। ଏ ସମ୍ପର୍କରେ ୱିପ୍ରୋର ଅଧକ୍ଷ ଋଷଦ ପ୍ରେମ୍‌ଜୀ କହିଛନ୍ତି, କୋଭିଡ୍ ପରଠାରୁ କେତେଜଣ କର୍ମଚାରୀଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖାଦେଇଥିଲା। ଫଳରେ ଆମର ଏକ ଅନ୍ତରୀଣ କମିଟି ଗତ କିଛି ମାସ ମଧ୍ୟରେ ପ୍ରାୟ ୩୦୦ କର୍ମଚାରୀଙ୍କୁ ଚିହ୍ନଟ କରିଥିଲା, ଯେଉଁମାନେ ସମାନ ସମୟରେ ଅନ୍ୟ କମ୍ପାନୀ ପାଇଁ କାମ କରୁଥିଲେ ବୋଲି କୁହାଯାଇଛି। ଉକ୍ତ କର୍ମଚାରୀମାନଙ୍କୁ କମ୍ପାନୀରୁ ବହିଷ୍କାର କରାଯାଇଛି। ପ୍ରଥମ ଥର ପାଇଁ କୌଣସି ଆଇଟି କମ୍ପାନୀ ମୁନ୍‌ଲାଇଟିଂ କାରଣରୁ ବ୍ୟାପକ ସଂଖ୍ୟାରେ କର୍ମଚାରୀଙ୍କ ଛଟେଇ କରିଛି।

### ସ୍ପାଇସ୍‌ଜେଟ୍ ଉପରେ ଡିଜିସିଏର କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୧।୯:** ଗତ କିଛି ମାସ ବାରମ୍ବାର ତ୍ରୁଟି ଦେଖାଯିବା ପରେ ଘରୋଇ ବିମାନ ସେବା କମ୍ପାନୀ ସ୍ପାଇସ୍ ଜେଟ୍ ଉପରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) କେତେକ କଟକଣା ଲଗାଇଛନ୍ତି। ଏପରିକି କମ୍ପାନୀର ୫୦% ବିମାନ ଉଡ଼ାଣ ଉପରେ ମଧ କଟକଣା ଜାରି ସାଙ୍ଗକୁ ଚଳିତ ବର୍ଷ ଅକ୍ଟୋବର ୨୯ ପର୍ଯ୍ୟନ୍ତ ଏହାର ଅଧା ବିମାନର ଉଡ଼ାଣକୁ ଡିଜିସିଏ ବନ୍ଦ କରିଛନ୍ତି। ସେହିଭଳି ଗତ ଜୁଲାଇ ମାସରେ ଡିଜିସିଏ ୨ମାସ ପାଇଁ କଟକଣା ଲଗାଇଥିବା ବେଳେ ବର୍ତ୍ତମାନ ଉକ୍ତ କଟକଣାର ସମୟସୀମାକୁ ବୃଦ୍ଧି କରାଯାଇଛି। ତେବେ ବିଭିନ୍ନ ପ୍ରକାର ଯାଞ୍ଚ ଏବଂ ସ୍ପାଇସ୍‌ଜେଟ୍ ଦ୍ୱାରା ଦାଖଲ ହୋଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତରକୁ ଦୃଷ୍ଟିରେ ରଖି ନିରାପଦ ତଥା ନିର୍ଭରଯୋଗ୍ୟ ବିମାନ ପରିବହନ ସେବା ପାଇଁ ସ୍ପାଇସ୍‌ଜେଟ୍‌ର ପ୍ରସ୍ଥାନ ସଂଖ୍ୟା ୫୦% ମଧ୍ୟରେ ସୀମିତ ରଖିବାକୁ ଜୁଲାଇ ୨୭ରେ ଡିଜିସିଏ ନିର୍ଦ୍ଦେଶ ଦେଇଥିଲେ।

# ଭାରତରେ ଇଭି ଚାର୍ଜିଂ ଇନ୍‌ଫ୍ରାଷ୍ଟ୍ରକଚର ବିକାଶକୁ ଗୁରୁତ୍ୱ

**ଭୁବନେଶ୍ୱର,୨୧।୯**

### ହିରୋ ମୋଟୋକର୍ପ ଏବଂ ଏଚ୍‌ପିସିଏଲ୍ ମଧ୍ୟରେ ସହଭାଗିତା

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ମଧ୍ୟରେ ଏକ ବ୍ୟବସାୟିକ ସହଭାଗିତା ନିକଟରେ ବିଧିବଦ୍ଧ ଭାବେ ଆରମ୍ଭ ହୋଇଯାଇଛି। ବିଶେଷକରି ଭାରତ ବଜାରରେ ଇଲେକ୍ଟ୍ରିକ ଯାନ(ଇଭି) ପାଇଁ ଚାର୍ଜିଂ ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ଏହି ସହଭାଗିତା ହୋଇଥିବା ବେଳେ ଆବଶ୍ୟକ ସ୍ଥଳେ ଏହା ମଧ ଅନ୍ୟ କ୍ଷେତ୍ରରେ ପ୍ରବେଶ କରିପାରେ ବୋଲି ଜଣାପଡ଼ିଛି। ସେହିଭଳି ଏହା ମାଧ୍ୟମରେ ଉଭୟ କମ୍ପାନୀ ୨ ଚକିଆ ବୈଦ୍ୟୁତିକ ଯାନ ପାଇଁ ଚାର୍ଜିଂ ଭିତ୍ତିଭୂମି ସ୍ଥାପନ କରିବେ। ଏହାଦ୍ୱାରା ବିଦ୍ୟୁତୀକରଣ କ୍ଷେତ୍ରରେ ବହୁ ପରିବର୍ତ୍ତନ ହୋଇପାରିବ। ସେହିପରି ହିରୋ ମୋଟୋକର୍ପ ଏବଂ ଏଚ୍‌ପିସିଏଲ୍ ଭଳି ଆଗଧାଡ଼ିର ସଂସ୍ଥା ମଧ୍ୟରେ ଗଢ଼ି ଉଠିଥିବା ସହଭାଗିତା ଦୀର୍ଘକାଳୀନ ସମାଧାନର ନିଶ୍ଚିତ ସହ ଇଭିଏସ୍ ଆଡ଼କୁ ସଫଳ ରୂପାନ୍ତରଣକୁ ସକ୍ଷମ କରାଯିବ ବୋଲି କୁହାଯାଇଛି। ଉଭୟ କମ୍ପାନୀ ପ୍ରଥମେ ଏଚ୍‌ପିସିଏଲ୍‌ର ଦେଶବ୍ୟାପୀ ଶକ୍ତି ଷ୍ଟେଶନର ନେଟ୍‌ୱାର୍କରେ ଚାର୍ଜିଂ ଭିତ୍ତିଭୂମି ପ୍ରତିଷ୍ଠା କରିବେ ଏବଂ ପରେ ସପ୍ଲିମେଣ୍ଟାରି ବ୍ୟବସାୟ ସୁଯୋଗ ପାଇଁ ସହଯୋଗକୁ ବିସ୍ତାର କରିବାର ସମ୍ଭାବନା ମଧ ରହିଛି। ପ୍ରଥମ ପର୍ଯ୍ୟାୟରେ ଚୟନ ପ୍ରମୁଖ ସହରରେ ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯିବ। ତା'ପରେ ଇଭି ଚାର୍ଜିଂ ଷ୍ଟେଶନ ନେଟ୍‌ୱାର୍କକୁ ଅନ୍ୟ ପ୍ରମୁଖ ବଜାରକୁ ମଧ ବିସ୍ତାର କରାଯିବ। ଏପରିକି ଚାର୍ଜିଂ ନେଟ୍‌ୱାର୍କ ପାଇଁ ହିରୋ ମୋଟୋକର୍ପ ଭିତ୍ତିଭୂମି ବିକାଶର ନେତୃତ୍ୱ ନେବ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ଚାର୍ଜିଂ ଷ୍ଟେଶନରେ ଡିସି ଏବଂ ଏସି ଚାର୍ଜର ସମେତ ଏକାଧିକ ସ୍ମାର୍ଟ ଏବଂ ଫାଷ୍ଟ ଚାର୍ଜର ରହିବ, ଯାହା ସମସ୍ତ ୨ଚକିଆ ଇଭି ଯାନ ପାଇଁ ଉପଲବ୍ଧ ହେବ। ଅପରପକ୍ଷରେ ଏକ ନଗଦବିହୀନ କାରବାର ମଡେଲ ଉପରେ ଆଧାର କରି ସମଗ୍ର ୟୁଜର ଚାର୍ଜିଂ ଅଭିଜ୍ଞତା ହିରୋ ମୋଟୋକର୍ପ ମୋବାଇଲ ଆପ୍ ଦ୍ୱାରା ନିୟନ୍ତ୍ରିତ କରାଯିବ।

ଏ ସମ୍ପର୍କରେ ହିରୋ ମୋଟୋକର୍ପର ଚେୟାରମ୍ୟାନ ତଥା ସିଇଓ ଡ. ପୱନ ମୁଞ୍ଜାଲ କହିଛନ୍ତି, ଆମର ଦୃଷ୍ଟିକୋଣ ମୋବିଲିଟିର ଭବିଷ୍ୟତ, ଆମକୁ ଆମର ବ୍ୟବସାୟ ଉଦ୍ଦେଶ୍ୟ ଏବଂ ଆମର ସ୍ଥିରତା ଲକ୍ଷ୍ୟ ଅନୁସରଣ କରିବାକୁ କ୍ରମାଗତ ଭାବେ ପ୍ରେରିତ କରୁଛି। ଏହି ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି ଆମେ ଦେଶରେ ଏକ ବୃହତ୍ ଇଭି ଇକୋସିଷ୍ଟମ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ। ଦେଶରେ ଇଭି-ଚାର୍ଜିଂ ନେଟ୍‌ୱାର୍କକୁ ଆଗେଇ ନେବାରେ ହିରୋ ମୋଟୋକର୍ପ ପରବର୍ତ୍ତୀ ଉଦ୍ୟମ ମଧ କରିବ। ସେହିଭଳି ଏଚ୍‌ପିସିଏଲ୍‌ର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଡ. ପୁଷ୍ପ କୁମାର ଜୋଷୀ କହିଛନ୍ତି, ଶକ୍ତି କ୍ଷେତ୍ରରେ ଏଚ୍‌ପିସିଏଲ୍ ଏକ ପ୍ରମୁଖ କମ୍ପାନୀ ଭାବେ ଆମର ମୂଲ୍ୟବାନ୍ ଗ୍ରାହକଙ୍କୁ ନିରନ୍ତର ଶକ୍ତି ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ଆମର ବିଶାଳ ନେଟ୍‌ୱାର୍କ ସହ ୨୦,୦୦୦ରୁ ଅଧିକ ଖୁଚୁରା ଆଉଟଲେଟ ଏବଂ ହିରୋ ମୋଟୋକର୍ପର ୨ଚକିଆ ସେଗ୍‌ମେଣ୍ଟରେ ଏହାର ସୁଦୃଢ଼ ଉପସ୍ଥିତି ସହ ଏକ ପ୍ୟାନ୍ ଇଣ୍ଡିଆ ଇଲେକ୍ଟ୍ରିକ ଚାର୍ଜିଂ ଭିତ୍ତିଭୂମି ସୃଷ୍ଟି କରିବା ଏବଂ ଏଣ୍ଡ-ଟୁ-ଏଣ୍ଡ ଚାର୍ଜିଂ ସମାଧାନ ଯୋଗାଇବା ପାଇଁ ଆମର ଏହି ନିଆରା ରଣନୀତିକ ଭାଗୀଦାରି ଆଣିବାର ପ୍ରମୁଖ ଲକ୍ଷ୍ୟ ରହିଛି। ଏହା ମହତ୍ୱପୂର୍ଣ୍ଣ ଯେ ଭାରତରେ ବିକ୍ରି ହେଉଥିବା ଇଭି ମଡେଲର ୬୦%ରୁ ଅଧିକ ୨ଚକିଆ ଯାନ ପାଇଁ ଏକ ବୃହତ୍ ଚାର୍ଜିଂ ଇକୋସିଷ୍ଟମର ଆବଶ୍ୟକତା ରହିଛି। ଏହାଦ୍ୱାରା ଇଭି-୨ ଦୁଇ ଚକିଆ ଯାନ ମାଲିକମାନଙ୍କ ମଧ୍ୟରେ ଆଉ କୌଣସି ଚିନ୍ତା ରହିବ ନାହିଁ।



ହୋଣ୍ଡା ବିଗ୍‌ୱିଙ୍ଗ୍ ସନ୍‌ଚେଜର୍ସ ସଂସ୍କରଣକୁ ପତାକା ଦେଖାଇ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଏମ୍‌ଡି, ସଭାପତି ଓ ସିଇଓ ଆତସୁସି ଓଗାଟା ଉନ୍ମୋଚନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସନ୍‌ଚେଜର୍ସ ସଂସ୍କରଣର ନୂଆ ବିଷୟବସ୍ତୁ 'ଏ ହାୟର୍ ଚେଜ୍'ସହ ଲେହ୍‌ର ଯାଦୁକରୀ ଉଚ୍ଚ ରାସ୍ତା ଉଭୟ ମୋଟରସାଇକେଲ ଓ ଚାଳକଙ୍କୁ ପରୀକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା ପ୍ରଦାନ କରିବ ବୋଲି ଓଗାଟା ମତବ୍ୟକ୍ତ କରିଛନ୍ତି। ନିକଟରେ କମ୍ପାନୀର ଅନ୍ୟ ଅଧିକାରୀ ଓ ଦକ୍ଷ ଚାଳକମାନେ ମଧ ଉପସ୍ଥିତ ଅଛନ୍ତି।

# ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ପ୍ରିମିୟମ ଉତ୍ପାଦ ଉନ୍ମୋଚିତ



**ଭୁବନେଶ୍ୱର,୨୧।୯**

ଦେଶର ପ୍ରମୁଖ ଗୃହୋପକରଣ ନିର୍ମାତା ଏବଂ ବିକ୍ରେତା କମ୍ପାନୀ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ନିକଟରେ ନୂତନ ପ୍ରିମିୟମ ଉତ୍ପାଦର ଉନ୍ମୋଚନ କରାଯାଇଛି। ଏପରିକି ଚଳିତ ଉତ୍ସବ ଋତୁରେ ଗ୍ରାହକମାନଙ୍କୁ ଖୁସି କରିବା ପାଇଁ କମ୍ପାନୀ ପକ୍ଷରୁ 'ଦିଲ୍ ବୋଲେ ୱାଓ' ଅଭିଯାନର ମଧ ଶୁଭାରମ୍ଭ କରାଯାଇଛି। ଏଥିରେ ଚଳିତ ଉତ୍ସବ ସମୟରେ ଆପ୍ଲାଏନ୍‌ସେସ୍ କିଣିବାକୁ ଚାହୁଁଥିବା ନୂଆ ଗ୍ରାହକମାନଙ୍କ ଲାଗି ୧୦୦ରୁ ଅଧିକ ନୂଆ ମଡେଲ ସହିତ ବ୍ୟାପକ ବର୍ଗର ଉପଭୋକ୍ତାଙ୍କ ପାଇଁ ଅଫର ରହିଛି। ସବୁ ବର୍ଗରେ ପ୍ରିମିୟମ ଉତ୍ପାଦର ଗ୍ରହଣୀୟତାରେ ବୃଦ୍ଧିର ଧାରା ଅନୁସାରେ କମ୍ପାନୀ ପକ୍ଷରୁ ନୂଆ ଇଅନ୍ ଭେଲ୍‌ଭେଟ୍ ସିରିଜ୍ ଉତ୍ପାଦ ବର୍ଗମାଳାକୁ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଗୋଦ୍‌ରେଜ୍ ଆଣ୍ଡ ବଏସ୍‌ର ଅଂଶ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ବ୍ୟବସାୟ ମୁଖ୍ୟ ଓ କାର୍ଯ୍ୟନିର୍ବାହୀ ଉପସଭାପତି କମଳ ନନ୍ଦୀ କହିଛନ୍ତି, ନୂଆ ଉତ୍ପାଦ ବର୍ଗମାଳା ବିଭିନ୍ନ ବର୍ଗର ମୁଖ୍ୟତଃ ପ୍ରିମିୟମ ଉତ୍ପାଦ ଉପରେ କେନ୍ଦ୍ରୀଭୂତ, ଯେଉଁଥିରେ ସାଇଡ୍-ବାଏ-ସାଇଡ୍ ରେଫ୍ରିଜରେଟର ଠାରୁ ଟପ୍ ଏଣ୍ଡ୍ ଅଟୋମେଟିକ୍ ୱାଶିଂମେଶିନ, ଡବଲ୍ ଡୋର୍ ରେଫ୍ରିଜରେଟର ଓ ଉନ୍ନତ ଏୟାର କଣ୍ଡିସନର ଆଦି ରହିଛି। ଉପଭୋକ୍ତା ସ୍କିମ୍ ସହ ଏହା ଆମର ଗ୍ରାହକମାନଙ୍କୁ ଅପ୍‌ଗ୍ରେଡ୍ ହେବା ସହଜ କରିବ। ଏହି ନୂଆ ଉତ୍ପାଦ ଚଳିତ ଉତ୍ସବ ଋତୁରେ ଆମ ପାଇଁ ୫୦%ରୁ ଅଧିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଗୌତମଙ୍କ ଦୈନିକ ଆୟ ୧୬୧୨କୋଟି

**ଭୁବନେଶ୍ୱର,୨୧।୯**

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ତଥା ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ୨୦୨୧-୨୨ ମଧ୍ୟରେ ତାଙ୍କ ସମ୍ପତ୍ତି ପରିମାଣରେ ପ୍ରାୟ ୧୦.୯୪ ଟ୍ରିଲିୟନ ଡଲାର ବା ୧୫ ପ୍ରତିଶତରୁ ଅଧିକ ଯୋଗଦାନ କରିଛନ୍ତି। ଫଳରେ ବର୍ଷକ ମଧ୍ୟରେ ତାଙ୍କର ମୋଟ ସମ୍ପତ୍ତି ପରିମାଣ ୨ଗୁଣିତ ହୋଇଯାଇଛି। ଏପରିକି ଗତ ବର୍ଷକ ମଧ୍ୟରେ ତାଙ୍କର ମୋଟ ସମ୍ପତ୍ତିରେ ୭୩ ବିଲିୟନ ଡଲାର ଯୋଗହୋଇଛି ଅର୍ଥାତ୍ ଦିନକୁ ତାଙ୍କର ହାରାହାରି ଆୟ ୧୬୧୨ କୋଟି ଟଙ୍କା ରହିଛି ବୋଲି କୁହାଯାଇଛି।

## ମ୍ୟାନ୍‌କାଇଣ୍ଡ ଫାର୍ମା ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

**ଭୁବନେଶ୍ୱର,୨୧।୯**

ଦେଶର ପ୍ରମୁଖ ଔଷଧ କମ୍ପାନୀ ମ୍ୟାନ୍‌କାଇଣ୍ଡ ଫାର୍ମା ଲିମିଟେଡ୍ ପକ୍ଷରୁ ବୁଧବାର ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏପରିକି କମ୍ପାନୀ ତା'ର ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ)ରେ ୧ଟଙ୍କିଆ ଫେସ୍ ଭାଲ୍ୟୁ ଥିବା ୪୦,୦୫୮,୮୮୪ ଇକ୍ୱିଟି ଶେୟାରକୁ ବିକ୍ରି ପାଇଁ ଉପଲବ୍ଧ କରାଇବ। ଏଥିରେ ପ୍ରତିଷ୍ଠାତା ଓ ପୁରୁଣା ନିବେଶକମାନଙ୍କ ଶେୟାର ମଧ ସାମିଲ ରହିଛି। ସେହିଭଳି କମ୍ପାନୀ ବିଭିନ୍ନ ପ୍ରକାର ଔଷଧୀୟ ସାମଗ୍ରୀର ବିକାଶ, ଉତ୍ପାଦନ ଓ ମାର୍କେଟିଂ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ବିଭିନ୍ନ ଉପଭୋକ୍ତା ସ୍ୱାସ୍ଥ୍ୟସେବା ଉତ୍ପାଦ ମଧ ବିକ୍ରି କରୁଛି। ସେହିପରି କମ୍ପାନୀ ସ୍ଥାନୀୟ ବଜାର ଉପରେ ଗୁରୁତ୍ୱାରୋପ କରୁଥିବାରୁ ଚଳିତ ଆର୍ଥିକ ବର୍ଷରେ ଏହାର ମୋଟ ରାଜସ୍ୱର ୯୭.୬୦% ଭାରତର ଭାଗ ରହିଛି। ଆଇକ୍ୟୁଭିଆ ଅନୁସାରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ଏହା ସର୍ବାଧିକ ବୋଲି କୁହାଯାଇଛି। ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ଭାବେ ବହୁ ପ୍ରତିଷ୍ଠିତ ନିବେଶକ କମ୍ପାନୀ ସାମିଲ ରହିଛନ୍ତି।

## ଫୁରସତ୍

# ସୁପରଷ୍ଟାରଙ୍କଠୁ କମ୍ ନ ଥିଲା ଲୋକପ୍ରିୟତା




**ନୂଆଦିଲ୍ଲୀ**

ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣାଶୁଣା ଚେହେରା ରାଜୁ ଶ୍ରୀବାସ୍ତବଙ୍କର ପିଲାଟି ଦିନରୁ କମେଡ଼ି ପ୍ରତି ରୁଚି ରହିଥିଲା। ପ୍ରତିବର୍ଷ ସ୍କୁଲ ବାର୍ଷିକ ଉତ୍ସବକୁ ସେ ଅପେକ୍ଷା କରିଥାନ୍ତି। କାରଣ ତାହା ଗୋଟିଏ ମାଧ୍ୟମ ଥିଲା, ଯାହା ଦ୍ୱାରା ରାଜୁ ତାଙ୍କ ମିମିକ୍ରି ଦ୍ୱାରା ଲୋକଙ୍କୁ ହସାଇ ପାରୁଥିଲେ। ୧୯୬୩ରେ ଉତ୍ତର ପ୍ରଦେଶର ମଧ୍ୟବିତ୍ତ ପରିବାରରେ ତାଙ୍କର ଜନ୍ମ। ବାପା ରମେଶ ଚନ୍ଦ୍ର ଶ୍ରୀବାସ୍ତବ ଜଣେ ସରକାରୀ କର୍ମଚାରୀ ହେବା ସହ ଥିଲେ ଜଣେ କବି। ବାପାଙ୍କଠାରୁ ହିଁ ରାଜୁଙ୍କ ପାଖକୁ ରଚନାତ୍ମକ ଚିନ୍ତାଧାରା ଆସିଥିଲା। ପ୍ରକୃତ ନାଁ ସତ୍ୟ ପ୍ରକାଶ ଶ୍ରୀବାସ୍ତବ ହୋଇଥିଲେ ହେଁ ଦେଶରେ ରାଜୁ ଶ୍ରୀବାସ୍ତବ ଭାବେ ସେ ବେଶ୍ ଜଣାଶୁଣା।

### ଅଭିନୟ ପୂର୍ବରୁ ଚଳାଉଥିଲେ ଅଟୋ

ମନୋରଞ୍ଜନ ଜଗତରେ କ୍ୟାରିୟର୍ ତିଆରି କରିବା ଖୁବ୍ କଠିନ। କିନ୍ତୁ ସାରା ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସେ ୧୯୮୨ରେ ଉତ୍ତର ପ୍ରଦେଶରୁ ଧାଇଁ ଆସିଥିଲେ ମାୟାନଗରୀ ମୁମ୍ବାଇ। ଏଥିଲାଗି ସୁପରିହିଟ୍ ଫିଲ୍ମ 'ସୋଲେ' ଦେଖିବା ପରେ ସେ ବଲିଉଡ ପ୍ରତି ଆକୃଷ୍ଟ ହୋଇଥିଲେ ଆଉ ମନ ସ୍ଥିର କଲେ ଯେ, ସେ ବି ହିନ୍ଦୀ ମନୋରଞ୍ଜନ ଜଗତର ଜଣେ ଜଣାଶୁଣା କଳାକାର ହେବେ। ବିନା ରୋଜଗାରରେ ମୁମ୍ବାଇରେ ଚଳିବା କଷ୍ଟକର ହୋଇଥିବାବେଳେ ସେ ଅଟୋ ଚଲାଇବା ଆରମ୍ଭ କରିଥିଲେ। ବିଗ୍ ବି ଅମିତାଭ ବଚ୍ଚନଙ୍କ ନକଲ କରି ମଧ ସେ ଦୈନିକ ୫୦ରୁ ୧୦୦ ଟଙ୍କା ଆୟ କରୁଥିଲେ। ରାଜୁଙ୍କ ବିୟୋଗରେ ମନୋରଞ୍ଜନ ଇଣ୍ଡଷ୍ଟ୍ରିରୁ ଆରମ୍ଭ କରି ତାଙ୍କ ପ୍ରଶଂସକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

### ସଫଳତା ଦେଇଥିଲା ରିଆଲିଟି ଶୋ'

ମିମିକ୍ରି ଜରିଆରେ ରାଜୁ କମେଡିର ପରିଭାଷାକୁ ବଦଳାଇ ଦେଇଥିଲେ। ମେନେ ପ୍ୟାର୍ କିଆ, ବାଜିଗର୍, ଆମ୍‌ଦାନୀ ଅଠନୀ ଖରଚା ରୁପୟା ଭଳି ଫିଲ୍ମରେ ରାଜୁ ପାର୍ଶ୍ୱ ଭୂମିକାରେ ଅଭିନୟ କରିବାର ସୁଯୋଗ ପାଇଲେ। ଏହାପରଠାରୁ ତାଙ୍କ କ୍ୟାରିୟରର ଚକ ଆଗକୁ ଗଡ଼ିବା ଆରମ୍ଭ ହୋଇଥିଲା। ୨୦୦୫ରେ ଟେଲିଭିଜନ୍‌ରେ ପ୍ରସାରିତ 'ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚ୍ୟାଲେଞ୍ଜ' ତାଙ୍କ ପାଇଁ ସାଜିଥିଲା ସଫଳତାର ଶିଡ଼ି। ନିଜ ମିମିକ୍ରି ଜରିଆରେ ରାଜୁ ଏହି ଶୋ'ର ଫାଷ୍ଟ ରନର୍ସଅପ୍ ହୋଇପାରିଥିଲେ। ଟିଭି କ୍ୟାରେକ୍ଟର ଗଜୋଧର ପାଇଁ ସେ ଖୁବ୍ ପ୍ରଶଂସା ସାଉଁଟିଥିବାବେଳେ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ମୃତିରେ ଅଭୁଲା ହୋଇ ରହିବ। ଏକାଧିକ କମେଡି ଷ୍ଟେଜ୍ ଶୋ' କରିଥିବା ରାଜୁ ରିଆଲିଟି ଶୋ'ରେ ମଧ ଅଂଶ ଗ୍ରହଣ କରିଥିଲେ। ବହୁ ଚର୍ଚ୍ଚିତ ରିଆଲିଟି ଶୋ' ବିଗ୍‌ବସ୍ ସିଜନ୍ ୩ ସାଙ୍ଗକୁ ୨୦୧୩ରେ ନଚ୍ ବଲିୟେ ସିଜନ୍ ୩ରେ ମଧ ସେ ସ୍ତ୍ରୀ ଶିଖାଙ୍କ ସହ ଭାଗ ନେଇଥିଲେ। ୧୯୯୩ରେ ରାଜୁ ଶିଖାଙ୍କୁ ବାହା ହୋଇଥିଲେ। ସେମାନଙ୍କର ଦୁଇ ସନ୍ତାନ ଅଛନ୍ତି।

ରାଜନୀତିରେ ମଧ ରାଜୁ ଖୁବ୍ ସକ୍ରିୟ। ୨୦୧୪ରେ ସମାଜବାଦୀ ପାର୍ଟି କାନପୁର ଲୋକ ସଭାରୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେଇଥିବାବେଳେ ରାଜୁ ତାକୁ ଫେରାଇ ଦେଇଥିଲେ। ସେହିବର୍ଷ ମାର୍ଚ୍ଚ ୧୯ରେ ରାଜୁ ଭାଜପା ଦଳରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ସ୍ୱଚ୍ଛ ଭାରତ ଅଭିଯାନର ବ୍ରାଣ୍ଡ ଆମ୍ବାସଡର କରାଯାଇଥିଲା।

# କଳାକାର ହେବା ସହଜ




**ମୁମ୍ବାଇ**

ବର୍ତ୍ତମାନ ସମୟରେ କଳାକାର ହେବା ଅତି ସହଜ ବୋଲି ଦକ୍ଷିଣ ଭାରତୀୟ ଫିଲ୍ମ ଅଭିନେତ୍ରୀ ଆଭିକା ଗୋର ଏକ ସାକ୍ଷାତ୍‌କାରରେ କହିଛନ୍ତି। ସୋସିଆଲ ମିଡିଆରେ ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସକ୍ରିୟ ଥିବାବେଳେ ଛୋଟ ଛୋଟ ଭିଡିଓ କରି ସୋସିଆଲ ମିଡିଆ ୟୁଜର୍ସ ଏବେ ଫେମସ୍ ହେବାରେ ଲାଗିଛନ୍ତି। ଯଦି ଜଣେ ବ୍ୟକ୍ତି ଏହା ଜରିଆରେ ପରିଚିତ ହୋଇପାରୁଛି, ତେବେ ସେହି ବ୍ୟକ୍ତିବିଶେଷଙ୍କୁ ଫିଲ୍ମ କିମ୍ବା ସିରିଏଲ୍‌ରେ କାମ କରିବାରେ ବିଳମ୍ବ ହୁଏ ନାହିଁ। ଅନ୍ୟପକ୍ଷେ ଲୋକ ଏବେ ଟିଭି ଛାଡ଼ି ଅଧିକ ସମୟ ଫୋନ୍‌ରେ ଦେଉଛନ୍ତି। ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍ ଭଳି ପ୍ଲାଟଫର୍ମରେ କୌଣସି ୟୁଜର୍ସ ଉତ୍ତମମାନର ଭିଡିଓ ତିଆରି କରୁଛନ୍ତି ଏବଂ ତାହା ଲୋକଙ୍କୁ ପସନ୍ଦ ଆସୁଛି, ତେବେ ସେମାନଙ୍କ ନିକଟକୁ ବଡ଼ ବ୍ରାଣ୍ଡର ଅଫର୍ ଆସିବା ଆରମ୍ଭ ହୋଇଥାଏ। ଜଣେ ଅଭିନେତା କିମ୍ବା ଅଭିନେତ୍ରୀ ନିଜ ଅଭିନୟ ଜରିଆରେ ଦର୍ଶକଙ୍କ ପ୍ରିୟଭାଜନ ହେବା ପରେ ସମାନ ଘଟଣା ତାଙ୍କ ସହ ଘଟେ। ସେମାନଙ୍କୁ ବହୁ ବ୍ରାଣ୍ଡର ଅଫର୍ ମିଳିବା ଆରମ୍ଭ ହୁଏ। ସେଥିଲାଗି ବର୍ତ୍ତମାନର ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର କୌଣସି ଅଭିନେତାଙ୍କଠୁ କମ୍ ନୁହନ୍ତି। ଟପ୍ ସିରିଏଲ୍ ବାଲିକା ବଧୂରେ ଆଭିକା ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଥିଲେ। ସେ ବର୍ତ୍ତମାନ ଦକ୍ଷିଣ ଭାରତୀୟ ଫିଲ୍ମରେ ବେଶ୍ ସକ୍ରିୟ।

# ହାରିବାନି ହରାଇବା

## ବିଶ୍ୱ ରୋଜ ଦିବସ

କର୍କଟ ପରି ସ୍ୱାସ୍ଥ୍ୟ ସମସ୍ୟାକୁ ଭୟ ନ କରି ଏହା ବିରୋଧରେ ଲଢ଼େଇ ଜାରି ରଖିବା ପାଇଁ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୨୨ ସେପ୍ଟେମ୍ବରରେ ପାଳନ କରାଯାଉଥିବା ବିଶ୍ୱ ରୋଜ ଦିବସ ସମସ୍ତ କର୍କଟ ଆକ୍ରାନ୍ତଙ୍କ ପାଇଁ ଉତ୍ସର୍ଗୀକୃତ। ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି କର୍କଟ ସମସ୍ୟାରେ ହାରିବାନି ବରଂ ଏହାକୁ ହରାଇବା। ଏହି ଦିନ ପାଳନ ମାଧ୍ୟମରେ ଏପରି ଆକ୍ରାନ୍ତଙ୍କ ଜୀବନରେ ସୁଖ ଏବଂ ଭରସା ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ସେମାନଙ୍କୁ ମନେପକାଇ ଦେଇଥାଏ ଯେ ସେମାନେ ନିଷ୍ଠା ଏବଂ ସକାରାତ୍ମକ ଭାବନା ମାଧ୍ୟମରେ କର୍କଟ ବିରୋଧରେ ଲଢ଼ି ବିଜୟୀ ହୋଇପାରିବେ। ୧୯୯୬ରେ ମୃତ୍ୟୁବରଣ କରିଥିବା କାନାଡାର ୧୨ ବର୍ଷ ବୟସ୍କ କର୍କଟ ଆକ୍ରାନ୍ତ ମେଲିଣ୍ଡା ରୋଜଙ୍କ ସମ୍ମାନାର୍ଥେ ବିଶ୍ୱ ରୋଜ ଦିବସ ପାଳନ କରାଯାଇଥାଏ। ଡାକ୍ତରମାନେ କହିଥିଲେ ଯେ ସେ କେବଳ କିଛି ସପ୍ତାହ ବଞ୍ଚିବେ, ମେଲିଣ୍ଡା ରୋଜ ତିନିବର୍ଷରୁ ଅଧିକ ସମୟ ଧରି ଲଢ଼େଇ ଜାରି ରଖିଥିଲେ।

ବିଶ୍ୱ ରୋଜ ଦିବସରେ ଲୋକମାନେ କର୍କଟ ଆକ୍ରାନ୍ତ ଏବଂ ସେମାନଙ୍କର ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ଗୋଲାପ, କାର୍ଡ ଏବଂ ଉପହାର ପ୍ରଦାନ କରିଥାନ୍ତି।

# ଜିଗ୍ନେଶଙ୍କ ସମେତ କଂଗ୍ରେସର ୧୪ ବିଧାୟକ ନିଲମ୍ବିତ

**ଗାନ୍ଧିନଗର,୨୧।୯**

ଗୁଜରାଟ ବିଧାନସଭାରେ ଅଶୋଭନୀୟ ଆଚରଣ ଲାଗି ବିରୋଧୀ କଂଗ୍ରେସର ୧୪ଜଣ ବିଧାୟକଙ୍କ ସହ ସ୍ୱାଧୀନ ବିଧାୟକ ଜିଗ୍ନେଶ ମେଭାନୀଙ୍କୁ ନିଲମ୍ବନ କରାଯାଇଛି। ଏପରିକି ବିଧାୟକମାନଙ୍କୁ ମାର୍ଶଲଙ୍କ ସହାୟତାରେ ବିଧାନସଭାରୁ ବାହାର କରିଦିଆଯାଇଛି। ଗୁଜରାଟ ବିଧାନସଭା ଗୃହକାର୍ଯ୍ୟ ବୁଧବାର ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ନେତା ସୁଖରାମ ରାଠୱା ରାଜ୍ୟରେ ଆନ୍ଦୋଳନରତ ସରକାରୀ କର୍ମଚାରୀ, କୃଷକ, ଅଙ୍ଗନୱାଡି କର୍ମୀ ଏବଂ ପୂର୍ବତନ ଯବାନମାନଙ୍କ ସହ ଜଡ଼ିତ ପ୍ରସଙ୍ଗରେ ଅଧା ଘଣ୍ଟାର ବିଶେଷ ଆଲୋଚନା କରାଯାଉ ବୋଲି ଦାବି କରିଥିଲେ। ହେଲେ ବାଚସ୍ପତି ନିମାବେନ ଆଚାର୍ଯ୍ୟ ଏହାକୁ ଗ୍ରହଣ କରି ନ ଥିଲେ। ଫଳରେ ଏହାକୁ ବିରୋଧ କରି ମେଭାନୀ ଏବଂ ଅନ୍ୟ କଂଗ୍ରେସ ବିଧାୟକମାନେ ସିଟ୍ ଆଗକୁ ଆସି ସ୍ଲୋଗାନ ଦେଇଥିଲେ। 'କର୍ମଚାରୀଙ୍କୁ ନ୍ୟାୟ ଦିଅ', 'ଜଙ୍ଗଲ କର୍ମଚାରୀଙ୍କ ପ୍ରତି ନ୍ୟାୟ କର' ଭଳି ସ୍ଲୋଗାନ ସେମାନେ ଦେଇ ପ୍ଲାକାର୍ଡ ଦେଖାଇଥିଲେ।

ବିରୋଧୀ ଦଳର ବିଧାୟକଙ୍କୁ ବାଚସ୍ପତି ନିଜ ଆସନରେ ବସିବା ଲାଗି ଅନୁରୋଧ କରିଥିଲେ ହେଁ ସେମାନେ ନ ଶୁଣିବାରୁ ବିଧାନସଭା ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ରାଜେନ୍ଦ୍ର ତ୍ରିବେଦୀ ପୋଡିୟମ ସମ୍ମୁଖରେ ବସିଥିବା ବିଧାୟକଙ୍କୁ ନିଲମ୍ବନ ଲାଗି ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ବାଚନିକ ଭୋଟ ଦ୍ୱାରା ଅନୁମୋଦନ କରାଯାଇଥିଲା, ଯାହା ପରେ ମେଭାନୀ ଏବଂ ଅନ୍ୟ ବିଧାୟକଙ୍କୁ ଗୋଟିଏ ଦିନ ଲାଗି ନିଲମ୍ବନ କରାଯାଇଥିବା ଜଣାପଡ଼ିଛି।

## ଗୁଜରାଟ ବିଧାନସଭାରେ ହଙ୍ଗାମା



ବିଧାନସଭା ବାହାରେ ଜିଗ୍ନେଶ ମେଭାନୀ ଓ ନିଲମ୍ବିତ କଂଗ୍ରେସ ବିଧାୟକମାନେ ହୋହଲ୍ଲା କରୁଛନ୍ତି।

# ଭାରତ ଯୋଡ଼ୋ ଯାତ୍ରା ପୋଷ୍ଟରରେ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋ




**ନୂଆଦିଲ୍ଲୀ,୨୧।୯:** କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା କ୍ରମାଗତ ଭାବରେ ଚର୍ଚ୍ଚାରେ ଅଛି। ଏହି ଯାତ୍ରାର ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ଭାଇରାଲ ମଧ୍ୟ ହେଉଛି। ଭାରତ ଯୋଡ଼ୋ ଯାତ୍ରାର ୧୪ତମ ଦିନରେ ଗୋଟିଏ ପୋଷ୍ଟରରେ ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସଭରକରଙ୍କ ଫଟୋ ରହିଥିଲା। ଏହି ପୋଷ୍ଟରଟି ଏର୍ନାକୁଲମରେ ଲଗାଯାଇଥିଲା। ପୋଷ୍ଟରଟି ସୋସିଆଲ ମିଡିଆରେ ଶେୟାର ହେବା ମାତ୍ରେ କଂଗ୍ରେସ ଭୁଲ ବୁଝି ସଭରକରଙ୍କ ଫଟୋ ସ୍ଥାନରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଲଗାଇଥିଲା। ତେବେ ସେତେବେଳକୁ ବିଳମ୍ବ ହୋଇଥିଲା। ବହୁ ଭାଜପା ନେତା ଏହି ପୋଷ୍ଟର ସହିତ କଂଗ୍ରେସକୁ ଟାର୍ଗେଟ କରିବା ଆରମ୍ଭ କରିଥିଲେ। ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା ଟୁଇଟ କରି କହିଛନ୍ତି, ରାହୁଲ ଜୀ, ଯେତେ ଚେଷ୍ଟା କଲେ ମଧ୍ୟ ଇତିହାସ ଏବଂ ସତ୍ୟ ବାହାରକୁ ଆସେ। ସଭରକର ବୀର ଥିଲେ! ଲୁଚକାଳିମାନେ 'ଭୟଭୀତ' ଅଛନ୍ତି। ସୂଚନାଯୋଗ୍ୟ, ସଭରକରଙ୍କ ବିଷୟରେ କଂଗ୍ରେସ ଏବଂ ଭାଜପାର ଭିନ୍ନ ମତ ରହିଛି। ଭାଜପା ତାଙ୍କୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ବୋଲି ବିବେଚନା କରୁଥିବାବେଳେ କଂଗ୍ରେସ ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଅବଦାନ ଉପରେ ପ୍ରଶ୍ନ କରିଛି। କଂଗ୍ରେସ କହିଛି, ଜଣେ ବ୍ୟକ୍ତି ଯିଏ ବ୍ରିଟିଶମାନଙ୍କୁ କ୍ଷମା ମାଗୁଛି ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ହୋଇପାରିବ ନାହିଁ।

## ଟାର୍ଗେଟ କଲା ଭାଜପା

# ବିଜେଡିରେ ଯୋଗଦେଲେ ଗୋପାଳପୁର ନିର୍ବାଚନମଣ୍ଡଳୀର ୨୦୦ ମହିଳା କର୍ମୀ

**ଭୁବନେଶ୍ୱର,୨୧।୯(ବ୍ୟୁରୋ):** ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀର ୨୦୦ ମହିଳା କର୍ମୀ ବୁଧବାର ବିଜେଡିରେ ଯୋଗଦେଇଛନ୍ତି। ବିଜେଡିର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ଭାଜପା ଓ କଂଗ୍ରେସ ଛାଡ଼ିଥିବା ଏହି ମହିଳାକର୍ମୀ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜିଲା ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ କୁମାର ମଲିକ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ, ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧକ୍ଷା ସିଏଚ୍ ଉଷାରାଣୀ, ବିଜେଡି ରଙ୍ଗେଇଲୁଣ୍ଡା ବ୍ଲକ୍ ସଭାପତି ଅଜିତ ଦାସ, ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ଭବାନୀକାନ୍ତ ସାହୁଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଚ୍ୟାଉପଟ୍ଟନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରତି ଗାଁରେ ବିକାଶ କାର୍ଯ୍ୟ ଜାରି ରହିଛି। ଗୋପାଳପୁର ନିର୍ବାଚନମଣ୍ଡଳୀରେ ଯିଏ ଲୋକ ପ୍ରତିନିଧି ଥିଲେ ସେ କରୋନା ସମୟରେ ଦେଖାଦେଲେନାହିଁ। କୌଣସି ସମସ୍ୟାର ସମାଧାନ ହେଲାନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ନିଜେ ନିର୍ବାଚନମଣ୍ଡଳୀର ଦାୟିତ୍ୱ ନେଲେ ବୋଲି ସେ କହିଛନ୍ତି।

GOVERNMENT OF ODISHA
OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA
E.Mail — rw_rourkela@yahoo.co.in
TENDER CALL NOTICE
BID IDENTIFICATION NO. ONLINE-SERKL-14 of 2022-23

**No.O-1024:**1. Name of the Work : Building Work. 2.Total No.of Works: 4 (Four) Nos.3. Estimated Cost: Rs.4.42 Lakhs to 35.44 Lakhs. 4. Class of Contractor: "D", "C" & "B" Class. 5. Period of Completion: 06 (Six) & 4 (Four) Calendar Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of Tender Online For Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Superintending Engineer, Rural Works Division, Rourkela** | **Online-SERKL-14 of 2022-23** | **26.09.2022 from 10.00 A.M.** | **07.10.2022 upto 5.00 P.M.** |

Further details can be seen from the website www.tendersorissa.gov.in.
**Sd./- Superintending Engineer, RW Division, Rourkela**
OIPR-25067/11/0020/2223

OFFICE OF THE MUNICIPAL COUNCIL, JODA
No.4169/JMC., Dt.20.09.2022
QUOTATION CALL NOTICE

**No.C-1251:**Sealed quotation(s) are invited by the undersigned from the intending registered Firm(s)/Painter(s)/Bidder(s) having GST Registration Certificate for the work **"Painting of Wall with theme of Swachha Bharat Mission making of Tribal paint and Chitra art and different cultural activities of Odisha with aesthetic themes inside Joda Municipality area".** The complete quotation(s) accompanied with all relevant valid documents like:- GST Certificate, PAN etc. will be received by the undersigned on or before dt.26/09/2022 up to 1.00PM by Registered Post/Speed Post or by Person and the quotation(s) will be opened on the same day i.e on dt. 26/09/2022 at 3.30PM in presence of the quotationer(s) or their authorized representatives if present. The quotation(s) received after the scheduled date and time will not be entertained. The undersigned will not held responsible for any Postal delay. The rates should be quoted clearly for individual item including all taxes as admissible by the Government. The undersigned reserves the right to accept or cancel any or all the quotations without assigning any reason thereof.

| Sl.No. | Description | Unit | Rate (In Rs.) | Amount (In Rs.) |
|---|---|---|---|---|
| 1 | Painting the wall with weather coat/enamel paint of (2D, or 3 D paint) reputed brand with making art of different cultural activities of Odisha with aesthetic themes depicting theme of Swachha Bharat Mission including all materials, cost of admixtures, scaffolding charges and cost of all labour and taxes etc. all complete. | Per Sqft | | |
| 2 | Painting the walls with weather coat/enamel paint of reputed brand (non-artistic paint) including cost, conveyance, taxes etc. of all materials, all admixtures, scaffolding charges and cost of all labour complete. | Per Sqft | | |

OIPR-13124/11/0021/2223 **Sd./- Executive Officer, Joda Municipality**

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ବିଜ୍ଞାପନ

No. RR-30: ଏତଦ୍ୱାରା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ତଥା ଦୁଃସ୍ଥ କଳାକାର ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀଙ୍କୁ ଜଣାଇ ଦିଆଯାଉଛି ଯେ, ଏଣିକି ରାଜ୍ୟ ସରକାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କଠାରୁ ଉପରୋକ୍ତ ଯୋଜନାରେ ଆର୍ଥିକ ସହାୟତା ପାଉଥିବା ଧନରାଶିକୁ ଆଗାମୀ ୦୧।୧୦।୨୦୨୨ଠାରୁ ସିଧାସଳଖ ବ୍ୟାଙ୍କ ମାଧ୍ୟମରେ (D.B.T. Mode) ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଉଅଛି। ଏହି ପରିପ୍ରେକ୍ଷୀରେ ଉକ୍ତ କଳାକାରମାନଙ୍କୁ ବର୍ତ୍ତମାନର ପ୍ରଚଳିତ ପ୍ରଥା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସମ୍ମିଶ୍ରଣ କରିବା ନିମନ୍ତେ ପ୍ରକ୍ରିୟା ଜାରି ରହିଛି। ତେଣୁ ଆପଣମାନେ ନିଜ ନିଜ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଦପ୍ତରରେ ତା।୨୯।୦୯।୨୦୨୨ରିଖ ସୁଦ୍ଧା ନିଜ ନିଜର ଆଧାର କାର୍ଡ, ବ୍ୟାଙ୍କ ଜମାଖାତାର (ଫଟୋ କପି) ଏବଂ ମୋବାଇଲ ନମ୍ବର ଦାଖଲ କରିବା ବିଧେୟ।
ଯେଉଁ ହିତାଧିକାରୀମାନେ ପୂର୍ବରୁ ଏହି ଦସ୍ତାବିଜଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି ତେବେ ପୁନର୍ବାର ଏସବୁ ଦେବା ଆବଶ୍ୟକ ନାହିଁ। ଯଦି ଏହି ଦସ୍ତାବିଜ (କାଗଜାତ) ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ ନ ହୁଏ ତେବେ ଏହି ସହାୟତା ଧନରାଶି ବନ୍ଦ ହେବାର ଯଥେଷ୍ଟ ସମ୍ଭାବନା ଅଛି।

ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର
OIPR-03001/11/0022/2223 ଭୁବନେଶ୍ୱର – ୭୫୧୦୧୪

ବିଜ୍ଞାପନ

ନାମ: କ.ନଂ. ୨୪୦ ରସିଲ୍ ପାତ୍ର
ପିତା: ଶ୍ରୀ ନିରଞ୍ଜନ ପାତ୍ର
ଗ୍ରାମ: କନ୍ତସରା, ପୋଷ୍ଟ: କେନାଭେଟା
ଥାନା: ବଣେଇଗଡ଼, ଜିଲ୍ଲା: ସୁନ୍ଦରଗଡ଼
ପିନ୍ ନ.: ୭୭୦୦୫୧

No. D-168: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ତା।୦୩।୦୪।୨୦୨୨ରିଖ ଅପରାହ୍ଣଠାରୁ ତା।୦୬।୦୪।୨୦୨୨ରିଖ ଅପରାହ୍ଣ ପର୍ଯ୍ୟନ୍ତ ୦୩ଦିନ ସାମୂହିକ ଛୁଟିରେ ଯାଇଥିଲେ। ଆପଣ ତା।୦୭।୦୪।୨୦୨୨ରିଖ ପୂର୍ବାହ୍ଣରେ ନିଜ କାର୍ଯ୍ୟରେ ଯୋଗ ଦେବାର ଥିଲା। କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଭାରତୀୟ ସଂରକ୍ଷିତ ଆରକ୍ଷୀ ବାହିନୀରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି।
ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୦୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଦୁର୍ଗର ମୁଖ୍ୟାଳୟରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକ ତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
୪ର୍ଥ ଇଣ୍ଡିଆ ରିଜର୍ଭ ବାଟାଲିୟନ, ଦେବଗଡ଼
OIPR-12029/11/0029/2223

GOVERNMENT OF ODISHA
"e"-PROCUREMENT NOTICE
WORKS DEPARTMENT
E-mail: ceroads.bbsr@gmail.com
RFP Identification No. CE-DPI & R - 03/2022-23

**No.B-615:**1.The Chief Engineer, D.P.I. & Roads, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha, and, as part of this endeavour, Govt. of Odisha has decided to undertake the following "Project" under EPC Contract (Engineering, Procurement and Construction) basis, and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of project : Roadworks.
3. No. of project : 3 Nos.
4. Tender Paper cost : Rs. 10,000.00
5. Class of Contractor : Superclass
6. Available of bid document in the website : From 10.00 Hours of 30.09.2022 to 16.00 Hours of 31.10.2022
7. Date of Pre-Application conference : 12.10.2022 at 12.30 Hours
8. Date of opening of Bid : Dt.31.10.2022 at 16.30 Hours
9. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum/ cancellation of tender can also be seen in the said website.

**Sd./- Chief Engineer (DPI & Roads), Odisha**
OIPR-34111/11/0035/2223

CHIEF DISTRICT OFFICER CUM EXECUTIVE OFFICER
ZILLA PARISAD, SUBARNAPUR
CDO-CUM-EO, ZILLA PARISAD, SUBARNAPUR
No. 5182 NOTICE Date: 19.09.2022

**No.E-478:**Sealed tender is hereby invited from eligible contractors for execution of the Civil work of Const. of Day Care S.C. Cum-HWC building at Sibtula, Bagdia, Khaliapali, Chadaipank, Bagbahali, Karlajuri, Mahada, Rampur, Sahala, Silati, Salepali, Sukha, Gailgudi and Mayabarha of Subarnapur District. Detail term and condition may be downloaded from the website **www.subarnapur.nic.in**. The tender documents will be available in the website from Dt.26.09.2022 to Dt.12.10.2022. The tender should reach the office of the undersigned by Dt.13.10.2022 (till 5.00 P.M.). Tender will be opened at 12.00 Noon on Dt.14.10.2022. The undersigned reserves the right to cancel all or any bids without any reason thereof. Late received & incomplete bids will not be entertained. No personal quarry to be entertained.

Sd./- N.R. Kanhar
CDO-cum-EO, Z.P., Subarnapur
OIPR-10118/11/0017/2223

GOVERNMENT OF ODISHA No.A-515:
DEPARTMENT OF WATER RESOURCES
Office of the Superintending Engineer
Upper Kolab Head Works Division
At/PO- Kolabnagar, Dist: Koraput
e-Procurement notice- SE-UKHWD-01/2022-23
Dated 15.09.2022 (ONLINE)

1. No. of Work : 02 (Two)
2. Type of Work : Deployment of Security Personnel
3. Value of Work : Rs.27,63,500/- & Rs.1,03,34,000/-
4. Class of Contractor : Registered & Licensed security agencies.
5. Period of Completion : 01 (One) Calendar Year
6. Date & Time of availability of bid documents online : 23.09.2022 at 10.00 Hours to 16.10.2022 at 17.00 Hours
7. Date & Place of Opening of Technical bid online : 17.10.2022 (11.30 Hours) at office of the Superintending Engineer, UKHW Division, Kolabnagar
8. Date & Place of opening of Financial bid online : To be intimated to the qualified bidders (for double cover system)
9. Name of the Officer Inviting Bids : Superintending Engineer, UKHWD, Kolab Nagar

Further details can be seen in the Govt. of Odisha e-Procurement website http://www.tendersodisha.gov.in.

Sd./- (Er. S.K. Sahu)
Superintending Engineer,
OIPR-32015/11/0007/2223 Upper Kolab Head Works Division, Kolabnagar

GOVERNMENT OF ODISHA No.C-1260:
OFFICE OF THE GENERAL MANAGER
WATCO DIVISION, KEONJHAR- 758001
Ph No.06766-254096, e-Mail:- eephkjr@gmail.com
NATIONAL COMPETITIVE BIDDING THROUGH e- Procurement
Invitation For Bids (IFB) No. WATCOKJR-23/2022-23 dt.16.09.2022

1. Name of the Work : Construction of Sub-Division & Section Office at Joda Municipality
2. Estimated Cost : Rs.28.56 Lakh
3. Period of completion : 6 Months
4. Date & Time of Availability of Bid Document in the Portal : 11 hours of dt.23.09.2022 to 17 hours of dt.29.09.2022
5. Last date/ time of receipt of bids in the portal : Dt.29.09.2022 at 17 hours
6. Date and time of opening of bids : Dt.30.09.2022 at 11 hours
7. Name and address of the Officer Inviting Bid : The General Manager WATCO Division, Keonjhar 758001, Odisha Ph.06766-254096 e-Mail:eephkjr@gmail.com

Further details can be seen from the website:www.tendersorissa.gov.in.

Sd./-General Manager, WATCO Division, Keonjhar
OIPR-13215/11/0003/2223

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି
(ଅବକାରୀ ବିଭାଗ)
କଳାହାଣ୍ଡି ଜିଲ୍ଲାର ବାହାର ଭାଟିରନ୍ଧା ଦେଶୀ ମଦ ଦୋକାନର
ବନ୍ଦୋବସ୍ତ ନିମନ୍ତେ ବର୍ଷ ୨୦୨୨-୨୩ ପାଇଁ ବିଜ୍ଞପ୍ତି

ପତ୍ର ସଂଖ୍ୟା: ୧୨୮୦ ତା।୧୯।୦୯।୨୦୨୨

No. F-261(O): କଳାହାଣ୍ଡି ଜିଲ୍ଲାରେ ୨୦୨୨-୨୩ ବର୍ଷ ପାଇଁ ସ୍ୱୀକୃତିପ୍ରାପ୍ତ ୦୧ (ଏକ) ଅମଠାଗୁଡ଼ା ବାହାର ଭାଟିରନ୍ଧା ଦେଶୀ ମଦ ଦୋକାନର ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଲଟେରିରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି ବିଶେଷ ଏହି ୱେବସାଇଟ୍ **http://stateexcise.odisha.gov.in**ରେ ଉପଲବ୍ଧ ଥିବା Form - 'B'ରେ ଅନଲାଇନ୍ ମାଧ୍ୟମରେ ତା।୧୭।୦୯।୨୦୨୨ରିଖଠାରୁ ତା।୩୦।୦୯।୨୦୨୨ରିଖ ସନ୍ଧ୍ୟା ୫.୦୦ ଘଟିକା ମଧ୍ୟରେ ଆବେଦନ କରିପାରିବେ। ଉପରୋକ୍ତ ଦୋକାନର ଲଟେରି ତା।୦୭।୧୦।୨୦୨୨ରିଖ ଦିବା ୪.୦୦ ଘଟିକାରେ ସଦ୍‌ଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି, ଭବାନୀପାଟଣାଠାରେ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରି ଉଠାଣ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଅଛି।
ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବ୍‌ସାଇଟ୍‌ରେ ଏବଂ ଜିଲ୍ଲାପାଳ, କଳାହାଣ୍ଡି ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ରେ ଉପଲବ୍ଧ ଅଛି।
ସେବା ପାଇଁ ନିଃଶୁଳ୍କ ନମ୍ବର: **155335 or 18003456770**

ସ୍ୱା./- ଜିଲ୍ଲାପାଳ, କଳାହାଣ୍ଡି
OIPR-24236/11/0036/2223

OFFICE OF THE
MUNICIPAL COUNCIL, BARBIL
No. 2135 Date: 20.09.2022
QUOTATION CALL NOTICE

No. C-1249: Sealed quotations are invited from the intending registered firms/authorized dealers/distributors/supplier's electrical contractors and manufacturers for supply and installation of electrical and electronics accessories etc. to Barbil Municipality for the financial year 2022-23. The prescribed quotation schedule can be obtained from the electrical section of Barbil Municipality on payment of Rs.5,000/- (Rupees five thousand) only including GST (Non-refundable) in shape of Cash/Bank Draft/Bankers Cheque drawn in favour of the Executive Officer, Barbil Municipality payable at Barbil from any Nationalized Bank from date 21.09.2022 to date 30.09.2022 upto 11.30 A.M. during office hour except holidays.
The quotation paper along with all documents should reach the undersigned by Regd. Post/Speed Post/Courier Service or by person on or before date 30.09.2022 upto 3.30 P.M. The quotation will be opened on the same date at 06.10.2022 at 12.30 P.M. in presence of the quotationer or their authorized representative if any. The quotation received beyond the schedule date and time will not be considered.
All terms and conditions may be seen in the quotation schedule. The undersigned has rights to reject the quotations without assigning any reason thereof.

**Sd./- Executive Officer, Barbil Municipality**
OIPR-13108/11/0012/2223

ସାମାଜିକ ସୁରକ୍ଷା ଓ
ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାର
Social Security & Empowerment of Persons with Disabilities Department, Government of Odisha
OFFICE OF THE COLLECTOR AND DISTRICT MAGISTRATE,KEONJHAR
(Social Security & Empowerment of PwD Section)
(dssokeonjhar@gmail.com/dsso-keonjhar@nic.in)
RFP Number- 2065/DSSO Date:20.09.2022
REQUEST FOR PROPOSAL

**No.gg-14:**Sealed Proposals are invited from eligible reputed agencies/organizations **for 'Selection of Agency for Establishment and Management of 30 Beds Shelter Home for Homeless People / Destitutes with Mentally Illness (HPMI), under District Mineral Foundation, Keonjhar.'** The detailed terms and conditions along with RFP document can be downloaded from the district website www.kendujhar.nic.in. The proposals, complete in all respects should reach the undersigned before 25.10.2022 by 05.00 pm which shall be opened in the presence of the committee constituted for the purpose. The undersigned reserves the right to reject or cancel any or all the tenders without assigning any reasons thereof.

**Sd./- District Social Security Officer**
OIPR-46001/11/0022/2223 **Keonjhar, Odisha**

GOVERNMENT OF ODISHA
OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
INVITATION FOR BIDS (IFB)
File No-C-IIM-IFB-06/2019 No.34634 Dtd.12.09.2022
6th Corrigendum Bid Identification No. CE-DPI & R-11/2022-23

**No.B-617:**The following changes are made to the work **"Improvement to Sundergarh-Lephripada road from 21/700 km to 27/340 km in the district of Sundergarh under State Plan"** at Sl. No.2 invited vide Bid Identification No. CE-DPI & R-11/2022-23 vide letter No.29025 dtd.28.07.2022 as per Works Department, Government of Odisha O.M. No. 12586 dtd.09.09.2022-Amendment to Rule-3 of Appendix-VIII of O.P.W.D. Code Volume-I.
1.

| Sl. No. | Name of Work | Class of bidder as per DTCN | Modification Class of bidder as per Corrigendum |
|---|---|---|---|
| 1 | Improvement to Sundergarh-Lephripada road from 21/700 km to 27/340 km in the district of Sundergarh under State Plan. | Super Class/ Special Class | 'A' Class/ Special Class |

2.The last date of bid submission has been extended upto **5.30 PM of 26.09.2022.** 3. Bids received online shall be opened at **11.30 Hours on 27.09.2022** in the office of the Engineer-in-Chief (Civil), Nirmana Saudha, Unit-V, Bhubaneswar, Odisha.
All other terms and conditions remain unchanged.
OIPR-34111/11/0037/2223 **Sd./-Chief Engineer, DPI & Roads, Odisha**






ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଏଆଇଏଫ୍ଏଫ୍ ମହାସଚିବ ଶାଜି ପ୍ରଭାକରନ ଓ ସଭାପତି କଲ୍ୟାଣ ଚୌବେ। କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ସହ ଚୌବେ, ପ୍ରଭାକରନଙ୍କ ଆଲୋଚନା

**ଭୁବନେଶ୍ୱର, ୨୧।୯ (କ୍ରୀଡ଼ା ପ୍ରତିନିଧି)**

ସମ୍ପ୍ରତି ଓଡ଼ିଶା ଗସ୍ତରେ ଥିବା ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ସଭାପତି କଲ୍ୟାଣ ଚୌବେ ଓ ମହାସଚିବ ଶାଜିପ୍ରଭାକରନ ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଓଡ଼ିଶାରେ ମହିଳା ଫୁଟବଲର ବିକାଶ ଏବଂ କଳିଙ୍ଗ କପ୍ ଫୁଟବଲ ଟୁର୍ନାମେଣ୍ଟର ପୁନଃଆରମ୍ଭ ସମ୍ପର୍କରେ ଆଲୋଚନା ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ କରି ଜଣାଇଛନ୍ତି। ଓଡ଼ିଶାର ସ୍ପୋର୍ଟିଂ ଇକୋସିଷ୍ଟମକୁ ପ୍ରଶଂସା କରିଥିବାରୁ ମୁଖ୍ୟମନ୍ତ୍ରୀ ଏହି ଦୁଇ ଫୁଟବଲ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସାକ୍ଷାତ ଅବସରରେ ଚୌବେ ଓ ପ୍ରଭାକରନଙ୍କୁ ମୁଖ୍ୟମନ୍ତ୍ରୀ ଜର୍ସି ଉପହାର ସ୍ୱରୂପ ପ୍ରଦାନ କରିଥିଲେ।

**କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ**

ପରେ ଉଭୟ ଚୌବେ ଓ ପ୍ରଭାକରନ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଭାରତୀୟ ଫୁଟବଲର ଏହି ଦୁଇ ଶୀର୍ଷ ଅଧିକାରୀ ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ସହ ଆସନ୍ତା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଏବଂ ଓଡ଼ିଶାରେ ଫୁଟବଲର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଚୌବେ ଓ ପ୍ରଭାକରନ କଳିଙ୍ଗ ଷ୍ଟାଡିୟମର ଫୁଟବଲ ଗ୍ରାଉଣ୍ଡ ଏବଂ ଏହା ପରିସରରେ ଥିବା ଅନ୍ୟ ପ୍ରକଳ୍ପକୁ ବୁଲି ଦେଖିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିଜକୁ ଦୂରେଇ ରଖିଲା ଫେଡେରେଶନ

## ଟଏଲେଟ୍‌ରେ ଖାଦ୍ୟ ପରଷାଯିବା ପ୍ରସଙ୍ଗ

**ଲକ୍ଷ୍ନୌ,୨୧।୯(ପି.ଟି.)**

ଉତ୍ତରପ୍ରଦେଶର ସାହାରନପୁରରେ କବାଡି ଖେଳାଳିଙ୍କୁ ଟଏଲେଟରେ ଖାଦ୍ୟ ପରଷା ଯାଉଥିବା ବିବାଦରୁ ନିଜକୁ ଦୂରେଇ ଦେଇଛନ୍ତି ଆମେଚ୍ୟୁର କବାଡି ଫେଡେରେଶନ ଅଫ୍ ଇଣ୍ଡିଆ (ଏକେଏଫଆଇ) ଓ ଉତ୍ତର ପ୍ରଦେଶ ରାଜ୍ୟ କବାଡି ସଂଘ। ବୁଧବାର ଉଭୟ ସଂଘ ଏହି ଟୁର୍ନାମେଣ୍ଟ ସହିତ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ଫେଡେରେଶନ ବୁଧବାର ନିଜକୁ ଏହି ମାମଲାରୁ ଦୂରେଇ ରଖିଛନ୍ତି। ସାହାରନପୁରରେ ୧୬ ବର୍ଷରୁ କମ ବାଳିକା ସବ୍‌ଜୁନିୟର କବାଡି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଟଏଲେଟରେ ଖାଦ୍ୟ ରଖାଯାଇଥିବାର ଭିଡିଓଟି ଭାଇରାଲ ହେବା ପରେ ଦାୟିତ୍ୱରେ ଅବହେଳା ପାଇଁ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ସୋମବାର ଜଣେ ଜିଲା କ୍ରୀଡା ଅଧିକାରୀଙ୍କୁ ନିଲମ୍ବନ ମଧ୍ୟ କରାଯାଇଥିବା ବେଳେ ଖାଦ୍ୟ ପରିବେଷଣକାରୀ କ୍ୟାଟରରଙ୍କୁ ମଧ୍ୟ ସମଦଶା ଭୋଗିବାକୁ ପଡିଛି। ଅନ୍ୟପକ୍ଷରେ କେନ୍ଦ୍ର କିମ୍ବା ରାଜ୍ୟ କବାଡି ସଂଘ ପକ୍ଷରୁ ଏହି ଟୁର୍ନାମେଣ୍ଟ ପାଇଁ ଅନୁମତି ଦିଆଯାଇ ନ ଥିବା ସ୍ପଷ୍ଟ କରିଛନ୍ତି ଉତ୍ତର ପ୍ରଦେଶ ରାଜ୍ୟ କବାଡି ସଂଘ ସମ୍ପାଦକ ରାଜେଶ କୁମାର ସିଂ। ରାଜ୍ୟ ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଏହି ଟୁର୍ନାମେଣ୍ଟଟି ଆୟୋଜନ କରାଯାଇଥିଲା।

କ୍ରୀଡାବିତ୍‌ଙ୍କ ପ୍ରତି ଏଭଳି ଅପମାନଜନକ ବ୍ୟବହାର ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିବାଦ ମଧ୍ୟ କରାଯାଇଥିଲା। ଏକେଏଫ୍ଆଇର ଏହି ମାମଲା ସହିତ କୌଣସି ସମ୍ପୃକ୍ତି ନାହିଁ। ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ଟୁର୍ନାମେଣ୍ଟଟି ଆୟୋଜନ କରାଯାଇଛି। ଏ ନେଇ ଆମ ନିକଟରୁ କୌଣସି ଅନୁମତିପତ୍ର ନିଆଯାଇନଥିବା କହିଛନ୍ତି ଏକେଏଫ୍ଆଇ ମୁଖ୍ୟ ଏସ୍. ପି. ଗର୍ଗ। ଉଲ୍ଲେଖଯୋଗ୍ୟ ଯେ, ୨୦୧୮ରୁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗର୍ଗ ଏକେଏଫ୍ଆଇ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଏକେଏଫ୍ଆଇର ନିଜସ୍ୱ ୧୬ ବର୍ଷରୁ କମ୍ ଓପନ ଚାମ୍ପିୟନଶିପ୍ ରହିଛି। ତେଣୁ ଏହି ଟୁର୍ନାମେଣ୍ଟ ଆୟୋଜନରେ କିମ୍ବା ଏହାର ଆୟୋଜକଙ୍କ ସହିତ ଏକେଏଫ୍ଆଇ କୌଣସି ପ୍ରକାରରେ ସମ୍ପୃକ୍ତ ନୁହେଁ। ଏପରିକି ଫେଡେରେଶନର ବାର୍ଷିକ କ୍ୟାଲେଣ୍ଡରରେ ଏହି ଟୁର୍ନାମେଣ୍ଟର କୌଣସି ଚିହ୍ନବର୍ଣ୍ଣ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଟୁର୍ନାମେଣ୍ଟ ଆୟୋଜନ କରାଯାଉଥିବାରୁ କେବଳ ଟେକ୍ନିକାଲ ସପୋର୍ଟ ଏବଂ ଚୟନ କମିଟିକୁ ପଠାଯାଇଥିଲା।

୧୬ଟି ଡିଭିଜନର ୩୦୦ରୁ ଅଧିକ ଖେଳାଳିଙ୍କୁ ନେଇ ଏହି ଟୁର୍ନାମେଣ୍ଟ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଇଥିଲା। ସାହାରନ୍‌ପୁରର ଡ. ଭୀମରାଓ ଆମ୍ବେଡକର ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଥିବା ବେଳେ ଜିଲ୍ଲା କ୍ରୀଡାଧିକାରୀ ଅନିମେଶ ସକ୍ସେନାଙ୍କୁ ନିଲମ୍ବନ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଯୁଗ୍ମ ଶାସନ ସଚିବ(କ୍ରୀଡା) ନବନୀତ ସେହଗଲ। ଏହି ଘଟଣା ପରେ କ୍ରୀଡା ସଂଘଗୁଡିକୁ ରାଜନେତାମାନଙ୍କ କବଳରୁ ମୁକ୍ତ କରିବାର ସମୟ ଆସିଯାଇଛି ବୋଲି କହିଛନ୍ତି ଭାଜପା ସାଂସଦ ବରୁଣ ଗାନ୍ଧୀ। କ୍ରୀଡାବିତ୍‌ମାନଙ୍କୁ ଏପରି ବ୍ୟବହାର କରିବା ପରେ ଆମେ କିଭଳି ଅଲିମ୍ପିକ ସ୍ୱର୍ଣ୍ଣ ଆଶା କରିବା ବୋଲି ପ୍ରଶ୍ନ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ। ଖେଳାଳିମାନଙ୍କ ପ୍ରତି ଏହା ଅପମାନ ବୋଲି ଆରଏଲ୍‌ଡି ପକ୍ଷରୁ କୁହାଯାଇଥିବା ବେଳେ କଂଗ୍ରେସ ପକ୍ଷରୁ ଭାଜପା କେବଳ ପ୍ରଚାରରେ ଅର୍ଥ ନିବେଶ କରୁଥିବା ଅଭିଯୋଗ କରାଯାଇଛି।

# ୩ୟ ସ୍ଥାନରୁ ବାବରଙ୍କୁ ହଟାଇଲେ ସୂର୍ଯ୍ୟକୁମାର

**ଦୁବାଇ, ୨୧।୯ (ପି.ଟି.):** ଭାରତର ସୂର୍ଯ୍ୟକୁମାର ଯାଦବ ପାକିସ୍ତାନ ଅଧିନାୟକ ବାବର ଆଜମଙ୍କୁ ପଛରେ ପକାଇ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟର ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୋହାଲିରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ଭାରତ ପରାଜିତ ହୋଇଥିଲେ ହେଁ ସୂର୍ଯ୍ୟ ୪୬ ରନର ଦ୍ରୁତ ଇନିଂସ ଖେଳିଥିଲେ। ଏହି ଇନିଂସ ତାଙ୍କୁ ଟି୨୦ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷରେ ଥିବା ମହମ୍ମଦ ରିଜୱାନଙ୍କ ନିକଟତର କରାଇଛି। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିବା ରିଜୱାନ ୮୨୫ ପଏଣ୍ଟ ସହିତ ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ ଦକ୍ଷିଣ ଆଫ୍ରିକାର ଏଡେନ ମାରକ୍ରାମ ୭୯୨ ପଏଣ୍ଟ ସହ ଦ୍ୱିତୀୟ ଏବଂ ସୂର୍ଯ୍ୟ ୭୮୦ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଆସିଛନ୍ତି। ବାବର ୭୭୧ ପଏଣ୍ଟରେ ଅଛନ୍ତି। ଭାରତର ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୨୨ଟି ସ୍ଥାନ ଉପରକୁ ଉଠି ୬୫ରେ ପହଞ୍ଚି ଯାଇଛନ୍ତି। ସେହିପରି ଅକ୍ଷର ପଟେଲ ୨୪ଟି ସ୍ଥାନ ଲମ୍ଫମାରି ୩୩ତମ ସ୍ଥାନକୁ ଆସିଛନ୍ତି।

ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଜୋଶ୍ ହାଜେଲଉଡ୍ ବୋଲରଙ୍କ ତାଲିକାର ଶୀର୍ଷରେ ଅପରାଜିତ ରହିଛନ୍ତି। ଟପ୍-୧୦ରେ ଭାରତର କେବଳ ଭୁବନେଶ୍ୱର କୁମାର (୯ମ ସ୍ଥାନ) ରହିଛନ୍ତି।

# ହିତ୍, ଜୟଦେବ ସମ୍ମାନ ରଖିଲେ

## ଦୁଲିପ୍ ଟ୍ରଫି ଫାଇନାଲ

### ଅଜିଙ୍କ୍ୟ ରାହାନେ, ଶ୍ରେୟସ ଆୟାର ପ୍ରଭାବହୀନ

**କୋଏମ୍ବାଟୁର, ୨୧।୯**

ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଦୁଲିପ ଟ୍ରଫି କ୍ରିକେଟ ଫାଇନାଲ ବୁଧବାର ଆରମ୍ଭ ହୋଇଛି। ଅଜିଙ୍କ୍ୟ ରାହାନେ ଓ ଶ୍ରେୟସ ଆୟାରଙ୍କ ପରି ତାରକା ବ୍ୟାଟରମାନେ ପ୍ରଭାବୀ ବ୍ୟାଟିଂ କରିବାରେ ବିଫଳ ହୋଇଥିବାବେଳେ ପ୍ରଥମ ଦିବସ ଶେଷ ବେଳକୁ ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୮ ଉଇକେଟ ହରାଇ ୨୫୦ ରନ ସଂଗ୍ରହ କରିଛି। ଗୁଜରାଟର ଯୁବ ଉଇକେଟ କିପର ହିତ୍ ପଟେଲ ୯୬ ଓ ଜୟଦେବ ଉନାଡକଟ ୩୯ ରନରେ ଅପରାଜିତ ରହି ଦଳର ସମ୍ମାନ ରଖିଛନ୍ତି।

ଟସ୍ ଜିତି ପଶ୍ଚିମାଞ୍ଚଳ ଅଧିନାୟକ ରାହାନେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମାତ୍ର ଏହାକୁ ଭୁଲ୍‌ରେ ପରିଣତ କରିଥିଲେ ଦକ୍ଷିଣାଞ୍ଚଳ ବୋଲର। ଯୁବ ଓପନର ଯଶସ୍ୱି ଜୟସ୍ୱାଲ (୧ ରନ) ଓ ଅଭିଜ୍ଞ ପ୍ରିୟଙ୍କ ପଞ୍ଚଲ(୭) ଙ୍କୁ ଶୀଘ୍ର ପ୍ୟାଭିଲିୟନ ପଠାଇ ପଶ୍ଚିମାଞ୍ଚଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଚିପୁରାପଲ୍ଲୀ ଷ୍ଟିଫେନ। ରାହାନେ ମଧ୍ୟ କ୍ରିଜରେ ଟିକ୍ସିପାରି ନ ଥିଲେ। ସେ ବ୍ୟକ୍ତିଗତ ୮ ରନ କରି ବାସିଲ ଥାମ୍ପିଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶ୍ରେୟସ ଆୟାର ଓ ସର୍ଫରାଜ ଖାଁ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଆୟାର ୩୭ ଓ ସର୍ଫରାଜ ୩୪ ରନକରି ଗୁଜରାଟର ବାମହାତୀ ସ୍ପିନର ରବିଶ୍ରୀନିବାସନ ସାଇ କିଶୋରଙ୍କ ଶିକାର ହୋଇଥିଲେ। ଶାମ୍ସ ମୁଲାନୀଙ୍କୁ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ପଥ ଦେଖାଇଥିଲେ ସାଇ କିଶୋର। ଫଳରେ ପଶ୍ଚିମାଞ୍ଚଳ ୧୦୧ ରନରେ ୬ଷ୍ଠ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ମିଡିଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସିଥିବା ହିତ୍ ପଟେଲ ଧୈର୍ଯ୍ୟର ସହ ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରିଥିଲେ। ସେ ୮ ନମ୍ବର ବ୍ୟାଟର ଅତିତ୍ ସେଠ୍‌ଙ୍କ ସହ ୬୩ ରନର ଭାଗୀଦାରି ଗଢ଼ି ପଶ୍ଚିମାଞ୍ଚଳକୁ ଲଜ୍ଜାଜନକ ପରିସ୍ଥିତିରୁ ମୁକୁଳାଇ ଥିଲେ। ଅତିତ୍ ୨୫ ରନକରି ବାସିଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଲୋୟର ଅର୍ଡରରେ ତନୁଶ କୋଟିଆନ ମାତ୍ର ୨ ରନ କରିବାକୁ ସକ୍ଷମ ହୋଇଥିବାବେଳେ ଅଭିଜ୍ଞତାର ଉପଯୋଗ କରି ଦକ୍ଷିଣାଞ୍ଚଳ ବୋଲରଙ୍କୁ ସଫଳତାର ସହ ମୁକାବିଲା କରିଥିଲେ ସୌରାଷ୍ଟ୍ର ଭେଟେରାନ ଖେଳାଳି ଜୟଦେବ ଉନାଡକଟ। ହିତ୍ ପଟେଲ ଓ ଜୟଦେବ ଅସମାପ୍ତ ୯ମ ଉଇକେଟରେ ୮୩ ରନ ଯୋଗକରି କେବଳ ଯେ ପ୍ରଥମ ଦିବସରେ ଦଳକୁ ଅଲ୍‌ଆଉଟ ହେବାରୁ ରକ୍ଷା କରିଥିଲେ ତା' ନୁହେଁ ଦଳକୁ ଏକ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର କରାଇଛନ୍ତି। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ହିତ୍ ପଟେଲ ୧୭୮ ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୧ ଛକା ସହାୟତାରେ ୯୬ ଓ ଜୟଦେବ ୩୯ (୬୪ ବଲ, ୩ ଚୌକା) ରନରେ ଅପରାଜିତ ରହିଥିଲେ। ଦକ୍ଷିଣାଞ୍ଚଳ ବୋଲରଙ୍କ ମଧ୍ୟରେ ସାଇ କିଶୋର ୩ଟି, ବାସିଲ ଥାମ୍ପି ଓ ଷ୍ଟିଫେନ ୨ଟି ଲେଖାଏ ଏବଂ କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକ ହାସଲପରେ ହିତ୍ ପଟେଲ।

**ସଂକ୍ଷିପ୍ତ ସ୍କୋର**

ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୨୫୦/୮ (ହିତ୍ ପଟେଲ-୯୬*, ଜୟଦେବ ଉନାଡକଟ-୩୯*, ଶ୍ରେୟସ ଆୟାର-୩୭, ସର୍ଫରାଜ ଖାଁ-୩୪, ଆର. ସାଇ କିଶୋର-୩/୮୦, ବାସିଲ ଥାମ୍ପି-୨/୪୨, ଚିପୁରାପଲ୍ଲୀ ଷ୍ଟିଫେନ-୨/୨/୩୯, କ୍ରିଷ୍ଣାପ୍ପା ଗୋଥାମ-୧/୭୩)।

# ଡବ୍ଲ୍ୟୁଟିସି ଫାଇନାଲ ଭେନ୍ୟୁ ଘୋଷଣା

**ଦୁବାଇ, ୨୧।୯ (ପି.ଟି.):** ଆଇସିସି ପକ୍ଷରୁ ୨୦୨୩ ଓ ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ପାଇଁ ଭେନ୍ୟୁ ଘୋଷଣା କରାଯାଇଛି। ଜୁଲାଇରେ ବର୍ମିଂହାମରେ ହୋଇଥିବା ଆଇସିସିର ବାର୍ଷିକ ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଇଂଲଣ୍ଡରେ ପରବର୍ତ୍ତୀ ଦୁଇ ସଂସ୍କରଣର ଫାଇନାଲ ଅନୁଷ୍ଠିତ ହେବ। ବୁଧବାର ଓଭାଲ ଓ ଲର୍ଡସକୁ ଯଥାକ୍ରମେ ୨୦୨୩ ଓ ୨୦୨୫ ପାଇଁ ଭେନ୍ୟୁ ଘୋଷଣା କରାଯାଇଛି। ଓଭାଲରେ କ୍ରିକେଟ ପାଇଁ ବେଶ୍ ଅନୁକୂଳ ପରିବେଶ ରହିଥିବା ବେଳେ ଏଠାକାର ବାତାବରଣ ମଧ୍ୟ ଭଲ। ତେଣୁ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଏଠାରେ ଆୟୋଜନ କରାଯିବ ବୋଲି ଆଇସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଓଫ୍ ଆଲାର୍ଡିସ୍ ପ୍ରକାଶ କରିଛନ୍ତି। ଏହା ପରେ ୨୦୨୫ର ଡବ୍ଲ୍ୟୁଟିସି ଫାଇନାଲ ମଧ୍ୟ କ୍ରିକେଟର ମକ୍କା ଲର୍ଡସରେ ଖେଳାଯିବ। ବିଗତ ବର୍ଷର ଫାଇନାଲ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚର ସଫଳତା କାରଣରୁ ପୁନର୍ବାର ଇଂଲଣ୍ଡରେ ମ୍ୟାଚ କରିବାକୁ ଆଇସିସି ନିଷ୍ପତ୍ତି ନେଇଥିଲା। ଦୁଇଟି ବର୍ଷର ଫାଇନାଲ ପାଇଁ ଭେନ୍ୟୁ ଘୋଷଣା କରାଯାଇଥିଲେ ହେଁ ବର୍ତ୍ତମାନ ଯାଏ ଫାଇନାଲିଷ୍ଟ ଚୂଡାନ୍ତ ହୋଇନାହାନ୍ତି।

# ମହାରାଷ୍ଟ୍ରର ଆୟୋଜକ ସହର ଭେନ୍ୟୁ ଲୋଗୋ ଉନ୍ମୋଚିତ

## ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

**ମୁମ୍ବାଇ, ୨୧।୯**

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ବୁଧବାର ମହାରାଷ୍ଟ୍ରର ଆୟୋଜକ ସହର ଭେନ୍ୟୁ ଲୋଗୋ ଉନ୍ମୋଚନ କରିଛନ୍ତି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଗିରିଶ ମହାଜନ ଏବଂ ସ୍ଥାନୀୟ ଆୟୋଜକ କମିଟି ପ୍ରକଳ୍ପ ନିର୍ଦ୍ଦେଶକ ନନ୍ଦିନୀ ଆରୋରା ଉପସ୍ଥିତ ଥିଲେ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଓଡ଼ିଶା, ଗୋଆ ଓ ମହାରାଷ୍ଟ୍ରରେ ଅନୁଷ୍ଠିତ ହେବ। ଭାରତରେ ପ୍ରଥମଥର ପାଇଁ ଫିଫାର ଏହି ଜୁନିୟର ମହିଳା ବିଶ୍ୱକପ ଅନୁଷ୍ଠିତ ହେବାକୁ ଯାଉଛି। ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ତୃତୀୟ ସ୍ଥାନ ଏବଂ ଫାଇନାଲ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ ଯେ, ମହାରାଷ୍ଟ୍ର ଓ ଗୋଆରେ ଦ୍ୱିତୀୟ ଥର ପାଇଁ କୌଣସି ଫିଫା ଇଭେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ୨୦୧୭ରେ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ (ପୁରୁଷ) ଏହି ଦୁଇ ରାଜ୍ୟରେ ଅନୁଷ୍ଠିତ ହୋଇଥିଲା।



ଲୋଗୋ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅନ୍ୟମାନେ।

# ଦଳ ଘୋଷଣା କଲା ଭାରତ

## ମହିଳା ଏସିସି ଟି୨୦ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ,୨୧।୯(ପି.ଟି.):** ବିସିସିଆଇ ପକ୍ଷରୁ ବୁଧବାର ଏସିସି ମହିଳା ଟି୨୦ ଚାମ୍ପିୟନଶିପ୍ ପାଇଁ ଦଳ ଘୋଷଣା କରାଯାଇଛି। ବାଂଲାଦେଶର ସିଲହଟରେ ଆସନ୍ତା ଅକ୍ଟୋବର ୧-୧୫ ଯାଏ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ଇଂଲଣ୍ଡ ଗସ୍ତରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିଥିବା ୧୫ ଜଣିଆ ଦଳ ଭାରତ ଅପରିବର୍ତ୍ତିତ ରଖିଥିବା ବେଳେ କେବଳ ତାନିଆ ଭାଟିଆ ଓ ସିମରନ ବାହାଦୁରଙ୍କୁ ରିଜର୍ଭ ଖେଳାଳି ରଖାଯାଇଛି। ରାଉଣ୍ଡ ଅକ୍ଟୋବର ୭ ତାରିଖରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହା ପୂର୍ବରୁ ଭାରତ ମାଲେସିଆ (ଅକ୍ଟୋବର ୩) ଓ ୟୁଏଇ (ଅକ୍ଟୋବର ୪) ସହିତ ମ୍ୟାଚ୍ ଖେଳିବ। ଅକ୍ଟୋବର ୮ରେ ଆୟୋଜକ ବାଂଲାଦେଶ ଏବଂ ଅକ୍ଟୋବର ୧୦ରେ ଥାଇଲାଣ୍ଡ ବିପକ୍ଷରେ ଖେଳିବ ହରମନପ୍ରୀତ କୌରଙ୍କ ଭାରତ। ଅକ୍ଟୋବର ୧୩ରେ ସେମିଫାଇନାଲ ଓ ୧୫ ତାରିଖରେ ଫାଇନାଲ ଖେଳାଯିବ।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା(ଉପ ଅଧିନାୟିକା), ଦୀପ୍ତି ଶର୍ମା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ସବିନେନି ମେଘନା, ରିଚା ଘୋଷ (ଉଇକେଟକିପର), ସ୍ନେହ ରାଣା, ଦୟଲାନ ହେମଲତା,ମେଘନା ସିଂ, ରେଣୁକା ଠାକୁର, ପୂଜା ବସ୍ତ୍ରକାର, ରାଜେଶ୍ୱରୀ ଗାଏକ୍ୱାଡ, ରାଧା ଯାଦବ, କେ. ପି. ନବଗିରେ।

# ଭାରତରେ ହେବ ମୋଟୋ ଗ୍ରାଁ ପ୍ରି

**ନୂଆଦିଲ୍ଲୀ, ୨୧।୯ (ପି.ଟି.)**

ଭାରତରେ ପ୍ରଥମଥର ପାଇଁ ମୋଟୋ ଗ୍ରାଁ ପ୍ରି ବିଶ୍ୱ ଚାମ୍ପିୟନଶିପ୍ ରେସ୍ ଅନୁଷ୍ଠିତ ହେବ। ଗ୍ରେଟର ନଏଡ଼ାସ୍ଥିତ ବୁଦ୍ଧ ଅନ୍ତର୍ଜାତୀୟ ସର୍କିଟରେ ଏହାର ନାମ 'ଗ୍ରାଁ ପ୍ରି ଅଫ୍ ଭାରତ' ରହିବ। ଏଥିପାଇଁ ମୋଟୋ ଗ୍ରାଁ ପ୍ରି ବ୍ୟବସାୟିକ ଅଧିକାର ହାସଲ କରିଥିବା ଡୋର୍‌ହା ଓ ନଏଡ଼ାଭିତ୍ତିକ ରେସ୍ ପ୍ରମୋଟର୍ସ ଫେୟାରଷ୍ଟ୍ରିଟ୍ ସ୍ପୋର୍ଟ୍ସ ମଧ୍ୟରେ ବୁଧବାର ଆଗାମୀ ୭ ବର୍ଷ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଇଭେଣ୍ଟରେ ଅତିକମ୍‌ରେ ୧୯ଟି ଦେଶର ରାଇଡର ଅଂଶଗ୍ରହଣ କରିବେ। ଏହା ଦେଶରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ବୁଦ୍ଧ ଅନ୍ତର୍ଜାତୀୟ ସର୍କିଟ ଏକଦା ଫର୍ମୁଲା ୱାନ ଇଣ୍ଡିଆନ ଗ୍ରାଁ ପ୍ରିର ଘରୋଇ ଭେନ୍ୟୁ ଥିଲା। ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ଏଥିରେ କ୍ରମାଗତ ଫର୍ମୁଲାୱାନ ମୋଟରରେସିଂ ଅନୁଷ୍ଠିତ ହୋଇଥିଲା।

CLASSIFIED DISPLAY
TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

ଧନ କୁବେର ଫାଇନାନ୍ସ
30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ। ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
9457203304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଗୋପିନାଥ ହୋତା
ଆବିର୍ଭାବ : ତା.୧୬.୦୩.୧୯୫୫
ତିରୋଧାନ : ତା.୧୩.୧୦.୨୦୨୦
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା, ଆପଣଙ୍କର ଦିବଙ୍ଗତ ଆତ୍ମାର ଚିରଶାନ୍ତି ଓ ସଦଗତି ପାଇଁ ଈଶ୍ୱରଙ୍କ ଚରଣାବିନ୍ଦରେ ଅଶ୍ରୁଭରା ପାର୍ଥନା
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ
ଧ-୧୫୬୮

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କନକଲତା ମହାପାତ୍ର
୨୪୦/୧୪, ଏରୋଡ୍ରମ ଏରିଆ, ଭୁବନେଶ୍ୱର
ଆବିର୍ଭାବ- ୨୦.୧୦.୧୯୩୭
ତିରୋଧାନ- ୧୧.୦୯.୨୦୨୨
ଆପଣଙ୍କର ଅମରଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦ ରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ
ପୁତ୍ର-ପୁତ୍ରବଧୂ: ଅସିତ୍-ମିତୁ, ତୁଷାର-ମିତା, ସମର-ଅନୀତା, ଅରୁଣ-ସୁସ୍ମିତା
କନ୍ୟା-ଜାମାତା: ଅନୁରାଧା-ଶିବପ୍ରସାଦ
ନାତି, ନାତୁଣୀ, ନାତୁଣୀଜ୍ୱାଇଁ, ନାତୁଣୀବୋହୂ: ପୁତୁଲ୍-ଶଙ୍କର, ସୁମନ୍-ପ୍ରଶାନ୍ତି, ପିଙ୍କୁନ୍-ମନୀଷା, ଅନିଶ୍-ସୁଚିରା, ଶିବଜିତ୍, ଆଦିତ୍ୟ, ମନୀଷା, ଶ୍ୱେତା, ସାତ୍ତ୍ୱିକା
ଅଣନାତି: ଅଦ୍ୱୈତ, ଆରବ୍
ଧ-୧୫୬୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଚନ୍ଦ୍ରଭାନୁ ଦାସ
ପ୍ଲଟ୍ ନଂ.: ୫୧୨, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୦.୦୩.୧୯୬୧
ତିରୋଧାନ: ୦୩.୧୦.୨୦୨୧
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ସମସ୍ତଙ୍କୁ ଭଲପାଇବା କେବେ ବି ଭୁଲି ହେବ ନାହିଁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-: ଶୋକ ସନ୍ତପ୍ତ :-
ପୁତ୍ର: ଶ୍ରୀକୃଷ୍ଣ ଆଶ୍ରିତ ଦାସ, ବନ୍ଧୁ ଓ ପରିବାରବର୍ଗ
ଧ-୧୫୮୯

# ହସ ସୌଦାଗର ରାଜୁ

ମଞ୍ଚ ଉପରେ ହେଉ ଅବା ବଡ଼ ପରଦା, ତାଙ୍କୁ ଦେଖିଲେ ଯେ କେହି ହସି ହସି ବେଦମ ହୋଇଯିବା। ତାଙ୍କର କହିବା ଶୈଳୀ ଥିଲା ନିଆରା ଆଉ ସେଥିରେ ଭରି ରହିଥିଲା ହସର ମହକ। ମିମିକ୍ରି କରିବାରେ ସେ କେତେ ଧୁରନ୍ଧର ତାହା କହିବା ବାହୁଲ୍ୟ। ନିକଟରେ କିଛିଦିନ ଧରି ଗୁରୁତର ଅସୁସ୍ଥ ରହି ସେ ଚିକିତ୍ସିତ ହେଉଥିଲେ। ହେଲେ ଶେଷରେ ସେ ଅଫେରା ରାଇଜର ଯାତ୍ରୀ ସାଜିଛନ୍ତି। ସେ ହେଉଛନ୍ତି ହସର ସୌଦାଗର ସତ୍ୟ ପ୍ରକାଶ ଶ୍ରୀବାସ୍ତବ ଓରଫ ରାଜୁ ଶ୍ରୀବାସ୍ତବ...

**କାନପୁରରୁ ମୁମ୍ବାଇ:** ରାଜୁ ଶ୍ରୀବାସ୍ତବ ଉତ୍ତର ପ୍ରଦେଶର କାନପୁର ସହରରେ ୧୯୬୩ ଡିସେମ୍ବର ୨୫ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ରମେଶ ଚନ୍ଦ୍ର ଶ୍ରୀବାସ୍ତବ ଥିଲେ ଜଣେ କବି। ୧୯୮୨ରେ ମୁମ୍ବାଇ ଆସିଥିଲେ ରାଜୁ। ପେଟ ପୋଷିବାକୁ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା।

**ଅଟୋ ଚାଳକରୁ ଅଭିନେତା:** ମୁମ୍ବାଇ ଆସିବା ପରେ କିଛି ରୋଜଗାର କରିବା ଲାଗି ସେ ଅଟୋ ଚଲାଉଥିଲେ। ତା' ପରେ ଆକ୍ଟିଂ ପ୍ରତି ମନବଳାଇଲେ। ସେତେବେଳେ ଛୋଟ ଛୋଟ ଭୂମିକାରେ ଅଭିନୟ କରିଥିଲେ। ଏନ୍. ଚନ୍ଦ୍ରାଙ୍କ ସୁପରହିଟ୍ ଫିଲ୍ମ 'ତେଜାବ'ରେ ତାଙ୍କୁ ମିଳିଥିଲା ଅପୂର୍ବ ସୁଯୋଗ।

**ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଶୋ':** କମେଡିଆନ୍ ଭାବରେ ନିଜକୁ ପରିଚିତ କରାଇବା ପୂର୍ବରୁ କେତେକ ଟିଭି ରିଆଲିଟି ଶୋ'ରେ ମଧ୍ୟ ଅଂଶଗ୍ରହଣ କରିଥିଲେ ରାଜୁ। ଷ୍ଟାର ୱାନ୍ ଚାନେଲରେ ୨୦୦୫ରେ ପ୍ରସାରିତ 'ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଶୋ' ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା।





ଅମିତାଭ ବଚ୍ଚନଙ୍କ ସହ ରାଜୁ



(ବାମରୁ) କନ୍ୟା, ସ୍ତ୍ରୀ ଏବଂ ପୁତ୍ରଙ୍କ ସହ ରାଜୁ

## ମିମିକ୍ରି ବାଦ୍‌ଶାହା

ଯେତେବେଳେ ସେ ଯେଉଁ ଷ୍ଟେଜ୍ ଶୋ' କଲେ ସେତେବେଳେ କମେଡି ସହ ମିମିକ୍ରି ମଧ୍ୟ କରୁଥିଲେ। ତାଙ୍କ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଅମିତାଭଙ୍କ ମିମିକ୍ରି କରି ସାଉଁଟିଥିଲେ ଅନେକ ପ୍ରଶଂସା। ବଲିଉଡ୍‌ର ଷ୍ଟାଣ୍ଡ-ଅପ୍ କମେଡିଆନ୍‌ଙ୍କ ମଧ୍ୟରେ ସେ ସବୁଠାରୁ ଅଧିକ ପାରିଶ୍ରମିକ ପାଉଥିଲେ। କମେଡିଆନ୍ ଭାବରେ କେବଳ ନିଜ ଦେଶରେ ନୁହେଁ ବିଦେଶରେ ମଧ୍ୟ ତାଙ୍କର ସୁଖ୍ୟାତି ଥିଲା।

## ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର

'ତେଜାବ', 'ମୈନେ ପ୍ୟାର୍ କିୟା', 'ବାଜିଗର', 'ମିଷ୍ଟର ଆଜାଦ', 'ଅଭୟ', 'ଆମଦାନୀ ଅଠନି ଖର୍ଚ୍ଚା ରୁପୟା', 'ୱା ତେରା କ୍ୟା କହେନା', 'ମେଁ ପ୍ରେମ୍ କି ଦିୱାନୀ ହୁଁ', 'ଜାହାଁ ଜାୟେଗା ହମେ ପାୟେଗା' ଆଦି ଚଳଚ୍ଚିତ୍ର।

**ଛୋଟ ପରଦା:** 'ଦେଖ ଭାଇ ଦେଖ', 'ଶକ୍ତିମାନ', 'ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚାଲେଞ୍ଜ', 'ବିଗ୍ ବସ୍-୩', 'କମେଡି ସର୍କସ', 'ନାଚ୍‌ବଲିୟେଁ', 'ଗ୍ୟାଙ୍ଗ୍‌ସ ଅଫ୍ ହସିପୁର (ହୋଷ୍ଟ)', 'ଅଦାଲତ'।

**ଅନୁପ୍ରାଣିତ କରିଥିଲା 'ଶୋଲେ':** ବଲିଉଡ୍‌ର ବ୍ଲକବଷ୍ଟର ଫିଲ୍ମ 'ଶୋଲେ'କୁ ଦେଖିବା ପରେ ଜଣେ ଅଭିନେତା ହେବାର ସ୍ୱପ୍ନ ରାଜୁଙ୍କ ମନରେ ଆହୁରି ଦୃଢ଼ୀଭୂତ ହୋଇଥିଲା। ଏଥିରେ ଅମିତାଭଙ୍କ ବଚ୍ଚନଙ୍କ ଭୂମିକା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା।

**ଅଭୁଲା ୫୦ ଟଙ୍କା:** ଅଭିନୟ ଗୁରୁ ଅମିତାଭ ବଚ୍ଚନଙ୍କ ଡାଏଲଗ୍‌କୁ ମିମିକ୍ରି କରି ବେଶ୍ ପ୍ରଶଂସିତ ହୋଇଥିଲେ ରାଜୁ। ଏଥିରେ ତାଙ୍କୁ ପ୍ରଥମ ପାରିଶ୍ରମିକ ମିଳିଥିଲା ମାତ୍ର ୫୦ ଟଙ୍କା।

**ଅପେକ୍ଷା ୧୨ ବର୍ଷର:** ନିଜ ପ୍ରେମକୁ ସାକାର କରିବା ଲାଗି ତାଙ୍କୁ ଦୀର୍ଘ ୧୨ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ଶେଷରେ ୧୯୯୩ ମେ ୧୭ରେ ପ୍ରେମିକା ଶିଖା ତାଙ୍କର ଧର୍ମପତ୍ନୀ ସାଜିଥିଲେ। ଏବେ ତାଙ୍କର ପୁଅ ଆୟୁଷ୍ମାନ ଏବଂ ଝିଅ ଅନ୍ତରା ଅଛନ୍ତି।

**ଅଧୁରା ରହିଲା ସ୍ୱପ୍ନ:** ଉତ୍ତରପ୍ରଦେଶ ଚଳଚ୍ଚିତ୍ର ଉନ୍ନୟନ ନିଗମର ଚେୟାରମ୍ୟାନ ଭାବରେ ସେ କାର୍ଯ୍ୟରତ ଥିଲେ। ଏହି ରାଜ୍ୟରେ ଏକ ଫିଲ୍ମସିଟି ନିର୍ମାଣ ପାଇଁ ସେ ଦିନରାତି ଏକାଠି କରିଦେଇଥିଲେ। ଏବେ ସେ ଯେଉଁ ରାଇଜକୁ ଯାଇଛନ୍ତି ସେଠାରୁ କେହି କେବେ ଫେରି ଆସିପାରିବ ନାହିଁ, ହେଲେ ଜଣେ ଲୋକପ୍ରିୟ କମେଡିଆନ୍ ଭାବରେ ତାଙ୍କର ସ୍ଥାନ ଅପୂରଣୀୟ ହୋଇରହିବ।

## ପରଦାରେ..

# ବାଲୀ



'ବାଲୀ' ଫିଲ୍ମରେ ସୂର୍ଯ୍ୟକାନ୍ତ

ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଓଡ଼ିଆ ସିନେମା 'ବାଲୀ-ଦ ସେଭିୟର' ଆସନ୍ତା କାଲି ପରଦା ଉପରକୁ ଆସୁଛି। ଏହି ଫିଲ୍ମଟିକୁ ପ୍ରଯୋଜନା କରିବା ସହ ତାହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସୂର୍ଯ୍ୟକାନ୍ତ ସାମଲ। ପୁଣି ଠିକ୍ ସେମିତି ଯେଉଁ ଭୂମିକାରେ ଅଭିନୟ କରିବାକୁ ସେ ମନ ବଳାଇଥିଲେ ତାହା ପୂରଣ ହୋଇଛି। ଏଥିରେ ଜଣେ ସାଧାରଣ ଯୁବକ ଭୂମିକାରେ ସେ ଅଭିନୟ କରୁଛନ୍ତି। ଏକ ବସ୍ତିବାସିନ୍ଦାର ସୁରକ୍ଷା ପାଇଁ ଯୁବକ ଜଣକ କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମାମା ସାମଲ। ଏଥିରେ ମାମା ଜଣେ ଜର୍ନାଲିଷ୍ଟ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ସମ୍ପର୍କରେ ସୂର୍ଯ୍ୟକାନ୍ତ କହନ୍ତି, 'ଏହାର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। କେବଳ କାହାଣୀ ନୁହେଁ, ସଞ୍ଜୟ ସିଦ୍ଧୁଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକ ମଧ୍ୟ ବେଶ୍ ଶ୍ରୁତିମଧୁର ହୋଇଛି।' ସୂର୍ଯ୍ୟକାନ୍ତ-ମାମା ଯୋଡ଼ି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ବାପି ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା।

## ନୂଆ ସିନେମା

# ଲିଙ୍ଗରାଜ ମନ୍ଦିର

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନାଁରେ ଓଡ଼ିଆ ସିନେମା ନିର୍ମିତ ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ଲିଙ୍ଗରାଜ ମନ୍ଦିର'। ଏହାର ଅଡିଓ ରେକର୍ଡିଂ କାମ ଇତିମଧ୍ୟରେ ଆରମ୍ଭ ହୋଇଛି। ଏକ ବଳିଷ୍ଠ ପ୍ରେମ କାହାଣୀକୁ ନେଇ ସିନେମାଟିର କାହାଣୀ ଗତିଶୀଳ। କେବଳ ସେତିକି ନୁହେଁ, ଅନେକ ବର୍ଷ ତଳର ଐତିହାସିକ ତଥ୍ୟ ମଧ୍ୟ ଏଥିରେ ସ୍ଥାନ ପାଇଛି। ମିଳିଥିବା ସୂଚନା ଅନୁସାରେ ଲିଙ୍ଗରାଜ ମନ୍ଦିର ନିକଟ ଖୋଳିବା ସମୟରେ ଏକ ପଥର ମୂର୍ତ୍ତିଟିଏ ମିଳୁଛି। ପରବର୍ତ୍ତୀ ସମୟରେ ଉକ୍ତ ମୂର୍ତ୍ତିର ପ୍ରାଚୀନ ଇତିହାସ ଜଣାପଡୁଛି। ମୂର୍ତ୍ତିଟି କାହାର ଏବଂ ମାଟି ତଳେ ତାହାକୁ କାହିଁକି ଓ କିଏ ପୋତିଥିଲା ତାହା ସିନେମାର ଶେଷଯାଏ ଦେଖିଲେ ଜଣାପଡ଼ିବ ବୋଲି କହନ୍ତି ଏହାର ପ୍ରଯୋଜକ ଏ. ସଞ୍ଜୁ। ସଂଯୋଜିତ ଛଅଟି ଗୀତକୁ ସ୍ୱର ଦେଉଛନ୍ତି ଗୁଡ୍‌ଲି ରଥ। ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସାଉଥ୍ ସିନେମାର ପ୍ରଖ୍ୟାତ ନିର୍ଦ୍ଦେଶକ ରବି ରୟାଲ। ରାଜଶେଖର ସହ ପ୍ରଯୋଜକ ଥିବା ବେଳେ ୱାଇ ରେଡ୍ଡୀ କ୍ୟାମେରା, ଚିତ୍ତରଞ୍ଜନ ଆଚାର୍ଯ୍ୟ ପ୍ରଡକ୍ସନ ଡିଜାଇନର ଓ ପ୍ରଣୟ ଜେଠି କ୍ରିଏଟିଭ ହେଡ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଆସନ୍ତା ଜାନୁୟାରୀରୁ ସିନେମାର ଶୁଟିଂ ଆରମ୍ଭ ହେବ। ଭୁବନେଶ୍ୱର, ଗଡ଼ମଧୁପୁର, କୋରାପୁଟ, ଜୟପୁର, ରାୟଗଡ଼ା ଓ ମୁମ୍ବାଇରେ ସିନେମାର ଶୁଟିଂ ହେବ। ଭୂମିକା ଦାଶ ଏଥିରେ ଏକ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ତା' ସହ ଅତିଶୀଘ୍ର ବଲିଉଡ୍ ଓ ଓଲିଉଡ୍ କଳାକାର ଚୟନ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଭୂମିକା

# କିଆରା ଯାହା ଖୋଜୁଥିଲେ...



କିଆରା

ବେଳେବେଳେ ମଣିଷ ଯାହା ଖୋଜୁଥାଏ, ତାହା ହାତପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ଯେଉଁଭଳି ଭୂମିକା ପାଇଁ ସେ ଚାହିଁ ବସିଥିଲେ ତାହା କେମିତି ତାଙ୍କୁ ମିଳିଯାଇଛି। କଥା କ'ଣ କି କରନ୍ ଜୋହରଙ୍କ ନିର୍ମାଣାଧୀନ ଫିଲ୍ମ 'ଗୋବିନ୍ଦା ମେରେ ନାମ'ରେ ତାଙ୍କୁ ଦେଖିବାକୁ ମିଳିବ। ଏହି ଚିତ୍ରରେ କିଆରାଙ୍କ ବ୍ୟତୀତ ଭିକି କୌଶଲ ଏବଂ ଭୂମି ପେଦେନକର ମଧ୍ୟ ଅଭିନୟ କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଶଶାଙ୍କ ଖୈତାନ। ତେବେ ଏହି ଫିଲ୍ମରେ କିଆରାଙ୍କୁ ଏକ ଭିନ୍ନ ଧରଣର ରୋମାଣ୍ଟିକ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଏ ନେଇ ସେ କହନ୍ତି, 'ବର୍ତ୍ତମାନ ସେହି ରୋଲ୍ ବିଷୟରେ ସବିଶେଷ ସୂଚନା ଦେଉନାହିଁ। ଯେତେବେଳେ ଫିଲ୍ମଟି ରିଲିଜ ହେବ ସେତେବେଳେ ଦର୍ଶକ ତାହାକୁ ଦେଖିଲା ପରେ ମୋ' ଭୂମିକା ବିଷୟରେ ଜାଣିପାରିବେ। ଏଥିରେ କେବଳ ମୋ' ଭୂମିକା ନୁହେଁ, ଫିଲ୍ମର କାହାଣୀ ମଧ୍ୟ ବେଶ୍ ଦମ୍‌ଦାର। ବିଶେଷଭାବରେ ଯୁବପିଢ଼ୀଙ୍କୁ ଏହି ଫିଲ୍ମଟି ଶତ ପ୍ରତିଶତ ଏଣ୍ଟରଟେନ୍‌ମେଣ୍ଟ ଦେବ ବୋଲି ମୋର ଆଶା ରହିଛି। ତେବେ ଫିଲ୍ମଟି ପରଦା ଉପରକୁ ଆସିବା ପରେ ହିଁ ସବୁକିଛି ଜଣାପଡିବ।' ଅନ୍ୟପକ୍ଷରେ ଜୁଗଜୁଗ ଜିୟୋ'ରେ ବରୁଣ ଧାୱନଙ୍କ ନାୟିକା ସାଜିଛନ୍ତି କିଆରା।

# ନର୍ଥ ଚ୍ୟାନେଲ ଅତିକ୍ରମ କଲେ ପ୍ରଥମ ଭାରତୀୟ ଯୋଡ଼ି

**ଗୁଆହାଟୀ,୨୧ା୯(ପି.ଟି.)** ଭାରତର ଦୁଇ ଦୂରଗାମୀ ସନ୍ତରଣକାରୀ ଆସାମର ଏଲଭିସ୍ ଅଲ ହଜାରିକା ଓ ପଶ୍ଚିମବଙ୍ଗର ରିମୋ ସାହା ପ୍ରଥମ ଭାରତୀୟ ଯୋଡି ଭାବରେ ୟୁରୋପର ନର୍ଥ ଚ୍ୟାନେଲ ଅତିକ୍ରମ କରି ଇତିହାସ ରଚିଛନ୍ତି। ଏହା ସହିତ ନିଜ ରାଜ୍ୟର ପ୍ରଥମ ସନ୍ତରଣକାରୀ ଭାବରେ ଉଭୟ ଏହି ରେକର୍ଡ କରିଛନ୍ତି। ପ୍ରଥମ ଏସୀୟ ଯୋଡି ଭାବରେ ଉଭୟ ଏହି ଚ୍ୟାନେଲ ଅତିକ୍ରମ କରିଥିବା ବେଳେ୧୪ ଘଣ୍ଟା ୩୮ ମିନିଟ ସମୟ ନେଇଥିବା ହଜାରିକା ବୟସ୍କ ଭାରତୀୟ ଭାବରେ ନିଜ ନାମରେ ଏହି ରେକର୍ଡ କରିଛନ୍ତି। ୪୨ କିମିରୁ ଅଧିକ ଲମ୍ବା ରହିଥିବା ଏହି ଚ୍ୟାନେଲ ଅତିକ୍ରମ କରିବା ପାଇଁ ଉଭୟଙ୍କ ସମ୍ମୁଖରେ ବେଶ ଚ୍ୟାଲେଞ୍ଜ ରହିଥିଲା। ଏହି ଚ୍ୟାନେଲଟି ଜେଲି ଫିଶରେ ଭର୍ତ୍ତି ରହିଥିବାରୁ ଏହା ସମସ୍ୟା ସୃଷ୍ଟି କରିଥିଲା। ପ୍ରତ୍ୟେକ ଦିନ କିଛି ଅଧିକ ପରିଶ୍ରମ କରି ସେ ନିଜକୁ ଏହି ସମୟ ପାଇଁ ପ୍ରସ୍ତୁତ ରଖିଥିଲେ ବୋଲି ହଜାରିକା କହିଛନ୍ତି। ପ୍ରଥମ ଆସାମିଜ ଭାବରେ ଏହି ସଫଳତା ଅର୍ଜନ କରିଥିବାରୁ ମୁଁ ଅତ୍ୟନ୍ତ ଖୁସି ଓ ଏହା ମୋ ପାଇଁ ସ୍ୱପ୍ନ ପୂରଣ ହେବା ମୂହୂର୍ତ୍ତ ବୋଲି ସେ କହିଥିଲେ। ଏହି ସଫଳତାକୁ ନିଜ ସ୍ତ୍ରୀ ପ୍ରଣମୀଙ୍କ ଜନ୍ମଦିନ ଉପହାର ଭାବରେ ସେ ଉତ୍ସର୍ଗ କରିଛନ୍ତି।

ରିଲେ ଟିମର ଅନ୍ୟତମ ସଦସ୍ୟ ରହିଥିବା ରିମୋ ସାହା ମଧ୍ୟ ପଶ୍ଚିମବଙ୍ଗର ପ୍ରଥମ ସନ୍ତରଣକାରୀ ଭାବେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଦୀର୍ଘ ଦୁଇ ବର୍ଷର ପରିଶ୍ରମ ପରେ ନର୍ଥ ଚ୍ୟାନେଲ ଅତିକ୍ରମ କରିଥିବାରୁ ଆମେ ଅତ୍ୟନ୍ତ ଖୁସି। ଟିଏମ୍‌ସି ବିଧାୟକ ଗୌତମ ଚୌଧାରୀଙ୍କ ପକ୍ଷରୁ ମିଳିଥିବା ସହଯୋଗ ପାଇଁ ସାହା ଧନ୍ୟବାଦ ଜଣାଇଛନ୍ତି। ଉଭୟଙ୍କୁ ସେପ୍ଟେମ୍ବର ୧୭ ରୁ ୨୨ ତାରିଖ ମଞ୍ଜୁର କରାଯାଇଥିଲା। ଏହି ସମୟ ମଧ୍ୟରେ ନର୍ଦର୍ନ ଆୟାର୍ଲାଣ୍ଡର ଡୋନାଘାଡିରୁ ଯାତ୍ରା ଆରମ୍ଭ କରି ସ୍କଟଲାଣ୍ଡର ପୋର୍ଟାପଟ୍ରିକରେ ସମାପ୍ତ କରିବାର ଥିଲା। ମାର୍ଚ୍ଚ ୨୦୨୩ରେ ହଜାରିକା ଇଂଲିଶ ଚ୍ୟାନେଲ ଅତିକ୍ରମ କରିବାକୁ ପ୍ରୟାସ କରିବେ। ୩୬ କି.ମି.ର ଏହି ଚ୍ୟାନେଲ ଅତିକ୍ରମ କରିବାକୁ ୧୨-୧୪ ଘଣ୍ଟା ସମୟ ଲାଗିଥାଏ। ୨୦୧୮ରେ ହଜାରିକା ନିଜ ପ୍ରଥମ ପ୍ରୟାସରେ ୧୦ କି.ମି. ପଛରେ ରହି ଯାଇଥିଲେ।






ଶତକୀୟ ଭାଗୀଦାରି ଅବସରରେ ହରଲୀନ ଦେଓଲ ଓ ହରମନପ୍ରୀତ କୌର।

# ହରମନପ୍ରୀତଙ୍କ ଶତକ: ଭାରତର ବୃହତ୍ ସ୍କୋର

**କାଣ୍ଟରବରି, ୨୧।୯**

ସେଣ୍ଟ ଲରେନ୍ସ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌର। କୌରଙ୍କ ଶତକ ଏବଂ ହରଲୀନ ଦେଓଲଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୩୩ ରନର ବିଶାଳ ସ୍କୋର ଛିଡ଼ା କରିଛି। ପ୍ରଥମ ଦିନିକିଆ ଜିତି ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ଏଠାରେ ଯଦି ବିଜୟୀ ହୁଏ ତେବେ ଇଂଲଣ୍ଡ ମାଟିରେ ବିରଳ ଦିନିକିଆ କ୍ରିକେଟ ସିରିଜ ବିଜୟୀ ହେବାର ସୌଭାଗ୍ୟ ପାଇବ। ଶେଷଥରପାଇଁ ଭାରତୀୟ ମହିଳା ଦଳ ୧୯୯୯ରେ ଇଂଲଣ୍ଡ ମାଟିରେ ୨-୧ରେ ସିରିଜ ବିଜୟୀ ହୋଇଥିଲା। ଏହି ସିରିଜରେ ଅଞ୍ଜୁମ ଚୋପ୍ରା ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ମାତ୍ର ୧୨ ରନରେ ଶେଫାଳି ବର୍ମାଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫର୍ମରେଥିବା ସ୍ମୃତି ମନ୍ଧାନା ଓ ୟାସ୍ତିକା ଭାଟିଆ ସତର୍କତାର ସହ ବ୍ୟାଟିଂ କରି ସମ୍ଭାବ୍ୟ ବିପଦକୁ ଏଡ଼ାଇ ଦେଇଥିଲେ। ତେବେ ଭାଟିଆ ୨୬ ଏବଂ ସ୍ମୃତି ୪୦ ରନ କରି ଆଉଟ ହୋଇଯିବାରୁ ୯୯ ରନରେ ଭାରତ ୩ୟ ଉଇକେଟ ହରାଇଥିଲା। ସ୍ମୃତି ରିଭ୍ୟୁ ନେଇଥିଲେ ହେଁ ଏଲବିଡବ୍ଲ୍ୟୁ ନିଷ୍ପତ୍ତି ତାଙ୍କ ବିପକ୍ଷରେ ଯାଇଥିଲା। ହରମନପ୍ରୀତ କିନ୍ତୁ ଦୃଢ଼ ବ୍ୟାଟିଂ କରିଥିଲେ। ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ ହରଲୀନ ଦେଓଲ। ଦୁହେଁ ୪ର୍ଥ ଉଇକେଟରେ ୧୧୩ ରନର ଭାଗୀଦାରି ଗଢ଼ି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ଦେଓଲ ୫୮ ରନକରି ଆଉଟ ହୋଇଥିଲେ ହେଁ ହରମନପ୍ରୀତ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଭାରତର ରନ ସଂଖ୍ୟାକୁ ୩୦୦ ଅତିକ୍ରମ କରାଇଥିଲେ। ୧୧୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ହରମନପ୍ରୀତ ୧୮ ଚୌକା ଓ ୪ ଛକା ସହାୟତାରେ ୧୪୩ ରନରେ ଅପରାଜିତ ରହିଥିଲେ। ତାଙ୍କ ସହ ଦୀପ୍ତି ଶର୍ମା ୧୫ ରନରେ ଅପରାଜିତ ଥିଲେ। ହରମନପ୍ରୀତ ଓ ଦୀପ୍ତି ଅସମାପ୍ତ ୬ଷ୍ଠ ଉଇକେଟରେ ୭୧ ରନ ଯୋଗକରିବାରୁ ଭାରତ ସ୍କୋର ୩୩୩ରେ ପହଞ୍ଚି ଯାଇଥିଲା। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଲୌରେନ ବେଲ୍, କେଟ୍ କ୍ରସ୍, ଫ୍ରେୟା କେମ୍ପ, ଚାର୍ଲୋଟି ଡିନ୍ ଓ ସୋଫି ଏକେଲବୋଷ୍ଟନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୩୩/୫( ହରମନପ୍ରୀତ କୌର-୧୪୩*, ହରଲୀନ ଦେଓଲ-୫୮, ସ୍ମୃତି ମନ୍ଧାନା-୪୦, ଲୌରେନ ବେଲ୍-୧/୭୯, କେଟ୍ କ୍ରସ୍-୧/୬୮, ଫ୍ରେୟା କେମ୍ପ-୧/୮୨, ଚାର୍ଲୋଟି ଡିନ୍-୧/୩୯ ଓ ସୋଫି ଏକେଲଷ୍ଟୋନ-୧/୬୪)।

# ସୋଲୋମନ୍ ମିର୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

**ଲକ୍ଷ୍ନୌ,୨୧।୯:** ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ୨୦୨୨ର ପଞ୍ଚମ ମ୍ୟାଚରେ ଗୌତମ ଗମ୍ଭୀରଙ୍କ ଇଣ୍ଡିଆ କ୍ୟାପିଟାଲ୍ସ ଓ ଇରଫାନ ପଠାନଙ୍କ ଭିଲୱାରା କିଙ୍ଗ୍ସ ମୁହାଁମୁହିଁ ହୋଇଥିଲେ। ଲକ୍ଷ୍ନୌର ଏକାନା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ ଇରଫାନ। ସୋଲୋମନ୍ ମିରଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରେ ୫ ଉଇକେଟ ବିନିମୟରେ ୧୯୮ ରନ ସଂଗ୍ରହ କରିଥିଲା ଇଣ୍ଡିଆ କ୍ୟାପିଟାଲ୍ସ।

କ୍ୟାପିଟାଲ୍ସର ନିୟମିତ ଅଧିନାୟକ ଗୌତମ ଗମ୍ଭୀର ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଦୁଇ ଓପନର ଗମ୍ଭୀର(୧୨) ଓ ମିର(୮୨) ପ୍ରଥମ ଉଇକେଟରେ ଯୋଡିଥିଲେ ୨୪ ରନ୍ । ୯ ବଲରୁ ଦୁଇ ଚୌକା ସହିତ ଗମ୍ଭୀର ପ୍ୟାଭିଲିୟନ ଫେରିବା ପରେ ଜିମ୍ବାୱେର ଦୁଇ ଖେଳାଳି ମିର ଓ ହାମିଲଟନ ମାସାକାଜା ମଙ୍ଗ ସମ୍ଭାଳିଥିଲେ। ଉଭୟ ଖେଳାଳି ୫୨ ବଲରେ ୧୦୫ ରନ୍ ଯୋଗ କରିବା ସହିତ ଏକ ବୃହତ ସ୍କୋରର ମୂଳଦୁଆ ପ୍ରଦାନ କରିଥିଲେ। ମିର ୩୮ ବଲ ଖେଳି ୭ ଚୌକା ଓ ୬ ଛକା ସହିତ ୮୨ ରନ୍ କରିଥିଲେ। ୩୦ ବଲ ଖେଳି ୪୮ ରନ କରିଥିବା ମାସାକାଜାଙ୍କୁ ଆଉଟ କରି ୟୁସୁଫ ପଠାନ ଏହି ଯୋଡି ଭାଙ୍ଗିଥିଲେ।

# ଆଇଓଏ ସଭାପତି ପଦରୁ ଓହରିଲେ ଅନିଲ ଖାନ୍ନା

**ନୂଆଦିଲ୍ଲୀ,୨୧।୯(ପି.ଟି.):** ବରିଷ୍ଠ କ୍ରୀଡା ପ୍ରଶାସକ ଅନିଲ ଖାନ୍ନା ବୁଧବାର ଭାରତୀୟ ଅଲିମ୍ପିକ୍ ସଂଘ(ଆଇଓଏ)ର କାର୍ଯ୍ୟକାରୀ ସଭାପତି ପଦରୁ ଓହରି ଯାଇଛନ୍ତି। କାର୍ଯ୍ୟକାରୀ ସଭାପତିଙ୍କୁ ଗ୍ରହଣ କରିବା ପ୍ରସ୍ତାବକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ପକ୍ଷରୁ ଅଗ୍ରାହ୍ୟ କରାଯିବା ପରେ ବୁଧବାର ଖାନ୍ନା ଇସ୍ତଫା ପ୍ରଦାନ କରିଛନ୍ତି। ଡିସେମ୍ବର ସୁଦ୍ଧା ନିର୍ବାଚନ କରା ନ ଗଲେ ଆଇଓଏକୁ ନିଲମ୍ବନ କରିବା ପାଇଁ ଆଇଓସି ପକ୍ଷରୁ ସେପ୍ଟେମ୍ବର ୮ ତାରିଖରେ ଚେତାବନୀ ଦିଆଯାଇଥିଲା। ଆଇଓଏ ମୁଖ୍ୟ ଭାବରେ ନରିନ୍ଦର ବାତ୍ରାଙ୍କୁ ସର୍ବୋଚ୍ଚ କୋର୍ଟ ଅଯୋଗ୍ୟ ଘୋଷିତ କରିବା ପରେ କାର୍ଯ୍ୟକାରୀ ସଭାପତି ଭାବରେ ଖାନ୍ନା ଦାୟିତ୍ୱ ଗ୍ରହଣ କରିଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

## ସଂକ୍ଷେପରେ

### ଖାଦାନରୁ ଗାଡ଼ି ଜବତ ଘଟଣାରେ ୫ ଗିରଫ

ଧର୍ମଶାଳା,୨୧।୯(ଡି.ଏନ.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ଲୁଣିବର କଳାପଥର ଖାଦାନରେ ମଙ୍ଗଳବାର ଏକ ଜେସିବି ମେଶିନ, ଏକ ହାଇୱା ଓ ଏକ ବାଲି ଟ୍ରାକ୍ଟରକୁ ତହସିଲଦାର ଜବତ କରିଥିବା ଘଟଣାରେ ପୋଲିସ ୫ଜଣଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ନିହଲପ୍ରସାଦ ଗ୍ରାମର ମଦନ ସେନାପତି, ରଞ୍ଜନ ସେନାପତି, ଏହି ଥାନା ରାମଚନ୍ଦ୍ରପୁର ଗ୍ରାମର ପିଣ୍ଟୁ ରାଉତ, ରାଇଛନ୍ଦା ଗ୍ରାମର ବିଶ୍ୱନାଥ ମଲ୍ଲ ଓ ରାମପୁର କାଇଥାର ଗଣେଶ୍ୱର ରାଉତ। ସୂଚନା ଅନୁଯାୟୀ, ଲୁଣିବର କଳାପଥର ଖାଦାନରେ ବେଆଇନ ଖନନ ହେଉଥିବା ଖବର ପାଇ ତହସିଲଦାର ସ୍ୱାଗତ ଦାସ ଓ ରାଜସ୍ୱ ନିରୀକ୍ଷକ ଚନ୍ଦନ ସାହୁ ଚଢ଼ାଉ କରିଥିଲେ। ଏହି ସମୟରେ ଏକ ଜେସିବି ସହ ଏକ ହାଇୱାକୁ ଜବତ କରିଥିଲେ। ପରେ ସେହି ରାସ୍ତାଦେଇ ଯାଉଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଏହାକୁ ନେଇ ତହସିଲଦାର ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୫୫/୨୨ ଓ ୨୫୬/୨୨ରେ ୨ ମାମଲା ରୁଜୁ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ରବି ଋତୁରେ ଧାର୍ଯ୍ୟ ଜଳସେଚନ ଫେଲ୍

**ରେଙ୍ଗାଲି ବହୁମୁଖୀ ଯୋଜନା**

ଯାଜପୁର ଅଫିସ,୨୧।୯

ବ୍ରାହ୍ମଣୀ ନଦୀ ଉପରେ ରେଙ୍ଗାଲି ବହୁମୁଖୀ ଯୋଜନାର ବାମ ଓ ଡାହାଣ ପାର୍ଶ୍ୱ କେନାଲରେ ୨୦୨୧-୨୨ ରବି ଋତୁରେ ଧାର୍ଯ୍ୟଲକ୍ଷ୍ୟ ଜଳସେଚନ ପରିମାଣକୁ ଛୁଇଁ ପାରିନାହିଁ। ବାମପାର୍ଶ୍ୱ କେନାଲର ୦ରୁ ୭୧,୩୧୩ କିମି ପର୍ଯ୍ୟନ୍ତ ୩୧,୧୨୧ ହେକ୍ଟର ଜମିରେ ଜଳସେଚନ କ୍ଷମତା ରହିଥିବାବେଳେ ଗତ ରବି ଋତୁରେ ୯୩୦୦ ଜମିରେ ଜଳସେଚନ କରିବାକୁ ଧାର୍ଯ୍ୟ କରାଯାଇଥିଲା। ହେଲେ ମାତ୍ର ୮୫୮୫ ହେକ୍ଟର ଜମିରେ ପାଣି ମାଡିଥିବା ବିଭାଗ ସୂତ୍ରରୁ ଜଣାପଡିଛି।

ସେହିପରି ଏହି ବାମ ପାର୍ଶ୍ୱ କେନାଲର ୭୧.୩୧୩ ରୁ ୧୨୩.୫୦୦ କିମି ପର୍ଯ୍ୟନ୍ତ ୩୯୪୧୬ ହେକ୍ଟର ଜମିରେ ପାଣି ମାଡିବ ବୋଲି ପରିକଳ୍ପନା କରାଯାଇ ଥିବାବେଳେ ରବି ଋତୁରେ ୧୧୦୦ ହେକ୍ଟର ଜମିରେ ପାଣି ମାଡିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ବିଭାଗୀୟ ରିପୋର୍ଟ ଅନୁସାରେ ମାତ୍ର ୯୦୦ ହେକ୍ଟର ଜମିରେ ପାଣି ମାଡିଛି। ଅନ୍ୟପକ୍ଷେ ଡାହାଣପାର୍ଶ୍ୱ ଜଳସେଚନ ପ୍ରକଳ୍ପରେ ୮୪,୪୦୬ ହେକ୍ଟର ଜମିରେ ପାଣି ମାଡିବା ନେଇ କ୍ଷମତା ରହିଥିବାବେଳେ ରବି ଋତୁରେ ୧୨୫୦ ହେକ୍ଟର ଜମିରେ ଜଳସେଚନ କରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ସେଥିରୁ ୧୧୨୪ ହେକ୍ଟର ଜମିରେ ପାଣି ମାଡିଛି ବୋଲି ଦାବି କରାଯାଇଛି। ହେଲେ ବାସ୍ତବତା ଭିନ୍ନ ବୋଲି ଅଭିଯୋଗ ହୋଇଛି। ଏହାସହ କେନାଲ ପରିଚାଳନାରେ ତ୍ରୁଟି ଏବଂ ବିଭିନ୍ନ ସ୍ଥାନରେ ନିମ୍ନମାନର କାର୍ଯ୍ୟ ଯୋଗୁ ପାଣି ଝରିବା ଭଳି ପରିସ୍ଥିତି ସୃଷ୍ଟି ହେବା ଏହାର ପ୍ରମୁଖ କାରଣ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।



ରେଙ୍ଗାଲି ବହୁମୁଖୀ ଯୋଜନା ଅଶୀ ଦଶକରେ ପରିକଳ୍ପନା କରାଯାଇଥିଲା। ଜାଇକା (ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଟିଭ ଏଜେନ୍ସି) ଜରିଆରେ ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ ପ୍ରକଳ୍ପ ଓ ଜଳସେଚନ ଏହି ବୃହତ୍ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ରହିଛି। ରିପୋର୍ଟ ଅନୁସାରେ ୩୦।୩।୨୦୧୫ରେ ଜାଇକା ସହ ଋଣ ଚୁକ୍ତି ହୋଇଥିଲା ଏବଂ ଏହା ୩୦।୫।୨୦୨୧୫ରେ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁରୀ ପାଇଥିଲା। ଏଥିପାଇଁ ୨,୨୫୫.୩୦ କୋଟି ଟଙ୍କାର ଅଟକଳ ପ୍ରସ୍ତୁତ ହୋଇଥିଲାବେଳେ ସେଥିରୁ ଜାଇକାର ଶେୟାର ୧,୭୮୭.୩୦ କୋଟି ଟଙ୍କା ରହିଥିଲା। ଏହି ପ୍ରକଳ୍ପ ନିର୍ମାଣ କରିବାକୁ ୮ ବର୍ଷ ତଥା ୨୦୧୫-୧୬ରୁ ୨୦୨୨-୨୩ ପର୍ଯ୍ୟନ୍ତ ସମୟ ଅବଧି ସ୍ଥିରୀକୃତ ହୋଇଥିଲା। କିନ୍ତୁ ବର୍ତ୍ତମାନର କାର୍ଯ୍ୟ ଅଗ୍ରଗତିକୁ ଦେଖିଲେ ଏହା ସନ୍ତୋଷଜନକ ନୁହେଁ। ଏହି କ୍ରମରେ ଜୁଲାଇ ୨୦୨୪ ସୁଦ୍ଧା ପ୍ରକଳ୍ପ ଶେଷ ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ପ୍ରକଳ୍ପ ଜରିଆରେ ରାଜ୍ୟର ୩ ଜିଲା ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ଜିଲାର ୧,୫୪,୯୪୩ ହେକ୍ଟର ଜମିରେ ପାଣି ମାଡିବ ବୋଲି ଧାର୍ଯ୍ୟ କରାଯାଇଥିଲା। ତେବେ ଗତ ରବି ଋତୁର ଜଳସେଚିତ ପରିମାଣକୁ ଅବଲୋକନ କଲେ ସେଥିରୁ ମାତ୍ର ୧୦,୬୦୯ ହେକ୍ଟର ଜମିରେ ଜଳସେଚନ ସୁବିଧା ହୋଇ ପାରିଛି। ଏଥିପାଇଁ ରାଇଟ ବ୍ୟାଙ୍କ କେନାଲ(ଆରବିସି) ଓ ଲେଫ୍ଟ ବ୍ୟାଙ୍କ କେନାଲ(ଏଲବିସି) ନାମରେ ଦୁଇଟି କେନାଲ ନିର୍ମାଣ କାର୍ଯ୍ୟ ଚାଲିଛି। ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଇସ୍ୟୁ ଅଗ୍ରଗତିରେ ବାଧକ ସାଜିଛି ବୋଲି କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ରେଙ୍ଗାଲି ବାମପାର୍ଶ୍ୱ କେନାଲର ଦୈର୍ଘ୍ୟ ୧୪୧ କିମି। ଏହି କେନାଲର ବିଭିନ୍ନ ସ୍ଥାନରେ ପାଣି ଝରୁଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ସେତେବେଳେ ବିରଜା କନଷ୍ଟ୍ରକ୍ସନ, ଡିଡି ବିଲ୍ଡର, ଜିଭିଭି କନଷ୍ଟ୍ରକ୍ସନ ଓ ଦୁର୍ଗା କନଷ୍ଟ୍ରକ୍ସନ ଏହି କେନାଲ ନିର୍ମାଣ ଦାୟିତ୍ୱରେ ରହିଥିଲେ। ତେବେ ଆରଡି ୭୧.୩୧୩ କିମି ରୁ ୧୦୦.୪୯ କିମି କେନାଲ କାର୍ଯ୍ୟ ଅତି ଦୁର୍ବଳ ଅବସ୍ଥାରେ ରହିଛି। ଏଷ୍ଟିମେଟ ଅନୁସାରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇନାହିଁ। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇ ଯେନତେନ ପ୍ରକାରେ କାର୍ଯ୍ୟକୁ ଶେଷ କରିବାକୁ ବିଭାଗ ତତ୍ପର ହୋଇଥିବାରୁ କେନାଲରୁ ପାଣି ଝରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ମାଙ୍କଡା ପଥର ଜୋନ ଅଞ୍ଚଳରେ କେନାଲ ନିର୍ମାଣ ହୋଇଥିବାରୁ ସେଠାରେ ପାଣି ଝରୁଛି ବୋଲି ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି। ତେବେ ଜଳସମ୍ପଦ ବିଭାଗର ସ୍ପେଶିଆଲ ସେକ୍ରେଟାରୀ ମୁକୁଳ ଚନ୍ଦ୍ର ବେରା ଗତ ରବି ଋତୁର ଜଳସେଚନ ପରିମାଣ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବଙ୍କୁ ୧୯।୯।୨୦୨୨ରେ ସୂଚନା ଦେଇଛନ୍ତି।

## କଣ୍ଟେନର ଜବତ, ୪୫ ଗୋରୁ ଉଦ୍ଧାର

ଧର୍ମଶାଳା,୨୧।୯(ଡି.ଏନ.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ନିକଟରୁ ଗୋସୁରକ୍ଷା ସଙ୍ଗଠନ ଦ୍ୱାରା ଏକ ଗୋରୁ ବୋଝେଇ କଣ୍ଟେନରକୁ ଧରାଯାଇ ପୋଲିସ ଜିମା ଦିଆଯାଇଛି। ପୋଲିସ ଉକ୍ତ କଣ୍ଟେନରକୁ ଜବତ କରିବା ସହ ଏଥିରେ ଚାଲାଣ ହେଉଥିବା ୪୫ଟି ଗୋରୁଙ୍କୁ ଉଦ୍ଧାର କରି ଗ୍ରାମବାସୀଙ୍କ ଜିମା ଦେଇଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲାରୁ ଓଆର୍-୦୨-ଏପି-୭୨୮୪ନଂ. କଣ୍ଟେନର ଗୋରୁ ବୋଝେଇ କରି କଲିକତା ଅଭିମୁଖେ ଯାଉଥିବା ବେଳେ ଭୁବନେଶ୍ୱରର ଏକ ଗୋସୁରକ୍ଷା ସଙ୍ଗଠନର ସଦସ୍ୟମାନେ ଗାଡ଼ିକୁ ପିଛା କରିଥିଲେ। ରାତି ପ୍ରାୟ ୨ଟା ସମୟରେ ଧର୍ମଶାଳା ଥାନା ବ୍ରାହ୍ମଣୀ ବ୍ରିଜ ନିକଟରେ ଗାଡ଼ିକୁ ଅଟକାଇଥିଲେ। ଏହି ସମୟରେ ଗାଡ଼ିକୁ ଏସକର୍ଟ କରି ନେଉଥିବା ଏକ ବୋଲେରୋରୁ କେତେଜଣ ଯୁବକ ବାହାରି ଗୋ ସୁରକ୍ଷା ସଦସ୍ୟଙ୍କ ସହିତ ଯୁକ୍ତି ତର୍କ କରିଥିଲେ। ଏହାଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଧର୍ମଶାଳା ପୋଲିସ ପହଞ୍ଚିବା ସମୟରେ ବୋଲେରୋ ସମେତ କଣ୍ଟେନରର ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଲିସ ଏକ ହାଇଡ୍ରା ଗାଡି ସହାୟତାରେ କଣ୍ଟେନରକୁ କୁଆଖିଆ ଥାନା ରାଜେନ୍ଦ୍ରପୁର ଅଞ୍ଚଳକୁ ନେଇ ସେଠାରେ ଗୋରୁଙ୍କୁ ଗାଡିରୁ ବାହାର କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୫୨୦/୨୨ ରୁଜୁ ହୋଇଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

# ବିଞ୍ଝାରପୁରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ଶିବିରରେ ଭିନ୍ନକ୍ଷମଙ୍କ ଭିଡ଼ ଜମିଛି।

ବିଞ୍ଝାରପୁର,୨୧।୯(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ କଏଣା ରଘୁନାଥପୁର ପଞ୍ଚାୟତର ବ୍ରଜସୁନ୍ଦର ହାଇସ୍କୁଲ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ସେକ୍ ଇର୍ସାଦ, ଏବିଡିଓ ବୀରେନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ଅହଲ୍ୟା ସ୍ୱାଇଁ ଓ କଏଣା ରଘୁନାଥପୁର ସରପଞ୍ଚ ନିଶିପ୍ରଭା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଶିବିରରେ ମୋଟ୍ ୧୦୨୩ଜଣ ଜଣଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ୯୭୩ ଜଣଙ୍କୁ ସୁଯୋଗ ମିଳିଥିଲା। ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ଅନ୍‌ଲାଇନ ପ୍ରମାଣ ପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ଶିବିରରେ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ, କର୍ଣ୍ଣ, ନାଶା ଓ ଗଳା ବିଭାଗ ବିଶେଷଜ୍ଞ, ମାନସିକ ଚିକିତ୍ସା ବିଶେଷଜ୍ଞ, ଶ୍ରବଣଶକ୍ତି ବିଶେଷଜ୍ଞଙ୍କ ସମେତ ୭ ଜଣିଆ ଡାକ୍ତରୀ ଟିମ ଆସି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରିଥିଲେ। ୫ଜଣ ଭିନ୍ନକ୍ଷମଙ୍କୁ ଅଧ୍ୟକ୍ଷା ଦାସ ଟ୍ରାଇ ସାଇକେଲ ପ୍ରଦାନ କରିବା ସହ ସେମାନଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସଂସ୍କୃତି ଭବନ ପରିସରରେ ଅହିଂସା ରଥକୁ ସ୍ୱାଗତ

ଯାଜପୁର ଟାଉନ, ୨୧।୯(ଡି.ଏନ.ଏ.)

ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରି ରାଜ୍ୟବାସୀଙ୍କ ଭିତରେ ଦେଶପ୍ରେମ ଜାଗ୍ରତ କରିବା ପରିପ୍ରେକ୍ଷୀରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଅହିଂସା ରଥ ମଙ୍ଗଳବାରଠାରୁ ଯାଜପୁର ଜିଲା ପରିକ୍ରମା କରୁଛି। ଏହି ଅବସରରେ ବୁଧବାର ପୂର୍ବାହ୍ନରେ ଅହିଂସା ରଥ ଜିଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନ ପରିସରରେ ପହଞ୍ଚିଥିଲା। ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ। ଆହ୍ୱାନ ଅନୁଷ୍ଠାନ ପକ୍ଷରୁ କଳାକାରମାନେ ଦେଶାତ୍ମବୋଧକ ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ। ରଥ ଯାଜପୁର ସହର ପରିକ୍ରମା କରିବା ପରେ ଯାଜପୁର ବ୍ଲକ ଅଭିମୁଖେ ଯାତ୍ରା କରିଥିଲା।

# ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ହଡ଼ପ ଅଭିଯୋଗ

ବରୀ,୨୧।୯(ଡି.ଏନ.ଏ.)

ନିରାଶ୍ରୟ ଏବଂ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନ ଥିବା ମୃତ ବ୍ୟକ୍ତିଙ୍କ ଶୁଦ୍ଧିକ୍ରିୟା ପାଇଁ ତାଙ୍କ ପରିବାର ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଦୁଇ ହଜାର ଟଙ୍କା ପ୍ରଦାନ ନିମନ୍ତେ ହରିଶ୍ଚନ୍ଦ୍ର ଯୋଜନା କରାଯାଇଛି। ଏହି ଅର୍ଥକୁ ସରକାରଙ୍କ ତରଫରୁ ପଞ୍ଚାୟତ ମାଧ୍ୟମରେ ଯୋଗାଇ ଦିଆଯିବାର ନିୟମ ରହିଛି। ମାତ୍ର କେତେକ ସ୍ଥାନରେ ଦାୟିତ୍ୱରେ ଥିବା ସରପଞ୍ଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ମିଳିମିଶି ଏହି ଯୋଜନା ଅର୍ଥ ହରିଲୁଟ କରୁଛନ୍ତି। ବରୀ ବ୍ଲକ୍ ଅଧୀନ ବରୀ ପଞ୍ଚାୟତର କେତେଜଣ ମୃତକଙ୍କ ପରିବାର ଏପରି ଏକ ଅଭିଯୋଗ କରିଛନ୍ତି।

ବରୀ ଗ୍ରାମର ଶଙ୍କର ଜେନା ୩୧।୧୦।୨୦୧୯, ପାର୍ବତୀ ଦାସ ୩୦।୧୦।୨୦୧୯, ସେକ୍ ବାବୁ ୧୮।୦୨।୨୦୧୯, ମହେନ୍ଦ୍ର ଖୁଣ୍ଟିଆ ୧୩।୧୦।୨୦୨୦, ମେନକା ଜେନା ୧୨।୧୨।୨୦୨୧ରେ ମୃତ୍ୟୁବରଣ କରିଥିଲେ। ମାତ୍ର ସେମାନଙ୍କ ନାମରେ ଆସିଥିବା ଅର୍ଥକୁ ସେତେବେଳେ ସରପଞ୍ଚ ଥିବା ରମାକାନ୍ତ ମଲ୍ଲିକ ଓ ନିର୍ବାହୀ ଅଧିକାରୀ ଦେଇ ନ ଥିଲେ ବୋଲି ମୃତକଙ୍କ ପରିବାର ତରଫରୁ ବୁଧବାର ବରୀ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ମୃତକଙ୍କ ପରିବାର ଅର୍ଥ ରାଶିକୁ ଗ୍ରହଣ କରି ନ ଥିଲେ ମଧ୍ୟ ସେମାନେ ଅର୍ଥ ନେଇଥିବା ରେକର୍ଡ ରହିଛି ବୋଲି ବର୍ତ୍ତମାନର ସରପଞ୍ଚ ସୋନାଲି ସିଂଙ୍କଠାରୁ ସୂଚନା ପାଇଛନ୍ତି। ଏ ବିଷୟରେ ପୂର୍ବତନ ସରପଞ୍ଚ ମଲ୍ଲିକ କହିଛନ୍ତି, ଯେଉଁମାନେ ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ହରିଶ୍ଚନ୍ଦ୍ର ଯୋଜନାର କୌଣସି ହିତାଧିକାରୀଙ୍କ ଅର୍ଥ ପଞ୍ଚାୟତ ତରଫରୁ ହଡ଼ପ କରାଯାଇ ନାହିଁ। ବିଡିଓ ଚିନ୍ମୟ ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଲିଖିତ ଅଭିଯୋଗ ମିଳିଛି। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।



ବିଡିଓଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ମୃତକଙ୍କ ପରିବାର ସଦସ୍ୟମାନେ।

# ଏଟିଏମ୍ ଲୁଟ୍ ମାମଲାରେ ଦିଲ୍ଲୀରୁ ଗାଡ଼ି ଚାଳକ ଗିରଫ

- **୬ ଦିନିଆ ରିମାଣ୍ଡ ପାଇଁ କୋର୍ଟରେ ଆବେଦନ**
- **କୁଆଖିଆ ପୋଲିସ ହାତରେ ଆନ୍ତଃରାଜ୍ୟ ଏଟିଏମ୍ ଲୁଟ୍ ଗ୍ୟାଙ୍ଗ୍**

ରସୁଲପୁର,୨୧।୯(ଡି.ଏନ.ଏ.)

କୁଆଖିଆ ଥାନା ଅନ୍ତର୍ଗତ ହରିପୁର ବଜାରର ଆକ୍ସିସ୍ ବ୍ୟାଙ୍କ୍ ଏଟିଏମ୍ ଲୁଟ୍ ଘଟଣାର ପ୍ରାୟ ୨୫ଦିନପରେ ପୋଲିସ ଲୁଟରେ ସାମିଲ ଥିବା ଗାଡ଼ିଚାଳକ ଦୀପକ ପୋଦାର(୨୯)ଙ୍କୁ ଦିଲ୍ଲୀରୁ ଗିରଫ କରିଛି। ଅଭିଯୁକ୍ତ ଚାଳକଙ୍କ ଘର ନର୍ଥୱେଷ୍ଟ ଦିଲ୍ଲୀରେ ବୋଲି ଜଣାପଡ଼ିଛି। ତେବେ ଏହି ଲୁଟରେ ଆହୁରି ୬ଜଣ ସାମିଲ ଅଛନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି। ପୋଲିସ ଘଟଣାର ମାଷ୍ଟର ମାଇଣ୍ଡ ପାଖରେ ପହଞ୍ଚି ପାରିନାହିଁ। ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସମ୍ପର୍କରେ ଅଧିକ ସୂଚନା ପାଇଁ କୁଆଖିଆ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିବା ସହ ୬ଦିନ ରିମାଣ୍ଡ ଆବେଦନ କରିଛି।

୨୩ ଅଗଷ୍ଟ ୨୦୨୨ରେ ଅଭିଯୁକ୍ତ ଦୀପକଙ୍କ ସହ ରାଜସ୍ଥାନ ଭରତପୁରରୁ ଜଣେ ଓ ହରିୟାଣାରୁ ୨ଜଣ ମିଶି ଦିଲ୍ଲୀରୁ ପାଟନାରେ ପହଞ୍ଚିଥିଲେ। ସେଠାରେ ଆଉ ୩ଜଣ ଅଭିଯୁକ୍ତଙ୍କ ସହ ମିଶି ଏଟିଏମ ଲୁଟ୍ ଯୋଜନା କରିଥିଲେ। ଏକ ଇନୋଭା ଗାଡିରେ ୨୫ତାରିଖରେ ଓଡ଼ିଶାର ବାଲେଶ୍ୱର ଜିଲାକୁ ଆସିଥିଲେ। ସେଠାରେ ଜଣେ ସହଯୋଗୀଙ୍କ ହୋଟେଲରେ ରହି ଏଟିଏମ ଲୁଟ୍ ଯୋଜନା କରିଥିଲେ। ୨୬ତାରିଖ ସକାଳ ୧୧ଟାରେ ସେଠାରୁ ବାହାରି ଧାମନଗରର ଏକ ଏଟିଏମକୁ ଟାର୍ଗେଟ କରିଥିଲେ। ସନ୍ଧ୍ୟା ୬ଟା ୪୦ରେ ଯାଜପୁର ଟାଉନରେ ପହଞ୍ଚିଥିଲେ। ସେଠାରୁ ଶୁଭମ୍ ଡ୍ରେସ୍ ହାଉସରୁ ଟ୍ରାକପ୍ୟାଣ୍ଟ ଓ ଟି-ସାର୍ଟ କିଣିଥିଲେ। ଓଡ଼ିଶାରେ ବାରମ୍ବାର ଗାଡି ବଦଳାଉ ଥିଲେ। ଗାଡିଗୁଡିକରେ ନକଲି ନମ୍ବର ବ୍ୟବହାର କରୁଥିଲେ। ସେମାନେ ଆସିଲା ବେଳେ ସାଙ୍ଗରେ ଏକ ଇନୋଭା କାର ଆଣିଥିଲେ। ରାତି ୧୧ଟା ୩୦ରେ ଉକ୍ତ କାରକୁ ବଦଳାଇ ଦେଇଥିଲେ। ପରେ ମୟୂରଭଞ୍ଜ ଜିଲା କୁଳିଅଣା ନିକଟରୁ ଏକ କାର ଆସି ସେମାନଙ୍କ ନିକଟରେ ପହଞ୍ଚିଥିଲା। ରାତି ୧ଟା୩୭ରେ ସେମାନେ ଆକ୍ସିସ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ୩.୯୨ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହାରି ଭିତରେ ଏହି ଲୁଟ୍ ସହ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଅସିମ୍ ଆକ୍‌ରମ୍‌ଙ୍କୁ ଗତ ୯ ତାରିଖରେ ବେଆଇନ ବନ୍ଧୁକ ବ୍ୟବହାର ମାମଲାରେ ହରିୟାଣା ପୋଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଖୁବ୍ ଶୀଘ୍ର କାବୁ କରିବା ପାଇଁ ଜାଲ ବିଛାଇଛି। ଏସ୍.ପି ରାହୁଲ ପିଆରଙ୍କ ନିର୍ଦ୍ଦେଶକ୍ରମେ କୁଆଖିଆ ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କ ନେତୃତ୍ୱରେ ତଦନ୍ତ ଅଧିକାରୀ ଏସ୍‌ଆଇ ଭାଗବତ ମହାଳି, ଏସଆଇ ଦୁଷ୍ମନ୍ତ ଦାସ, ଏଏସ୍‌ଆଇ ଦେବପଦ ମହାନ୍ତିଙ୍କୁ ନେଇ ଏକ ଦଳ ଗଠନ କରାଯାଇଛି। ଏହି ଦଳକୁ ସାଇବର ସେଲ୍ ଓ ଜିଲା ପୋଲିସର ସ୍ୱତନ୍ତ୍ର ଦଳ ସହଯୋଗ କରୁଛନ୍ତି। ତଦନ୍ତକାରୀ ଦଳ ବିହାର, ହରିୟାଣା, ଦିଲ୍ଲୀ, ରାୟପୁର, ଝାଡ଼ଖଣ୍ଡ ଭଳି ୧୦ରୁ ଊର୍ଦ୍ଧ୍ୱ ରାଜ୍ୟକୁ ଯାଇ ଖୋଳତାଡ କରିଛି। ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ପୋଲିସ କେସ୍ ରେକର୍ଡ ବାହାର କରି ଯାଞ୍ଚ କରୁଛି। ତେବେ ଚାଳକ ରିମାଣ୍ଡରେ ଆସିବା ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବେହେରା ସୂଚନା ଦେଇଛନ୍ତି।

# ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡିର ପ୍ରଶିକ୍ଷଣ ଶିବିର

ଧର୍ମଶାଳା,୨୧।୯(ଡି.ଏନ.ଏ.)

ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଧର୍ମଶାଳା ବିଜେଡିର ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ବ୍ଲକ୍ ସଭାପତି ଜଳଧର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧାମନଗର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଧର୍ମଶାଳା ବ୍ଲକ ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ରସୁଲପୁର ବ୍ଲକ ମହିଳା ସଭାନେତ୍ରୀ ମମତା ଖୁଣ୍ଟିଆ, ଗାର୍ଲସ ୱିଙ୍ଗ ସଭାପତି କ୍ଷୀରାବ୍ଧି ତନୟା ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜେଡି ସଂଗଠନକୁ ମଜଭୁତ କରିବା ପାଇଁ ସେମାନଙ୍କ ମତାମତ ରଖିଥିଲେ।

ଶିବିରରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଶିବିର ପୂର୍ବାହ୍ନ ୧୦ଘଟିକାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଶିବିରରେ ପ୍ରଶିକ୍ଷକ ଡ. ହରପ୍ରସନ୍ନ ଦାସ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ବିଜେଡି ଜିଲା ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଜିଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସମସ୍ତ ପଞ୍ଚାୟତ ବିଜେଡି ସଭାପତି, ଯୁବ ସଭାପତି, ଛାତ୍ର ସଭାପତି, ମହିଳା ସଭାପତି, ଗାର୍ଲସ ୱିଙ୍ଗ୍ ସଭାପତି ଏବଂ ଦଳର ଆଗ ଧାଡ଼ିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଧର୍ମଶାଳା ବିଜୁ ଯୁବ, ଛାତ୍ର, ମହିଳା ଏବଂ ଗାର୍ଲସ ୱିଙ୍ଗର କର୍ମକର୍ତ୍ତା ଅଞ୍ଚଳରେ କରିଥିବା କାର୍ଯ୍ୟକ୍ରମଗୁଡ଼ିକୁ ଭିଡିଓ ମାଧ୍ୟମରେ ଦେଖାଇ କର୍ମକର୍ତ୍ତାଙ୍କୁ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସୁଶୀଲ ମହାନ୍ତି, ଶରତ ନାୟକ, ନିରଞ୍ଜନ ରାଉତ, ପ୍ରତାପ ପ୍ରଧାନ, ନିର୍ମଳ ପ୍ରଧାନ, ରଶ୍ମିରଞ୍ଜନ ରାୟ, ମନୋଜ କୁମାର ଦାସ ଓ ପ୍ରସନ୍ନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦଇଥିବା ଅତିଥି ଓ କର୍ମକର୍ତ୍ତା।

## ସଂକ୍ଷେପରେ

### ଧୋବା ପ୍ରଧାନ ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ଗିରଫ



ଖଣ୍ଡପଡ଼ା,୨୧।୯(ସ୍ୱ.ପ୍ର.): ୨୦୧୯ରେ ଖଣ୍ଡପଡ଼ା ଥାନା ଅଧୀନ ଯୋଗିଆପଲ୍ଲୀ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ଗ୍ରାମରେ ଘଟିଥିବା ଧୋବା ପ୍ରଧାନ ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ବସନ୍ତ କୁମାର ଦାସଙ୍କୁ ପୋଲିସ ମଙ୍ଗଳବାର ରାତିରେ ସ୍ଥାନୀୟ ଅଞ୍ଚଳରୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ଗ୍ରାମରେ କୋଠ ସମ୍ପତ୍ତି ଓ ପଥରଖଣି ନିଲାମକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଗୋଟିଏ ଗୋଷ୍ଠୀର ଲୋକମାନେ ଧୋବାଙ୍କୁ ଘରୁ ଡ଼ାକି ନେଇ ହତ୍ୟା କରିବା ପରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘର ପଛପାଖରେ ଥିବା ପରିତ୍ୟକ୍ତ କୂପରେ ପଥର ବାନ୍ଧି ପକାଇ ଦେଇଥିଲେ। କିଛି ଦିନ ପରେ ଦୁର୍ଗନ୍ଧ ବାହାରିବାରୁ ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଖଣ୍ଡପଡ଼ା ପୋଲିସ ପରିତ୍ୟକ୍ତ କୂପରୁ ଧୋବାଙ୍କ ଗଳିତ ମୃତଦେହକୁ ଜବତ କରିଥିଲା। ଖଣ୍ଡପଡ଼ା ଥାନାରେ ଏ ନେଇ ମାମଲା ରୁଜୁ ହେବା ପରେ ପୋଲିସ ଭୟରେ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନେ ଗ୍ରାମ ଛାଡ଼ି ଅନ୍ୟତ୍ର ଫେରାର ହୋଇଯାଇଥିଲେ। ଏ ନେଇ ଖଣ୍ଡପଡ଼ା ଥାନାରେ ଏକ ମାମଲା(ନଂ.୧୫୦/ ୨୦୧୯) ରୁଜୁ ହୋଇଥିଲା।

### ୭ କେଜି କୋଟରା ମାଂସ ଗାଏବ ଅଭିଯୋଗ

**ସନ୍ଦେହରେ ବନ ବିଭାଗ କର୍ମଚାରୀ**

ନୟାଗଡ଼ ଅଫିସ,୨୧।୯: ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜର ବନ କର୍ମଚାରୀମାନେ ୮ କେଜି କୋଟରା ମାଂସ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି ବାହାବା ନେଉଛନ୍ତି। ତେବେ ୭ କେଜି କୋଟରା ମାଂସକୁ ଗାଏବ କରାଯାଇଥିବା ଅଭିଯୋଗ ପରେ ବନ କର୍ମଚାରୀମାନେ ସନ୍ଦେହ ଘେରକୁ ଆସିଛନ୍ତି। ପ୍ରକୃତରେ କେତେ କୋଟରା ମାଂସ ଜବତ ହୋଇଛି ତାହା ତଦନ୍ତ ସାପେକ୍ଷ। ବନ ବିଭାଗର ସୂଚନା ଅନୁସାରେ, ଆରଡା ଆର୍ଯ୍ୟ ସମାଜ କାର୍ଯ୍ୟାଳୟ ନିକଟରୁ ବୁଧବାର ପେଟାପଲ୍ଲୀ ଗାଁର ରବୀନ୍ଦ୍ର ନାୟକ, ଅରଖପଲ୍ଲୀର ସତ୍ୟବାନ ମହାରଣା ଓ ପେଟାପଲ୍ଲୀର ରଞ୍ଜନ ବେହେରାଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ୨ଟି ବାଇକ୍ ସହ ୮ ଜେକି କୋଟରା ମାଂସ ଜବତ କରାଯାଇଛି। କେତେଜଣ ଲୋକଙ୍କ ସୂଚନା ଅନୁସାରେ, ବନ ବିଭାଗ ୧୫ କେଜି ମାଂସ ଜବତ କରିଥିଲା। କିନ୍ତୁ ୮କେଜି ମାଂସ ଦେଖାଇଛି। ଅବଶିଷ୍ଟ ମାଂସ କୁଆଡେ ଗଲା ତଦନ୍ତ ସାପେକ୍ଷ। ଏ ନେଇ ପଞ୍ଚରିଡା ରେଞ୍ଜର ଅର୍ଚ୍ଚନା ଗମାଙ୍ଗଙ୍କୁ ପଚାରିବାରୁ ୮ କିଲୋ କୋଟରା ମାଂସ ଓ ୨ ବାଇକ୍ ଜବତ ହୋଇଥିବାବେଳେ ୩ ଜଣ ଗିରଫ ହୋଇଥିବା କହିଛନ୍ତି। ଅବଶିଷ୍ଟ ୭ କେଜି ମାଂସ ନେଇ କିଛି ନ କହି ଏଡାଇ ଯାଇଥିଲେ। ଏ ନେଇ ଡିଏଫ୍ଓ କ୍ଷମା ଷଡଙ୍ଗୀଙ୍କୁ ପଚାରିବାରୁ କହିଥିଲେ, ମୋତେ ୮ କେଜି କୋଟରା ମାଂସ ଓ ୨ ବାଇକ୍ ଜବତ ହୋଇଥିବାବେଳେ ୩ ଜଣ ଗିରଫ ହୋଇଥିବା କୁହାଯାଇଛି। ଅଧିକ ମାଂସ ଜବତ ନେଇ କିଛି କୁହାଯାଇନାହିଁ। କେସ୍ ରେକର୍ଡ ମଗାଇବା ପରେ ସତ୍ୟ କ'ଣ ଜଣାପଡିବ ବୋଲି କହିଛନ୍ତି।

# ୫–ଟି ସ୍କୁଲର ଗୃହ ନିର୍ମାଣ ସ୍ଥାୟିତ୍ୱ ନେଇ ସନ୍ଦେହ

- ଉପକରଣ କିଣାରେ ଘୋଟଲା ଅଭିଯୋଗ
- ୧ ଲକ୍ଷ ୭୦ ହଜାର ଟଙ୍କାର ଏଲଇଡି ଟିଭି କାମ କରୁନି

ନୟାଗଡ଼ ଅଫିସ,୨୧।୯



ସ୍କୁଲ ଗେଟ୍‌ରେ ତାଲା ପଡ଼ିଥିବାରୁ କଂଗ୍ରେସ ପ୍ରତିନିଧି ଦଳ ବାହାରେ ଠିଆ ହୋଇଛନ୍ତି।

ନୟାଗଡ଼ ଜିଲାରେ ୫ଟି ସ୍କୁଲର ଗୃହ ନିର୍ମାଣର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠୁଛି। ଛାତ୍ରୀଛାତ୍ରଙ୍କର ପାଠପଢ଼ାରେ ସହଯୋଗ କରିବା ପାଇଁ କିଣାଯାଇଥିବା ବିଭିନ୍ନ ଉପକରଣ କିଣାରେ ଘୋଟଲା ହୋଇଥିବାର ଅଭିଯୋଗ ଉଠିଛି। ବଜାରରେ ନାମିଦାମୀ ଟିଭି ୮୦ରୁ ୯୦ ହଜାର ଟଙ୍କାରେ ମିଳୁଥିବା ବେଳେ ସ୍ୱଳ୍ପ ଦାମର ଟିଭିକୁ ୧ ଲକ୍ଷ ୭୦ ହଜାର ଟଙ୍କା ଦର୍ଶାଯାଇ ଅନିୟମିତତା କରାଯାଇଥିବା ଅଭିଯୋଗ ଉଠିଛି। ଏପରି ଅଭିଯୋଗ କିଛି ଅଭିଭାବକ, ଛାତ୍ରୀଛାତ୍ର ନାମ ଗୋପନ ରଖି କହିଥିବାବେଳେ ଜିଲା କଂଗ୍ରେସ ପକ୍ଷରୁ ଏପରି ଅଭିଯୋଗକୁ ସତ୍ୟ କୁହାଯାଇ ତଦନ୍ତ କରିବାକୁ ଦାବି କରାଯାଇଛି। ପ୍ରକାଶଯେ ଗତ ଜୁନ ୨୪ରେ ଜିଲା ପରିଷଦର ଶିକ୍ଷା କମିଟି ସମୀକ୍ଷା କରିଥିଲା। ସମୀକ୍ଷା ସମୟରେ ଜିଲା ଶିକ୍ଷା ଅଧିକାରୀ ଅକ୍ରୂର ବାରିକ କହିଥିଲେ, ୫–ଟି ବିଦ୍ୟାଳୟର କାର୍ଯ୍ୟ ଠିକ୍‌ଠାକ ଚାଲିଛି। ଜିଲାରେ ୨୨୦ଟି ବିଦ୍ୟାଳୟକୁ ନବୀକରଣ କରାଯିବାକୁ ଥିବା ବେଳେ ପ୍ରଥମ ଦଫାରେ ୮ ଗୋଟି, ଦ୍ୱିତୀୟ ଦଫାରେ ୬୦ ଗୋଟି ସ୍କୁଲକୁ ଗତ ଜୁନ ମାସ ୮ ତାରିଖରେ ଲୋକାର୍ପଣ କରାଯାଇଛି। ଅବଶିଷ୍ଟ ତୃତୀୟ ଦଫାରେ ଲୋକାର୍ପଣ ହେବାର କାର୍ଯ୍ୟକ୍ରମ ରହିଛି। ସ୍କୁଲର ଭିତ୍ତିଭୂମି ଓ ସ୍କୁଲ ପରିବେଶକୁ ରଙ୍ଗରଙ୍ଗ କରି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରାଯାଉଛି ବୋଲି କହଥିଲେ। ତେବେ ଓଡ଼ଗାଁ ବ୍ଲକର ଶତ୍ରୁଘ୍ନ ସରକାରୀ ଉଚ୍ଚବିଦ୍ୟାଳୟର ସିଲିଂ ନିର୍ମାଣର କିଛିଦିନ ପରେ ଖସି ପଡିବା ପରେ ନିମ୍ନମାନର କାମକୁ ପ୍ରମାଣିତ କରୁଛି। ସେହିପରି ଗୋଡିପଡା ସର୍ଦ୍ଦାର ପଟେଲ ବିଦ୍ୟାପୀଠରେ କାମ ନିମ୍ନମାନର ହୋଇଥିବା ଅଭିଯୋଗ ଉଠିଛି। ଏ ନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, କଂଗ୍ରେସର ଏକ ଟିମ୍ ମୋ ନେତୃତ୍ୱରେ ପାଣ୍ଡେରିପଡା ଓ କୁରାଳ ହାଇସ୍କୁଲକୁ ଅନୁଧାନରେ ଯାଇଥିଲୁ। ପାଣ୍ଡେରୀପଡାରେ ସିଲିଂ ଓ ଚଟାଣ କାର୍ଯ୍ୟ ନିମ୍ନମାନର ହୋଇଛି। ପଲସ୍ତରାରେ ହାତ ମାରିଲେ ସିମେଣ୍ଟ ଖଣ୍ଡ ଛାଡୁଛି। ଚଟାଣର ଟାଇଲକୁ ଧରିଲେ ଆପେ ଆପେ ବାହାରି ପଡୁଛି। ବେନକ୍ୟୁ କମ୍ପାନୀର ୬୫ ଇଞ୍ଚିଆ ଏଲଇଡି ପ୍ୟାନେଲ ଟିଭିର ଦାମ ୧ଲକ୍ଷ ୭୦ ହଜାର। ତେବେ ସ୍କୁଲରେ ଫ୍ୟାନ ବୁଲୁଛି କିନ୍ତୁ ଟିଭି ଚାଲୁନି। ନକଲି ଉପକରଣ ଲଗାଯାଇ ଠକେଇ ହୋଇଛି। କୁରାଳ ହାଇସ୍କୁଲକୁ ଯିବାବେଳେ ଯୁବ ଶିକ୍ଷକ ଗେଟରେ ତାଲା ପକାଇ ଦେଲେ। ପ୍ରଧାନ ଶିକ୍ଷକ ନାହାନ୍ତି, କହି ଫେରାଇ ଦେଇଥିଲେ। ମଧ୍ୟାହ୍ନଭୋଜନର ମାନ ଦେଖିବା ବେଳକୁ ପୁଣି କବାଟରେ ତାଲା ପକାଇ ଦେଲେ। ବାହାର ଲୋକଙ୍କୁ ଭିତରକୁ ଛାଡିବାକୁ ମନା କଲେ। ଜିଲା ପରିଷଦର ଶିକ୍ଷା ଷ୍ଟାଣ୍ଡିଂ କମିଟି ନଂ. ୭ର ଅଧକ୍ଷ ରାମେଶ୍ୱର ଶତପଥୀ କୁହନ୍ତି, ୫–ଟି ସ୍କୁଲର କାର୍ଯ୍ୟ ଓ ଏହାର ଉପକରଣ କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ପୁଣି ବିଭିନ୍ନ ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶ ହେଉଥିବାର ନଜରକୁ ଆସୁଛି। ଆମେ ଏ ନେଇ ଅନୁଧାନ କରିବୁ। ଘଟଣା ସମ୍ପର୍କରେ ଜିଲା ପରିଷଦ ବୈଠକରେ ପ୍ରଶ୍ନ ଉଥାପନ କରିବୁ ବୋଲି ସେ କହିଛନ୍ତି। ଗଣିଆର ରାମଚନ୍ଦ୍ର ସାହୁ, ରଣପୁରର ସୀତା ସ୍ୱାଇଁ, ଖଣ୍ଡପଡ଼ାର ବିକ୍ରମ ପାତ୍ର, ଓଡ଼ଗାଁର ସଲିଳ ନାୟକ କୁହନ୍ତି, ୫–ଟି ସ୍କୁଲ ନିର୍ମାଣ ନାଁରେ ଭଲ ରୋଜଗାର ଚାଲିଛି। ଏଥିରେ ଅନେକ ଅନିୟମିତତା କରାଯାଉଛି। ଘଟଣା ଲୋକ ଲୋଚନକୁ ନ ଆସିବାକୁ ଚାପ ପଡୁଛି। ଯେଉଁମାନେ ଅଭିଯୋଗ କରୁଛନ୍ତି, ସେମାନଙ୍କୁ ଧମକଚମକ ଦିଆଯାଉଛି। ଏହି ଘୋଟଲାର ତଦନ୍ତ କଲେ ଅନେକ ଅନିୟମିତତା ପଦାକୁ ଆସିବ। ତେବେ ହେରଫେର ଘଟଣାରେ ରାଜନୈତିକ ନେତା, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ସ୍ଥାନୀୟ କିଛି ଲୋକ ସାମିଲ ଥିବାରୁ ହେରଫେରକୁ ପ୍ରମାଣିତ କରିବାକୁ ଅନେକ ପ୍ରକାରର ଅସୁବିଧା ଦେଖା ଦେବ ବୋଲି ସେମାନେ କହିଛନ୍ତି।

### ୫–ଟି ସ୍କୁଲ ସ୍ଥିତି ପରଖିଲେ ଜିଲା କଂଗ୍ରେସ କମିଟି ଟିମ୍

ଓଡଗାଁ,୨୧।୯(ସ୍ୱ.ପ୍ର.): ଯୁଦ୍ଧକାଳୀନ ଭିତ୍ତିରେ ୫–ଟି ସ୍କୁଲ କାମ ଶେଷ କରାଯାଇ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଛି। ହେଲେ ଏଥିରେ ବ୍ୟାପକ ଦୁର୍ନୀତି ଚାଲିଛି । ସେଥିପାଇଁ ସମସ୍ତଙ୍କୁ ଅନ୍ଧାରରେ ରଖାଯାଇଛି । ଗଣମାଧ୍ୟମକୁ ବି ସେହି କାମରେ ପ୍ରବେଶ ବାରଣ କରାଯାଇଛି । ଏପରିସ୍ଥଳେ ଓଡଗାଁ ବ୍ଲକର ଗୋଟିଏ ସ୍କୁଲର ସିଲିଂ ଖସିବା ପରେ ଦୁର୍ନୀତିର ଗନ୍ଧ ବାରି ହୋଇପଡିଥିବା କଂଗ୍ରେସ ଅଭିଯୋଗ ଆଣିଛି । ବୁଧବାର ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ୍ ଦାଶଙ୍କ ସହ ଏକ ଦଳୀୟ ପ୍ରତିନିଧି ଦଳ ପାଣ୍ଡେରିପଡ଼ା ଶତ୍ରୁଘ୍ନ ସରକାରୀ ଉଚ୍ଚ ବିଦ୍ୟାଳୟର ୫–ଟି କାମର ସ୍ୱଚ୍ଛତା ପରଖିବା ପାଇଁ ଆସି ପ୍ରଧାନ ଶିକ୍ଷୟିତ୍ରୀ ନୟନୀ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ । ସ୍କୁଲରେ ୪୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୫–ଟି ସ୍କୁଲର ସିଲିଂ, ଚଟାଣ କାମ ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ଦେଖିବାକୁ ମିଳିଥିଲା । ଏପରି କି ପଲସ୍ତରାରେ ହାତ ମାରିଲେ ସିମେଣ୍ଟ ଛାଡି ଯିବା, ଟାଇଲ ଧରୁଧରୁ ଉଠିଯାଉଥିଲା । ସେହପରି ନିମ୍ନମାନର ଷ୍ଟିଲ ଚେୟାର, ଏବଂ କମ୍ପ୍ୟୁଟର ଉପକରଣ ଲାଗିଥିବା ଦେଖିବାକୁ ମିଳିଥିଲା । ନବମ ଓ ଦଶମ ଶ୍ରେଣୀଗୃହରେ ପିଲାଙ୍କୁ ପାଠ ପଢାଇବା ପାଇଁ ଏକ କମ୍ପାନୀର ୬୫ ଇଞ୍ଚିଆ ଏଲ୍ଇଡି ପ୍ୟାନେଲ ଲାଗିଥିବା ଦେଖାଦେଇଥିଲା । ଏହି ସବୁ ଜିନିଷ କେତେ ଟଙ୍କାରେ କିଣା ଯାଇଛି ଏବଂ କେଉଁଠାରୁ ଆସିଛି ବୋଲି ପ୍ରଶ୍ନ କରାଯିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଜାଣିନାହାନ୍ତି ବୋଲି କହିଛନ୍ତି । କନିଷ୍ଠ ଯନ୍ତ୍ରୀ ସ୍କୁଲରେ ଏସବୁ ସରଞ୍ଜାମ ରଖିଥିବା ସେ ସୂଚନା ଦେଇଛନ୍ତି । ବଡ଼ କମ୍ପାନୀର ଏଲ୍ଇଡି ପ୍ୟାନେଲ ୮୦ ହଜାର ଟଙ୍କାରେ ମିଳିଥିବା ବେଳେ ଲଗାଯାଇଥିବା ୨ଟି ଟିଭି ଭୁବନେଶ୍ୱରର ଏକ ଦୋକାନରୁ ୩ଲକ୍ଷ ୪୦ ହଜାର କିଣା ଯାଇଥିବା ବ୍ଲକ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ନିମ୍ନମାନର କାମ ସହିତ କମ୍ପ୍ୟୁଟର, ଏଲ୍ଇଡି, ଚେୟାରଟେବୁଲ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା କଂଗ୍ରେସ ଅଭିଯୋଗ କରିଛି । କଂଗ୍ରେସର ଏହି ପ୍ରତିନିଧି ଦଳରେ ଆଇନଜୀବୀ ବିଭୂତି ରାଉତ, ପୂର୍ଣ୍ଣଚନ୍ଦ୍ର ସାନ୍ତ, ଶ୍ରମିକ ନେତା ଆଲୋକ ନେତା, ଜିଲା ଛାତ୍ର କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ଦାଶ, ବ୍ଲକ୍ ଛାତ୍ର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ବିଶୋଇଙ୍କ ସହିତ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଗାଁକୁ ଗାଁ ବୁଲି ସଚେତନ କରୁଛନ୍ତି ଚାଷୀ ନେତା



ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗୋଡିପଡ଼ା ନିକଟସ୍ଥ ଡିମିଶର ଗାଁର ଚାଷୀମାନଙ୍କୁ ସଚେତନ କରାଯାଉଛି।

### ଅକ୍ଟୋବର ୧୪ରେ ଚାଷୀ ସମାବେଶ

ନୟାଗଡ଼ ଅଫିସ,୨୧।୯

ଅକ୍ଟୋବର ୧୪ରେ ଭୁବନେଶ୍ୱରରେ ଚାଷୀ ସମାବେଶ ହେବ। ଏହି ସମାବେଶକୁ ସଫଳ କରିବାକୁ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବାଇକ୍ ରାଲିର କରାଯାଇ ଗାଁକୁ ଗାଁ ବୁଲିବା ଅଭିଯାନ ଜାରି ରହିଛି। ଏହି ଅବସରରେ ବୁଧବାର ଏକ ୨୦ ଜଣିଆ ଦଳ ଗୋଡିପଡା ନିକଟସ୍ଥ ଡିମିଶର ଗାଁରେ ପହଞ୍ଚି ଚାଷୀଙ୍କୁ ସଚେତନତା କରାଇଛନ୍ତି। ପ୍ରକାଶ ଯେ, ୧୯ ଦଫା ଦାବି ପୂରଣ ନେଇ ୧୦ଦିନ ଧରି ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ। ଏଥିପାଇଁ ନୟାଗଡ଼ ଜିଲାରେ ଏକ ୨୦ ଜଣିଆ ଦଳ ଗଠନ କରାଯାଇଛି। ଏହି ଦଳ ଜିଲା ସଂଯୋଜକ ମହେଶ୍ୱର ଜେନାଙ୍କ ନେତୃତ୍ୱରେ ଜିଲା ପରିକ୍ରମା କରୁଛି। ଏଥିରେ ରଣପୁର ସଂଯୋଜକ ଅଜୟ ମହାନ୍ତି, ଜିଲା ସହସଂଯୋଜକ ରଣଜିତ୍ ଦଳବେହେରା, ଭାପୁର ବ୍ଲକ ସଂଯୋଜକ ଅଭୟ ଗୁମାନ ସିଂ ପ୍ରମୁଖ ଅଛନ୍ତି। ପ୍ରାଇସ୍, ପ୍ରେଷ୍ଟିଜ ଓ ପେନସନ ଦାବିରେ ଚାଷୀମାନେ ସେମାନଙ୍କ ଆନ୍ଦୋଳନ ୧୨ବର୍ଷ ହେଲା କରି ଆସୁଛନ୍ତି। ୨୦୧୮ ଅକ୍ଟୋବର ୨୯ରୁ ନଭେମ୍ବର ୫ ପର୍ଯ୍ୟନ୍ତ ପଦଯାତ୍ରା ଓ ସତ୍ୟାଗ୍ରହ ଆନ୍ଦୋଳନ ପରେ ସରକାର ହଡବଡେଇ ଚାଷୀ ପେନସନ ବାବଦରେ ବିଜ୍ଞପ୍ତି ପ୍ରକାଶ କଲେ। ହେଲେ ନିର୍ବାଚନ ସମୟରେ ଚାଷୀର ସୁରକ୍ଷା ଭତ୍ତାକୁ ଏଡାଇ କାଳିଆ ଯୋଜନାରେ ଭଣ୍ଡେଇ ଦେଲେ। ପରବର୍ତ୍ତୀ ପର୍ଯ୍ୟାୟର ଆନ୍ଦୋଳନ କରୋନା ଯୋଗୁ ସୁଫଳ ମିଳିନି। ଏଣୁ ପୁଣି ସରକାରଙ୍କୁ ଘେରିବାକୁ ଯାଉଛନ୍ତି ଚାଷୀ ବୋଲି କୁହାଯାଇଛି।

# ପ୍ରଶାସନ ଠକାମିର ୫ ବର୍ଷ ପୂର୍ତ୍ତି

ନୟାଗଡ଼ ଅଫିସ,୨୧।୯

**ଦକ୍ଷିଣକାଳୀଙ୍କୁ ଦୀପ ଜାଳି ମନର କଥା ଜଣାଇଲେ ଶ୍ରମିକ**

ପ୍ରଶାସନ ଠକାମୀର ୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରି ନୟାଗଡ଼ ବ୍ଲକର ନିର୍ମାଣ ଶ୍ରମିକମାନେ ନୟାଗଡ଼ର ଆରାଧ୍ୟା ଦେବୀ ମା' ଦକ୍ଷିଣକାଳୀଙ୍କ ପୀଠରେ ଦୀପ ଜାଳି ମନର କଥା ଜଣାଇଛନ୍ତି। ମା'ଙ୍କୁ ନିବେଦନ କରିଛନ୍ତି ପ୍ରଶାସନ ଓ ସରକାରଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଜିଲା ଶ୍ରମ ଅଧିକାରୀ, ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କର ସଦ୍‌ବୁଦ୍ଧି ହେଉ। ଯେଉଁ ୫ ହଜାର ଦରଖାସ୍ତକୁ ଗ୍ରହଣ କରିଥିଲ ସେମାନଙ୍କୁ ପଞ୍ଜୀକରଣ କରି ନିର୍ମାଣ ଶ୍ରମିକ କାର୍ଡ ଯୋଗାଇ ଦିଅ। ଏହି ଘଟଣା ସମେତ ଅନ୍ୟ ପ୍ରସଙ୍ଗରେ ପରମିତା ମିଶ୍ର ନାମକ ଜିଲା ଶ୍ରମ ଅଧିକାରୀଙ୍କୁ ନିଲମ୍ବନ କରି ସରକାର ଦାୟିତ୍ୱ ଶେଷ କରିଦେଲେ। ହେଲେ ଯେଉଁ ଶ୍ରମିକମାନେ ୫ବର୍ଷ ହେଲା ବିକ୍ଷୋଭ, ଲଣ୍ଠନ ଶୋଭାଯାତ୍ରା, ଧାରଣା, ଆନ୍ଦୋଳନ କରି ଆସୁଛନ୍ତି ସେମାନଙ୍କ ପାଇଁ କିଛି କରାଗଲାନାହିଁ। ସେମାନଙ୍କର ଫାଇଲ ନାଲି ଫିତା ତଳେ ରହିଗଲା। ଫାଇଲକୁ ମୁଭ୍ କରି ଶ୍ରମିକଙ୍କ ଦୁଃଖ ବୁଝନ୍ତୁ। ଏ ନେଇ ବୁଧବାର କଳିଙ୍ଗ ନିର୍ମାଣ ଶ୍ରମିକ ସଂଘ ଓ ନୟାଗଡ଼ ଜିଲା ଶ୍ରମିକ ମହାସଂଘ ପକ୍ଷରୁ ମିଳିତ ଭାବେ ଅଭିନବ ଉପାୟରେ ପ୍ରତିବାଦ ହୋଇଛି। ଭଗବାନ ବେହେରା, ପ୍ରଫୁଲ୍ଲ ମହାରଣା, ରମେଶ ବେହେରା, କୈଳାସ ସାହୁ, ଶୂନ୍ୟଜୟୀ ମିଶ୍ର, ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।



ନୟାଗଡ଼ ବ୍ଲକର ନିର୍ମାଣ ଶ୍ରମିକମାନେ ମା' ଦକ୍ଷିଣକାଳୀଙ୍କ ପୀଠରେ ଦୀପ ଜାଳି ବସିଛନ୍ତି।

# ସରୀସୃପଙ୍କ ଆଡ୍ଡାସ୍ଥଳ ପାଲଟିଛି କଣ୍ଟିଲୋର ସ୍ମାର୍ଟ ସ୍କୁଲ

ଖଣ୍ଡପଡ଼ା,୨୧।୯(ସ୍ୱ.ପ୍ର.)

ନୂତନ ବେଶରେ ସଜ୍ଜିତ ହୋଇଛି ୫–ଟି ରୁପାନ୍ତରଣ ଯୋଜନାରେ ସାମିଲ ହୋଇଥିବା କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ। ହେଲେ ବିଦ୍ୟାଳୟ ପରିସର ସରୀସୃପଙ୍କ ଆଡ୍ଡାସ୍ଥଳ ପାଲଟିଛି, ଯାହା ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ବିପଦ ସୃଷ୍ଟି କରିଛି । ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପିଲାମାନେ ଶ୍ରେଣୀଗୃହ ତଥା ପରିସରକୁ ଯାତାୟତ ପାଇଁ ବ୍ୟବହାର ହେଉଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଭୂମି ପତନଠାରୁ ଉଚ୍ଚାରେ ନିର୍ମିତ ହୋଇଥିବା ବେଳେ ଅନ୍ୟ ସବୁ ଖାଲି ଜାଗା ରାସ୍ତା ପତନଠାରୁ ନିମ୍ନ ଭାଗରେ ରହିଛି । ଏହି ସବୁ ଖାଲୁଆ ଜାଗାରେ ବର୍ଷାପାଣି ଜମି ରହିବା ସହ ବିଭିନ୍ନ ଅନାବନା ଗଛଲତାରେ ପରିପୂର୍ଣ୍ଣ ରହିଛି । ଅପରପକ୍ଷେ ୨ଟି ଶ୍ରେଣୀ ଗୃହରେ ପୁରୁଣା କାଠ, ବେଞ୍ଚଡେକ୍ସ ଓ ଅନ୍ୟାନ୍ୟ ଅବ୍ୟବହୃତ ସାମଗ୍ରୀ ରହି ତାଲା ପଡିଛି । ଏହାଛଡା ପୁରୁଣା ଶ୍ରେଣୀ ଗୃହର ନବୀକରଣ ସମୟରେ ସେଠାରୁ ବାହାରିଥିବା ପୁରୁଣା ସେଣି, ବରଗା ଆଦି ଉକ୍ତ କୋଠରୀରେ ଗଦା ହୋଇ ରହିଥିବାରୁ ସେଥିରେ ବିଷଧର ସାପମାନ ରହିଥିବା ଦେଖିବାକୁ ମିଳିଛି । ସେହିପରି ବିଦ୍ୟାଳୟ ପରିସରରେ ବର୍ଷାପାଣି ଜମି ରହିବା ଯୋଗୁ ସେଠାରେ ସରୀସୃପ ରହିଥିବା ଅଭିଯୋଗ ହେଉଛି ।

୧୯୫୧ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ଗତ ବର୍ଷ ୫–ଟି ସ୍ମାର୍ଟ ସ୍କୁଲ ଯୋଜନାରେ ସାମିଲ ହୋଇ ରୁପାନ୍ତରଣ ହୋଇଛି । ଗଣିଆ–ଫତେଗଡ ୪୮ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଏହି ନୋଡାଲ ବିଦ୍ୟାପୀଠରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩୧୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ରୁପାନ୍ତରଣ ଯୋଜନାରେ ବିଦ୍ୟାଳୟଟି ସୁନ୍ଦର ଦିଶୁଛି। ହେଲେ ବର୍ଷା ସମୟରେ ବିଦ୍ୟାଳୟ ପରିସରକୁ ସଂଯୋଗ କରିଥିବା ଗଡାଣି ରାସ୍ତା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ କାଳ ସାଜିଥିବା ଅଭିଯୋଗ ହେଉଛି। ଅଳ୍ପ ବର୍ଷାରେ ଟାଇଲ ଛପର ରାସ୍ତା ଉପରେ ପ୍ରବାହିତ ବର୍ଷାଜଳ ଯୋଗୁଁ ବିପଦ ସଙ୍କଳ ପାଲଟିଛି। ଏହି ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ଜେଲରେ ସ୍ୱାସ୍ଥ୍ୟ ସେବା ଶିବିର

ନୟାଗଡ଼ ଅଫିସ,୨୧।୯

ନୟାଗଡ଼ ଖୁଣ୍ଟୁବନ୍ଧ ସବ୍‌ଜେଲରେ ଅନ୍ତେବାସୀଙ୍କ ପାଇଁ ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନ୍ତେବାସୀମାନଙ୍କୁ ଟିବି, ଏଚଆଇଭି, ମଧୁମେହ, ହେପାଟାଇଟିସ୍ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏଥିସହିତ ଅନ୍ତେବସୀଙ୍କ ବିଭିନ୍ନ ରକ୍ତ ପରୀକ୍ଷା କରାଯାଇଥିଲା। ଯକ୍ଷ୍ମା ରୋଗୀଙ୍କଠାରୁ କଫ ସଂଗ୍ରହ କରାଯାଇଥିଲା। ପ୍ରଥମ ଦିନ ୧୧୮ ଓ ଦିତୀୟ ଦିନ ୨୦୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜିଲା ଯକ୍ଷ୍ମା ଅଧିକାରୀ ଶରତ କୁମାର ଦାଶ, ଡାକ୍ତର ନୌସଦ ଅଲି ଖାଁ ଏଥିରେ ଯୋଗ ଦେଇଥିଲେ। ଜେଲ୍ ଅଧୀକ୍ଷକ ପ୍ରଫୁଲ୍ଲ କୁମାର କବି ସହଯୋଗ କରିଥିଲେ।

# ବିଦ୍ୟୁତ୍‌କରଣ ଆଳରେ ଧାନ ଫସଲ ନଷ୍ଟ

ଦଶପଲ୍ଲା,୨୧।୯(ଡି.ଏନ.ଏ.)

ବିଦ୍ୟୁତ୍‌କରଣ ଆଳରେ ନଷ୍ଟ ହେଉଛି ବହୁ ଏକର ଜମିର ଧାନ ଫସଲ । ଚାଷୀ ଓ ଜମି ମାଲିକଙ୍କ ବିନା ପରାମର୍ଶରେ ଠିକାଦାର କରୁଛନ୍ତି କାମ । ଧାନକ୍ଷେତରେ ଅନଧିକାର ଭାବେ ପକାଯାଉଛି ବିଦ୍ୟତ୍ ଖୁଣ୍ଟ, ଟାଣୁଛନ୍ତି ତାର । ଫଳରେ ଥୋଡ ଧରିଥିବା ଧାନକ୍ଷେତ ହେଉଛି କ୍ଷତିଗ୍ରସ୍ତ। ଏପରି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଟାକରା ଗ୍ରାମ ପଞ୍ଚାୟତର ଟାକରା, ଗୋପାଳପୁର ଓ ଅଣିନିବେରେଣା ଅଞ୍ଚଳରେ । ଗତ ୧୫ ଦିନ ଧରି ବିଦ୍ୟୁତ୍ ଠିକାଦାର କାହାକୁ କିଛି ନ ଜଣାଇ ନିଜ ଇଚ୍ଛାରେ ଥୋଡ ଧରିଥିବା ଫସଲ କ୍ଷତିକରି ଚାଲିଛନ୍ତି। ମଙ୍ଗଳବାର କ୍ଷତିଗ୍ରସ୍ତ ଚାଷୀମାନେ ସଂପୃକ୍ତ ଠିକାସଂସ୍ଥାର କର୍ମଚାରୀମାନଙ୍କୁ ପଚାରିବାରୁ ସେମାନେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦରେ କ୍ଷତିଗ୍ରସ୍ତ ଚାଷୀମାନେ ନିର୍ମାଣଧୀନ ବିଦ୍ୟୁତ୍ କାମକୁ ଆଜିବନ୍ଦ କରିବାରୁ ଠିକାସଂସ୍ଥାର କର୍ମଚାରୀ ଓ ଚାଷୀଙ୍କ ମଧ୍ୟରେ ବଚସା ହୋଇଥିଲା ।



ଧାନ କ୍ଷେତରେ ଟଣାଯାଇଥିବା ବିଦ୍ୟୁତ୍ ତାର।

# ଚାଉଳ ଫେରାଉ ନାହାନ୍ତି ମିଲର

ନୟାଗଡ଼ ଅଫିସ,୨୧।୯

- ପଦାରେ ପଡିଲା ଯୋଗାଣ ବିଭାଗର ଅନୁକମ୍ପା
- ୮୧.୬୧ ପ୍ରତିଶତ ଚାଉଳ ଫେରାଇଛନ୍ତି ମିଲର
- ଅବଧି ଶେଷ ହେବାକୁ ୯ ଦିନ ବାକି

ମଣ୍ଡିରୁ ଧାନ କିଣିବାକୁ ମିଲର ଆଗ୍ରହୀ ଥିବାବେଳେ ଚାଉଳ ଫେରାଇବାକୁ ପଛଘୁଞ୍ଚା ହେଉଛନ୍ତି। ଅବଧି ଶେଷ ହେବାକୁ ୯ ଦିନ ଥିବାବେଳେ ମିଲର ମାନେ ଏଯାବତ ୮୧.୬୧ ପ୍ରତିଶତ ଚାଉଳ ଫେରାଇଛନ୍ତି । ତେବେ ଯୋଗାଣ ବିଭାଗ ମିଲରଙ୍କୁ ତାଗିଦ୍ କରିବା ବଦଳରେ ଅବଧି ଭିତରେ ଚାଉଳ ସଂଗ୍ରହ ଶେଷ ହେବ କହି ପ୍ରସଙ୍ଗକୁ ହାଲକା ଭାବେ ନେଇଛି ।

ପ୍ରକାଶ ଯେ, ଜିଲାରେ ୨୦୨୧–୨୨ ଆର୍ଥିକ ବର୍ଷରେ ୧୪୦୨୨.୨୯୬ ମେଟ୍ରିକ ଟ୍ରନ ଧାନକୁ ୧୭ଟି ମିଲ୍ ଜିଲାର ବିଭିନ୍ନ ମଣ୍ଡିରୁ କିଣିଥିଲେ । ସେହି ଧାନକୁ ଚାଉଳ କରି ମିଲରମାନେ ସେପ୍ଟେମ୍ବର ୨୦୨୨ ସୁଦ୍ଧା ସରକାରଙ୍କୁ ପ୍ରଦାନ କରିବାର ନିୟମ ରହିଛି । ତେବେ ଜିଲାର ଡାଇମଣ୍ଡ ରାଇସ ପ୍ରାଇଭେଟ ଲିମିଟେଡ୍, ମା'ମଙ୍ଗଳା ଆଗ୍ରୋ ଇଣ୍ଡଷ୍ଟ୍ରି ନୟାଗଡ଼ ରାଇସ ପ୍ରାଇଭେଟ ଲିମିଟେଡ, ଶ୍ରୀ ରଘୁନାଥ ରାଇସ୍ ମିଲ୍ କେବଳ ୧୦୦ ପ୍ରତିଶତ ଚାଉଳ ଫେରାଇଛନ୍ତି । ଅବଶିଷ୍ଟ ୧୩ ମିଲ ଏଯାବତ ଶତପ୍ରତିଶତ ଚାଉଳ ଫେରାଇ ନାହାନ୍ତି । ଅନନ୍ତ ବାସୁଦେବ ରାଇସ୍ ମିଲ ୭୯.୧୭ ପ୍ରତିଶତ, ବଜରଙ୍ଗୀ ଫୁଡ ପ୍ରଡକ୍ଟସ୍ ପ୍ରାଇଭେଟ ଲିମିଟେଡ ୬୬.୫୦ ପ୍ରତିଶତ, ଜଗନ୍ନାଥ ରାଇସ୍ ଆଣ୍ଡ ଅଏଲ ଇଣ୍ଡଷ୍ଟ୍ରି ୫୭.୦୨ ପ୍ରତିଶତ, ଜୟବଜରଙ୍ଗୀ ରାଇସ ମିଲ୍ ୮୮.୪୦ ପ୍ରତିଶତ ଚାଉଳ ଫେରାଇଛନ୍ତି । ସେହିଭଳି ଜୟ ମହାବୀର ରାଇସ୍ ମିଲ ୬୭.୨୪ ପ୍ରତିଶତ, କାଉଁରୀ ଫୁଡ୍ ପ୍ରୋସେସିଂ ୟୁନିଟ୍ ୮୨.୯୮ ପ୍ରତିଶତ, ମା ବାଗ୍‌ଦେବୀ ରାଇସ୍ ମିଲ ୭୪.୪୩ ପ୍ରତିଶତ, ମା'ଲକ୍ଷ୍ମୀ ରାଇସ୍ ଇଣ୍ଡଷ୍ଟ୍ରି ୮୮.୬୬ ପ୍ରତିଶତ ଚାଉଳ ଫେରାଇ ନାହାନ୍ତି । ପୁଣି ଆର.କେ. ଏଗ୍ରୀ ଫୁଡ୍ ପ୍ରୋସେସିଂ ପ୍ରାଇଭେଟ ଲିମିଟେଡ ୬୪.୫୧ ପ୍ରତିଶତ, ରଜେଶ ଇଣ୍ଡଷ୍ଟ୍ରୀ ୭୫.୩୭ ପ୍ରତିଶତ, ସାଇ ଫୁଡ ପ୍ରଡକ୍ଟସ୍ ୮୧.୨୦ ପ୍ରତିଶତ, ସର୍ଦ୍ଦାର ଇଣ୍ଡଷ୍ଟ୍ରିଜ୍ ୭୨.୪୯ ପ୍ରତିଶତ, ଶୁଭଲକ୍ଷ୍ମୀ ଏଜେନ୍ସି ପ୍ରାଇଭେଟ ଲିମିଟେଡ ୯୨.୬୪ ପ୍ରତିଶତ ଚାଉଳ ଫେରାଇଛନ୍ତି । ମିଲରମାନଙ୍କ ଚାଉଳ ଫେରାଇବା ଟାର୍ଗେଟ୍‌କୁ ଅନୁଧ୍ୟାନ କଲେ ଜଣାପଡୁଛି ମିଲରମାନେ ଚାଉଳ ଫେରାଇବାରେ ବିଳମ୍ବ କଲେ ବି ପ୍ରଶାସନ ପକ୍ଷରୁ ଅଙ୍କୁଶ ନାହିଁ । ଯୋଗାଣ ବିଭାଗ ଓ ଜିଲାପାଳ କାହିଁକି ମିଲରମାନଙ୍କୁ ଅନୁକମ୍ପା ଦେଖାଉଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ମଣ୍ଡିରେ ଚାଷୀର ଧାନକୁ ଧୂଳି, ଧୂଷ, ବାଲିଗୋଡିମିଶା କହି କୁଇଣ୍ଟାଲ ପିଛା ୧୦ରୁ ୨୦ କେଜି କାଟି କିଣା ଯାଉଛି। ନିର୍ଦ୍ଧାରିତ ସମୟରେ ଧାନ ନ ଆସିଲେ ମିଲର ବ୍ୟବହାର ଖରାପ କରୁଛି। ତେବେ ଚାଉଳ ଫେରାଇବା ବେଳେକୁ ଏପରି ପଛଘୁଞ୍ଚା କାହିଁକି । ମିଲରମାନେ ଧାନକୁ ନେଇ ଚାଉଳ କରି ବାହାର ମାର୍କେଟରେ ବିକ୍ରି ଲାଭବାନ ହେଉଛନ୍ତି । ତେବେ ଲାଭ ନାହିଁ ଦର୍ଶାଇ ସରକାରଙ୍କୁ ଧିରେ ଧିରେ ଚାଉଳ ଫେରାଉଛନ୍ତି । ଯେଉଁ ମିଲର ମାନେ ଶତ ପ୍ରତିଶତ ଚାଉଳ ନିର୍ଦ୍ଧାରିତ ସମୟ ପୂର୍ବରୁ ଫେରାଉଛନ୍ତି ସେମାନଙ୍କୁ ମଧ୍ୟ ପ୍ରୋତ୍ସାହନ ବା ଧନ୍ୟବାଦ ଦିଆଯାଉ ନାହିଁ । ଚାଉଳ ଫେରାଇବା ଉପରେ ଯୋଗାଣ ବିଭାଗର ସମୀକ୍ଷା ଠିକରେ ହେଉ ନ ଥିବାରୁ ମିଲର ଲାଭରେ ରହୁଛନ୍ତି ବୋଲି କହିଛନ୍ତି । ଏନେଇ ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ସେପ୍ଟେମ୍ବର ୧୩ ସୁଦ୍ଧା ୮୧.୬୧ ପ୍ରତିଶତ ଚାଉଳ ମିଲର ଫେରାଇଥିଲେ। ସେପ୍ଟେମ୍ବର ୨୧ ସୁଦ୍ଧା ୮୭ ପ୍ରତିଶତ ଚାଉଳ ଫେରାଇ ସାରିଲେଣି। ସେପ୍ଟେମ୍ବର ୩୦ ସୁଦ୍ଧା ଟାର୍ଗେଟ ମୁତାବକ ଚାଉଳ ମିଲରମାନେ ଫେରାଇବେ ବୋଲି କୁହାଯାଇଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ସେପ୍ଟେମ୍ବର, ୨୦୨୨

**ନୂତନ ତହସିଲଦାରଙ୍କ ଯୋଗଦାନ**

ଚଣ୍ଡିଖୋଲ,(ଡି.ଏନ.ଏ.): ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କ ଭଦ୍ରକ ଜିଲା ବନ୍ତ ବ୍ଲକର ବିଡିଓ ଭାବେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ବନ୍ତ ବ୍ଲକର ବିଡିଓ ଶୁଭଦର୍ଶନ ମିଶ୍ର ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେଠୀ ଦାୟିତ୍ୱ ହସ୍ତାନ୍ତର କରିବା ସହ ବନ୍ତ ବିଡିଓ ଭାବେ ଯୋଗ ଦେଇଛନ୍ତି। ସେ ଦାୟିତ୍ୱ ହସ୍ତାନ୍ତର ପୂର୍ବକ ପ୍ରଥମେ ମହାବିନାୟକ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ଦାୟିତ୍ୱ ହସ୍ତାନ୍ତର ହୋଇଥିଲା।



# ରାତି ୧୦ ସୁଦ୍ଧା ସରିବ ଭସାଣି

## ଦୁର୍ଗାପୂଜା ଭସାଣି ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୨୧।୯(ଡି.ଏନ.ଏ.)

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଦୁର୍ଗାପୂଜା ଭସାଣି ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଧ୍ୟକ୍ଷତା କରି ପ୍ରତ୍ୟେକ ପୂଜା କମିଟି ସମ୍ଭାବ୍ୟ ଅଗ୍ନିକାଣ୍ଡର ମୁକାବିଲା ପାଇଁ ବାଲି ଓ ପାଣିର ବ୍ୟବସ୍ଥା କରିବା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶ୍ଳୀଳ ନୃତ୍ୟ ସଂଗୀତ ପ୍ରଦର୍ଶନ ନ କରିବା, ଶବ୍ଦ ପ୍ରଦୂଷଣ ନ କରିବା ସହ ଅବକାରୀ ବିଭାଗ ପକ୍ଷରୁ ପ୍ରତ୍ୟେକ ସନ୍ଦିଗ୍ଧ ସ୍ଥାନ, ଛକ, ଦୋକାନ ଆଦିରେ ନିରନ୍ତର ଭାବେ ଧରପଗଡ଼ କରିବା ଓ ବ୍ରେଥ ଆନାଲାଇଜର ମାଧ୍ୟମରେ ମଦ୍ୟପଙ୍କୁ ଧରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଜିଲାରେ ୧୫ ଦୁର୍ଗା ମେଢ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ରାତ୍ର ୧୧ ଘଟିକା ଓ ଭସାଣି ରାତ୍ର ୧୦ଘଟିକା ମଧ୍ୟରେ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ପରିବାରର ପ୍ରତ୍ୟେକ ସଦସ୍ୟ ଯେପରି ପୂଜା ଉପଭୋଗ କରିବେ ସେଥିପ୍ରତି ପୂଜା କମିଟି ବ୍ୟବସ୍ଥା କରିବା ସହ ପୂଜା ଏବଂ ଭସାଣିରେ ପ୍ରତ୍ୟେକ କମିଟିର ବରିଷ୍ଠ ସଦସ୍ୟ ଉପସ୍ଥିତ ରହିବାକୁ ସେ ଅନୁରୋଧ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଅକ୍ଟୋବର ୭ ତାରିଖ ମଧ୍ୟରେ ଦୁର୍ଗାପୂଜା ଭସାଣି ଶେଷ କରିବାକୁ ସ୍ଥିର କରାଯାଇଛି। ପୂଜା ଓ ଭସାଣି ପାଇଁ ଉପଯୁକ୍ତ ଟ୍ରାଫିକ ବ୍ୟବସ୍ଥା, ପାନୀୟ ଜଳ, ରାସ୍ତା ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଯେଉଁଠାରେ ଇଲେକ୍ଟ୍ରିକ୍ ପୋଲ୍ ଦୁର୍ବଳ ବା ତାର ଝୁଲି ରହିଛି ତା'ର ତୁରନ୍ତ ମରାମତି, ଅଧିକ ଟ୍ରାନ୍ସଫର୍ମର ବ୍ୟବସ୍ଥା, କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା, ଖାଦ୍ୟର ମାନ ପରୀକ୍ଷା, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସହ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ ବ୍ୟବସ୍ଥା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୨ ସୁଦ୍ଧା ସମସ୍ତ ପୂଜା କମିଟି ମୁଖ୍ୟ ଜିଲା କାର୍ଯ୍ୟାଳୟର ସାଧାରଣ ଓ ବିବିଧ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ ମଦନ ମୋହନ ପତିଙ୍କଠାରୁ ଭସାଣି ନିମନ୍ତେ ଅନୁମତିପତ୍ର ନେବାକୁ ସ୍ଥିର କରାଯାଇଛି। ବିଗତ ବର୍ଷ ଭଳି ଚଳିତ ବର୍ଷ ଦେବୀଗଡ଼ାଠାରେ ନଦୀ ବାଲିରେ ଏକ ଗର୍ତ୍ତ ଖୋଳାଯାଇ ମୂର୍ତ୍ତି ବିସର୍ଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଉପଜିଲାପାଳ ଗୋପୀନାଥ କୁଅଁର, ସହକାରୀ ଜିଲାପାଳ ତିଳୋତ୍ତମା ପୃଷ୍ଟି, ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ, ଆଇଆଇସି ଅଜୟ କୁମାର ଜେନା, ବିଭିନ୍ନ ପୂଜା କମିଟି ସଦସ୍ୟ, ବରିଷ୍ଠ ସଦସ୍ୟ, ବିଭିନ୍ନ ବିଭାଗ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ।

# ନିଯୁକ୍ତିଭିତ୍ତିକ ଚୟନ, ପରାମର୍ଶ ଶିବିର

ବରୀ,୨୧।୯(ଡି.ଏନ.ଏ.)

ବରୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାର ନିଯୁକ୍ତି ଭିତ୍ତିକ ଚୟନ ଓ ପରାମର୍ଶ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ଅଧ୍ୟକ୍ଷତା କରିଥିଲେ। ନିଜ ଭିତରେ ଥିବା ଦକ୍ଷତାକୁ ନିଜର ଯୋଗ୍ୟତା ମାଧ୍ୟମରେ ପରିପ୍ରକାଶ କରିବା ନିମନ୍ତେ ଯୁବପିଢି ଆଗେଇ ଆସିବାକୁ ସେ ଏହି ଅବସରରେ ଅନୁରୋଧ କରିଥିଲେ। ସେହିପରି ଗ୍ରାମାଞ୍ଚଳର ଯୁବତୀଯୁବକ, ଛାତ୍ରୀଛାତ୍ର ଓ ମହିଳା କର୍ମ ଭିତ୍ତିକ ଶିକ୍ଷା ଗ୍ରହଣ କରି ଆତ୍ମନିର୍ଭରଶୀଳ ହେବା କ୍ଷେତ୍ରରେ ଉଦ୍ୟମ କରିବା ଉଚିତ୍ ବୋଲି ବିଡିଓ ଚିନ୍ମୟ ଦାସ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଏବିଡିଓ ମହେଶ୍ୱର ସେଠୀ, ବ୍ଲକ୍ ପ୍ରକଳ୍ପ ମ୍ୟାନେଜର ଅନିରୁଦ୍ଧ ସାହୁ, ପିଆଇ ଉତ୍ତମ ସାମଲ ଅଂଶଗ୍ରହଣ କରି ଯୁବତୀଯୁବକ ନିସ୍ତାର ସହ ଏହି ଯୋଜନାରେ ସାମିଲ ହୋଇ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଯୁବତୀଯୁବକ ଯୋଗଦାନ କରି ପରାମର୍ଶ ଗ୍ରହଣ କରିଥିଲେ।



ଶିବିରରେ ଯୋଗ ଦେଇଥିବା ଅତିଥି।

# ବୟନ ଶିଳ୍ପ ବିଭାଗ ପକ୍ଷରୁ ୮ ମହିଳାଙ୍କୁ ଚରଖା ପ୍ରଦାନ

ରସୁଲପୁର,୨୧।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମୁଗୁପାଳ ଛକ ନିକଟରେ ଯାଜପୁର ଜିଲା ପରିକ୍ରମା କରୁଥିବା ଅହିଂସା ରଥକୁ ବୁଣାକାର ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ପକ୍ଷରୁ ରଥକୁ ସ୍ୱାଗତ କରାଯିବା ସହ ଗାନ୍ଧିଜୀଙ୍କ ନୀତି ଆଦର୍ଶକୁ ବଞ୍ଚାଇବା ଓ ତାଙ୍କ ବାର୍ତ୍ତାକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ଉପରେ ବିଭାଗ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଭାଗର ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ସମ୍ମାନିତ ଅତିଥି ସହାକରୀ ସମବାୟ ନିର୍ବନ୍ଧକ ପ୍ରକାଶ କୁମାର ପାତ୍ର, ହସ୍ତତନ୍ତ ସଂପ୍ରସାରଣ ଅଧିକାରୀ ଦୁଷ୍ମନ୍ତ କୁମାର ପାତ୍ର, ବୈଷୟିକ ସହାୟକ ବିଷ୍ଣୁଚରଣ ବେହେରା, ସମବାୟନେତା ଶ୍ରୀଧର ବେହେରା, ବୁଣାକାର ନେତା ରମେଶ ଦାସ, ଅଶୋକ କୁମାର ଗୁଇଁ, ଦିଲୀପ ଦତ୍ତ ପ୍ରମୁଖ ଯୋଗଦେଇ ମାଳତି ଦତ୍ତ, ବାସନ୍ତୀ ଗୁଇଁ, ଝୁନା ଦାସ, ସାବିତ୍ରୀ ଗୁଇଁ, ରୀତାରାଣୀ ଦତ୍ତ, ସଞ୍ଜୟ ଦାସ ଓ ପ୍ରଫୁଲ୍ଲ ଦାସଙ୍କ ସମେତ ୮ଜଣ ମହିଳା ବୁଣାକାରଙ୍କୁ ଚରଖା(ସୂତାକଟା ହସ୍ତ ଚାଳିତ ଅରଟ) ପ୍ରଦାନ କରିଛନ୍ତି।


ମହିଳାମାନଙ୍କୁ ଚରଖା ପ୍ରଦାନ କରାଯାଉଛି।

# ଚଣ୍ଡିଖୋଲରେ ଅହିଂସା ରଥକୁ ସମ୍ବର୍ଦ୍ଧନା

ଚଣ୍ଡିଖୋଲ,୨୧।୯(ଡି.ଏନ.ଏ.)

ଯାଜପୁର ଜିଲା ପରିକ୍ରମା କରୁଥିବା ଅହିଂସା ରଥ ବୁଧବାର ଚଣ୍ଡିଖୋଲ ଛକରେ ପହଞ୍ଚିବା ପରେ ବଡ଼ଚଣା ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଡିଓ ଅଜିତ ନାରାୟଣ ଗିରି, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ, ନିରଞ୍ଜନ ସେନାପତି, ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ପ୍ରମୋଦ ଜେନା, ସଞ୍ଜୟ ସ୍ୱାଇଁ, ସୁଜିତ ଜେନା, କିଛିନା ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଅହିଂସା ରଥ ବୈରୀ ରେଳ ଷ୍ଟେସନ ନିକଟକୁ ଯାଇଥିଲା। ମହାତ୍ମା ଗାନ୍ଧୀ ମାର୍ଗ ଦେଇ ପୁନର୍ବାର ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ରଥ ଫେରିଥିଲା। ରଥ ପରିକ୍ରମା ସମୟରେ ବଡ଼ଚଣା, ବନ୍ଧାଳ, ଛତିଆ ଆଦି ସ୍ଥାନରେ ମିଶନ ଶକ୍ତିର ମହିଳାମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସରୋଜ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ଭିନ୍ନକ୍ଷମଙ୍କ ସମସ୍ୟା ବୁଝୁଛନ୍ତି ବିଧାୟକ

ଜେନାପୁର,୨୧।୯(ଡି.ଏନ୍.ଏ.)

ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ବଳରାମପୁରସ୍ଥିତ ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ଅନୁଷ୍ଠିତ ଏହି ଶିବିରକୁ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ୬୩୦ଜଣ ଭିନ୍ନକ୍ଷମ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମୂକ, ବଧିର, ଅସ୍ଥିଶଲ୍ୟ, ମାନସିକ, ଚକ୍ଷୁ ଓ ରକ୍ତ ସମ୍ବନ୍ଧୀୟ ରୋଗର ପରୀକ୍ଷା କରାଯାଇଥିଲା। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଭିନ୍ନକ୍ଷମଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଦେବେନ୍ଦ୍ର ବଳ, ଏବିଡିଓ ଅସିତ୍ ପାତ୍ର, ସିଡିଏମ୍‌ଓ ବିରଞ୍ଚି ନାରାୟଣ ବାରିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବେହେରା, ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜ ଅଧ୍ୟକ୍ଷା କବିତା ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଉତ୍କଳମଣି ଦାସ, ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ ଏବଂ ରବୀନ୍ଦ୍ର କୁମାର ବାଉଳ ପ୍ରମୁଖ ଉପସ୍ଥିତ ଥିଲେ। କଲେଜର ସମସ୍ତ ଅଧ୍ୟାପକ, କର୍ମଚାରୀ, ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଲୋକପ୍ରତିନିଧି ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗୀତ ମାଧ୍ୟମରେ ଘର ପାଇଁ ଜିଲାପାଳଙ୍କୁ ଗୁହାରି

ଯାଜପୁର ଟାଉନ,୨୧।୯(ଡି.ଏନ.ଏ.)

ବିଧାନସଭାଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପ୍ରକୋଷ୍ଠ ପର୍ଯ୍ୟନ୍ତ ସବୁଠି ବୁଲି ବୁଲି ନିଜ ଦୁଃଖ ଜଣାଉଥିବା ପ୍ରଫୁଲ୍ଲ ଦାସ ବୁଧବାର ଯାଜପୁର ଜିଲାପାଳଙ୍କୁ ଗୀତ ମାଧ୍ୟମରେ ଘରଖଣ୍ଡେ ପାଇଁ ଗୁହାରି କରିଛନ୍ତି। ଯାଜପୁର ଜିଲା ରଗଡି ଗାଁରେ ରହୁଥିବା ପ୍ରଫୁଲ୍ଲ ସମସ୍ତଙ୍କୁ ଗୁହାରି କରୁଥିବା ବେଳେ କେହି ଶୁଣୁନାହାନ୍ତି। ସେ ଜଣେ ଦିବ୍ୟାଙ୍ଗ ହୋଇଥିବାବେଳେ ନିଜ ହାର୍ମୋନିୟମ ଧରି ସଙ୍ଗୀତ ପରିବେଷଣ କରିଥାନ୍ତି।


ପ୍ରଫୁଲ୍ଲ ଦାସ

# ୧୧ବର୍ଷ ହେଲା ନିଲାମ ହୋଇପାରୁନି ମାର୍କେଟ କମ୍ପ୍ଲେକ୍ସ

ଚଣ୍ଡିଖୋଲ/ଛତିଆ,୨୧।୯(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ ପକ୍ଷରୁ ୨୦୧୧ରେ ଛତିଆ ମାର୍କେଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲା। ଏହା ପ୍ରଥମେ ୧ ମହଲା ହୋଇଥିଲା ବେଳେ ପରେ ୨ ମହଲା ବିଶିଷ୍ଟ କରାଯାଇଥିଲା। ମାତ୍ର ମାର୍କେଟ କମ୍ପ୍ଲେକ୍ସ ଭଡ଼ା ଲାଗି ପାରୁ ନ ଥିବାରୁ ପଞ୍ଚାୟତର ରାଜସ୍ୱ ଆୟ ହ୍ରାସ ପାଉଛି। ଏହା ଦୀର୍ଘ ୧୧ ବର୍ଷ ହେଲା ନିର୍ମାଣ ସରିଥିବାବେଳେ ବ୍ୟବହାର ନ ହେବାରୁ କମ୍ପ୍ଲେକ୍ସ ନଷ୍ଟ ହେବାକୁ ବସିଲାଣି। ଏହି ନିଲାମ ପ୍ରକ୍ରିୟାକୁ ନେଇ ଏବେ ବିବାଦ ଦେଖାଦେଇଛି।

ସୂଚନା ଅନୁଯାୟୀ, ଛତିଆ ସରପଞ୍ଚ ରମେଶ ପୃଷ୍ଟି ଅଗଷ୍ଟ ୧୩ ତାରିଖରେ ଏକ ନୋଟିସ ମାଧ୍ୟମରେ ପଞ୍ଚାୟତବାସୀଙ୍କୁ ଜଣାଇଥିଲେଯେ, ଅଗଷ୍ଟ ୨୦ରେ ପଞ୍ଚାୟତ କାର୍ଯ୍ୟାଳୟରେ ମାର୍କେଟ କମ୍ପ୍ଲେକ୍ସ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ। ମାତ୍ର ଏହାର ଠିକ ଦିନକ ପୂର୍ବରୁ ଅର୍ଥାତ୍ ୧୯ ତାରିଖରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରି ଛତିଆ ସରପଞ୍ଚଙ୍କୁ ଚିଠି ଲେଖି ଜଣାଇଲେ ଯେ, ବଣ୍ଟନ ପ୍ରକ୍ରିୟା ବନ୍ଦ କରିବାକୁ। ଏହା ବ୍ଲକ କାର୍ଯ୍ୟାଳୟର ଦାୟିତ୍ୱ ହୋଇଥିବାରୁ ସରପଞ୍ଚ ବଣ୍ଟନ କରିପାରିବେ ନାହିଁ। ଏହାପରେ ବିଡିଓ ବ୍ଲକ କାର୍ଯ୍ୟାଳୟ ପରିସରରେ କମ୍ପ୍ଲେକ୍ସ ଗୃହ ଆବଣ୍ଟନ ନେଇ ଗତ ୫ତାରିଖରେ ନୋଟିସ ପ୍ରଦାନ କଲେ। ୧୭ ତାରିଖରେ ଏହା ବ୍ଲକ କାର୍ଯ୍ୟାଳୟ ପରିସରରେ ଆବଣ୍ଟନ କରାଯିବ ବୋଲି ପତ୍ର ସଂଖ୍ୟା ୪୩୮୭ରେ ଜଣାଇଥିଲେ। ମାତ୍ର ପୁନର୍ବାର ୧୬ତାରିଖ ପତ୍ର ସଂଖ୍ୟା ୪୫୯୧ରେ ନିଲାମ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଲେ, ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ସେହି ଚିଠିରେ ଆସନ୍ତା ୨୬ ତାରିଖରେ ବଣ୍ଟନ ପ୍ରକ୍ରିୟା କରାଯିବ ବୋଲି ସୂଚିତ ହୋଇଛି। ଏ ସମ୍ପର୍କରେ ସରପଞ୍ଚ ପୃଷ୍ଟି କହିଛନ୍ତି, ବାରମ୍ବାର ବ୍ଲକ ପ୍ରଶାସନ କମ୍ପ୍ଲେକ୍ସ ଗୃହ ବଣ୍ଟନ ପ୍ରକ୍ରିୟା ବନ୍ଦ କରିବା ଦ୍ୱାରା ପଞ୍ଚାୟତର ବିପୁଳ କ୍ଷତି ହେଉଛି। ଯଦି ବଣ୍ଟନ ପ୍ରକ୍ରିୟାରେ ବ୍ଲକ ପ୍ରଶାସନ ଅସହଯୋଗ କରେ ତେବେ ଆମେ ପଞ୍ଚାୟତ ତରଫରୁ ବଣ୍ଟନ କରିବୁ। ବିଡିଓ ଗିରିଙ୍କୁ ପଚାରିବାରୁ ଆସନ୍ତା ୨୬ ତାରିଖରେ ବ୍ଲକ ସମ୍ମିଳନୀ କକ୍ଷରେ ନିଲାମ ପ୍ରକ୍ରିୟା କରାଯିବ ବୋଲି ପ୍ରକାଶ କରିଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ନିଲାମ ପ୍ରକ୍ରିୟା ଶେଷ ହେଉଛି।


ମାର୍କେଟ୍ କମ୍ପ୍ଲେକ୍ସ।


## ନିର୍ବାଚନ ଅଧିକାରୀ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା

## ନିର୍ବାଚନ କାର୍ଯ୍ୟସୂଚୀର ବିଜ୍ଞାପନ

**ନୋଟିସ ସଂଖ୍ୟା–୧୦, ତା.୨୦.୦୯.୨୦୨୨**

ଓଡ଼ିଶା ସମବାୟ ସମିତି (କମିଟିର ନିର୍ବାଚନ) ନିୟମାବଳୀ, ୧୯୯୨ର ନିୟମ (୫) ଅନୁଯାୟୀ ଏବଂ ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ନଂ.୨୫୬୩ SCEC/Election-II-୪/୨୦୨୨ ତା.୧୨.୦୮.୨୦୨୨ ରିଖରେ ପ୍ରଦତ୍ତ କ୍ଷମତା ବଳରେ ଆମ୍ଭେ ଶ୍ରୀ ମନୋଜ କୁମାର ପାଢ଼ୀ, OAS (SAG), ଅତିରିକ୍ତ ଜିଲ୍ଲାପାଳ ଖୋର୍ଦ୍ଧା ତଥା ନିର୍ବାଚନ ଅଧିକାରୀ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା, ସମସ୍ତ ସଭ୍ୟ/ସଭ୍ୟାଙ୍କ ଅବଗତି ନିମନ୍ତେ ଅନୁସୂଚୀ (କ) ପ୍ରକାରେ ନିର୍ବାଚନ କାର୍ଯ୍ୟକ୍ରମ ପ୍ରକାଶ କରୁଅଛୁ । ଉକ୍ତ ବ୍ୟାଙ୍କର ପରିଚାଳନା ପରିଷଦ ଗଠନ ନିମନ୍ତେ ୧୫ଟି ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ସଭ୍ୟ/ସଭ୍ୟାଙ୍କ ନିର୍ବାଚନ ଅନୁସୂଚୀ (ଖ) ପ୍ରକାରେ ଅନୁଷ୍ଠିତ ହେବ ।

### ଅନୁସୂଚୀ–(କ)

| କ୍ର. ନଂ. | କାର୍ଯ୍ୟସୂଚୀ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ଭାବେ) | ୨୯.୦୯.୨୦୨୨ | ପୂର୍ବାହ୍ନ ୧୧ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା ଏବଂ ସମସ୍ତ ଶାଖା କାର୍ଯ୍ୟାଳୟର ନୋଟିସ ବୋର୍ଡ |
| ୨ | ପ୍ରାଥମିକ ଭୋଟର ତାଲିକା ଉପରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରମାଣ ସହ ଲିଖିତ ଅଭିଯୋଗ ଦାଖଲ | ୩୦.୦୯.୨୦୨୨ ଠାରୁ ୦୩.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୩ | ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅଭିଯୋଗର ଶୁଣାଣି ଓ ନିଷ୍ପତ୍ତି | ୦୬.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୪ | ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ | ୦୮.୧୦.୨୦୨୨ | ଅପରାହ୍ନ ଘ.୧୨.୩୦ ମିନିଟ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୫ | ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ଫିସ୍ ଓ ଅମାନତ ସହ ମନୋନୟନ ପତ୍ର ଦାଖଲ | ୧୧.୧୦.୨୦୨୨ | ପୂର୍ବାହ୍ନ ଘ.୧୦.୩୦ମି ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୬ | ମନୋନୟନ ପତ୍ରର ତାଲିକା ପ୍ରକାଶନ | ୧୧.୧୦.୨୦୨୨ | ଅପରାହ୍ନ ଘ.୫.୩୦ ମିନିଟ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୭ | ମନୋନୟନ ପତ୍ର ଯାଞ୍ଚ ଓ ଏହା ଉପରେ ଉପଯୁକ୍ତ ପ୍ରମାଣ ସହ ଲିଖିତ ଅଭିଯୋଗ ଗ୍ରହଣ | ୧୩.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୮ | ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀଙ୍କ ଶୁଣାଣି | ୧୪.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୯ | ଅଭିଯୋଗ ଖଣ୍ଡନ ଉପରେ ଶୁଣାଣି ଓ ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି | ୧୫.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୧୦ | ସଠିକ ପ୍ରାର୍ଥୀ ତାଲିକା ପ୍ରକାଶନ (ଚିହ୍ନ ସହିତ) | ୧୬.୧୦.୨୦୨୨ | ଅପରାହ୍ନ ୩ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୧୧ | ମନୋନୟନ ପତ୍ର ପ୍ରତ୍ୟାହାର | ୧୭.୧୦.୨୦୨୨ | ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୧୨ | ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସଂକେତ ସହ ପ୍ରକାଶନ | ୧୮.୧୦.୨୦୨୨ | ଅପରାହ୍ନ ୩ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୧୩ | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୩୦.୧୦.୨୦୨୨ | ପୂର୍ବାହ୍ନ ୭ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବି.ଜେ.ବି.ଉଚ୍ଚ ବିଦ୍ୟାଳୟ, ଖୋରଧା |
| ୧୪ | ଭୋଟ ଗଣତି ଓ ଫଳାଫଳ ଘୋଷଣା | ୩୦.୧୦.୨୦୨୨ | ଭୋଟ ଗ୍ରହଣର ସମାପ୍ତି ପରେ | ବି.ଜେ.ବି.ଉଚ୍ଚ ବିଦ୍ୟାଳୟ, ଖୋରଧା |

### ଅନୁସୂଚୀ–(ଖ)

ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ପ୍ରାର୍ଥୀ ପରିଚାଳନା ପରିଷଦକୁ ନିର୍ବାଚିତ ହେବେ ।

| ନିର୍ବାଚନ ମଣ୍ଡଳୀର ସଂଖ୍ୟା | କେଉଁ ବର୍ଗ ପାଇଁ ଉଦ୍ଦିଷ୍ଟ |
|---|---|
| ୧ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୨ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୩ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୪ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୫ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୬ | ଅନୁସୂଚିତ ଜାତି (Scheduled Caste) |
| ୭ | ମହିଳା (Women) |
| ୮ | ଅଣ ସଂରକ୍ଷିତ (Un Reserved) |
| ୯ | ଅଣ ସଂରକ୍ଷିତ (Un Reserved) |
| ୧୦ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ ମହିଳା (OBC/SEBC)(Women) |
| ୧୧ | ଅଣ ସଂରକ୍ଷିତ (Un Reserved) |
| ୧୨ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୩ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ ମହିଳା (OBC/SEBC)(Women) |
| ୧୪ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୫ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |

ବି.ଦ୍ର.(୧) ଚୂଡ଼ାନ୍ତ ଭୋଟର ତାଲିକାର କପି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାଧିକୃତ ଅଧିକାରୀଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟରେ ସଭ୍ୟ/ସଭ୍ୟାମାନେ କିଣିପାରିବେ ।

(୨) ଇଚ୍ଛୁକ ପ୍ରାର୍ଥୀମାନେ ଦରଖାସ୍ତ ସହ ଟ.୧୦/– ବ୍ୟାଙ୍କର ମୁଖ୍ୟ ଶାଖାରେ ଦାଖଲ କରି ବ୍ୟାଙ୍କର Establishment ବିଭାଗରୁ ମନୋନୟନ ପତ୍ର କ୍ରୟ କରିପାରିବେ ।

(୩) ସଂରକ୍ଷିତ ଆସନ (Reserved Seats) ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ନିର୍ବାଚନ ଫିସ୍ ବାବଦକୁ ଟ.୧୨୦/– ଓ ଅମାନତ ବାବଦକୁ ଟ.୨୪୦/– ଓ ଅନ୍ୟାନ୍ୟ ଆସନ (Others Seats) ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ ନିର୍ବାଚନ ଫିସ୍ ବାବଦକୁ ଟ. ୬୦୦/– ଓ ଅମାନତ ବାବଦକୁ ଟ.୧୨୦୦/– ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରି ଉକ୍ତ ରସିଦକୁ ମନୋନୟନ ପତ୍ର ସହ ଦାଖଲ କରିବେ (ମନୋନୟନ ପତ୍ର କ୍ରୟ ରସିଦ ଏଥିସହିତ ସଂଲଗ୍ନ କରାଯିବ) ।

(୪) ଭୋଟରମାନେ ଭୋଟଦାନ ସମୟରେ ଫଟୋ ଥିବା ପରିଚୟ ପତ୍ର ଯଥା : କିଷାନ କ୍ରେଡିଟ୍ କାର୍ଡ, ଫଟୋ ପରିଚୟ ପତ୍ର, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପେନସନ ବହି କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପ୍ରଦତ୍ତ ଯେକୌଣସି ଫଟୋ ଥିବା ପରିଚୟ ପତ୍ର ଇତ୍ୟାଦି ଆଣିବେ ।

(୫) କୌଣସି ବ୍ୟକ୍ତି ଏକାଧିକ ସମିତିର ପ୍ରତିନିଧିତ୍ୱ କରୁଥିଲେ, କେବଳ ଗୋଟିଏ ସମିତି ପାଇଁ ନିର୍ବାଚନରେ ପ୍ରତିନିଧିତ୍ୱ କରିପାରିବେ, ତେଣୁ ସେ ଉକ୍ତ ସମିତିର ନାମ ଘୋଷଣା ପତ୍ର ମାଧ୍ୟମରେ ପ୍ରାଥମିକ ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ସମୟରେ ଜଣାଇବେ, ନଚେତ ନିର୍ବାଚନ ଅଧିକାରୀ ଆଇନ ଅନୁସାରେ ନିଷ୍ପତ୍ତି ଗ୍ରହଣ କରିବେ ।

ସ୍ୱା/–ଶ୍ରୀ ମନୋଜ କୁମାର ପାଢ଼ୀ, OAS (SAG),
ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ତଥା ନିର୍ବାଚନ ଅଧିକାରୀ,
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା

## ସଂକ୍ଷେପରେ

### ନୂତନ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱ ଗ୍ରହଣ

ବୁଗୁଡା,୨୧।୯(ଡି.ଏନ.ଏ.)-ବୁଗୁଡା ବ୍ଲକ ଅନ୍ତର୍ଗତ ତାକରଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷକ ଭାବରେ ବୁଧବାର ବିଷ୍ଣୁ ଚରଣ ମହାରଣା ଦାୟିତ୍ୱ ଗ୍ରହଣ କରିଛନ୍ତି। ଉକ୍ତ ସ୍କୁଲରେ ଦୀର୍ଘ ଦଶ ବର୍ଷ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିଲା। ତେଣୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବରେ ଦେବହରି ଚୌଧୁରୀ କାର୍ଯ୍ୟ କରି ଆସୁଥିଲେ। ଦଶ ବର୍ଷ ପରେ ଉକ୍ତ ସ୍କୁଲରେ ନୂତନ ପ୍ରଧାନ ଶିକ୍ଷକ ଭାବରେ ବିଷ୍ଣୁ ଚରଣ ମହାରଣା ନିଯୁକ୍ତି ପାଇଥିବା ଯୋଗୁ ଅଭିଭାବକ, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଦେବହରି ଚୌଧୁରୀ ନୂତନ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ଜଣାପଡିଛି।

### ଭୀଷ୍ମଗିରିରେ ଫାଣ୍ଡି ପ୍ରତିଷ୍ଠା ଦାବି

ଦିଗପହଣ୍ଡି,୨୧।୯(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଭୀଷ୍ମଗିରି ଉନ୍ନୟନ ପରିଷଦ ପକ୍ଷରୁ ଦାବି କରାଯାଇଛି। ଭୀଷ୍ମଗିରି ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଅପରାଧିକ ମାମଲା ଦିନକୁ ଦିନ ବଢି ଚାଲିଛି। ଭୀଷ୍ମଗିରି ଗ୍ରାମ କଲେଜ ଛକ ନିକଟ ଗଡ ସାହିରେ ୧୦ ତାରିଖରେ ଗ୍ରାମର ଆଦି ପାତ୍ର ବୃଦ୍ଧାଙ୍କୁ ଶୋଇଥିବା ଅବସ୍ଥାରେ ତାଙ୍କର ମୁଣ୍ଡକୁ ଦୁର୍ବୃତ୍ତ ମାନେ ଛେଚି ମାରିଦେବା ସହ ସେ ବେକରେ ପିନ୍ଧିଥିବା ସୁନା ଅଳଙ୍କାର କାଟି ନେଇଯାଇଥିଲେ। ଆଜି ଯାଏ ହତ୍ୟାକାରୀଙ୍କ ସମ୍ପର୍କରେ ପୋଲିସ ଟେର ପାଇନାହିଁ। ସ୍ଥାନୀୟ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ସହ ଲୋକଙ୍କ ମନରୁ ଭୟ ଦୂର କରିବା ସକାଶେ ଏଠାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଗତ ଗୁରୁବାର ଭୀଷ୍ମଗିରି ଉନ୍ନୟନ ପରିଷଦ ପକ୍ଷରୁ ବ୍ରହ୍ମପୁର ଏସପି ଶ୍ରବଣ ବିବେକ ଏମ୍‌ଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଶ୍ରୁତି ଅନୁସାରେ ଏସ୍‌ପି ମଙ୍ଗଳବାର ଭୀଷ୍ମଗିରି ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଭୀଷ୍ମଗିରି ଠାରେ ତୁରନ୍ତ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଭୀଷ୍ମଗିରି ଉନ୍ନୟନ ପରିଷଦର ସଭାପତି ପ୍ରଶାନ୍ତ କୁମାର ପାଠୀ, ଉପସଭାପତି ପ୍ରକାଶ ଚନ୍ଦ୍ର ଗୌଡ, ସମ୍ପାଦକ ବୃନ୍ଦାବନ ପଣ୍ଡା, ପୂର୍ବତନ ସରପଞ୍ଚ ପିତାମ୍ବର ଗୌଡ, ତ୍ରିନାଥ ବେହେରା, ସିମାଞ୍ଚଳ ଗୌଡ ପ୍ରମୁଖ ଦାବି କରିଛନ୍ତି।

### ଦିବ୍ୟାଙ୍ଗ ପିଲା, ଅଭିଭାବକ ଚିକିତ୍ସା ଶିବିର

ଆର.ଉଦୟଗିରି,୨୧।୯(ଡି.ଏନ.ଏ.)- ମୋହନା ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ମାନସିକ ଅନଗ୍ରସର, ମସ୍ତିଷ୍କ ପକ୍ଷାଘାତ ଏବଂ ଏକରୁ ଅଧିକ ବାଧିତଥିବା ଦିବ୍ୟାଙ୍ଗ ପିଲା ଏବଂ ଅଭିଭାବକମାନଙ୍କୁ ନେଇ ଏକ ଚାରିଦିନିଆ ଭୌତିକ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କେ. କୁନା ଦଉ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଆର୍‌ପି ସରୋଜିନୀ ରଇତ, ଫିଜିଓଥେରାପିଷ୍ଟ ପାରଳାଖେମୁଣ୍ଡି ଏବଂ ଆର୍‌ପି ବିରଞ୍ଚି ନାରାୟଣ ଦାସ, ଗୋଷ୍ଠୀ ସମ୍ବଳ ଶିକ୍ଷକ ଆର.ଉଦୟଗିରି ଉପସ୍ଥିତ ଥିବା ସମସ୍ତ ଶିବିରାର୍ଥୀଙ୍କୁ କିପରି ଭୌତିକ ତାଲିମ ମାଧ୍ୟମରେ ସମସ୍ୟାର ସମାଧାନ କରାଯାଇପାରିବ ସେ ବିଷୟରେ ବୁଝାଇଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ,୨୧।୯(ଡି.ଏନ.ଏ.): ହିଞ୍ଜିଳିକାଟୁ ମୋହନ କଲୋନୀରେ ଜଣେ ଯୁବ ଯୁବକ ମଙ୍ଗଳବାର ରାତିରେ ଘର ଭିତରେ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଅଞ୍ଚଳର ପି ବାବୁ ରାଓ (୩୩) । ସେ ଏକ ମୋଟର ଗ୍ୟାରେଜ କରିଥିଲେ। ପାରିବାରିକ କାରଣରୁ ବାବୁ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ବାପା**

- ଯୌତୁକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ
- ମୃତା ସୁମିତ୍ରା ଗର୍ଭବତୀ ସୂଚନା
- ସ୍ୱାମୀ, ଦିଅର ଅଟକ

ଭୁବନେଶ୍ୱର ୨୧।୯(ବ୍ୟୁରୋ)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୫ସ୍ଥିତ ସରକାରୀ ବାସଭବନରେ ରହୁଥିବା ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳର ସୁମିତ୍ରା କାଟିଆ(୨୩)। ବୁଧବାର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୁମିତ୍ରା ଓଢ଼ଣୀ ଦ୍ୱାରା ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ସ୍ୱାମୀ ଗଣେଷ କାଟିଆ ପୋଲିସକୁ କହିଛନ୍ତି। ଅନ୍ୟପକ୍ଷରେ ଝିଅର ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ବୁଧବାର ସୁମିତ୍ରାଙ୍କ ବାପା ହରିହର ବେହେରା ଥାନାରେ ଯୌତୁକ ନିର୍ଯାତନା ସହ ହତ୍ୟା ଅଭିଯୋଗ ଆଣିଛନ୍ତି। ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, ସୁମିତ୍ରାଙ୍କ ଶ୍ୱଶୁରଘର ଲୋକ ଯୌତୁକ ମାଗୁଥିଲେ। ଏଥିପାଇଁ ପରିବାରର ସମସ୍ତେ ତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିଲେ। ଏଥିରେ ଦିଅର ଅଜିତଙ୍କ ଭୂମିକା ଅଧିକ ରହିଥିଲା। ସମସ୍ତେ ସୁମିତ୍ରାଙ୍କୁ ହତ୍ୟା କରି ଟାଙ୍ଗି ଦେଇଥିବା ସେ ଅଭିଯୋଗ କରିଛନ୍ତି।



ତେଣୁ ପୋଲିସ ଯୌତୁକ ବିରୋଧୀ ଆକ୍ଟ ସହ ଦଫା ୪୯୮ (ଏ), ୩୦୪ (ବି), ୩୦୨, ୩୪ ଆଇପିସିରେ ଏକ ମାମଲା (ନଂ.୫୨୮/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ସ୍ୱାମୀ ଗଣେଷ ଓ ଦିଅର ଅଜିତଙ୍କୁ ଅଟକ ରଖି ମାମଲା ସଂକ୍ରାନ୍ତରେ ପଚରାଉଚରା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରାଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଖଣ୍ଡପଡ଼ା ଅଞ୍ଚଳର ଗଣେଶଙ୍କ ସହ ସୁମିତ୍ରାଙ୍କ ୨ବର୍ଷ ତଳେ ବିବାହ ହୋଇଥିଲା। ଗଣେଶଙ୍କ ବାପା ଜଣେ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ହୋଇଥିବାରୁ ସେମାନେ ସରକାରୀ ବାସଭବନରେ ରହୁଥିଲେ। କିଛିଦିନ ହେଲା ଶାଶୁ ଓ ଶ୍ୱଶୁର ଗାଁକୁ ଚାଲିଯାଇଥିଲେ। ମଙ୍ଗଳବାର ଦିଅର ଓ ସ୍ୱାମୀ ନ ଥିଲେ। ସନ୍ଧ୍ୟାରେ ସ୍ୱାମୀ ଗଣେଶ ଘରକୁ ଫେରି ସୁମିତ୍ରା ଫ୍ୟାନ୍‌ରେ ଝୁଲୁଥିବା ଦେଖିଥିଲେ। ତୁରନ୍ତ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଶାଶୁଘର ଲୋକେ କହିଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନମେଳା

ଖଣ୍ଡପଡା,୨୧।୯(ସ୍ୱ.ପ୍ର)

ଖଣ୍ଡପଡା ଓଡିଶା ଆଦର୍ଶ ବିଦ୍ୟାଳୟରେ ଏକ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ବର୍ଷାଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁର ସଦୁପଯୋଗ ଓ ପରିବେଶ ପ୍ରଦୂଷଣ ସମ୍ପର୍କୀତ ସମୁଦାୟ ୨୩ଟି ପ୍ରକଳ୍ପ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମନୋଜ କୁମାର ବିଶ୍ୱାଳ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ଆଶିଷ କୁମାର ବିଶୋଇଙ୍କ ତତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶୀତ ପ୍ରକଳ୍ପ ମଧ୍ୟରୁ ବରିଷ୍ଠ ଓ କନିଷ୍ଠ ବିଭାଗରୁ ୩ଜଣ ଲେଖାଁଏ ଛାତ୍ରୀ ଛାତ୍ରଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା । ବିଜ୍ଞାନ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଓ ଶିକ୍ଷୟିତ୍ରୀ ମଧୁସ୍ମିତା ବସ୍ତିଆଙ୍କ ଦ୍ୱାରା ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ମନୋନୀତ ହୋଇଥିଲା । ବରିଷ୍ଠ ବିଭାଗର ଜ୍ୟୋତିର୍ମୟୀ ବିଶୋୟୀ, ସସ୍ମିତା ବେହେରା, ପପୁନ ଦାସଙ୍କ ପ୍ରକଳ୍ପ ପ୍ରଥମ ହୋଇଥିବା ବେଳେ ଛାତ୍ର ରାଧା ମୋହନ ପ୍ରଧାନ ଓ ସରୋଜ କୁମାର ମହାଲିକ ଦ୍ୱାରା ପ୍ରଦର୍ଶୀତ ପ୍ରକଳ୍ପ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲା । ସେହିପରି କନିଷ୍ଠ ବିଭାଗର ଛାତ୍ର



ଅଂଶୁମାନ ଷଡ଼ଙ୍ଗୀଙ୍କ ପ୍ରକଳ୍ପ ପ୍ରଥମ, ଛାତ୍ରୀ ସୁଚିସ୍ମିତା ମହାପାତ୍ରଙ୍କ ପ୍ରକଳ୍ପ ୨ୟ ଓ ଛାତ୍ର ଦେବୀଦୁତ ମହାନ୍ତିଙ୍କ ପ୍ରକଳ୍ପ ୩ୟ ସ୍ଥାନ ଅଧିକାର କରିଥିଲା । ଆୟୋଜିତ ବିଜ୍ଞାନ ମେଳାକୁ କ୍ରୀଡା ଶିକ୍ଷକ ନିହାର ରଞ୍ଜନ ଦାଶଙ୍କ ସମେତ ଅନ୍ୟ ଶିକ୍ଷକମାନେ ପରିଚାଳନା କରିଥିଲେ ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ




ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଭାପୁର,୨୧।୯(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ନୟାଗଡ଼ ଜିଲା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ରଥ ସମେତ ସମସ୍ତ ପଞ୍ଚାୟତର ନବ ନିର୍ବାଚିତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । ଅଚାନକ ବନ୍ୟା ,ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓ ଜରୁରୀକାଳୀନ ପରିସ୍ଥିତିରେ କିଭଳି ପୂର୍ବରୁ ସଜାଗ ରହି ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କରିହେବ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ଅସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ମରାମତି ସହ ପରିଷ୍କାର ରଖିବା,ରାସ୍ତା ଘାଟ ଓ ଅସୁରକ୍ଷିତ ନଦୀବନ୍ଧ ମରାମତି ଉପରେ ଆଲୋଚନା ହୋଇଥିଲା ।

# ନିର୍ବାଚନରେ ଅନିୟମିତତା ନେଇ କୋର୍ଟରେ ପରାଜିତ ପ୍ରାର୍ଥୀ ଗୟାଧର

ଭାପୁର,୨୧।୯(ଡି.ଏନ.ଏ.)

**ହାସ୍ୟାସ୍ପଦ ଘଟଣା କହିଲେ ବ୍ଲକ ଉପାଧ୍ୟକ୍ଷ ବେଣୁଧର**

ନୟାଗଡ଼ ଜିଲା ଭାପୁର ବ୍ଲକରେ ଗତ ପଞ୍ଚାୟତ ନିର୍ବାଚନରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଥିଲା । କ୍ଷମତା ହରାଇବା ପରେ ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ଖଣ୍ଡପଡ଼ା ସିନିୟର ଜଜଙ୍କ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ପରାଜିତ ପ୍ରାର୍ଥୀ ଗୟାଧର ପରିଡା । ପରିଡା ତାଙ୍କ ପ୍ରତିପକ୍ଷ ତଥା ବର୍ତ୍ତମାନ ବ୍ଲକ ଉପାଧ୍ୟକ୍ଷ ଥିବା ବେଣୁଧର ପ୍ରଧାନଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା ଅଭିଯୋଗ ଆଣିଛନ୍ତି । ନିର୍ବାଚନ ସମୟରେ ବ୍ଲକ ଉପାଧ୍ୟକ୍ଷ ପ୍ରଧାନ ମିଥ୍ୟା ଏବଂ ଚଞ୍ଚକତା ପୂର୍ବକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରଭାବିତ କରି ତାଙ୍କୁ ହରାଇଥିବା ନେଇ ପରିଡା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଏବଂ ଏହାର ଶୁଣାଣି କରିବା ନିମନ୍ତେ ପ୍ରାର୍ଥନା କରିଛନ୍ତି । ତେବେ ନିର୍ବାଚନର ୭ମାସ ବିତିବା ପରେ ହଠାତ କୋର୍ଟର ଦ୍ୱାରସ୍ଥ ହେବା ରାଜନୈତିକ ମହଲରେ ଉଷ୍ମତା ସୃଷ୍ଟି କରିଛି । ପରିଡ଼ା ବିଳମ୍ବ ନେଇ ତାଙ୍କ ପିଟିସନରେ କୋଭିଡରେ ଆକ୍ରାନ୍ତ ହୋଇଥିବା ଏବଂ ଶାରୀରିକ ଅସୁସ୍ଥତାକୁ କାରଣ ଭାବେ ଦର୍ଶାଇଛନ୍ତି । ଅନ୍ୟପକ୍ଷେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କୁ ପଚାରିବାରେ ଏହା ଅତ୍ୟନ୍ତ ହାସ୍ୟସ୍ପଦ ଘଟଣା । ପରାଜୟ ପରେ ଏହା ଔଷଧ ବିକଳରେ ତାଟିଆ କାମୁଡିବା ଭଳି ଘଟଣା ବୋଲି ସେ କହିଛନ୍ତି ।

# ଶାରଦୀୟ ପର୍ବ ଆରମ୍ଭ

**ଖଣ୍ଡପଡ଼ା,୨୧।୯(ସ୍ୱ.ପ୍ର):** ପାର୍ବଣ ଋତୁ ଅବସରରେ ଖଣ୍ଡପଡା ଅଞ୍ଚଳର ପ୍ରାଚୀନ ଶକ୍ତି ପୀଠଗୁଡିକ ଚଳଚଞ୍ଚଳ ହୋଇ ଉଠିଛି । ଖଣ୍ଡପଡ଼ା ସହରର ପ୍ରମୁଖ ଶକ୍ତିପୀଠ ରୁପେ ପରିଚିତ ମା' ବାଉରୀ ଠାକୁରାଣୀ, ମା'ପାଟଚଣ୍ଡୀ, ମା'ଉମାଦେବୀ, ବେଢାକାଳୀଙ୍କ ସମେତ ପଥରଚକଡାସ୍ଥିତ ମା'ନାରାୟଣୀ ପୀଠରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ଶାରଦୀୟ ପର୍ବ ଆରମ୍ଭ ହୋଇଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଶକ୍ତି ପୀଠରେ ହୋମ ଯଜ୍ଞ, ଗୁପ୍ତ ପୂଜା ନୀତି ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେଉଛି । ସେହିପରି ବାହାଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ବାହାଡାଶୁଣୀଙ୍କ ପୀଠରେ ଷୋଡଶ ଉପଚାରରେ ଶାରଦୀୟ ପର୍ବ ଆରମ୍ଭ ହୋଇଥିବା ଜଣାପଡିଛି ।



# ଯଜ୍ଞକୁଣ୍ଡରୁ ଜଳ ନିଷ୍କାସନ ନେଇ ଚିନ୍ତା

ଖଣ୍ଡପଡ଼ା,୨୧।୯(ସ୍ୱ.ପ୍ର.)

କଣ୍ଟିଲୋ ନିକଟବର୍ତ୍ତୀ ପଥର ଚକଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ନାରାୟଣୀଙ୍କ ମନ୍ଦିର ସାମନାରେ ଥିବା ଏକ ଐତିହ୍ୟ ସମ୍ପନ୍ନ ଯଜ୍ଞକୁଣ୍ଡର ନବୀକରଣ ଏଠାରେ ଥିବା ଶିବ ମନ୍ଦିର ପରିବେଶକୁ ନଷ୍ଟ କରୁଥିବା ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଖଣ୍ଡପଡ଼ା ଓ ଭାପୁର ବ୍ଲକ ସୀମାନ୍ତରେ ରହିଛି ପଥରଚକଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ନାରାୟଣୀଙ୍କ ପୀଠ । ମା'ଙ୍କ ମନ୍ଦିର ସାମନାରେ ଥିବା ଯଜ୍ଞକୁଣ୍ଡକୁ ମଳିଛି କୁଣ୍ଡ ବୋଲି କୁହାଯାଏ। ଏହା କାଳକ୍ରମେ ଏକ ପୁଷ୍କରିଣୀ ଭାବେ ବ୍ୟବହାର କରାଯାଉଛି। ଏହି ଜଳାଶ୍ରୟଟି ପୂର୍ବରୁ ଏପରି ନ ଥିଲା। ଏହାଥିଲା ଗୋସିଂହ ଦୈତ୍ୟର ଏକ ଯଜ୍ଞକୁଣ୍ଡ । ପୁଷ୍କରିଣୀର ମାହାତ୍ମ୍ୟ ଜାଣିବା ପାଇଁ ଏବଂ ଯଜ୍ଞ କୁଣ୍ଡର ପ୍ରାମାଣିକ ତଥ୍ୟ ପାଇବା ପାଇଁ ସ୍ଥାନୀୟ ଗ୍ରାମବାସୀ ୧୯୮୫-୮୬ରେ ମୋଟର ପମ୍ପ ଦ୍ୱାରା ଜଳ ନିଷ୍କାସନ କରିଥିଲେ । ଜଳାଶ୍ରୟଟି ଅତ୍ୟଧିକ କର୍ଦ୍ଦମାକ୍ତ ହେତୁ ଏହାକୁ ସଫା କରିବା ପରେ ସେଠାରେ ଏକ ୧୫ ଫୁଟ ଗଭୀର ଓ ୧୨ ଫୁଟ ଚଉଡା ବିଶିଷ୍ଟ ଯଜ୍ଞ କୁଣ୍ଡ ଥିବାର ଦେଖିବାକୁ ମିଳିଥିଲା । ବର୍ଷା ଜଳ ଉକ୍ତ ଜଳାଶ୍ରୟରେ ନିର୍ଦ୍ଦିଷ୍ଟ ପଉନଠାରୁ ଅଧିକ ହେଲେ ପୂର୍ବ, ଉତ୍ତର କୋଣରେ ଥିବା ଧାନ ଜମିକୁ ବହି ଯାଏ। ଅପରପକ୍ଷେ ଜଳାଶ୍ରୟକୁ ଲାଗି ଉତ୍ତର ଦିଗକୁ ରହିଛି ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର। ଏହି ମନ୍ଦିରର ଶିବଲିଙ୍ଗ କୁଣ୍ଡଟି ଯଜ୍ଞ କୁଣ୍ଡ ବା ପୁଷ୍କରିଣୀର ଜଳ ପଉନଠାରୁ ଉଚ୍ଚରେ ରହିଛି । ଶ୍ରଦ୍ଧାଳୁ ଓ ପୂଜକ ଶିବ ଲିଙ୍ଗରେ ଜଳ ଲାଗି କଲେ ସେହି ଜଳ ମନ୍ଦିର ଛିଦ୍ର ଦେଇ ଯଜ୍ଞକୁଣ୍ଡ ବା ପୁଷ୍କରିଣୀକୁ ବହି ଯାଇଥାଏ । ବର୍ଷା ଦିନେ ପୁଷ୍କରିଣୀର ଅନାବଶ୍ୟକ ଜଳ ନିଷ୍କାସନ ହୋଇପାରେ ନାହିଁ । ଫଳରେ ପୁଷ୍କରିଣୀର ଜଳ ପଉନ ବୃଦ୍ଧି ଘଟିଥାଏ । ଜଳ ପଉନର ବୃଦ୍ଧି ଫଳରେ ଭୂମି ପଉନଠାରୁ ୫ଫୁଟ ନିମ୍ନରେ ଥିବା ଶିବ ମନ୍ଦିରର କୁଣ୍ଡରେ ପୁଷ୍କରିଣୀ ପାଣି ଜମି ରହେ। ଏଥିପାଇଁ ବିଭିନ୍ନ ସମୟରେ ମୋଟର ପମ୍ପ ସାହାଯ୍ୟରେ କୁଣ୍ଡରୁ ଜମି ରହୁଥିବା ପାଣିକୁ ନିଷ୍କାସନ କରାଯାଉଥିବା ମନ୍ଦିର ପୂଜକ ମୁନା ଦିକ୍ଷିତ କହିଛନ୍ତି। ଉକ୍ତ ଯଜ୍ଞକୁଣ୍ଡର ନବୀକରଣ କାମ ସମୟରେ ଏହି ସମସ୍ୟା ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ଅବଗତ କରାଯାଇଥିଲା। ହେଲେ ସେ ସେଥିପ୍ରତି ଗୁରୁତ୍ୱ ଦେଇ ନ ଥିବାରୁ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିଛି । ଏ ସମ୍ପର୍କରେ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ପାର୍ଥ ସାରଥୀ ହାଁସଦାଙ୍କ ସହ ଯୋଗାଯୋଗ କରିବାରେ ସେ କୁହନ୍ତି, ନାରାୟଣୀ ମନ୍ଦିର ଦର୍ଶନକୁ ଯିବି। ସେଠାରେ ଉପରୋକ୍ତ ସମସ୍ୟା ଅନୁଧ୍ୟାନ ପରେ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ।


## ନିର୍ବାଚନ ଅଧିକାରୀ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା

## ନିର୍ବାଚନ କାର୍ଯ୍ୟସୂଚୀର ବିଜ୍ଞାପନ

**ନୋଟିସ ସଂଖ୍ୟା-୧୦,** **ତା.୨୦.୦୯.୨୦୨୨**

ଓଡ଼ିଶା ସମବାୟ ସମିତି (କମିଟିର ନିର୍ବାଚନ) ନିୟମାବଳୀ, ୧୯୯୨ର ନିୟମ (୫) ଅନୁଯାୟୀ ଏବଂ ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ନଂ.୨୫୭୩ SCEC/Election-II-୪/୨୦୨୨ ତା.୧୨.୦୮.୨୦୨୨ ରିଖରେ ପ୍ରଦତ୍ତ କ୍ଷମତା ବଳରେ ଆମ୍ଭେ ଶ୍ରୀ ମନୋଜ କୁମାର ପାଢ଼ୀ, OAS (SAG), ଅତିରିକ୍ତ ଜିଲ୍ଲାପାଳ ଖୋର୍ଦ୍ଧା ତଥା ନିର୍ବାଚନ ଅଧିକାରୀ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା, ସମସ୍ତ ସଭ୍ୟ/ସଭ୍ୟାଙ୍କ ଅବଗତି ନିମନ୍ତେ ଅନୁସୂଚୀ (କ) ପ୍ରକାରେ ନିର୍ବାଚନ କାର୍ଯ୍ୟକ୍ରମ ପ୍ରକାଶ କରୁଅଛୁ । ଉକ୍ତ ବ୍ୟାଙ୍କର ପରିଚାଳନା ପରିଷଦ ଗଠନ ନିମନ୍ତେ ୧୫ଟି ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ସଭ୍ୟ/ସଭ୍ୟାଙ୍କ ନିର୍ବାଚନ ଅନୁସୂଚୀ (ଖ) ପ୍ରକାରେ ଅନୁଷ୍ଠିତ ହେବ ।

**ଅନୁସୂଚୀ-(କ)**

| କ୍ର. ନଂ. | କାର୍ଯ୍ୟସୂଚୀ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ଭାବେ) | ୨୯.୦୯.୨୦୨୨ | ପୂର୍ବାହ୍ନ ୧୧ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା ଏବଂ ସମସ୍ତ ଶାଖା କାର୍ଯ୍ୟାଳୟର ନୋଟିସ ବୋର୍ଡ |
| ୨ | ପ୍ରାଥମିକ ଭୋଟର ତାଲିକା ଉପରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରମାଣ ସହ ଲିଖିତ ଅଭିଯୋଗ ଦାଖଲ | ୩୦.୦୯.୨୦୨୨ ଠାରୁ ୦୩.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୩ | ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅଭିଯୋଗର ଶୁଣାଣି ଓ ନିଷ୍ପତ୍ତି | ୦୬.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୪ | ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ | ୦୮.୧୦.୨୦୨୨ | ଅପରାହ୍ନ ଘ.୧୨.୩୦ ମିନିଟ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୫ | ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ଫିସ୍ ଓ ଅମାନତ ସହ ମନୋନୟନ ପତ୍ର ଦାଖଲ | ୧୧.୧୦.୨୦୨୨ | ପୂର୍ବାହ୍ନ ଘ.୧୦.୩୦ମି ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୬ | ମନୋନୟନ ପତ୍ରର ତାଲିକା ପ୍ରକାଶନ | ୧୧.୧୦.୨୦୨୨ | ଅପରାହ୍ନ ଘ.୫.୩୦ ମିନିଟ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୭ | ମନୋନୟନ ପତ୍ର ଯାଞ୍ଚ ଓ ଏହା ଉପରେ ଉପଯୁକ୍ତ ପ୍ରମାଣ ସହ ଲିଖିତ ଅଭିଯୋଗ ଗ୍ରହଣ | ୧୩.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୮ | ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀଙ୍କ ଶୁଣାଣି | ୧୪.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୯ | ଅଭିଯୋଗ ଖଣ୍ଡନ ଉପରେ ଶୁଣାଣି ଓ ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି | ୧୫.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୧୦ | ସଠିକ ପ୍ରାର୍ଥୀ ତାଲିକା ପ୍ରକାଶନ (ଚିହ୍ନ ସହିତ) | ୧୬.୧୦.୨୦୨୨ | ଅପରାହ୍ନ ୩ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୧୧ | ମନୋନୟନ ପତ୍ର ପ୍ରତ୍ୟାହାର | ୧୭.୧୦.୨୦୨୨ | ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୧୨ | ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସଂକେତ ସହ ପ୍ରକାଶନ | ୧୮.୧୦.୨୦୨୨ | ଅପରାହ୍ନ ୩ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୧୩ | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୩୦.୧୦.୨୦୨୨ | ପୂର୍ବାହ୍ନ ୭ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବି.ଜେ.ବି.ଉଚ୍ଚ ବିଦ୍ୟାଳୟ, ଖୋରଧା |
| ୧୪ | ଭୋଟ ଗଣତି ଓ ଫଳାଫଳ ଘୋଷଣା | ୩୦.୧୦.୨୦୨୨ | ଭୋଟ ଗ୍ରହଣର ସମାପ୍ତି ପରେ | ବି.ଜେ.ବି.ଉଚ୍ଚ ବିଦ୍ୟାଳୟ, ଖୋରଧା |

**ଅନୁସୂଚୀ-(ଖ)**

**ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ପ୍ରାର୍ଥୀ ପରିଚାଳନା ପରିଷଦକୁ ନିର୍ବାଚିତ ହେବେ ।**

| ନିର୍ବାଚନ ମଣ୍ଡଳୀର ସଂଖ୍ୟା | କେଉଁ ବର୍ଗ ପାଇଁ ଉଦ୍ଦିଷ୍ଟ |
|---|---|
| ୧ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୨ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୩ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୪ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୫ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୬ | ଅନୁସୂଚିତ ଜାତି (Scheduled Caste) |
| ୭ | ମହିଳା (Women) |
| ୮ | ଅଣ ସଂରକ୍ଷିତ (Un Reserved) |
| ୯ | ଅଣ ସଂରକ୍ଷିତ (Un Reserved) |
| ୧୦ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ ମହିଳା (OBC/SEBC)(Women) |
| ୧୧ | ଅଣ ସଂରକ୍ଷିତ (Un Reserved) |
| ୧୨ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୩ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ ମହିଳା (OBC/SEBC)(Women) |
| ୧୪ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୫ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |

ବି.ଦ୍ର.(୧) ଚୂଡ଼ାନ୍ତ ଭୋଟର ତାଲିକାର କପି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାଧିକୃତ ଅଧିକାରୀଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟରେ ସଭ୍ୟ/ସଭ୍ୟାମାନେ କିଣିପାରିବେ ।

(୨) ଇଚ୍ଛୁକ ପ୍ରାର୍ଥୀମାନେ ଦରଖାସ୍ତ ସହ ଟ.୧୦/- ବ୍ୟାଙ୍କର ମୁଖ୍ୟ ଶାଖାରେ ଦାଖଲ କରି ବ୍ୟାଙ୍କର Establishment ବିଭାଗରୁ ମନୋନୟନ ପତ୍ର କ୍ରୟ କରିପାରିବେ ।

(୩) ସଂରକ୍ଷିତ ଆସନ (Reserved Seats) ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ନିର୍ବାଚନ ଫିସ୍ ବାବଦକୁ ଟ.୧୨୦/- ଓ ଅମାନତ ବାବଦକୁ ଟ.୨୪୦/- ଓ ଅନ୍ୟାନ୍ୟ ଆସନ (Others Seats) ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ ନିର୍ବାଚନ ଫିସ୍ ବାବଦକୁ ଟ. ୬୦୦/- ଓ ଅମାନତ ବାବଦକୁ ଟ.୧୨୦୦/- ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରି ଉକ୍ତ ରସିଦକୁ ମନୋନୟନ ପତ୍ର ସହ ଦାଖଲ କରିବେ (ମନୋନୟନ ପତ୍ର କ୍ରୟ ରସିଦ ଏଥିସହିତ ସଂଲଗ୍ନ କରାଯିବ) ।

(୪) ଭୋଟରମାନେ ଭୋଟଦାନ ସମୟରେ ଫଟୋ ଥିବା ପରିଚୟ ପତ୍ର ଯଥା : କିଷାନ କ୍ରେଡିଟ୍ କାର୍ଡ, ଫଟୋ ପରିଚୟ ପତ୍ର, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପେନସନ ବହି କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପ୍ରଦତ୍ତ ଯେକୌଣସି ଫଟୋ ଥିବା ପରିଚୟ ପତ୍ର ଇତ୍ୟାଦି ଆଣିବେ ।

(୫) କୌଣସି ବ୍ୟକ୍ତି ଏକାଧିକ ସମିତିର ପ୍ରତିନିଧିତ୍ୱ କରୁଥିଲେ, କେବଳ ଗୋଟିଏ ସମିତି ପାଇଁ ନିର୍ବାଚନରେ ପ୍ରତିନିଧିତ୍ୱ କରିପାରିବେ, ତେଣୁ ସେ ଉକ୍ତ ସମିତିର ନାମ ଘୋଷଣା ପତ୍ର ମାଧ୍ୟମରେ ପ୍ରାଥମିକ ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ସମୟରେ ଜଣାଇବେ, ନଚେତ ନିର୍ବାଚନ ଅଧିକାରୀ ଆଇନ ଅନୁସାରେ ନିଷ୍ପତ୍ତି ଗ୍ରହଣ କରିବେ ।

**ସ୍ୱା/-ଶ୍ରୀ ମନୋଜ କୁମାର ପାଢ଼ୀ, OAS (SAG),**
**ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ତଥା ନିର୍ବାଚନ ଅଧିକାରୀ,**
**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା**

## ସଂକ୍ଷେପରେ

### ମା'ଦୁର୍ଗା ଓ କାଳୀ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୨୧।୯(ଡି.ଏନ.ଏ.)-ବୁଗୁଡା ବ୍ୟବସାୟୀ ସଂଘ ତରଫରୁ ମା'ଦୁର୍ଗା ଓ କାଳୀ ପୂଜା ଉପଲକ୍ଷେ ମଦନ ମୋହନ ଛକଠାରେ ବୁଧବାର ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ବୈଷ୍ଣବ ଚରଣ ଦାଶ ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ କରିଥିବା ବେଳେ ଅଭିମନ୍ୟୁ ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ଚିତ୍ରସେନ ପ୍ରଧାନଙ୍କ ସମେତ ମନୋରଞ୍ଜନ ଦାଶ, ଲିଟୁ ସାହୁ, ଶଙ୍କର ସାହୁ, ଟୁନା ରେଡ୍ଡୀ, ଟୁକୁନା ସାହୁ, ଗଣେଶ ସାହୁ, ସୁବ୍ରତ ବିଷୋୟୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଆର.ଉଦୟଗିରି,୨୧।୯(ଡି.ଏନ.ଏ.)-ଆର.ଉଦୟଗିରି ବ୍ଳକର ସ୍ଥାନୀୟ ବିଡିଓ ଲରିମନ୍ ଖର୍ସେଲ ଓ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀନାରାୟଣ ଶବରଙ୍କ ଅଧକ୍ଷତାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମଙ୍ଗରାଜପୁର ଓ ସୁବଲଡା ଗ୍ରାମପଞ୍ଚାୟତରେ ସାମୂହିକ ସଫେଇ ଓ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ମଣ୍ଡଳ ମା' ମାନଙ୍କର ଉନ୍ନତି ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମ ଉପରେ ବୁଝାଇଥିଲେ। ଭାରପ୍ରାପ୍ତ ଜିପିଇଓ,ଏପିଓ, ପିଇଓ, ସରପଞ୍ଚ, ବିପିଏମ୍, ବିଆର୍‌ସି, ଜିଲାପରିଷଦ ସଭ୍ୟ, କନିଷ୍ଠ ଯନ୍ତ୍ରୀ, ଜିଆର୍‌ସି, ଜେସ୍, ଆଶା, ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ମହିଳା, ଏସ୍‌ଏଚ୍‌ଜି ପ୍ରମୁଖ ଉପସ୍ଥିତ ଥିଲେ।

### ବୁଥ୍ ଲେଭଲ ଅଧିକାରୀଙ୍କ ବୈଠକ

ଶେରଗଡ,୨୧।୯(ଡି.ଏନ.ଏ.)-ଶେରଗଡ଼ ବ୍ଲକ ସଭା ଗୃହରେ ବୁଧବାର ବ୍ଲକର ବୁଥ ଲେବଲ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶିବାସିସ ବରାଳ ଓ ଜିପିଓ ଦାୟିତ୍ୱରେ ଥିବା ରବି କୁମାରଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବ୍ଲକର ୨୨ପଞ୍ଚାୟତ ଓ ୯୫ ଗ୍ରାମରେ କାମ କରୁଥିବା ବୁଥ ଲେବଲ ଅଧିକାରୀମାନେ ସମ୍ପୃକ୍ତ ଗ୍ରାମଗୁଡ଼ିକର ସମସ୍ତ ଭୋଟର ମାନଙ୍କୁ ଆଧାର ସଂଯୋଗୀ କରଣ ନେଇ ଆଲୋଚନା ହୋଇଥିଲା। ସମସ୍ତ ୧୧୦ଟି ବୁଥ ରହି ସଂଯୋଗୀ କରଣ କାର୍ଯ୍ୟ ସାରିବାକୁ କୁହାଯାଇଛି।ଉକ୍ତ ବୈଠକରେ ଏବିଇଓ ସରନ୍ଧ୍ରୀ ଦଳେଇ ସମେତ ସମସ୍ତ ବୁଥ ଲେବଲ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ରାସ୍ତାରେ ଭାସୁଛି ବଣ ପାଣି, କଲଭର୍ଟ ନିର୍ମାଣ ଦାବି

ଧରାକୋଟ,୨୧।୯(ଡି.ଏନ୍.ଏ.) ୬ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ ହେବ ଜାନିବିଲି ଧରାକୋଟ ରାସ୍ତା। ପାଞ୍ଚ କିମିର ଏହି ରାସ୍ତା ପ୍ରଶସ୍ତ ହେବା ସହ ବଜାର ମଧ ଚଉଡା ହେବ। ରାସ୍ତାର ଉଭୟ କଡ଼ରେ ଡ୍ରେନ ନିର୍ମାଣ କରାଯିବ। ବଜାର ପ୍ରଶସ୍ତୀକରଣ ପାଇଁ ଭଞ୍ଜନଗର ପୂର୍ତ୍ତ ବିଭାଗ ତରଫରୁ ଧରାକୋଟ ତହସିଲଦାରଙ୍କୁ ଚିଠି ଲେଖାଯାଇଛି। ନୂତନ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟରେ ଯୋଗଦେବା ପରେ ବଜାର ଉଚ୍ଛେଦ କରି ବେଆଇନ ରାସ୍ତା ଅବରୋଧ ହଟାଇବାକୁ ପଦକ୍ଷେପ ନିଆଯିବ। ଏହା ପରେ ବାଳିକା ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱ ଗଳିରେ ଅବସ୍ଥିତ ସିମେଣ୍ଟ କଂକ୍ରିଟ ରାସ୍ତା ଦେଇ ଶୁଳିଆ ପାହାଡ଼ର ବର୍ଷା ପାଣି ଆସି ସମ୍ମୁଖ ରାସ୍ତାରେ ଜମୁଛି ଓ ପ୍ରବାହିତ ହେଉଛି। ଏହି ପାଣି ଜମିବା ସହ ରାସ୍ତାରେ ଖାଲ ଖମା ହେବା ଯୋଗୁ ଛୋଟବଡ଼ ଦୁର୍ଘଟଣା ଘଟିବା ସହ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ସୃଷ୍ଟି କରୁଛି। ଏଣୁ ଏଠାରେ ଏକ କଲଭର୍ଟ ନିର୍ମାଣ, କପିଳାସ ପାହାଡ଼ ନିକଟରୁ କୁମୁଟି ବନ୍ଧ ପର୍ଯ୍ୟନ୍ତ ରାସ୍ତାର ଉଚ୍ଚତା ବୃଦ୍ଧି, ଜାନିବିଲିଠାରୁ ଗ୍ୟାସ୍ ଗୋଦାମ ମଧରେ ରାସ୍ତା ନିର୍ମାଣ ପଦ୍ଧତି ପରିବର୍ତ୍ତନ ପାଇଁ ପୂର୍ତ୍ତ ବିଭାଗର ପଦାଧିକାରୀଙ୍କ ଦୃଷ୍ଟିଆକର୍ଷଣ ପରେ ସମ୍ପ୍ରତି ରାସ୍ତା ନିର୍ମାଣ ସମୟରେ ଏହି ସବୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ଧରାକୋଟ ବ୍ଲକ ସଦରମହକୁମାରେ ସମସ୍ତ କାର୍ଯ୍ୟାଳୟ ରହିଛି। ଏଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଭଞ୍ଜନଗର ପୂର୍ତ୍ତ ବିଭାଗ ତରଫରୁ ଏହାର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିବାରୁ ଅଞ୍ଚଳର ଲୋକେ ଏହାକୁ ସ୍ୱାଗତ କରିଛନ୍ତି ।

# ହାତୀ କରିଡରରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟି

**ଗଞ୍ଜାମ ଜିଲା**

■ କରେଣ୍ଟ ଲାଗି ୧୦ ବର୍ଷରେ ୧୪ ହାତୀଙ୍କ ଜୀବନ ଗଲାଣି

ଭଞ୍ଜନଗର,୨୧।୯(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଗତ ୧୦ ବର୍ଷ ମଧରେ ବିଭିନ୍ନ କାରଣରୁ ୪୨ଟି ହାତୀଙ୍କ ମୃତ୍ୟୁ ଘଟିଲାଣି। ସେଥିମଧରୁ କେବଳ ବିଦ୍ୟୁତ୍ ଆଘାତରେ ୧୪ଟି ହାତୀ ମୃତ୍ୟୁ ଘଟିଛି। ଶିକାରୀମାନେ ବନ୍ୟପ୍ରାଣୀ ଶିକାର ପାଇଁ ଜଙ୍ଗଲ ରାସ୍ତା ଦେଇ ଯାଇଥିବା ବିଦ୍ୟୁତ୍ ତାରରେ ହୁକିଂ କରୁଛନ୍ତି। ସେଥିରେ ଲାଗି ହାତୀ ମୃତ୍ୟୁ ଘଟୁଛି। ସେହିପରି କେତେକ ସ୍ଥାନରେ ଜଙ୍ଗଲ ମଧରେ କମ୍ ଉଚ୍ଚତାରେ ବିଦ୍ୟୁତ୍ ତାର ଓହଳି ରହୁଥିବା ଯୋଗୁ ତାହା ସଂସ୍ପର୍ଶରେ ଆସି ମଧ ହାତୀଙ୍କ ଜୀବନ ଯାଉଛି।

ବିଦ୍ୟୁତ୍ ଆଘାତରେ ୨୦୧୨ ଡିସେମ୍ବରରେ ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ମୁଜାଗଡ଼ ରେଞ୍ଜରେ ୨, ଏହାପୂର୍ବରୁ ସେହିବର୍ଷ ଅକ୍ଟୋବରରେ ଗାଲେରି ରେଞ୍ଜରେ ୨ଟି ହାତୀଙ୍କ ଜୀବନ ଯାଇଥିଲା। ସେହିପରି ବିଦ୍ୟୁତ୍ ୨୦୧୮ ଡିସେମ୍ବରରେ ତାରସିଂ ରେଞ୍ଜରେ ଗୋଟିଏ, କେନ୍ଦ୍ରୀୟ ବନାଞ୍ଚଳରେ ୨୦୨୧ ଜୁନରେ ଗୋଟିଏ ହାତୀର ଜୀବନ ନେଇଛି। ଅନ୍ୟପକ୍ଷରେ ଗତ ଜୁଲାଇ ୨୦ରେ ଜଗନ୍ନାଥପ୍ରସାଦ ରେଞ୍ଜରେ ମଧ ବିଦ୍ୟୁତ୍ ଆଘାତରେ ଗୋଟିଏ ଦନ୍ତାହାତୀ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବ୍ରହ୍ମପୁର ବନଖଣ୍ଡ ଖଲ୍ଲିକୋଟ ରେଞ୍ଜରେ ୨୦୧୨ ଅକ୍ଟୋବରରେ ୨ଟି ଏବଂ ୨୦୧୩ ଅଗଷ୍ଟରେ ରମ୍ଭାରେ ଗୋଟିଏ ହାତୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମରିଛି। ଏହି ସମୟ ମଧରେ ଦକ୍ଷିଣ ଘୁମୁସର ବନଖଣ୍ଡ ବୁଗୁଡ଼ା ରେଞ୍ଜରେ ବିଦ୍ୟୁତ୍ ଆଘାତରେ ୪ଟି ହାତୀଙ୍କ ଜୀବନ ଯାଇଛି। ଅର୍ଥରେ ଜଙ୍ଗଲ ଅଚଂଳରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ପ୍ରକ୍ରିୟା ଚାଲିଛି। ସରକାରଙ୍କ ପ୍ରଦତ୍ତ ଅର୍ଥରେ ଜଙ୍ଗଲରେ ଅବ୍ୟବସ୍ଥା ସୁଧାରିବା ପାଇଁ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ମଧ ବିଦ୍ୟୁତ୍ ବିଭାଗ ପକ୍ଷରୁ କାମ ଚାଲିଛି । ବର୍ତ୍ତମାନ କେତକ ସ୍ଥାନରେ କାମ ସରିଲାଣି। ହେଲେ ସେଠାରେ ଠିକ୍ ଭାବେ କାମ କରାଯାଇ ନ ଥିବାରୁ ଅନେକ ସ୍ଥାନରେ ପୁଣି ବିଦ୍ୟୁତ୍ ଖୁଣ୍ଟ ଓ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ମୁଜାଗଡ଼ ରେଞ୍ଜରେ ଏଭଳି ଦେଖିବାକୁ ମିଳିଛି । ଭଞ୍ଜନଗର ମୁଜାଗଡ଼ ଜାତୀୟ ରାଜପଥ କଡ଼କୁ



ମୁଜାଗଡ଼ ସଂରକ୍ଷିତ ଜଙ୍ଗଲ କଡ଼ରେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି।

ଲାଗିଥିବା ସଂରକ୍ଷିତ ଜଙ୍ଗଲରେ ଅନେକ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ରାସ୍ତା ଦେଇ ବିଦ୍ୟୁତ୍ ଏବଂ ବନ ବିଭାଗର ଅଧିକାରୀମାନେ ଯାତାୟତ କରୁଥିଲେ ମଧ ସେଥିପତି କାହାରି ଦୃଷ୍ଟି ପଡୁନି । ବିପଦସଙ୍କୁଳ ଖୁଣ୍ଟଗୁଡ଼ିକୁ ଠିକ୍ ଭାବେ ପୋତିବା ପାଇଁ ପଦକ୍ଷେପ ନିଆଯାଉନାହିଁ । ଉକ୍ତ ଅଞ୍ଚଳଟି ସମ୍ପୂର୍ଣ୍ଣ ହାତୀ କରିଡ଼ର ଭାବେ ପରିଚିତ। ଅଧିକାଂଶ ସମୟରେ ହାତୀ ଉକ୍ତ ରାସ୍ତାରେ ଯାତାୟତ କରିଥାନ୍ତି। ଯଦି ବିଦ୍ୟୁତ୍ ଖୁଣ୍ଟକୁ ତୁରନ୍ତ ସଜଡ଼ା ନ ଯାଏ ତେବେ ହାତୀ ବିପଦରେ ପଡ଼ିବା ଆଶଙ୍କା ରହିଛି ।

ଗତ ଜୁଲାଇ ମାସରେ ହୋଇଥିବା ସମନ୍ୱୟ ବୈଠକରେ ରେଞ୍ଜସ୍ତରରେ ମାସକୁ ଥରେ ବୈଠକ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ତାହା ଠିକ୍ ଭାବେ ହେଉନାହିଁ । ଦୁଇ ବିଭାଗ ମଧରେ ସମନ୍ୱୟ ଅଭାବ ଯୋଗୁ ଭବିଷ୍ୟତରେ ବନ୍ୟଜନ୍ତୁ ବିପଦରେ ପଡ଼ିବା ସମ୍ଭାବନା ରହିଛି । ଏ ନେଇ ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଗତ ୬ ତାରିଖରେ ହୋଇଥିବା ସମନ୍ୱୟ ବୈଠକରେ ଜଙ୍ଗଲରେ ଯେଉଁଠି ସମସ୍ୟା ଅଛି ତାହାର ସମାଧାନ କରିବା ପାଇଁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ସେହିପରି ଡିଏଫ୍‌ଓ ସୁଦର୍ଶନ ବେହେରା କହିଛନ୍ତି, ଯଦି କୈଉଁଠି ସମସ୍ୟା ଥିବା ନଜରକୁ ଆସେ ତେବେ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଟାଟା ପାୱାର ନିର୍ବାହୀଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର କହିଛନ୍ତି, ଉତ୍ତର ଘୁମୁସର ବନଖଣ୍ଡରେ ଅନେକ କାମ ହୋଇଛି । ବର୍ତ୍ତମାନ ଜଗନ୍ନାଥପ୍ରସାଦ ଓ ତିଳିସିଙ୍ଗି ବିଦ୍ୟୁତ୍ ସେକ୍ସନରେ କାମ ଚାଲିଛି । କେଉଁଠି ଖୁଣ୍ଟ କିମ୍ବା ତାର ବିପଦସଙ୍କୁଳ ଅବସ୍ଥାରେ ଥିବା ନଜରକୁ ଆସିଲେ ତୁରନ୍ତ କାମ କରାଯାଉଥିବା କହିଛନ୍ତି।

### ୪ ବର୍ଷ ହେଲା ଗଣନା ହୋଇନି

ରାଜ୍ୟରେ ଗତ ୧୨ବର୍ଷ ମଧରେ ୯୭୦ଟି ହାତୀ ମୃତ୍ୟୁ ଘଟିଛି। ସେଥିମଧରୁ ୧୫୨ଟି ହାତୀଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜୀବନ ଯାଇଛି। ୨୦୧୭ରେ ହୋଇଥିବା ଗଣନା ଅନୁସାରେ ରାଜ୍ୟରେ ୧୯୭୬ଟି ହାତୀ ଥିଲେ। ପ୍ରତି ୨ବର୍ଷରେ ଥରେ ହାତୀ ଗଣନା କରାଯାଉଥିବା ବେଳେ ୨୦୧୯ରେ ହାତୀ ଗଣନା ପାଇଁ ଯୋଜନା ଚାଲିଥିଲେ ମଧ ହୋଇପାରି ନ ଥିଲା। ଏହାପରେ ମହାମାରୀ କରୋନା ଲାଗି ଆଉ ଗଣନା କରାଯାଇ ନ ଥିଲା। ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ହୋଇଥିଲେ ମଧ ହାତୀଗଣନା ପାଇଁ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ଅନ୍ୟପଟେ ବିଭିନ୍ନ କାରଣ ଯୋଗୁ ରାଜ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ଲାଗି ଜଙ୍ଗଲରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ସରକାର ୨ବର୍ଷ ପୂର୍ବେ ବିଦ୍ୟୁତ୍ ବିଭାଗକୁ ୪୪୫.୭୫ କୋଟି ଦେଇଥିଲେ । ଉକ୍ତ ଅର୍ଥରେ ବିଭିନ୍ନ ବନଖଣ୍ଡରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କାମ ଚାଲିଛି।

## ଟେଲିକମ ଗ୍ରାହକ ସଚେତନତା କର୍ମଶାଳା




ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୨୧।୯(ଡି.ଏନ.ଏ)

ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଟ୍ରାଇ ସହଯୋଗରେ ଟେଲିକମ ଗ୍ରାହକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳର ୯୫ ପ୍ରତିଶତ ଟେଲିକମ ଗ୍ରାହକ ସେମାନଙ୍କ ଅଧିକାର ଉପରେ ସଚେତନ ନୁହନ୍ତି। ଅନ୍ୟପକ୍ଷରେ ଗୁଣାତ୍ମକ ସେବା ଦେବାରେ ଟେଲିକମ କମ୍ପାନୀ ସମର୍ଥ ହେଉନାହାନ୍ତି। ଗ୍ରାହକ ଶୋଷଣର ଶିକାର ହେଉଛନ୍ତି। ଟ୍ରାଇ ନିୟମ କଡାକଡି ଥିଲେ ମଧ ଟେଲିକମ କମ୍ପାନୀ, କେବୁଲ ଅପରେଟରଗୁଡିକ ଉପଯୁକ୍ତ ସେବା ପ୍ରଦାନରେ ଅଣଦେଖା କରୁଛନ୍ତି ବୋଲି ବୈଠକରେ କେତେଜଣ ଗ୍ରାହକ ଅଭିଯୋଗ କରିଥିଲେ । ଗ୍ରାହକ ସେବାକେନ୍ଦ୍ରଗୁଡିକରେ ଅଭିଯୋଗ ପ୍ରଣାଳୀକୁ ସରଳ କରିବା, ଅଧିକ ଟୋଲ ଫ୍ରୀ ନମ୍ବର, କମ୍ପାନୀଗୁଡିକ ଅଧିକ ଗ୍ରାହକ ସଚେତନତା କର୍ମଶାଳା କରିବାକୁ ବାର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ମତ ପ୍ରକାଶ କରିଥିଲେ । ସମ୍ମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ଏହା କହିଥିଲେ। ବିଏସ୍‌ଏନଏଲରୁ ଏନ. ଭି ସତୀଶ, ସେନାପତି, ଏୟାରଟେଲରୁ ଯାନୀ ରାଜେଶ କୁମାର, ଜିଓ ଟେଲର ସିଏଚ ମହେଶ , ଭୋଡାଫୋନ ଟେଲ କମ୍ପାନୀର ରାଜ ତ୍ରିପାଠୀ, ଇଣ୍ଟରନେଟ ସେବାପ୍ରଦାନକାରୀ ସୁଶାନ୍ତ ପାତ୍ର, ତ୍ରିମୂର୍ତ୍ତିକେବଲ ଅପରଟର ପ୍ରସନ୍ନ ପଣ୍ଡା ଆଲୋଚନାରେ ଭାଗ ନେଇ ଗ୍ରାହକ ମାନଙ୍କ ପାଇଁ ଥିବା ସୁବିଧା ସମ୍ପର୍କରେ କହିଥିଲେ। ବବି ରଥ ଧନ୍ୟବାଦ ଅର୍ପଣ କରିଥିଲେ ।



ଭୁବନେଶର ରବୀନ୍ଦ୍ର ମଣ୍ଡପଠାରେ ପାରଳାଖେମୁଣ୍ଡି କ୍ରିଏଟିଭ ଆର୍ଟସ ପକ୍ଷରୁ ମଞ୍ଚସ୍ଥ ନାଟକ 'ଭୋକ'ର ଏକ ଦୃଶ୍ୟ।

### ଗଜପତିରେ ୩ କରୋନା ଆକ୍ରାନ୍ତ ଚିହ୍ନଟ

ପାରଳାଖେମୁଣ୍ଡି, ୨୧।୯(ଡି.ଏନ୍.ଏ.)

ଗଜପତି ଜିଲାରେ ଆଜି ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାର ପ୍ରଶାସନ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି । ଏହି ୩ ଗୋଟି କରୋନା ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ ୧୩୪୫୫ରେ ପହଞ୍ଚିଲା କରୋନ ସଙ୍କ୍ରମିତଙ୍କ ସଂଖ୍ୟା । ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ପ୍ରକାରେ ଜିଲାରେ ବର୍ତ୍ତମାନ ସୁଦ୍ଧା ୧୦ ଗୋଟି ଆକ୍ଟିଭ କେସ୍ ରହିଥିବା ବେଳେ ୧୩୩୬୧ ଜଣ ସୁସ୍ଥ ହୋଇସାରିଲେଣି । ବର୍ତ୍ତମାନ ସୁଦ୍ଧା ଜିଲାରେ ୮୩ ଜଣ କରୋନ ସଂକ୍ରମଣରେ ନିଜର ଜୀବନ ହାରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ରହିଛି ।

### ରାଜନୈତିକ ଶତ୍ରୁତାରୁ ୨ ଭାଇଙ୍କୁ ହତ୍ୟା ଉଦ୍ୟମ

ଅଭିଯୁକ୍ତ ବାପା, ପୁଅ ଫେରାର

ଦିଗପହଣ୍ଡି,୨୧।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଠଡା ପଞ୍ଚାୟତ ଓଡ଼ାସିଙ୍ଗି ଗ୍ରାମରେ ମଙ୍ଗଳବାର ରାତିରେ ରାଜନୈତିକ ଶତ୍ରୁତାରୁ ଗ୍ରାମର ଏନ୍.ସନ୍ତୋଷ ଏବଂ ତାଙ୍କ ଭାଇ ଏନ୍. ପାଣ୍ଡା ପାତ୍ରଙ୍କୁ ବିପକ୍ଷ ଗୋଷ୍ଠୀର ବାପ, ପୁଅ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ୨ଭାଇଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଦିଗପହଣ୍ଡି ପୋଲିସ ପହଞ୍ଚି ସବିଶେଷ ତଦନ୍ତ କରି ଫେରିଥିଲା। ବୁଧବାର ଏନ୍.ସନ୍ତୋଷ ଏ ନେଇ ଥାନାରେ ଏତଲା ଦେବା ପରେ ନଂ.୩୩୨/୨୨ରେ ମାମଲା ରୁଜୁ କରିଛି। ଗିରଫ ଭୟରେ ଅଭିଯୁକ୍ତ ବାପା, ପୁଅ ଫେରାର ଅଛନ୍ତି। ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିଲେ ମଧ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ପୋଲିସ କହିଛି।

## ଲଗାଣ ବର୍ଷାରେ ଉପଡାକଘର କାନ୍ଥ ଭାଙ୍ଗିଲା

ଆର.ଉଦୟଗିରି,୨୧।୯(ଡି.ଏନ.ଏ.)

ଆର.ଉଦୟଗିରି ଅଞ୍ଚଳରେ କିଛିଦିନ ଧରି ଲଘୁଚାପ ଲଗାଣ ବର୍ଷା ଦ୍ୱାରା ଗ୍ରାମରେ ଥିବା ଉପଡାକଘରର ସମ୍ମୁଖ କାନ୍ଥ ମଙ୍ଗଳବାର ଭାଙ୍ଗି ଯାଇଛି। ସୌଭାଗ୍ୟବଶତଃ ପାଖରେ କେହି ନ ଥିବାରୁ କାହାର କିଛି କ୍ଷେତି ଘଟିନାହିଁ। ତେବେ ଏଭଳି ଲଗାଣ ବର୍ଷା ଜାରି ରହିଲେ ଡାକଘରର ବଳକା କାନ୍ଥ ଭାଙ୍ଗି ଯାଇପାରେ ବୋଲି କର୍ମଚାରୀ କହିଛନ୍ତି। ଉପଡାକଘରେ ବହୁ ମୂଲ୍ୟବାନ ସାମାଗ୍ରୀ ଓ କାଗଜପତ୍ର ରହୁଥିବାରୁ ଅସାମାଜିକ କାର୍ଯ୍ୟକଳାପ ବଢ଼ିପାରେ। ଏଣୁ ଏହାକୁ ତୁରନ୍ତ ମରାମତି କରିବାକୁ କର୍ମଚାରୀମାନେ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ସାମାନ୍ୟ ବର୍ଷା ହେଲେ ଉପଡାକଘର ଛାତରୁ ପାଣି ଗଳୁଛି। ଏହି ବିଷୟ ନେଇ ଉପଡାକଘର ପୋଷ୍ଟମାଷ୍ଟର ଅର୍ଜୁନ ବିଷୋୟୀଙ୍କୁ ପଚାରିବାରୁ ଏହା ନିର୍ମାଣ କରାଯିବାର ବହୁ ବର୍ଷ ହୋଇଗଲାଣି, ଘର ମରାମତି କରାଯାଇନି ଫଳରେ ବର୍ଷାପାଣି ଗଳୁଛି। ଏହି ବିଷୟ ନେଇ ବହୁବାର ଡାକ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଜାଣାଇଛୁ ମରାମତି ପାଇଁ କୌଣସି ଟଙ୍କା ଆସିନି, ଆସିଲେ ଘରର ଛାତ ମରାମତି କରାଯିବ ବୋଲି କହିଛନ୍ତି।

## ମଧ୍ୟାହ୍ନ ଭୋଜନରେ ପୋକ, ଖାଇଲେନି ଛାତ୍ରୀଛାତ୍ର

ହିଞ୍ଜିଳିକାଟୁ ୨୧।୯(ଡି.ଏନ.ଏ)

**ଭିଡିଓ ଭାଇରାଲ**



ହିଞ୍ଜିଳିକାଟୁ ବ୍ଲକ ସାରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ମଧ୍ୟାହ୍ନ ଭୋଜନରେ ପୋକ ବାହାରିଥିବା ଅଭିଯୋଗ ହୋଇଛି। ଖାଦ୍ୟରେ ପୋକ ଥିବାରୁ ବହୁ ଛାତ୍ରୀଛାତ୍ର ଖାଇ ନ ଥିବା ଅଭିଯୋଗ ହୋଇଛି। ଖାଦ୍ୟରେ ପୋକ ବାହାରିବା ଭିଡିଓ ଓ ଫଟୋ ଭାଇରାଲ ହୋଇଛି। ଏହି ଘଟଣା ନେଇ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁନିଲ ପାଢୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବ୍ରହ୍ମପୁରରୁ ଏକ ଟ୍ରଷ୍ଟ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ମଧ୍ୟାହ୍ନ ଭୋଜନ ବିଦ୍ୟାଳୟରେ ପରିସରରେ ରୋଷେଇ କରାଯାଇ ପିଲାମାନଙ୍କୁ ଖାଇବାକୁ ଦେବା ନିମନ୍ତେ ପରିଚାଳନା ସଭାପତି ପାଢୀ, ଉପସଭାପତି ସୀମାଞ୍ଚଳ ସାହୁ, ୱାର୍ଡସଭ୍ୟ ପ୍ରଶାନ୍ତ ପାଢୀଙ୍କ ସମେତ ବହୁ ଅଭିଭାବକ ଦାବି କରିଛନ୍ତି। ମଧ୍ୟାହ୍ନ ଭୋଜନ ଖାଦ୍ୟରୁ ପୋକ ବାହାରିବା ଅଭିଯୋଗ ପରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବେହେରା ଉଚ୍ଚ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି।

## ଲଗାଣ ବର୍ଷାରେ ଧୋଇଗଲା ବାଲିପଙ୍କା ପୋଲ



ଧୋଇ ହୋଇଯାଇଥିବା ବାଲିପଙ୍କା ପୋଲ।

ଆର.ଉଦୟଗିରି,୨୧।୯(ଡି.ଏନ.ଏ.)

ମୋହନା ଅନ୍ତର୍ଗତ ଚାନ୍ଦିପୁଟରୁ ବାଲିପଙ୍କା ରାସ୍ତାରେ ଥିବା ଏକ ଅସ୍ଥାୟୀ ପୋଲ ଲଘୁଚାପଜନିତ ବର୍ଷାରେ ଭାସିଯାଇଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଯୁବ, ବଡସିନ୍ଧିବା, ଅନ୍ତବା, ଚୁଡଙ୍ଗପୁର, କେଶରୀଗୁଡା ଓ ନୂଆଗଡ଼ ବ୍ଲକ କିରାମା ପଞ୍ଚାୟତର ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ଦେଖାଦେଉଛି। ଲୋକଙ୍କ ଯିବାଆସିବା ପାଇଁ ଏହି ନଦୀ ଉପରେ ୪ ବର୍ଷ ତଳେ ଏକ ଝୁଲା ପୋଲ ନିର୍ମାଣ କରାଯାଇଥିଲା। ହେଲେ ଲଗାଣ ବର୍ଷା ଅସ୍ଥାୟୀ ପୋଲକୁ ଭସାଇ ନେଇଥିବାରୁ ଲୋକେ ଅନ୍ୟ ଏକ ରାସ୍ତାରେ ଯାତାୟାତ କରିବାକୁ ବାଧ ହେଉଛନ୍ତି। ଫଳରେ ନିଜ ନିଜ ପଞ୍ଚାୟତରୁ ଚାନ୍ଦିପୁଟ ଓ ମୋହନା ଆସିବାକୁ ହେଲେ ଅଧିକ ରାସ୍ତା ଯିବାକୁ ପଡ଼ୁଛି। ଏଣୁ ଶୀଘ୍ର ପୁଣି ଏକ ପୋଲର ବ୍ୟବସ୍ଥା କରିବା ସକାଶେ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ଜିଲାପାଳଙ୍କୁ ବଡମାଧପୁରବାସୀଙ୍କ ସ୍ମାରକପତ୍ର

ଛତ୍ରପୁର,୨୧।୯(ଡି.ଏନ.ଏ.)

ଛତ୍ରପୁର ବ୍ଲକ ପୋଟଲାମପୁର ସର୍କଲର ବଡମାଧପୁର ଗ୍ରାମବାସୀ ବୁଧବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବଡମାଧପୁର ଗ୍ରାମରେ ଦୀର୍ଘ ପ୍ରାୟ ୪୦ବର୍ଷ ତଳେ ଜମିଗୁଡିକର ସେଟଲମେଣ୍ଟ ହୋଇଥିଲା। ତେବେ ଠିକ ଭାବେ ସେଟଲମେଣ୍ଟ ହୋଇ ପାରି ନ ଥିବାରୁ ଜମିର ପଟ୍ଟାଧାରୀ ଜଣେ ହୋଇଥିଲେ ଅନ୍ୟ ଜଣେ ବ୍ୟକ୍ତି ଦଖଲରେ ରହିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। କୌଣସି ବ୍ୟକ୍ତିଙ୍କ ଜମିର ପଟ୍ଟା ଦଖଲଦାରଙ୍କ ନାମରେ ନଥାଇ, ସେହି ଜମି ସହ କୌଣସି ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ନାମରେ ନମୋଦ ହୋଇଛି। କେତେକାଂଶରେ ପଟ୍ଟାଧାରୀଙ୍କ ନାମ ବହୁ ଜଣ ବ୍ୟକ୍ତିଙ୍କ ନାମରେ ନମୋଦ ହୋଇଛି। ଫଳରେ ଫସଲ ଋଣ, ଫସଲ ବୀମା, ମଣ୍ଡିରେ ଧାନବିକ୍ରି, ଜମି କିଣାବିକା, ଚାଷ ସମ୍ବନ୍ଧୀୟ ସରକାରୀ ଓ ବେସରକାରୀ ସହାୟତା ଆଦି ପାଇବା ଏବଂ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ଆସିଛି। ତେଣୁ ବଡମାଧପୁର ଗ୍ରାମରେ ଠିକ ଭାବେ ଜମିଗୁଡିକର ସେଟଲମେଣ୍ଟ କରିବାକୁ ଗ୍ରାମବାରୀ ଅନୁରୋଧ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ବ୍ଲକ ଉପାଧ୍ୟକ୍ଷା ସାଡି ଶାରଦା ରେଡ୍ଡୀ, ସରପଞ୍ଚ ଅର୍ଚ୍ଚନା କୁମାରୀ ସେଠୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଏସ. କିଶୋର ଚନ୍ଦ୍ର ରେଡ୍ଡୀ, ବରିଷ୍ଠ ବିଜେଡି ନେତା ମହେଶ୍ୱର ପ୍ରଧାନ, ଶିବ ଶଙ୍କର ସେଠୀ, କୃଷକ ବିକାଶ ମଞ୍ଚର ସଭାପତି କେ.ମୁରଲୀ ରେଡ୍ଡୀ, ସମ୍ପାଦକ ଆର୍. ସହଦେବ ରେଡ୍ଡୀ, କୋଷାଧ୍ୟକ୍ଷ ପ୍ରହଲ୍ଲାଦ ପ୍ରଧାନ, ଦୁର୍ଯ୍ୟୋଧନ ରେଡ୍ଡୀ, ସୁଶାନ୍ତ ଖୁଣ୍ଟିଆ, ଶଙ୍କର ବେହେରା, ଟି ଶିବରାମ ରେଡ୍ଡୀ, ବେଣୁଧର ବେହେରା, ତୁମ୍ବନାଥ ରେଡ୍ଡୀ, ତୋଫାନ ପରିଡା, ନାରାୟଣ ସାହୁ, ହିନ ଖୁଣ୍ଟିଆଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବଡ଼ମାଧପୁର ଗ୍ରାମବାସୀ।

### ଜମିଜମା ସେଟଲମେଣ୍ଟ ସମାଧାନ ଦାବି